R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୫୪
ତିଥି: ତୃତୀୟା
୨୯ ସେପ୍ଟେମ୍ବର ୨୦୨୬, ମଙ୍ଗଳବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 354
29 September 2026, Tuesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଆଗୁଆ ବନ୍ଦ ହେଲା ମୌସୁମୀ ଅଧିବେଶନ



- ଧାର୍ଯ୍ୟ କାର୍ଯ୍ୟ ଦିବସର ୪ ଦିନ ପୂର୍ବରୁ ବନ୍ଦ
- ହଟ୍ଟଗୋଳରୁ ଆରମ୍ଭ ହଟ୍ଟଗୋଳରେ ଶେଷ
- ଚାଲିପାରିଲାନି ପ୍ରଶ୍ନୋତ୍ତର, ଶୂନ୍ୟକାଳ
- ଗୋଟିଏ ବି ମୁଲତବୀ ପ୍ରସ୍ତାବ ଆଲୋଚନା ହେଲାନି

ଭୁବନେଶ୍ୱର, ୨୮ ।୯ (ସବ୍ୟୁ) : ବିଧାନସଭାର ମୌସୁମୀ ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ଲାଗି ଆଜି ମୁଲତବୀ କରାଯାଇଛି । ମୌସୁମୀ ଅଧିବେଶନ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିଲା । ଏହା ଅକ୍ଟୋବର ୩ ଯାଏ ଚାଲିବାର ଥିଲା । ତେବେ ୪ ଦିନ ପୂର୍ବରୁ ବିଧାନସଭାକୁ ବନ୍ଦ କରିଦିଆଯାଇଛି । ଏଥର ଅଧିବେଶନରେ ୯ ଟି କାର୍ଯ୍ୟଦିବସ ଥିଲା ।

ଅଧିବେଶନ ଆରମ୍ଭର ପ୍ରଥମ ଦିନରୁ ବିଧାନସଭା ବେଶ୍ ସରଗରମ ଥିଲା । ପାଠ୍ୟପୁସ୍ତକ ତ୍ରୁଟି ଓ ଏମଏମଡିଆର ସଂଶୋଧିତ ଆଇନକୁ ନେଇ ବିରୋଧ କରି ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ହଟ୍ଟଗୋଳ ଜାରି ରଖିଥିଲେ । ପ୍ରଥମ ଦିନରୁ ଜାରି ରହିଥିବା ଏହି ହଟ୍ଟଗୋଳ ଶେଷ ଦିନରେ ବି ଦେଖିବାକୁ ମିଳିଥିଲା । ଏପରିକି ହଟ୍ଟଗୋଳ ଯୋଗୁ କୌଣସି ଗୃହର କାର୍ଯ୍ୟ ଚାଲିପାରିନଥିଲା । ପ୍ରଶ୍ନୋତ୍ତର କାଳ, ଶୂନ୍ୟ କାଳ ଓ ମୁଲତବୀ ପ୍ରସ୍ତାବରେ ମଧ୍ୟ ଆଲୋଚନା ହୋଇପାରିନଥିଲା । ତେବେ ଆଜି କିଛି ସମୟ ଲାଗି ଶୂନ୍ୟକାଳ ଚାଲିଥିଲା । ତେବେ ବିଜେଡି ବିଧାୟକମାନେ କକ୍ଷ ତ୍ୟାଗ କରିଥିଲେ । କଂଗ୍ରେସ ବିଧାୟକମାନେ ଗୃହରେ ଉପସ୍ଥିତ ରହି ପ୍ରତିବାଦ ପ୍ରଦର୍ଶନ କରିଥିଲେ । ୯ ଟି କାର୍ଯ୍ୟଦିବସ ଥିଲା ବେଳେ ୫ କାର୍ଯ୍ୟ ଦିବସ ସରିବା ପରେ ଗୃହକୁ ବନ୍ଦ କରିଦିଆଯାଇଛି । ଶୋକ ପ୍ରସ୍ତାବ ପ୍ରଥମ ଦିନରେ ଆଗତ କରାଯାଇଥିଲା । ଏଥର ଅଧିବେଶନରେ ତାରକା ଚିହ୍ନିତ ପ୍ରଶ୍ନ ୯୫୦ର ନୋଟିସ ଗ୍ରହଣ କରାଯାଇଥିବା ବେଳେ ଅଣତାରକା ଚିହ୍ନିତ ପ୍ରଶ୍ନର ୧୩୯୬ ନୋଟିସ ଗ୍ରହଣ କରାଯାଇଥିଲା । ୬ ଟି ବିଭାଗର କାଗଜ ଉପସ୍ଥାପନ ହୋଇଛି । ୧୧ ଟି ବାର୍ଷିକ ରିପୋର୍ଟ ଉପସ୍ଥାପନ କରାଯାଇଥିବା ବେଳେ ଦୁଇଟି ଅଧ୍ୟାଦେଶ ମଧ୍ୟ ଉପସ୍ଥାପନ ହୋଇଛି । (୯ ପୃଷ୍ଠାରେ)

## ମହାନଦୀ ଜଳ ବିବାଦ

# ଅକ୍ଟୋବର ପହିଲାରେ ଓଡ଼ିଶା-ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ବୈଠକ

ଭୁବନେଶ୍ୱର, ୨୮ ।୯ (ସବ୍ୟୁ) : ମହାନଦୀ ଜଳ ବିବାଦର ଆପୋଷ ସମାଧାନ ଲାଗି ଉଦ୍ୟମ ଜାରି ରହିଛି । ଅକ୍ଟୋବର ପହିଲାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ ଉଭୟ ଓଡିଶା ଓ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ବୈଠକ ହେବ । ଏହି ବୈଠକରେ ମହାନଦୀ ଜଳ ବଣ୍ଟନ ନେଇ ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ଆଲୋଚନା ଓ ସମାଧାନର ସାମ୍ଭାବ୍ୟ ଢାଞ୍ଚା ଉପରେ ଚର୍ଚ୍ଚା ହେବ ବୋଲି ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।

ସୂଚନା ଅନୁଯାୟୀ ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ଓ ଓଡିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୈଠକରେ ସାମିଲ ହେବେ । ଆଡଭୋକେଟ୍ ଜେନେରାଲ କହିଛନ୍ତି ଯେ, ଟ୍ରିବୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ କେନ୍ଦ୍ରୀୟ ଜଳ କମିଶନରଙ୍କ ସଚିବ ମହାନଦୀ ଟ୍ରିବୁନାଲଙ୍କୁ ବିଗତ ଦୁଇଟି ବୈଠକର ବିବରଣୀ ପ୍ରଦାନ କରିଛନ୍ତି । ଯାହା ମଧ୍ୟ ଲିପିବଦ୍ଧ ହୋଇଛି । ଆପୋଷ ବୁଝାମଣା ନେଇ ସମାଧାନର ବାଟ ବାହାରିବାରେ ଲାଗିଛି । ନିକଟରେ ଛତିଶଗଡ ମୁଖ୍ୟମନ୍ତ୍ରୀ ଓଡିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଥିଲେ । ଶ୍ରୀ ସାଏ ଗଣମାଧ୍ୟମକୁ କହିଥିଲେ ଯେ, ମହାନଦୀ ଜଳ ନେଇ ବିବାଦ ନାହିଁ କିମ୍ବା ସମସ୍ୟା ନାହିଁ । ଦୁଇ ରାଜ୍ୟରେ ବିଜେପି ଏବଂ କେନ୍ଦ୍ରରେ ବିଜେପି ସରକାର ଅଛି । ତେଣୁ କୌଣସି ବିବାଦୀୟ ସ୍ଥିତି ନାହିଁ । ମହାନଦୀକୁ ନେଇ ଦୁଇ ମୁଖ୍ୟମନ୍ତ୍ରୀ ଓ ଅଧିକାରୀମାନେ ଦିଲ୍ଲୀରେ ଆଲୋଚନା କରିସାରିଛନ୍ତି । ଦୁଇ ରାଜ୍ୟ ପାଇଁ ଯାହା ହିତକର ହେବ ତାହା କରାଯିବ । ସିଡବ୍ଲ୍ୟୁସିଙ୍କ ଅଧ୍ୟକ୍ଷତାରେ ଉଭୟ ରାଜ୍ୟର ପ୍ରତିନିଧିଙ୍କୁ ନେଇ ବିସ୍ତାରିତ ବୈଠକ କମିଟି ଗଠନ କରାଯାଇଛି । ବର୍ତ୍ତମାନ ଉଭୟ ପକ୍ଷର ତଥ୍ୟ ଓ ବୈଷୟିକ ଦିଗକୁ ଆଧାର କରି ଏକ ସମାଧାନର ସୂତ୍ର ବାହାର କରିବା ନେଇ କାର୍ଯ୍ୟ କରାଯାଇଛି ।

### ଅଧ୍ୟକ୍ଷତା କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା

# ଏମ୍ଏମ୍ଡିଆର୍ ନେଇ କମ୍ପାଇଲେ ବିରୋଧୀ

## ଆଲୋଚନା ନକରି ଜନତାଙ୍କୁ ବିଭ୍ରାନ୍ତ କରୁଛନ୍ତି ବିରୋଧୀ: ବିଜେପି

ଭୁବନେଶ୍ୱର, ୨୮ ।୯ (ସବ୍ୟୁ): ମୌସୁମୀ ଅଧିବେଶନର ପଞ୍ଚମ ଦିନରେ ମଧ୍ୟ ଗୃହ ସ୍ୱାଭାବିକ ହୋଇନଥିଲେ ମଧ୍ୟ ଶୂନ୍ୟକାଳରେ ବିରୋଧୀଙ୍କ ଉପରେ ବର୍ଷିଛନ୍ତି ଶାସକ ଦଳ। ପ୍ରଶ୍ନକାଳ ଆରମ୍ଭରୁ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଏମ୍ଏମ୍ଡିଆର୍ ପ୍ରସଙ୍ଗରେ ତୁମ୍ବି ତୋଫାନ କରିଛନ୍ତି। ଫଳରେ ପ୍ରଶ୍ନକାଳ ମାତ୍ର ୬ ମିନିଟ ଚାଲିଥିଲା। ଗୃହ ସ୍ୱାଭାବିକ ନହେବାରୁ ବାଚସ୍ପତି ସୁରମା ପାଢ଼ୀ ପୂର୍ବାହ୍ନ ୧୦.୩୬ରୁ ୧୧.୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳେ ପ୍ରବଳ ହଟଗୋଳ କରିଥିଲେ। କଂଗ୍ରେସର ସଦସ୍ୟମାନେ ରିପୋର୍ଟର ଟେବୁଲ ଉପରେ ଚଢ଼ି ଯାଇ ପ୍ରତିବାଦ କରିଥିଲେ। କିଛି ସମୟ ହୋହାଲ୍ଲା ମଧ୍ୟରେ ଶାସକ ଦଳ ସଦସ୍ୟମାନେ ବିରୋଧୀଙ୍କୁ ଆଲୋଚନାରେ ଭାଗ ନେବାକୁ ବାରମ୍ବାର କହିବା ସହ ଗୃହ ଅଚଳ କରିବା ନେଇ ନିନ୍ଦା କରିଥିଲେ। ଶୂନ୍ୟକାଳରେ ବିଜେଡ଼ି ସଦସ୍ୟମାନେ କକ୍ଷତ୍ୟାଗ କରିଥିବା ବେଳେ କଂଗ୍ରେସ ସଦସ୍ୟମାନେ ରିପୋର୍ଟର ଟେବୁଲ ଉପରେ ବସି ନାରାବାଜି କରିଥିଲେ।

ଶୂନ୍ୟକାଳରେ ବିଜେପି ସଭ୍ୟ ଇରାଶିଷ ଆଚାର୍ଯ୍ୟ କହିଥିଲେ ବିଗତ ୫ ଦିନ ହେବ ବିରୋଧୀ ବିଜେଡି ଓ କଂଗ୍ରେସ ସଭ୍ୟମାନେ ଗୃହରେ ଆଲୋଚନା ନକରି ବନ୍ଦ କରିବାକୁ ଚେଷ୍ଟା କରିଛନ୍ତି। ବାରମ୍ବାର ସର୍ବଦଳୀୟ ବୈଠକ ବସିବା ପରେ ଗୃହକୁ ଚଳେଇ ଦେଉନାହାନ୍ତି ବିରୋଧୀ । ଏମ୍ଏମ୍ଡିଆର୍ ପ୍ରସଙ୍ଗରେ ମୁଲତବୀ ଆଲୋଚନା ଗ୍ରହଣ ହୋଇଥିବା ବେଳେ ବିରୋଧୀମାନେ ଗୃହକୁ କାହିଁକି ବନ୍ଦ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଲୋକଙ୍କୁ ବିରୋଧୀ ଭ୍ରମିତ କରୁଛନ୍ତି। ସେହିଭଳି ବିଜେପି ସଭ୍ୟ ସନ୍ତୋଷ ଖଟୁଆ କହିଥିଲେ ରାଜ୍ୟରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗୃହରେ ଲୋକଙ୍କ ସମସ୍ୟା ନେଇ ଆଲୋଚନା ହେବା କଥା ହେଲେ ବିରୋଧୀ ସଦସ୍ୟମାନେ ଗୃହକୁ ଅଚଳ କରିଛନ୍ତି। ବିଜେପି ସଭ୍ୟ ଉପାସନା ମହାପାତ୍ର କହିଥିଲେ, ବିରୋଧ କରିବା ବିରୋଧୀ ଦଳର ଅଧିକାର। ତେବେ ପୋଡିୟମ ବାଡ଼ାଇବା ଓ ଟେବୁଲ ଉପରେ ଚଢ଼ିବା (୯ ପୃଷ୍ଠାରେ)

# ସିଏଜି ରିପୋର୍ଟ ଡିଏମ୍ଏଫ୍ ପାଣ୍ଠିରେ ବ୍ୟାପକ ଅନିୟମିତତା



ଭୁବନେଶ୍ୱର, ୨୮ ।୯ (ସବ୍ୟୁ) : ଓଡ଼ିଶା ଜିଲ୍ଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍)ରେ ବ୍ୟାପକ ଅନିୟମିତତା ହୋଇଛି । ଖଣି ପ୍ରଭାବିତ ଲୋକ ଏହାଦ୍ୱାରା ଉପେକ୍ଷିତ ହୋଇଛନ୍ତି । ଖଣି ପ୍ରଭାବିତ ଲୋକଙ୍କୁ ଉତ୍ତର ସ୍ୱାସ୍ଥ୍ୟସେବା, ଶିକ୍ଷା, ପାନୀୟଜଳ ଓ ସ୍ଥାୟୀ ଜିବିକା ଯୋଗାଇବା କ୍ଷେତ୍ରରେ ପ୍ରଶାସନିକକଳ ଏହି ଅର୍ଥକୁ ମନମୁଖୀ ଖର୍ଚ୍ଚ କରିଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ।

ଆଜି ବିଧାନସଭାରେ ସିଏଜି ରିପୋର୍ଟ ଉପସ୍ଥାପନ ହୋଇଥିଲା । ରିପୋର୍ଟ ଉପସ୍ଥାପନ ପରେ ପ୍ରଧାନ ମହାଲେଖାକାର ସୁବୁ ଆର, ମହାଲେଖାକାର ଅତୁଲ ପ୍ରକାଶ, ବରିଷ୍ଠ ଉପ-ମହାଲେଖାକାର ଭରତ ଚନ୍ଦ୍ର ବେହେରା, କେ ମଧୁୱାଲା, ଉପ-ମହାଲେଖାକାର ସଞ୍ଜୟ କୁମାର, ଏନ୍ ବାଲକ୍ରିଷ୍ଣା ପ୍ରମୁଖ ରିପୋର୍ଟ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ୨୦୧୫-୧୬ରୁ ୨୦୨୩-୨୪ ମଧ୍ୟରେ ୩୦ ଜିଲ୍ଲାରେ ଡିଏମ୍ଏଫ୍‌ରୁ ୨୬୬୦୨.୬୬ କୋଟି ଟଙ୍କାରୁ ୨୫୯୬୯.୮୭ କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଥିଲା । ମାତ୍ର ବାସ୍ତବରେ ୧୫୮୧୭.୫୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏହି ଅର୍ଥରେ ମୂଳ ଖଣି ପ୍ରଭାବିତ ଗରିବ ଓ ଆଦିବାସୀ ଜନସାଧାରଣଙ୍କୁ ମୌଳିକ ସୁବିଧାରୁ ବଞ୍ଚିତ କରାଯାଇଛି । ଅନ୍ତର୍ଜାତୀୟ ହକି ଷ୍ଟାଡିୟମ୍, ରିକୋରିଟ୍ରିଟ୍ ପାର୍କ ଆଦି କାର୍ଯ୍ୟ କରାଯାଇଛି । ନମୁନା ଭାବେ କେନ୍ଦୁଝର, ସୁନ୍ଦରଗଡ,

- ଖଣି ପ୍ରଭାବିତ ଲୋକଙ୍କ ବଦଳରେ ମନଇଚ୍ଛା ଯୋଜନା
- ପ୍ରଶାସନ ମନମୁଖୀ ପ୍ରକଳ୍ପରେ ଅର୍ଥ ଖର୍ଚ୍ଚ କରିଛନ୍ତି
- ଷ୍ଟାଡ଼ିୟମ୍, ଇକୋରିଟ୍ରିଟ୍ ପାର୍କ ନିର୍ମାଣ ହୋଇଛି
- ବହୁ ପ୍ରକଳ୍ପ ଅଧାପନ୍ତରିଆ ଭାବେ ପଡ଼ିରହିଛି

## ସିଇସିଙ୍କ ବିରୋଧରେ ସୁପ୍ରିମ୍‌କୋର୍ଟରେ ଆବେଦନ

# ଏକପାଖିଆ ନିଷ୍ପତ୍ତି ଅଭିଯୋଗ

ନୂଆଦିଲ୍ଲୀ, ୨୮ ।୯ : ନିର୍ବାଚନ କମିଶନର ଅନ୍ୟ ଦୁଇ ସଦସ୍ୟଙ୍କ ଅନୁମୋଦନ ବିନା ମୁଖ୍ୟ ନିର୍ବାଚନ କମିଶନର(ସିଇସି) ଜ୍ଞାନେଶ କୁମାର ଏକପାଖିଆ ଭାବେ ନିଷ୍ପତ୍ତି ନେଉଥିବା ଅଭିଯୋଗ କରି ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ ହୋଇଛି। ଆବେଦନରେ କୁହାଯାଇଛି ଯେ, ନିର୍ବାଚନ କମିଶନର ସଦସ୍ୟ ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ଅନୁମୋଦନ ବିନା ମଧ୍ୟ ଜ୍ଞାନେଶ କୁମାରଙ୍କ ନାମରେ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ନିଆଯାଉଛି।

ଆବେଦନକାରୀ ରାକେଶ କୁମାର ସିଂହ 'କ୍ୱୋ ୱାରାଣ୍ଟୋ' ରିଟ୍ ଜାରି କରିବାକୁ ଦାବି କରିଛନ୍ତି। କେଉଁ ଆଇନଗତ ଅଧିକାର ଆଧାରରେ ସେ ନିର୍ବାଚନ କମିଶନଙ୍କ ସାମୂହିକ ନିଷ୍ପତ୍ତି ନେବାର କ୍ଷମତାକୁ ବ୍ୟକ୍ତିଗତ ଭାବେ ପ୍ରୟୋଗ କରୁଛନ୍ତି, ତାହା ସ୍ପଷ୍ଟ କରିବାକୁ ଆବେଦନରେ ଦାବି କରାଯାଇଛି।

ସମ୍ବିଧାନର ଧାରା ୩୨୪ ଅନୁଯାୟୀ ନିର୍ବାଚନ କମିଶନ ଏକ ବହୁସଦସ୍ୟୀୟ ସଂସ୍ଥା। ଏଥିରେ ମୁଖ୍ୟ (୯ ପୃଷ୍ଠାରେ)

# ଜନବିଶ୍ୱାସ, ଭାରତୀୟ ଷ୍ଟାମ୍ପ ବିଲ୍ ପାରିତ

ଭୁବନେଶ୍ୱର, ୨୮ ।୯ (ସବ୍ୟୁ) : ବିଧାନସଭାରେ ଚାରୋଟି ବିଲ ପାରିତ ହୋଇଯାଇଛି । ଓଡିଶା ଜନବିଶ୍ୱାସ ବିଲ ଭାରତୀୟ ଷ୍ଟାମ୍ପ(ଓଡିଶା ସଂଶୋଧନ ବିଲ) ..... ପାରିତ ହୋଇଛି ।

ଓଡିଶା ଜନ ବିଶ୍ୱାସ ବିଲକୁ ଉପସ୍ଥାପନ କରି ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସାହୁ କହିଥିଲେ ଏହି ବିଲ କେବଳ ଆଇନରେ ସଂଶୋଧନ ନୁହେଁ। ଏହା ହେଉଛି ଶାସନ ବ୍ୟବସ୍ଥାକୁ ସରଳ କରିବା, ନାଗରିକଙ୍କ ଉପରେ ଅନାବଶ୍ୟକ ଭାର କମାଇବା ଏବଂ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ବିଶ୍ୱାସକୁ ଆହୁରି ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ସଂସ୍କାର ମୂଳକ ପ୍ରୟାସକୁ ଆହୁରି ଆଗକୁ ନେଇ ଓଡିଶା ଜନବିଶ୍ୱାସ ବିଲ ୨୦୨୬ ରାଜ୍ୟର ନିୟମ ଓ ନିୟନ୍ତ୍ରଣ ବ୍ୟବସ୍ଥାକୁ ଆହୁରି ସରଳ, ସ୍ପଷ୍ଟ ଓ ସହଜ କରିବାକୁ ଲକ୍ଷ୍ୟ ରଖିଛି । ଲୋକଙ୍କ ଉପରେ ଥିବା ଅନାବଶ୍ୟକ ନିୟମ ଓ ପ୍ରକ୍ରିୟାର ଭାର କମାଇବା ସହ ନିୟମଗୁଡ଼ିକ ଯେପରି ସ୍ପଷ୍ଟ ଓ ପୂର୍ବରୁ ବୁଝିହେଲା ଭଳି ହୁଏ ଏହି ବିଲରେ ବ୍ୟବସ୍ଥା କରାଯାଇଛି । ୨୦୨୫ ମସିହାରେ ଆସାମ ,ଛତିଶଗଡ, ଗୁଜୁରାଟ , ହରିୟାଣା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡିଶା, ସିକିମ୍ ଓ ତ୍ରିପୁରା ଜନବିଶ୍ୱାସ ସମ୍ବନ୍ଧୀୟ ଆଇନ ଗ୍ରହଣ କରିଥିଲେ । ଏହି ସଂସ୍କାର ୨୦୨୬ରେ ମଧ୍ୟ ଜାରି ରହିଛି । ଚଳିତ ବର୍ଷ ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ବିହାର ଓ ନାଗାଲାଣ୍ଡ, ରାଜସ୍ଥାନ, ଉତ୍ତରାଖଣ୍ଡ ସହ ଦିଲ୍ଲୀ ଓ ଜାମ୍ମୁକାଶ୍ମୀର ଭଳି କେନ୍ଦ୍ରଶାସିତ ଅଞ୍ଚଳ ଏହାକୁ ଗ୍ରହଣ କରିଛନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବଡ ସମସ୍ୟାର ସମାଧାନ କରିବା ଓ ଅପରାଧିକରଣର ମୁକ୍ତି । ଏହି ବିଲରେ ୧୫ ଟି ରାଜ୍ୟ ଆଇନର ୬୨ ଟି ସଂଶୋଧନ ପ୍ରସ୍ତାବ (୯ ପୃଷ୍ଠାରେ)

## ଦିଲ୍ଲୀ-ଏନ୍‌ସିଆର୍ ଦୁଷ୍କର୍ମ ମାମଲାରେ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

# 'ନିର୍ଭୟା ଘଟଣା ସହ ବେଦନାଦାୟକ ସାମଞ୍ଜସ୍ୟ'

ନୂଆଦିଲ୍ଲୀ, ୨୯ ।୯ : ଦିଲ୍ଲୀ ଓ ଏନ୍‌ସିଆର୍ ଅଞ୍ଚଳରେ ସମ୍ପ୍ରତି ଘଟିଥିବା ଦୁଷ୍କର୍ମ ମାମଲାକୁ ନେଇ ସୁପ୍ରିମକୋର୍ଟ ନିଜ ଆଡୁ ମାମଲା ଗ୍ରହଣ କରିଛନ୍ତି । ଏହି ଘଟଣାଗୁଡ଼ିକ ୨୦୧୨ର ନିର୍ଭୟା ଘଟଣା ସହ 'ବେଦନାଦାୟକ ସାମଞ୍ଜସ୍ୟ' ଦେଖାଉଛି ବୋଲି କୋର୍ଟ ମତ ଦେଇଛନ୍ତି ।

ଜଷ୍ଟିସ୍ ଜେ.ବି. ପାର୍ଦିୱାଲାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି, ଦିଲ୍ଲୀ-ଏନ୍‌ସିଆର୍‌ରେ ଘଟୁଥିବା ଦୁଷ୍କର୍ମ ଘଟଣାଗୁଡ଼ିକ ଆଇନ ପ୍ରବର୍ତ୍ତନ ଓ ପ୍ରଶାସନିକ ବ୍ୟବସ୍ଥାର ବିଫଳତାକୁ ସ୍ପଷ୍ଟ କରୁଛି । ସାଧାରଣ ଲୋକଙ୍କ ମୌଳିକ ସୁରକ୍ଷା ନିଶ୍ଚିତ କରିବାରେ ବ୍ୟବସ୍ଥାର ଅଭାବ ରହିଥିବା କୋର୍ଟ ଉଲ୍ଲେଖ କରିଛନ୍ତି । ପାର୍କ ଓ ବସ୍ ଭଳି ସାର୍ବଜନୀନ ସ୍ଥାନଗୁଡ଼ିକ ଅପର୍ଯ୍ୟାପ୍ତ ଆଲୋକ, ଦୁର୍ବଳ ନିରୀକ୍ଷଣ ଓ ଆବଶ୍ୟକ ପ୍ରଶାସନିକ ସୁବିଧାର ଅଭାବ ଯୋଗୁଁ ବିପଦପୂର୍ଣ୍ଣ ଅଞ୍ଚଳରେ ପରିଣତ ହେବାକୁ ଦିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି ।

ସମ୍ପ୍ରତି ଦିଲ୍ଲୀର (୯ ପୃଷ୍ଠାରେ)

## ସଂଶୋଧିତ ଏମ୍ଏମ୍ଡିଆର୍ ଆଇନ୍‌କୁ ନେଇ ବିଜେଡିର ବିକ୍ଷୋଭ

# ଶେଷ ନିଃଶ୍ୱାସ ଯାଏ ରାଜ୍ୟ ସ୍ୱାର୍ଥ ଲାଗି ଲଢ଼ିବି : ନବୀନ



ଭୁବନେଶ୍ୱର, ୨୮ ।୯ (ସବ୍ୟୁ) : ଜନବିରୋଧୀ ଏମଏମଡିଆର ଆକ୍ଟକୁ ବିରୋଧ କରି ଲୋୟର ପିଏମ୍ଜିରେ ବିଶାଳ ବିକ୍ଷୋଭ କରିଛି ବିଜେଡି । ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ୪୦,୦୦୦ରୁ ଊର୍ଦ୍ଧ୍ୱ ଜନସମାଗମ ହୋଇଥିଲା । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଜନସମାବେଶ ଅନୁଷ୍ଠିତ ହୋଇଥିଲା । ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଡବଲ ଇଞ୍ଜିନ ସରକାରଙ୍କ ଜନମାରଣା ନୀତି ଯୋଗୁଁ ଓଡିଶାବାସୀ ଉପେକ୍ଷିତ ହେଉଛନ୍ତି । ଏମଏମଡିଆର ଆକ୍ଟ ଜରିଆରେ ରାଜ୍ୟର ହକକୁ ଛଡ଼ାଇ ନେବାକୁ ବସିଛନ୍ତି କେନ୍ଦ୍ର ସରକାର । ଓଡ଼ିଶାର ସ୍ୱାର୍ଥ ପାଇଁ ବିଜେଡିର ଲଢେଇ ଜାରି ରହିବ ।

ସମାବେଶରେ ନବୀନ ପଟ୍ଟନାୟକ କହିଥିଲେ ଯେ, ଓଡ଼ିଶାର ସ୍ୱାର୍ଥ ପାଇଁ ଆମେ ସମସ୍ତେ ଏକାଠି ହୋଇଛୁ । ଏମଏମଡିଆର ଆକ୍ଟ ଜରିଆରେ ଓଡ଼ିଶାର ଅଧିକାର ଛଡ଼ାଇ ନେବାକୁ ପ୍ରୟାସ କରାଯାଇଛି । ଓଡ଼ିଶାର ଖଣି ଓ ଜମି ଉପରେ ଓଡ଼ିଶାବାସୀଙ୍କ ଅଧିକାର ରହିଛି । ମୋର ଶେଷ ନିଶ୍ୱାସ ଥିବା ଯାଏଁ ଓଡ଼ିଶାର ସ୍ୱାର୍ଥ ପାଇଁ ଲଢ଼େଇ କରିବି । ବିନା ଆଲୋଚନାରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ ହୋଇଗଲା । କାହା ସ୍ୱାର୍ଥରେ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ୨୦ ଜଣ ବିଜେପି ସାଂସଦ ଚୁପ ବସିଲେ ? ଏମଏମଡିଆରକୁ ନେଇ ବିଧାନସଭାରେ ସ୍ୱତନ୍ତ୍ର (୯ ପୃଷ୍ଠାରେ)

### ଅର୍ଥନୈତିକ ଅଧିକାର ଲାଗି ବିଜେଡି ଜାରିରଖିବ ଲଢ଼େଇ

# ଗଡ଼ବଡ଼ପୁଟରୁ ମିଳିଲା ପ୍ରାଚୀନ ସଭ୍ୟତାର ନିଦର୍ଶନ



କଣାସ, ୨୮ ।୯ (ସବ୍ୟୁ) : ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ଗଡ଼ବଡ଼ପୁଟ ଗ୍ରାମସ୍ଥିତ ଶ୍ରୀ ସିଦ୍ଧମଲ୍ଲିକେଶ୍ୱର ଦେବ ମନ୍ଦିର ପୃଷ୍ଠଭାଗରେ ବୃକ୍ଷରୋପଣ ପାଇଁ ମାଟି ଖୋଳିବା ସମୟରେ ଏକ ପ୍ରାଚୀନ ସଭ୍ୟତାର ନିଦର୍ଶନ ଲୋକଲୋଚନକୁ ଆସିଛି ।

ଗ୍ରାମର ଡେଲାଙ୍ଗ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସାମନ୍ତରାୟ ଓ କଲ୍ୟାଣପୁର ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ବୃନ୍ଦାବନ ପାହାଡ଼ସିଂହ ଗଛ ଲଗାଇବା ପାଇଁ ମାଟି ଖୋଳୁଥିବା ବେଳେ ବୃହତକାୟ ଇଟା ଦେଖିବାକୁ ପାଇଥିଲେ । ଗ୍ରାମବାସୀଙ୍କ ସହାୟତାରେ ଅଧିକ ଖନନ କରାଯିବାରୁ ୧୫ ଫୁଟ ଲମ୍ବ ଓ ସାଢ଼େ ୩ ଫୁଟ ଓସାରର ଏକ ସଂରଚନା (ଷ୍ଟ୍ରକଚର) ଏବଂ କୋଠରୀ ସଦୃଶ ଇଟା କାନ୍ଥ ଦୃଶ୍ୟମାନ ହୋଇଛି । ଏହି ସ୍ଥାନରୁ କୁଷାଣ ମୁଦ୍ରା, ଗୌତମ ବୁଦ୍ଧଙ୍କ ମୂର୍ତ୍ତି, ଧାନ କଣ୍ଟା, କାରୁକାର୍ଯ୍ୟପୂର୍ଣ୍ଣ ପଥର ଖୋଦିତ ମୂର୍ତ୍ତି ସହ "ନବଡ଼ ଓ୍ୱେୟାର' ଶୈଳୀର କଳା, ଲାଲ ଓ ଧୂସର ରଙ୍ଗର ଭଙ୍ଗା ମାଟିପାତ୍ର ମିଳିଛି । ଆବିଷ୍କୃତ ବୃହତ ଇଟାଗୁଡ଼ିକର ଓସାର ୨୧ ସେଣ୍ଟିମିଟର ଓ ମୋଟେଇ ୭ ସେଣ୍ଟିମିଟର ରହିଥିବା ଜଣାପଡ଼ିଛି ।

ଖବର ପାଇ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗର ପ୍ରଫେସର ଡକ୍ଟର ଅନାମ ବେହେରା, ଗବେଷକ ଅସି ଜେନା, ଅନୀଲ କୁମାର ବେହେରା ଓ ରବୀନ୍ଦ୍ର ବେହେରା ପ୍ରମୁଖ ସ୍ଥଳ ପରିଦର୍ଶନ କରି ଉଦ୍ଧାର କୀର୍ତ୍ତିରାଜିର ଅନୁଧ୍ୟାନ କରିଛନ୍ତି । ବିଶେଷଜ୍ଞଙ୍କ ମତରେ, ଗଡ଼ବଡ଼ପୁଟ ଗ୍ରାମଟି ଦୟା ନଦୀର ଶାଖା ରାଜୁଆ ନଦୀର ବାମ ପାଶ୍ୱର୍ରେ ଅବସ୍ଥିତ । ପ୍ରାଚୀନ କାଳରେ ଶିଶୁପାଳଗଡ଼ ଓ (୯ ପୃଷ୍ଠାରେ)

### କୁଷାଣ-ଗୁପ୍ତ ଯୁଗର ଇଟା, "ନବଡ଼ ୱେୟାର" ଆବିଷ୍କୃତ

## ବିଶ୍ୱ ହୃତପିଣ୍ଡ ଦିବସ

ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥାଏ ହୃତପିଣ୍ଡ। ଆମର ହାର୍ଟ ସୁସ୍ଥ ରହିଲେ ଯାଇ ଅନ୍ୟ ସମସ୍ତ ଅଙ୍ଗ ସୁସ୍ଥ ରହିବ । ହେଲେ ଆଜିକାଲିର ଲାଇଫ୍ ଷ୍ଟାଇଲ କାରଣରୁ ହାର୍ଟ ଉପରେ ସବୁଠାରୁ ଅଧିକ ପ୍ରେସର ପଡୁଛି, ତେଣୁ ହାର୍ଟ ଆଟାକ୍‌ରେ ଲୋକଙ୍କର ମୃତ୍ୟୁ ସଂଖ୍ୟା ବଢୁଛି । ତେଣୁ ହାର୍ଟ ସମ୍ବନ୍ଧୀୟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସେପ୍ଟେମ୍ବର ୨୯ ତାରିଖକୁ ବିଶ୍ୱ ହୃତପିଣ୍ଡ ଦିବସ ଭାବେ ପାଳନ କରାଯାଉଛି । ହାର୍ଟ ସମ୍ବନ୍ଧୀୟ ରୋଗ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଜାତିସଂଘ ସହ ମିଳିତ ଆଲୋଚନା ପରେ ୨୦୦୦ ମସିହାରୁ ବିଶ୍ୱ ହୃତପିଣ୍ଡ ଦିବସ ପାଳନ କରାଯାଉଛି । ଯୋଗ, ପ୍ରାଣାୟମ, ବ୍ୟାୟାମ, ଆଦି ନ କରିବା, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରୋଲ, ସୁଗାର ଲେବଲରେ ଅସ୍ଥିରତା ଆଦି ହୃଦୟ ସମ୍ବନ୍ଧୀୟ ରୋଗର ପ୍ରମୁଖ କାରଣ । ପୌଷ୍ଟିକ ଖାଦ୍ୟ ସେବନ ଏବଂ ନିୟମିତ ବ୍ୟାୟାମ କରିବା ଦ୍ୱାରା ହୃଦୟ ସମ୍ବନ୍ଧୀୟ ରୋଗରୁ ମକ୍ତି ମିଳିଥାଏ । ଆଜିକାଲିର ଆଧୁନିକ ଯୁଗରେ ଲୋକମାନେ ଗୋଟିଏ ଜାଗାରେ ବସି କମ୍ପ୍ୟୁଟର ସହାୟତାରେ କାର୍ଯ୍ୟ କରୁଛନ୍ତି। ଫଳରେ ଅଧିକାଂଶ ଲୋକ ମେଦବହୁଳତାର ଶିକାର ହେଉଛନ୍ତି। ଯାହା ହୃଦ୍‌ଘାତର ପ୍ରମୁଖ କାରଣ ସାଜୁଛି । ତେଣୁ ବିଶ୍ୱ ହୃତପିଣ୍ଡ ଦିବସ ପାଳନ ଅବସରରେ ଲୋକମାନଙ୍କୁ ହୃଦୟକୁ ସୁସ୍ଥ ରହିବା ପାଇଁ ସାଇକେଲିଂ କରିବା, ପହଁରିବା, ଚାଲିବା, ଦୌଡ଼ିବା ଏବଂ ସର୍ବୋପରି ବ୍ୟାୟାମ କରିବାକୁ ପରାମର୍ଶ ଦିଆଯାଇଥାଏ । ଏହି ଅବସରରେରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ସଚେତନତା କରାଯାଉଥିବାର ଦେଖିବାକୁ ମିଳିଥାଏ ।





## ପିମ୍ପୁଡ଼ିଙ୍କୁ ନେଇ କିଛି ରୋଚକ ତଥ୍ୟ

ନିକଟରେ ପିମ୍ପୁଡିଙ୍କୁ ନେଇ ଅନେକ ରୋଚକ ତଥ୍ୟ ସାମନାକୁ ଆସିଛି। ସୂଚନା ଅନୁସାରେ ପୋଲାଣ୍ଡର ଏକ ପୁରୁଣା ବଙ୍କର ଭିତରେ ବନ୍ଦୀ ହୋଇ ରହିଯାଇଥିବା ଲକ୍ଷ ଲକ୍ଷ ପିମ୍ପୁଡ଼ି ବଞ୍ଚିରହିବା ପାଇଁ ଏକାବେଳକେ ନିଜ ସାଥୀ ପିମ୍ପୁଡ଼ିମାନଙ୍କୁ ଖାଇବା ଆରମ୍ଭ କରିଦେଇଥିବା ଜଣାପଡିଛି। ବଙ୍କରର ଭେଣ୍ଟିଲେସନ୍ ପାଇପ୍ ଉପରେ ଏହି ପିମ୍ପୁଡ଼ିମାନଙ୍କର ବସା ଥିବା ବେଳେ, ସେଠାରୁ ଖସିପଡୁଥିବା ପିମ୍ପୁଡ଼ିମାନେ ବଙ୍କରରୁ ଆଉ ଉପରକୁ ଉଠିପାରି ନଥିଲେ। ଫଳରେ କାଳକ୍ରମେ ବଙ୍କର ଭିତରେ ପ୍ରାୟ ୧୦ ଲକ୍ଷ ପିମ୍ପୁଡ଼ି ବିନା ଖାଦ୍ୟ ଓ ବାହାରିବାର ବାଟ ନପାଇ ଫସି ରହିଥିଲେ । ତେବେ କ୍ଷୁଧାର୍ତ୍ତ ପରିସ୍ଥିତିରେ ଆତ୍ମରକ୍ଷା ପାଇଁ ସେମାନେ ନିଜର ମୃତ ସାଥୀମାନଙ୍କୁ ଖାଇବାକୁ ବାଧ ହୋଇଥିଲେ ବୋଲି ବର୍ତ୍ତମାନ ଜଣା ପଡିଛି । ଉକ୍ତ ବଙ୍କରରୁ ସଂଗୃହିତ ପ୍ରାୟ ୨୦ ଲକ୍ଷ ପିମ୍ପୁଡ଼ିଙ୍କ ଅବଶିଷ୍ଟାଂଶ ମଧ୍ୟରୁ ୯୩ ପ୍ରତିଶତଙ୍କ ଦେହରେ କାମୁଡ଼ା ଦାଗ ଥିବା ଗବେଷକମାନେ ଠାବ କରିଥିଲେ। ଏହି ସଙ୍କଟଜନକ ପରିସ୍ଥିତିରୁ ସେମାନଙ୍କୁ ଉଦ୍ଧାର କରିବା ପାଇଁ ଗବେଷକମାନେ ବାହାରକୁ ଆସିବା ଲାଗି ୩ ମିଟର ଲମ୍ବର ଏକ ବିକଳ୍ପ ପଥ ମଧ୍ୟ ତିଆରି କରିଥିଲେ । ପ୍ରଥମ ୧୦୦ଟି ପିମ୍ପୁଡ଼ିଙ୍କୁ ମୁକ୍ତ କରାଯିବା ପରେ, ପ୍ରାୟ ଗୋଟିଏ ବର୍ଷ ମଧ୍ୟରେ ଫସି ରହିଥିବା ପ୍ରାୟ ସମସ୍ତ ପିମ୍ପୁଡ଼ି ନିଜର ମୂଳ ବସାକୁ ଫେରିଆସିବା ସହ ପରସ୍ପରକୁ ଖାଇବା ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିବା ଜଣାପଡିଛି ।

## ଭଡ଼ାରେ ମିଳୁଛନ୍ତି ପରିବାର ସଦସ୍ୟ



ଜାପାନରେ ପରିବାର ସଦସ୍ୟ, ସାଙ୍ଗସାଥୀ ଏବଂ ଆତ୍ମୀୟସ୍ୱଜନଙ୍କୁ ଭଡ଼ାରେ ନେବାର ଏକ ନିଆରା ପରମ୍ପରା ଦିନକୁ ଦିନ ଲୋକପ୍ରିୟ ହେବାରେ ଲାଗିଛି । ଯାହାକୁ 'ରେଣ୍ଟ୍ ଏ ଫ୍ୟାମିଲି' କୁହାଯାଏ । ଏହି ସେବା ଅଧୀନରେ ଲୋକମାନେ କିଛି ଘଣ୍ଟା କିମ୍ବା କିଛି ଦିନ ପାଇଁ ବାପା-ମାଆ, ଭାଇ-ଭଉଣୀ, ସାଙ୍ଗ କିମ୍ବା ଅନ୍ୟାନ୍ୟ ସମ୍ପର୍କୀୟଙ୍କ ଭୂମିକା ନିଭାଇବା ପାଇଁ ପେସାଦାର ଅଭିନେତାମାନଙ୍କୁ ଭଡ଼ାରେ ଆଣିଥାନ୍ତି । ବିବାହ ଉତ୍ସବରେ ବନ୍ଧୁ-ବାନ୍ଧବ ଭାବେ ଯୋଗଦେବା, ସ୍କୁଲ୍ ଇଣ୍ଟରଭ୍ୟୁ ସମୟରେ ପିଲାଙ୍କ ବାପା-ମାଆ ସାଜିବା, କାହା ପକ୍ଷରୁ କ୍ଷମା ପ୍ରାର୍ଥନା କରିବା କିମ୍ବା କେବଳ ସାଥୀ ହୋଇ ସମୟ ବିତାଇବା ଭଳି ବିଭିନ୍ନ କାର୍ଯ୍ୟ ପାଇଁ ଏହି ଅଭିନେତାମାନଙ୍କୁ ନିୟୋଜିତ କରାଯାଏ । ଗ୍ରାହକମାନେ ନିଜର ଆବଶ୍ୟକତା, ବୟସ ଏବଂ ପସନ୍ଦ ଅନୁସାରେ ଏଜେନ୍ସି ମାଧ୍ୟମରେ ଅଭିନେତା ଚୟନ କରିପାରନ୍ତି । ସାକ୍ଷାତକାର ପୂର୍ବରୁ ଏଜେନ୍ସି ପକ୍ଷରୁ ଅଭିନେତାଙ୍କୁ ସମ୍ପୂର୍ଣ୍ଣ କାହାଣୀ, ଗ୍ରାହକଙ୍କ ସହ ସମ୍ପର୍କ ଏବଂ ବ୍ୟବହାର ବିଷୟରେ ଭଲ ଭାବେ ବୁଝାଇ ଦିଆଯାଏ । ୧୯୯୦ ଦଶକରୁ ଜାପାନରେ ଚାଲିଆସୁଥିବା ଏହି ସେବାର ମୂଲ୍ୟ ଘଣ୍ଟା ପ୍ରତି ୩,୦୦୦ ଟଙ୍କାରୁ ଆରମ୍ଭ କରି ୧୨,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଥାଏ ।

## ସୋସିଆଲ କୋଟ୍ସ



ମୋର ୩୦ ବର୍ଷ କ୍ୟାରିୟରରେ ଏଭଳି କେହି କୋଷ୍ଟାର ନାହାନ୍ତି ଯାହା ଆଗରେ ମୁଁ ମୋର ପର୍ସନାଲ ଫିଲିଂ କହିଥାଏ । ମୁଁ କେବଳ ମୋ ସ୍ୱାମୀଙ୍କ ଆଗରେ ଏହା କହିଥାଏ । ମୁଁ ସବୁବେଳେ ସୁନିତା ମାଇଁଙ୍କ ସହ ସବୁବେଳେ ଅଛି ।

**କଶମିରା ସାହ, ଅଭିନେତ୍ରୀ**



ଯେଉଁ ଘର ଆଗରୁ ଭଙ୍ଗାଥାଏ ତାକୁ କେହି ବାହାର ଲୋକ ଭାଙ୍ଗି ପାରନ୍ତି ନାହିଁ । ମୁଁ ବୁଝି ପାରୁନି ଉକ୍ତ ମହିଳା କେଉଁ ପ୍ରକାରର ଦୁଃଖରେ ଅଛନ୍ତି। ସେ ଦୁଃଖରେ ଥାଇ ମଧ୍ୟ ମିଡିଆ ସାମନାକୁ ଆସି ପାରୁଛନ୍ତି କିପରି ।

**କୋମଲ ରାଣୀ, ଅଭିନେତ୍ରୀ**



ଆମେ କେବେ ଆମ ଝିଅମାନଙ୍କୁ ସେମାନଙ୍କ ପୋଷାକ ନେଇ ପ୍ରଶ୍ନ କରିବା ବନ୍ଦ କରିବା ? ଆମେ ପୁଅମାନଙ୍କୁ ବର୍ତ୍ତମାନ କହିବାର ଅଛି କି ସେମାନେ ଝିଅମାନଙ୍କୁ ସମସ୍ୟାରେ ନପକାଇବା ଆବଶ୍ୟକ।

**କ୍ରିତି ସନନ, ଅଭିନେତ୍ରୀ**

## ଇତିହାସ

୧୮୩୬- ମାଡ୍ରାସ ଚାମ୍ବର୍ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରିର ସ୍ଥାପନା ।

୧୯୧୧- ଅଟୋମନ୍ ସାମ୍ରାଜ୍ୟ ବିପକ୍ଷରେ ଇଟାଲୀର ଯୁଦ୍ଧ ଘୋଷଣା ।

୧୯୧୩- ଡିଜେଲ୍ ଇଞ୍ଜିନ୍‌ର ଆବିଷ୍କାରକ ରୁଡଲଫ୍ ଡିଜେଲ୍‌ଙ୍କ ପରଲୋକ ।

୧୯୧୫- ଟେଲିଫୋନ୍ ଯୋଗେ ପ୍ରଥମ ଆନ୍ତଃମହାଦ୍ୱୀପ ବାର୍ତ୍ତା ପଠାଗଲା ।

୧୯୨୭- ଆମେରିକା ଏବଂ ମେକ୍ସିକୋ ମଧ୍ୟରେ ଟେଲିଫୋନ୍ ସେବା ଆରମ୍ଭ।

୧୯୪୨- ପ୍ରସିଦ୍ଧ ମହିଳା କ୍ରାନ୍ତିକାରୀ ମାତଙ୍ଗିନୀ ହଜରାଙ୍କ ଦେହାନ୍ତ ।

୨୦୦୬- ବିଶ୍ୱର ପ୍ରଥମ ମହିଳା ଅନ୍ତରୀକ୍ଷ ପର୍ଯ୍ୟଟକ ଇରାନ ମୂଳ ତଥା ଆମେରିକୀୟ ନାଗରିକ ଅନୁଶେହ ଅଂସାରୀ ପୃଥିବୀପୃଷ୍ଠକୁ ସକୁଶଳ ଫେରିଲେ ।

୨୦୧୭- ଭାରତୀୟ ସିନେମାର ଲୋକପ୍ରିୟ ଅଭିନେତା ପଦ୍ମଶ୍ରୀ ଟମ୍ ଅଲଫରଙ୍କ ଦେହାନ୍ତ ।

## ସଲମାନଙ୍କୁ ଫାତିମାଙ୍କ ପ୍ରଶଂସା



ଅଭିନେତ୍ରୀ ଫାତିମା ସନା ଶେଖ୍, ବିଗ୍ ବସର ଏକ କାର୍ଯ୍ୟକ୍ରମରେ ଯୋଗଦେଇ, ସୋସିଆଲ୍ ମିଡିଆ ଟ୍ରୋଲିଂ, ଶରୀର ଓ ବୟସକୁ ନେଇ ଅପମାନଜନକ ମନ୍ତବ୍ୟ ବିରୋଧରେ ଦୃଢ଼ ପ୍ରତିବାଦ କରିଛନ୍ତି। ଏହାସହ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଥିବାରୁ ସୁପରଷ୍ଟାର ସଲମାନ୍ ଖାନଙ୍କର ମଧ୍ୟ ଭୂୟସୀ ପ୍ରଶଂସା କରିଛନ୍ତି। ନିଜର ଆଗାମୀ ପ୍ରୋଜେକ୍ଟର ପ୍ରମୋସନ ପାଇଁ ଅଭିନେତା ମହମ୍ମଦ ଜୀଶାନ୍ ଆୟୁବ୍ ଓ ରଘୁବୀର ଯାଦବଙ୍କ ସହ ଶୋ'ରେ ଫାତିମା ସାମିଲ ହୋଇଥିଲେ । ଫାତିମା ପ୍ରକାଶ କରିଥିଲେ ଯେ ସଲମାନଙ୍କ ଭଳି ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଏପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରିବା ଦ୍ୱାରା ସମାଜରେ ଏକ ସକାରାତ୍ମକ ପ୍ରଭାବ ପଡ଼ିଥାଏ । ସୂଚନା ଅନୁସାରେ ଗତ ସପ୍ତାହରେ ସଲମାନ୍ କ୍ଷୋଭ ପ୍ରକାଶ କରି କହିଥିଲେ ଯେ ଗେମିଂ, କଣ୍ଟେଣ୍ଟ କ୍ରିଏସନ୍ ଏବଂ ଭିଡିଓ ଏଡିଟିଂ ଭଳି କ୍ଷେତ୍ର ଯୋଗୁଁ ସୋସିଆଲ୍ ମିଡିଆ ଆଜି ନିଯୁକ୍ତି ଓ ପରିଚୟର ମାଧ୍ୟମ ପାଲଟିଛି । ହେଲେ ଟ୍ରୋଲିଂ ଏହାର ଅନ୍ୟତମ କଳଙ୍କିତ ଦିଗ । କାହାକୁ ଅପମାନିତ କରି ଟଙ୍କା ରୋଜଗାର କରିବାର ପ୍ରବୃତ୍ତିକୁ ସଲମାନ ପ୍ରଶ୍ନ କରିଥିଲେ । ଏପରିକି ନିଜର ଶାରୀରିକ ଗଠନ ଓ ଫିଟନେସକୁ ନେଇ ସମାଲୋଚନା କରୁଥିବା ଟ୍ରୋଲରମାନଙ୍କୁ କଡ଼ା ଜବାବ ଦେବାକୁ ଯାଇ ସଲମାନ୍ ମଞ୍ଚ ଉପରେ ନିଜର କ୍ୟାପ୍, ଜ୍ୟାକେଟ୍ ଓ ଟି-ସାର୍ଟ କାଢ଼ି ନିଜର ଆବସ ଦେଖାଇଥିଲେ । ସଲମାନଙ୍କର ଏହି ଭିଡିଓ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି, ଯେଉଁଥିରେ ଅନେକ ସେଲିବ୍ରିଟି ସଲମାନଙ୍କୁ ସମର୍ଥନ ମଧ୍ୟ କରୁଛନ୍ତି ।

## ବିଶ୍ୱର କମ୍ ଉଚ୍ଚତା ବିଶିଷ୍ଟ ଅଗ୍ନିଶମ କର୍ମଚାରୀ

ଆମେରିକାର କିମ୍ବରଲି କେଲସୋ ମାତ୍ର ୪ ଫୁଟ୍ ୧୦ ଇଞ୍ଚ ଉଚ୍ଚତା ସହ ବିଶ୍ୱର ସବୁଠାରୁ କମ୍ ଉଚ୍ଚତାବିଶିଷ୍ଟ ମହିଳା ଅଗ୍ନିଶମ କର୍ମଚାରୀ ହେବାର ଗୌରବ ହାସଲ କରିଛନ୍ତି । ଯାହାଙ୍କୁ ସହକର୍ମୀମାନେ ସ୍ନେହରେ 'ସ୍ପାଇଡର୍ ମଙ୍କି' ବୋଲି ଡାକିଥାନ୍ତି । ଗତ ପାଞ୍ଚ ବର୍ଷ ଧରି ଅଗ୍ନିଶମ ବାହିନୀରେ କାର୍ଯ୍ୟରତ କିମ୍ବରଲି ନିଜର କମ୍ ଉଚ୍ଚତା ଯୋଗୁଁ ଆବଶ୍ୟକ ସମୟରେ ସଂକୀର୍ଣ୍ଣ ଝରକା ଭଳି ସ୍ଥାନକୁ ସହଜରେ ପ୍ରବେଶ କରିପାରନ୍ତି । କେବଳ ସେତିକି ନୁହେଁ, ସେ ନିଆଁ ଲାଗିଥିବା କୋଠା ଭିତରକୁ ଯାଇ ନିଆଁ ଲିଭାଇବା ସହ ଭାରୀ ଅଗ୍ନିଶମ ଉପକରଣ ମଧ୍ୟ ଚଳାଇ ପାରନ୍ତି । ଫାୟାର ଷ୍ଟେସନରେ ସହକର୍ମୀମାନେ ଅନେକ ସମୟରେ ତାଙ୍କ ଉଚ୍ଚତାକୁ ନେଇ ମଜାକ କରିଥାଆନ୍ତି । ହେଲେ ଦିନେ ଜଣେ ସହକର୍ମୀ ବିଶ୍ୱର ସବୁଠାରୁ କମ୍ ଉଚ୍ଚତାବିଶିଷ୍ଟ ଫାୟାରଫାଇଟର୍ ବିଷୟରେ ଖୋଜିଥିଲେ ଏବଂ କିମ୍ବରଲି ଏହି ରେକର୍ଡ଼ ପାଇଁ ଯୋଗ୍ୟ ବୋଲି ଜାଣିବାକୁ ପାଇଥିଲେ । ପରବର୍ତ୍ତୀ ସମୟରେ ଆନୁଷ୍ଠାନିକ ଭାବେ ତାଙ୍କ ଉଚ୍ଚତା ମାପିବା ପରେ ତାଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡସରେ ସ୍ଥାନ ପାଇଥିଲା । ସୂଚନାଯୋଗ୍ୟ ଯେ, ବିଶ୍ୱର ସବୁଠାରୁ କମ୍ ଉଚ୍ଚତାବିଶିଷ୍ଟ (୪ ଫୁଟ୍ ୨ ଇଞ୍ଚ) ପୁରୁଷ ଫାୟାରଫାଇଟରଙ୍କ ରେକର୍ଡ଼ ଭିନ୍ସ ବ୍ରାସ୍କୋଙ୍କ ନାମରେ ରହିଛି ।





**ମେଷ:** ଆର୍ଥିକଲାଭ, ଦୂରଯାତ୍ରା ସଫଳ, ଶୁଭ ଆଲୋଚନା, ଶରୀର ସୁସ୍ଥ, ନୂତନ କାର୍ଯ୍ୟ ଆରମ୍ଭ, ସମ୍ପତ୍ତିଖୁସି, ମାନସମ୍ମାନ ପ୍ରାପ୍ତି, ମାନସିକ ଶାନ୍ତି, ଅଳ୍ପ ଶତ୍ରୁସମସ୍ୟା। ଦ୍ୱିଜା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୧୨, ଆରାଧନା- ସୂର୍ଯ୍ୟନାରାୟଣ ।

**ବୃଷ:** ଅଯଥା ଖର୍ଚ୍ଚ, କିଛି କାର୍ଯ୍ୟକୁ ନେଇ ମୋକଦ୍ଦମାରେ ପଡ଼ିପାରନ୍ତି, ଦାମ୍ପତ୍ୟ କଳହ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦେବକାର୍ଯ୍ୟରେ ସନ୍ତୁଷ୍ଟ, ବନ୍ଧୁସାହାଯ୍ୟ, ସନ୍ତାନଚିନ୍ତା, ଯାତ୍ରାରେ ସତର୍କ। ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା' ମହାଲକ୍ଷ୍ମୀ ।

**ମିଥୁନ:** ମାନସିକ ଶାନ୍ତି, ହଠାତ୍ ଦୂରଯାତ୍ରା, ଶୁଭଖବର, ଶରୀର ସୁସ୍ଥ, ଶୁଭ ଆଲୋଚନା ବିବାଦ ସମାଧାନ, ସମ୍ମାନଲାଭ, ବ୍ୟବସାୟରେ ସନ୍ତୁଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ଦ୍ରବ୍ୟଲାଭ। ପୁନର୍ବସୁ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୭, ଆରାଧନା-ଗଣେଶ ଭଗବାନ।

**କର୍କଟ:** ନୂତନ ଆୟ, ଦୂରଯାତ୍ରା, ଶତ୍ରୁସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଦ୍ରବ୍ୟକ୍ରୟ, ଶରୀର ସୁସ୍ଥ, ଶୁଭଆଲୋଚନା, ବନ୍ଧୁଲାଭ, ସନ୍ତାନଲାଭ। ଅଶ୍ଳେଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା-କୁବେର ଭଗବାନ।

**ସିଂହ:** ସନ୍ତାନକଷ୍ଟ, ବ୍ୟକ୍ତିବିଶେଷଙ୍କ ସହଯୋଗ, ଶୁଭ ଆଲୋଚନା, ସମ୍ପତ୍ତିଖୁସି, ଅଳ୍ପ ଶରୀର ଅସୁସ୍ଥ, ଅର୍ଥସମସ୍ୟା, ନୂତନ କାର୍ଯ୍ୟପନ୍ଥା ଗ୍ରହଣ, ବ୍ୟବସାୟିକ ଲାଭ, ଖୁସିଖବର। ପୂର୍ବାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ।

**କନ୍ୟା:** ଶରୀର ଅସୁସ୍ଥ, ହେବା କାର୍ଯ୍ୟକୁ ନେଇ ଚିନ୍ତିତ, କର୍ମକ୍ଷେତ୍ରେ ସନ୍ତୁଷ୍ଟ, ଆୟ ଅପେକ୍ଷା ବ୍ୟୟ ଅଧିକ, ସ୍ୱଜନ ବିରୋଧ, ପୁରାତନ ବନ୍ଧୁସାହାଯ୍ୟ, କିଛି ଦ୍ରବ୍ୟ କରିବେ। ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶୀ, ସଂଖ୍ୟା-୫, ଆରାଧନା- ମା' ବଗଳାମୁଖୀ।

**ତୁଳା:** ଶୁଭଖବର, ମାନସିକ ଶାନ୍ତି, ଶୁଭ ଆଲୋଚନା, ଦୂରଯାତ୍ରା ସଫଳ, ଲୋକସମ୍ପର୍କ ବୃଦ୍ଧି, ଅର୍ଥଲାଭ, ଦାମ୍ପତ୍ୟଖୁସି, ନୂତନ କର୍ମନିଯୁକ୍ତି, ଗୃହେ ଉତ୍ସବ, ସନ୍ତାନଲାଭ। ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୯, ଆରାଧନା-ପ୍ରଭୁ ହନୁମାନ।

**ବିଛା:** ବନ୍ଧୁ ସହଯୋଗ, ଯାତ୍ରା ସଫଳ, ମାନସିକ ଶାନ୍ତି, ଦେବକାର୍ଯ୍ୟରେ ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, ଶୁଭ ଆଲୋଚନା, ଅର୍ଥଲାଭ, ନୂତନ ନିଯୁକ୍ତି, ସମସ୍ୟା ସମାଧାନ, ଶରୀର ସୁସ୍ଥ। ଜ୍ୟେଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୧୦, ଆରାଧନା- ବିଷ୍ଣୁ ଭଗବାନ।

**ଧନୁ:** ମାନସିକ ଚାପ, ବ୍ୟବସାୟରେ କ୍ଷତି, ପାରିବାରିକ ସମସ୍ୟା, ଅଳ୍ପକିଛି ଆଲୋଚନା ସଫଳ, ଶରୀର ସୁସ୍ଥ, ସମ୍ପତ୍ତି ବିବାଦ, ଉଚ୍ଚପଦସ୍ଥ ଅଧିକାରୀଙ୍କ ଆକ୍ରୋଶର ଶିକାର। ପୂର୍ବାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା- ମା' ଭଗବତୀ।

**ମକର:** କିଛି କାର୍ଯ୍ୟରେ ବିଳମ୍ବ, ବନ୍ଧୁ ସହଯୋଗ, କର୍ମକ୍ଷେତ୍ରେ ଶାନ୍ତି, ଉତ୍ସବକୁ ନେଇ ଦୂରଯାତ୍ରା, ଆର୍ଥିକ ସମସ୍ୟା ଆସିପାରେ, ସମ୍ପତ୍ତିଲାଭ, ଶତ୍ରୁସମସ୍ୟା ଦେଖାଦେବ, ପାରିବାରିକ ଖୁସି। ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା-ମା' ଦକ୍ଷିଣକାଳୀ।

**କୁମ୍ଭ:** ଶରୀର ସୁସ୍ଥ, ନୂତନ ନିଯୁକ୍ତି, ଲୋକସମ୍ପର୍କ ବୃଦ୍ଧି, ଅର୍ଥଲାଭ, ଅଚାନକ ଖୁସିଖବର, ପାରିବାରିକ ଶାନ୍ତି, ଦେବକାର୍ଯ୍ୟରେ ଆଗ୍ରହ, ଅତିଥି ସତ୍କାର, ସନ୍ତାନଲାଭ। ପୂର୍ବଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- କଳା, ସଂଖ୍ୟା-୯, ଆରାଧନା- ମା' କୋଚିଲାଇ।

**ମୀନ:** ଅର୍ଥଲାଭ, ସ୍ୱାସ୍ଥ୍ୟରେ ଉନ୍ନତି, ଗଠନମୂଳକ କାର୍ଯ୍ୟରେ ପ୍ରଶଂସା, ଶୁଭଖବର, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତ, ସମ୍ମାନପ୍ରାପ୍ତି, ସମସ୍ୟା ସମାଧାନ, ଦୂରଯାତ୍ରା ସଫଳ। ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା- ମା' ମଙ୍ଗଳା।

**ଆଶ୍ୱିନ କୃଷ୍ଣ ପକ୍ଷ ତୃତୀୟା**
**୨୯.୯.୨୦୨୬, ମଙ୍ଗଳବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ରାଜ୍ୟରେ ଅଧିକ ବର୍ଷା ଯୋଗୁ ବନ୍ୟା ସୃଷ୍ଟି : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଦେଶରେ କମ ବୃଷ୍ଟିପାତ ହେବ ବୋଲି ଆକଳନ କରିଥିଲା ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)। ହେଲେ ଦେଶରେ ସ୍ୱଳ୍ପ ବର୍ଷା ହୋଇଥିବା ବେଳେ ଓଡ଼ିଶାରେ ଜୁନ-ଜୁଲାଇ, ଅଗଷ୍ଟ-ସେପେଫମ୍ବର ଯାଏ ଅଧିକ ୩୦% ବର୍ଷା ହୋଇଛି। ପ୍ରବଳ ବର୍ଷା ଯୋଗୁ ରାଜ୍ୟ ବନ୍ୟା ସୃଷ୍ଟି ହୋଇଛି। ତେବେ ବନ୍ୟା ମୁକାବିଲାରେ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ନେବା ସହ ବନ୍ୟା ବିପନ୍ନଙ୍କ ପାଇଁ ସହାୟତା ରାଶି ଘୋଷଣା କରିଛନ୍ତି। ବିପନ୍ନମାନେ କିପରି ସେମାନଙ୍କ କ୍ଷୟକ୍ଷତି ଅର୍ଥ ପାଇପାରିବେ, ସେଥିପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି ବୋଲି ଶୂନ୍ୟକାଳରେ ରାଜ୍ୟସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାନସଭାର ଶୂନ୍ୟକାଳରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଥିଲେ, ଚଳିତ ବର୍ଷ ଜୁନରୁ ସେପେଫମ୍ବର ପର୍ଯ୍ୟନ୍ତ ୧୨ଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ବେଳେ ୪ଟି ଅବପାତ ହୋଇଛି। ଜୁଲାଇରେ ୨ଟି, ଅଗଷ୍ଟ ଓ ସେପେଫମ୍ବରରେ ଗୋଟିଏ ଲେଖାଏଁ ଅବପାତ ସୃଷ୍ଟି ହୋଇଛି। ଅବପାତ ପ୍ରଭାବରେ ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବା ଫଳରେ ବନ୍ୟା ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ମୁଁ ନିଜେ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲିବା ସହ ଲୋକଙ୍କ ସମସ୍ୟା ବୁଝିଥିଲୁ। ଗତକାଲି ମୁଖ୍ୟମନ୍ତ୍ରୀ କୋରାପୁଟ ଜିଲ୍ଲାଗସ୍ତ ବେଳେ ଜୟପୁର ଠାରେ ବନ୍ୟା ବିପନ୍ନଙ୍କ ସମସ୍ୟା ବୁଝିଥିଲେ। ବନ୍ୟା ଅଞ୍ଚଳ ଗୁଡିକର ଏରିଏଲ ସର୍ଭେ କରାଯାଇଥିଲା। ଫସଲ ଓ ପନିପରିବା ନଷ୍ଟ କ୍ଷୟକ୍ଷତି ରିପୋର୍ଟ ଆସିବା ପରେ କ୍ଷତିପୂର୍ତ୍ତି ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ୧୦୦୦ କୋଟି ଟଙ୍କାର କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି। ରାଜ୍ୟସ୍ୱ ବିଭାଗ ମଧ୍ୟ ଜଳସମ୍ପଦ ବିଭାଗକୁ ଅର୍ଥ ହସ୍ତାନ୍ତର କରିଛନ୍ତି। ବନ୍ୟା ବିପନ୍ନଙ୍କୁ ଆର୍ଥିକ ବ୍ୟବସ୍ଥା କିଭଳି ଯୋଗାଇ ଦିଆଯିବ ସେଥିପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସେ କହିଥିଲେ।



## ଓଭରବ୍ରିଜ୍‌ରୁ ଅଜଗର ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ବାଣୀବିହାର ଓଭରବ୍ରିଜ୍ ଉପରୁ ଏକ ବଡ ଅଜଗର ସାପ ଉଦ୍ଧାର କରାଯାଇଛି । ପଥଚାରୀ ଅଜଗରକୁ ଦେଖିବା ପରେ ଜଙ୍ଗଲ ବିଭାଗ ଖବର ପାଇଥିଲା । ଏଥିସହ ସ୍ନେକ୍ ହେଲ୍‌ପଲାଇନ ସଦସ୍ୟ ଖବର ପାଇ ସେଠାରେ ପହଞ୍ଚି ଅଜଗରକୁ ଉଦ୍ଧାର କରିବା ପରେ ଜଙ୍ଗଲରେ ଛାଡିବା ବ୍ୟବସ୍ଥା ହୋଇଥିଲା । ଏତେ ବଡ ଅଜଗର କେଉଁ ପରିସ୍ଥିତିରେ କିଭଳି ଓଭରବ୍ରିଜ୍ ଉପରକୁ ଆସିଲା ତାହା ଜଙ୍ଗଲ ବିଭାଗ ସ୍ପଷ୍ଟ ଭାବେ କହିପାରି ନାହାନ୍ତି । ସେମାନଙ୍କ କହିବା କଥା ଲଗାଣ ବର୍ଷା ଯୋଗୁଁ ହୁଏତ ସେ ନିକଟସ୍ଥ କେଉଁ ଜଙ୍ଗଲରୁ ଆସିଥାଇପାରେ । ଜନବସତିରେ ଅଜଗରକୁ ଦେଖିବା ପରେ ଲୋକେ ଭୟଭୀତ ହେବା ସହ କିଛି ସମୟ ପାଇଁ କେତେକ ପଥଚାରୀ ସେଠାରେ ଉପସ୍ଥିତ ରହି ସାପ ଧରିବା କୌଶଳ ଦେଖିଥିଲେ ।

# ଚନ୍ଦ୍ରଶେଖରପୁର ନିଖୋଜ ୩ ଛାତ୍ର ବାଲିକୁଦାରୁ ଉଦ୍ଧାର

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପକଣ୍ଠ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ସୀତାନାଥ ଆଦର୍ଶ ବସ୍ତିର ନିଖୋଜ ୩ ଛାତ୍ର ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଞ୍ଚଳରୁ ଉଦ୍ଧାର ହୋଇଛନ୍ତି । ନିଖୋଜ ସମ୍ପର୍କରେ ଏତଲା ହେବାର ୨୪ଘଣ୍ଟା ମଧ୍ୟରେ ନିଖୋଜ ଛାତ୍ରଙ୍କୁ ଉଦ୍ଧାର କରିବାରେ କମିଶନରେଟ୍ ପୋଲିସ ସଫଳ ହୋଇଛି । ଛାତ୍ରଙ୍କୁ ଖୋଜିବା ପାଇଁ ଡିସିପି ସର୍ବଣା ବିବେକ ଏମ୍‌ଙ୍କ ନିର୍ଦ୍ଦେଶରେ ତିନୋଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ତିନୋଟି ସ୍ୱତନ୍ତ୍ର ଟିମ୍ ସିସିଟିଭି ଫୁଟେଜ ଆଧାରରେ ରେଳଷ୍ଟେସନ, ବସ୍‌ଷ୍ଟାଣ୍ଡ ପ୍ରଭୃତି ଖୋଜଖବର କରିବା ସହ ନିଖୋଜ ୩ ଛାତ୍ରଙ୍କ ଗାଁର ସମ୍ପର୍କୀୟଙ୍କୁ ଖବର କରାଯାଇଥିଲା । ନିଖୋଜ ଛାତ୍ର ସନ୍ତୋଷ ମହାନ୍ତି, ବିସ୍ମୟ ସ୍ୱାଇଁ, ସୋମନାଥ ବେହେରା ରବିବାର ଟିଉସନକୁ ଆସି ଆଉ ଘରକୁ ଫେରିନଥିଲେ । ସେମାନେ ବସ୍ ଯୋଗେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଚାଲିଯାଇଥିଲେ । କାରଣ ତିନିଜଣଙ୍କ ମଧ୍ୟରୁ ସନ୍ତୋଷଙ୍କ ଘର ବାଲିକୁଦା ଥାନା ଅନ୍ତର୍ଗତ ପୁରଣ ଗ୍ରାମରେ । ସେ ପରିବାର ସହ ଆଦର୍ଶ ବସ୍ତିରେ ରୁହେ । ଅନ୍ୟ ଦୁଇ ଛାତ୍ର ମଧ୍ୟ ପରିବାର ସହ ସେହି ବସ୍ତିରେ ରୁହନ୍ତି । ପୋଲିସ ନିଖୋଜ ଛାତ୍ରଙ୍କ ଗାଁ ଥାନାକୁ ଖବର କରିବା ସହ ପରିବାର ଲୋକେ ମଧ୍ୟ ଘର ସମ୍ପର୍କୀୟଙ୍କୁ ଖବର କରିଥିଲେ । ଏ ସମ୍ପର୍କରେ ଗଣମାଧ୍ୟମରେ ମଧ୍ୟ ଖବର ପ୍ରସାରିତ ହୋଇଥିଲା ।

ଖବର ପାଇ ସନ୍ତୋଷ ମହାନ୍ତିଙ୍କ ଦାଦା ପୁରୁଣ ଗାଁରୁ ଆସି ବାଲିକୁଦା ତହସିଲ ପାଖରୁ ତିନିଜଣଙ୍କୁ ଘରକୁ ନେଇ ଖାଇବାକୁ ଦେବା ସହ ଭୁବନେଶ୍ୱରକୁ ଖବର କରିଥିଲେ । ନିଖୋଜ ଛାତ୍ରଙ୍କ ପରିବାର ଲୋକେ ଜାଣିବା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସକୁ ଜଣାଇଥିଲେ । ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବାଲିକୁଦା ଥାନା ଅଞ୍ଚଳକୁ ଯାଇ ତିନି ଛାତ୍ରଙ୍କୁ ସାଙ୍ଗରେ ଧରି ଚନ୍ଦ୍ରଶେଖରପୁର ଥାନାକୁ ଆଣିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସେମାନେ ଟିଉସନକୁ ଆସି କାହିଁକି, କେଉଁ ପରିସ୍ଥିତିରେ ସନ୍ତୋଷ ମହାନ୍ତିଙ୍କ ଗାଁକୁ ଗଲେ ତାହା ପୋଲିସ ସ୍ପଷ୍ଟ କରିନାହିଁ । ହେଲେ ପୋଲିସର ତତ୍ପରତା ପାଇଁ ନିଖୋଜ ୩ ଛାତ୍ର ୨୪ଘଣ୍ଟା ମଧ୍ୟରେ ଉଦ୍ଧାର ହୋଇପାରିଛନ୍ତି । ପରିବାର ଲୋକଙ୍କ କହିବାନୁଯାୟୀ ଭିଡିଓ କଲରେ ପିଲାମାନେ କଥା ହେବା ବେଳେ କାନ୍ଦୁଥିଲେ । ତାଙ୍କୁ ବୁଝାସୁଝା କରିବା ପାଇଁ ସନ୍ତୋଷଙ୍କ ଦାଦାଙ୍କୁ ପରିବାର ଲୋକେ କହିଥିଲେ । ପୋଲିସ ପହଞ୍ଚିବା ପରେ ପିଲାମାନଙ୍କୁ ବୁଝାସୁଝା କରି ଭୁବନେଶ୍ୱର ଅଣାଯାଇଥିଲା ।



# ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ

କଟକ,(ସବ୍ୟୁ): ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟ ଆନୁକୂଲ୍ୟରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ନିର୍ଦ୍ଦେଶିତ ମହିଳା ସଶକ୍ତିକରଣ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ଼ ଦୀପା ନାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅମିତ୍ ସରଫ୍, ଇଣ୍ଟରନ୍ୟାସନାଲି ସାଟିଫାଏଡ କର୍ପୋରେଟ ଟ୍ରେନର ତଥା ଏକାଡେମିକ ଆଣ୍ଡ ଲିଡରସିପ ଫେସିଲିଟେଟର୍ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଶକ୍ତିଶ୍ରୀ ସଂଯୋଜିକା ଡ଼ ସସ୍ମିତା ପଟ୍ଟନାୟକ ସୁଚାରୁ ରୂପେ ପରିଚାଳନା କରିଥିଲେ। ପରିଚାଳନା କରିବାରେ ମିସ୍ ସଂସ୍କୃତି ମହାନ୍ତି ଏବଂ ସପନଜିତ୍ ରାଉତ ବିଶେଷ ସହାୟତା ପ୍ରଦାନ କରିଥିଲେ। ଏହା ସହିତ କ୍ୟାରିଅର କାଉନସେଲିଂ ଆଣ୍ଡ ପ୍ଲେସମେଣ୍ଟ ସେଲ ସୃଷ୍ଟି ଏକାଡେମୀ ଅଫ ମ୍ୟାନେଜମେଣ୍ଟ ର ମିଳିତ ସହଯୋଗରେ ଏକ କ୍ୟାରିଅର କାଉନସେଲିଂ ସେମିନାର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗ ଦେଇ କିପରି ନିଜକୁ ସ୍ୱୟଂ ରୋଜଗାର କ୍ଷମ କରିପାରିବେ ସେ ସମ୍ବନ୍ଧରେ ଆଲୋକପାତ କରାଯାଇଥିଲା। ସୃଷ୍ଟି ଏକାଡେମୀ ଅଫ ମ୍ୟାନେଜମେଣ୍ଟର ପ୍ରଫେସର ନିହାର ରଞ୍ଜନ ସ୍ୱାଇଁ, ଏଚ୍. ଆର୍ ଜିତେନ୍ଦ୍ର ନନ୍ଦ, ଷ୍ଟୁଡେଣ୍ଟ ୱେଲ୍‌ଫେୟାର ଡିପାର୍ଟମେଣ୍ଟ ହେଡ, ମଣ୍ଡଳ ଭୌମିକ ୱାଇ. ଆଇ. ଏଣ୍ଟ୍ରେପ୍ରେନର ଯୋଗ ଦେଇଥିଲେ। କ୍ଲାଇମେଟ୍ ଚେଞ୍ଜ ସମ୍ବନ୍ଧରେ ମଧ୍ୟ ବିଶେଷ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଆୟୋଜନ କରିବାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ସହଯୋଗ କରିଥିଲେ।



## ଭୋଟର ତାଲିକା ସଂଶୋଧନକୁ ବିରୋଧ କରି କଂଗ୍ରେସର ପଦଯାତ୍ରା

ପୁରୀ, (ସବ୍ୟୁ): ଭୋଟର ତାଲିକାରେ ସ୍ୱତନ୍ତ୍ର ନିବିଡ଼ ସଂଶୋଧନ (ଏସ୍‌ଆଇଆର୍) ଓ ନିର୍ବାଚନ ପ୍ରକ୍ରିୟା ସମ୍ପର୍କିତ ପ୍ରସଙ୍ଗକୁ ନେଇ ପୁରୀ ଜିଲ୍ଲା କଂଗ୍ରେସ ପକ୍ଷରୁ ସୋମବାର ଏକ ପଦଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କଚେରି ଛକ ନିକଟରୁ ପଦଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାର, ନିର୍ବାଚନ କମିଶନ ଏବଂ ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ବିଭିନ୍ନ ସ୍ଲୋଗାନ ଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ କୁଶପୁତ୍ତଳିକା ଦାହ କରାଯାଇଥିବା ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଏହା ସହିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଅବସରରେ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ଏସ୍‌ଆଇଆର୍ ପ୍ରକ୍ରିୟା ମାଧ୍ୟମରେ ବହୁ ସଂଖ୍ୟକ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାର ଆଶଙ୍କା ରହିଛି। ମୁଖ୍ୟ ନିର୍ବାଚନ କମିଶନରଙ୍କ ନିଷ୍ପତ୍ତି ଓ ନିର୍ବାଚନ ପ୍ରକ୍ରିୟା ନେଇ ମଧ୍ୟ ଦଳ ପକ୍ଷରୁ ପ୍ରଶ୍ନ ଉଠାଯାଇଥିଲା। ଏନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପୂର୍ବରୁ ଆପତ୍ତି ଉଠାଇଥିବା କଂଗ୍ରେସ ନେତାମାନେ କହିଥିଲେ। ବିକ୍ଷୋଭ ସମୟରେ କଂଗ୍ରେସ କର୍ମୀମାନେ ରାସ୍ତାରୋକ କରିଥିବାରୁ ପ୍ରାୟ ଏକ ଘଣ୍ଟା ଧରି ଚକାଜାମ ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି। କାର୍ଯ୍ୟକ୍ରମରେ ପ୍ରିୟବ୍ରତ ସାମନ୍ତରାୟ, ବିଶ୍ୱଭୂଷଣ ଦାସ, ବିନାୟକ ଦାସ ମହାପାତ୍ର, ଜୟନାରାୟଣ ପଟ୍ଟନାୟକ, ପ୍ରେମାନନ୍ଦ ମହାନ୍ତି, ସୁଜିତ ମହାପାତ୍ର, ବିଦ୍ୟୁଲତା ଆଚାର୍ଯ୍ୟ, ନିରଞ୍ଜନ ରଥ, ସରସ୍ୱତୀ ପାତ୍ର, ସସ୍ମିତା ସ୍ୱାଇଁ, ମଧୁସ୍ମିତା ଦାଶ, ମମତା ସ୍ୱାଇଁ, ବିଶ୍ୱନାଥ ଦାଶ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଉମା ବରାଳ, ବୈଦ୍ୟନାଥ ପାଣି, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ ପଣ୍ଡା, କାଳୀ ନାୟକ, ବିଶ୍ୱରଞ୍ଜନ ସାମନ୍ତରାୟ, ଅଶ୍ୱିନୀ ବଳବନ୍ତରାୟ, ଚେତନ ମିଶ୍ର, ଆର୍ତ୍ତତ୍ରାଣ ସାହୁ, ସ୍ମୃତି ପତି, ଅମୀୟ ମହାପାତ୍ର, ଗୋବିନ୍ଦ ମଲ୍ଲିକଙ୍କ ସମେତ ବିଭିନ୍ନ ବ୍ଲକ୍‌ର କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଇଥିଲେ।

### ରାଜ୍ୟ ସରକାରଙ୍କ ବଡ଼ ନିଷ୍ପତ୍ତି, ପ୍ରତ୍ୟାହୃତ ହେଲା ବୃତ୍ତିଗତ କର

# ରାଜ୍ୟରେ ଆହୁରି ସହଜ ହେବ ବ୍ୟବସାୟ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ବ୍ୟବସାୟିକ ପରିବେଶକୁ ଆହୁରି ସହଜ, ସୁଗମ ଏବଂ ସମୃଦ୍ଧ କରିବା ପାଇଁ ରାଜ୍ୟ ସରକାର ଏକ ଐତିହାସିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ରାଜ୍ୟରେ ଦୀର୍ଘ ଦିନରୁ ବଳବତ୍ତର ଥିବା ଓଡ଼ିଶା ବୃତ୍ତି, ବ୍ୟବସାୟ, ଆଜୀବିକା ଏବଂ ନିୟୋଜନ କର ଅଧିନିୟମ, ୨୦୦୦ କୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ (ଉଚ୍ଛେଦ) କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ ଏହା କହିଛନ୍ତି ।

ଓଡ଼ିଶାରାଜ୍ୟ ବୃତ୍ତି, ବ୍ୟାପାର, ଆଜୀବିକାଏବଂ ନିୟୋଜନ କର(ନିରସନ)ବିଲ୍ ଆଗତ କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ, ୨୦୦୦ ମସିହାରୁ ପ୍ରଣୀତ ଏହି ଅଧିନିୟମ ଅନୁଯାୟୀ ବିଭିନ୍ନ ବୃତ୍ତିଧାରୀ, ଚିକିତ୍ସକ, ପରାମର୍ଶଦାତା, ଏଜେଣ୍ଟ, ବ୍ୟବସାୟୀ ଏବଂ ଦରମାପ୍ରାପ୍ତ କର୍ମଚାରୀମାନେ ବାର୍ଷିକ ସର୍ବାଧିକ ୨,୫୦୦ ଟଙ୍କା ପର୍ଯ୍ୟନ୍ତ ବୃତ୍ତିଗତ କର ଦେଉଥିଲେ । ଅନେକ ନଗଣ୍ୟ କାରବାର କରୁଥିବା କ୍ଷୁଦ୍ର ପ୍ରତିଷ୍ଠାନ, ଅଣ-ଲାଭକାରୀ ସଂସ୍ଥା, ଏମ୍‌ଏସ୍‌ଏମ୍‌ଇ ଏବଂ ନୂତନ ଷ୍ଟାର୍ଟଅପ୍ ଗୁଡ଼ିକ ମଧ୍ୟ ଏହି କର ଯୋଗୁଁ ଅନାବଶ୍ୟକ ଆଇନଗତ ଜଟିଳତା ଓ ସମସ୍ୟାର ସମ୍ମୁଖୀନ ହେଉଥିଲେ । ଏହି ନିଷ୍ପତ୍ତି ଫଳରେ ସେମାନେ ସିଧାସଳଖ ଲାଭବାନ୍ ହେବେ ।

### ବ୍ୟବସାୟୀ, ଚାକିରିଆ, କ୍ଷୁଦ୍ର ପ୍ରତିଷ୍ଠାନ, ଷ୍ଟାର୍ଟଅପ୍‌କୁ ମିଳିଲା ବଡ଼ ଆଶ୍ୱସ୍ତି

୨୦୨୪-୨୫ ଆର୍ଥିକ ବର୍ଷରେ ଏହି କର ବାବଦକୁ ମୋଟ ୩୧୬.୯୭ କୋଟି ଟଙ୍କା ଆଦାୟ ହୋଇଥିଲା, ଯାହା ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱର ମାତ୍ର ୦.୫୬% ଥିଲା । କିନ୍ତୁ ଏହି କମ୍ ରାଜସ୍ୱ ଆଦାୟ ତୁଳନାରେ ଏହାର ହିସାବ, ସଂଗ୍ରହ ଏବଂ ପ୍ରଶାସନିକ ପରିଚାଳନା ଖର୍ଚ୍ଚ ଯଥେଷ୍ଟ ଅଧିକ ରହୁଥିଲା । ଅନାବଶ୍ୟକ ଆଇନଗତ ନିୟମକାନୁନ୍ ହଟାଇ ରାଜ୍ୟରେ ଏକ ବ୍ୟବସାୟ-ଅନୁକୂଳ ପରିବେଶ ସୃଷ୍ଟି କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପ ଦ୍ୱାରା ରାଜ୍ୟର ସ୍ୱଳ୍ପ ରୋଜଗାରକ୍ଷମ ବ୍ୟକ୍ତି, ବ୍ୟବସାୟୀ ଓ ନୂତନ ଉଦ୍ୟୋଗୀମାନଙ୍କ ଉପରୁ ପ୍ରଶାସନିକ ଓ ଆର୍ଥିକ ଚାପ ହ୍ରାସ ପାଇବ । ଏହା ସହ ଅର୍ଥ ଅଧିନିୟମ ୨୦୨୬ ମାଧ୍ୟମରେ ସଂଶୋଧିତ କେନ୍ଦ୍ରୀୟ ଦ୍ରବ୍ୟ ଓ ସେବାକର ଅଧିନିୟମ ୨୦୧୭ ଅନୁସାରେ ଓଡ଼ିଶା ଦ୍ରବ୍ୟ ଓ ସେବାକର ଅଧିନିୟମରେ ଅଧିକ ସଂଶୋଧନ ଲାଗି ପ୍ରସ୍ତାବ ରହିଛି। ଏହି ବିଲ୍‌ଟି ବିଧାନସଭାରେ ପାରିତ ହୋଇଛି।



## ଆହ୍ୱନ ଟେସା ପକ୍ଷରୁ ଜାତୀୟ ବଢ଼େଇ ଦିବସ ପାଳନ

ଭୁବନେଶ୍ୱର (ସବ୍ୟୁ): ଆହ୍ୱନ ଟେସା ୨୪ ସେପ୍ଟେମ୍ବର ୨୦୨୬ ଦିନ ଭାରତର ୫୦ରୁ ଅଧିକ ସ୍ଥାନରେ ଜାତୀୟ ବଢେଇ ଦିବସ ପାଳନ କରିଛି। ଚଳିତ ବର୍ଷ ଆୟୋଜନରେ ବଢେଇ ସମୁଦାୟଙ୍କ ସହିତ ଏକ ବୃହତ୍ତର ଏବଂ ଅଧିକ ବ୍ୟାପକ ସଂପୃକ୍ତି ଘଟିଥିଲା। ଆହ୍ୱନ ଟେସା ପକ୍ଷରୁ ୨୪ ସେପ୍ଟେମ୍ବରରେ ଜାତୀୟ ବଢେଇ ଦିବସ ପାଳନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା ଏବଂ ସେହି ପ୍ରୟାସ ଲଗାତର ସମ୍ପ୍ରସାରିତ ହେବା ସହିତ ୨୦୨୬ ଆୟୋଜନ "ସଙ୍ଗ ସଙ୍ଗ ଚଲେଁ, ଆଗେ ବଢେଁ" (ସାଥୀ ହୋଇ ଚାଲିବା, ଆଗକୁ ବଢିବା) ବିଷୟବସ୍ତୁକୁ ନେଇ ବହତ୍ ଆକାରରେ କରାଯାଇଥିଲା। ଆସବାବପତ୍ର ଏବଂ ଇଣ୍ଟେରିଅର୍ ପରିବ୍ୟବସ୍ଥାର ମେରୁଦଣ୍ଡ ଭାବରେ ବଢେଇମାନଙ୍କୁ ସ୍ୱୀକାର କରି ଆହ୍ୱନ ଟେସା ବଢେଇ ଦିବସ ପାଳନକୁ କେବଳ ସ୍ୱୀକୃତି ଦିବସର ଊର୍ଦ୍ଧ୍ୱକୁ ଯାଇ ଏହି ଗୋଷ୍ଠୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ସମର୍ଥନ କରିବା ଉପରେ ଦୃଷ୍ଟିନିବଦ୍ଧ କରୁଥିବା ଏକ ପ୍ରୟାସରେ ପରିଣତ କରିଛି। ଚଳିତ ବର୍ଷ କମ୍ପାନୀ ପରିବାର କଲ୍ୟାଣ, ଶିକ୍ଷାଗତ ବୃତ୍ତି (ସ୍କଲାରସିପ୍), ଦକ୍ଷତା ବିକାଶ ଏବଂ ଦୁର୍ଘଟଣା ବୀମା ସୁରକ୍ଷା ଆଦି ଚାରିଟି ବୃହତ୍ କଲ୍ୟାଣକାରୀ କାର୍ଯ୍ୟକ୍ରମ ଆଣିଥିଲା।

## ବଡଚଣା ବ୍ଲକରେ ଭିଜିଲାନ୍ସ ଚଢ଼ାଉ

# ୩୫ ହଜାର ଲାଞ୍ଚ ନେଉଥିବା ବେଳେ ଜେଇ ବନ୍ଦୀତା ଦାସଙ୍କୁ ଧରିଲା ଭିଜିଲାନ୍ସ

ଚଣ୍ଡିଖୋଲ, (ସବ୍ୟୁ) ଯାଜପୁର ଜିଲ୍ଲାର ବଡଚଣା ବ୍ଲକରେ ସୋମବାର ଦିନ କଟକ ଭିଜିଲାନ୍ସର ୮ଜଣିଆ ଟିମ ଚଢାଉ କରି ଏକ ଉନ୍ନୟନ କାର୍ଯ୍ୟର ବିଲପାସ କରିବା ପାଇଁ ୩୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ବ୍ଲକର କନିଷ୍ଠ ଯନ୍ତ୍ରୀ ବନ୍ଦୀତା ଦାସଙ୍କୁ ଧରିଥିବା ଜଣାପଡିଛି। ଜନୈକ ଠିକାଦାର ତୁଷାର ବିଶ୍ୱାଳ ବଡଚଣା ବ୍ଲକର ଶାଳପଡା ପଞ୍ଚାୟତ ଅଧିନ ଏଣ୍ଡରପଦା ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ କରିଥିଲେ। ଏହି ପ୍ରକଳ୍ପର ଫାଇନାଲ ବିଲ କରିବା ଏବଂ ତାଙ୍କର ବ୍ଲକରେ ଗଚ୍ଛିତ ଥିବା ସିକ୍ୟୁରିଟ ଟଙ୍କା ରିଲିଜ ପାଇଁ ସେ ଜେଇ ବନ୍ଦୀତା ଦାସଙ୍କୁ ବାରମ୍ବାର ଅନୁରୋଧ କରିଥିଲେ। ହେଲେ ଜେଇ ଶ୍ରୀମତୀ ଦାସ ତାଙ୍କୁ ବାରମ୍ବାର ବ୍ଲକକୁ ଦୌଡାଇଥିଲେ ମଧ୍ୟ ବିଲପାସ ନକରି ସେଥିନେଇ ଅଧିକ ଲାଞ୍ଚ ଦାବି କରିଥିଲେ। ଯାହାକୁ ନେଇ ଠିକାଦାର ତୁଷାର ଭିଜିଲାନ୍ସ ର ଦ୍ୱାରସ୍ଥ ହୋଇଥିଲେ। ତେବେ ପୂର୍ବ ଯୋଜନା ମୁତାବକ ସୋମବାର ଅପରାହ୍ନରେ ଜେଇ ବନ୍ଦୀତା ବଡଚଣା ବ୍ଲକର ନିଜ କାର୍ଯ୍ୟାଳୟରେ ତୁଷାରଙ୍କ ଠାରୁ ଏହି ୩୫ ହଜାର ଟଙ୍କା ଲଞ୍ଚ ନେଉଥିବା ସମୟରେ ପୂର୍ବରୁ ସେଠାରେ ଛପି ରହିଥିବା ଭିଜିଲାନ୍ସ ଟିମ ଟଙ୍କା ସହିତ ଜେଇ ବନ୍ଦୀତାଙ୍କୁ କାବୁ କରିନେଇଥିଲେ। ଜେଇଙ୍କୁ କାବୁ କରିନେବା ପରେ ତାଙ୍କ ସହାୟକ ଶ୍ୟାମସୁନ୍ଦର ସେଠୀଙ୍କୁ ମଧ୍ୟ ଭିଜିଲାନ୍ସ ଟିମ ଅଟକ ରଖି ଉଭୟଙ୍କୁ ପଚରା ଉଚରା କରିବା ସହ ଜେଇଙ୍କ କାର୍ଯ୍ୟାଳୟରେ ଚଢାଉକରି ବହୁ ଗୁରୁତ୍ୱପୂର୍ଣ୍ଣ ନଥିପତ୍ର ଜବତ କରିଥିଲେ। ପରେ ଜେଇ ବନ୍ଦୀତା ଓ ତାଙ୍କ ସହାୟକ ଶ୍ୟାମସୁନ୍ଦରଙ୍କୁ ଭିଜିଲାନ୍ସ ଟିମ ଉଠାଇ ନେଇଥିବା ଜଣାପଡିଛି । ଏହି ଘଟଣା ପରେ ବଡଚଣା ବ୍ଲକ ଏବେ ଲାଞ୍ଚ ମିଛ ଓ ଦୁର୍ନୀତିର ଗନ୍ତାଘର ପାଲଟିଥିବା ଆଲୋଚନା ହେଉଛି।

## ବେଗୁନିଆରେ ଏଟିଏମ୍ ଭାଙ୍ଗି ଲୁଟ୍ ଘଟଣାର ପର୍ଦ୍ଦାଫାସ

# ୨୦ ହଜାର ଟଙ୍କା ସମେତ ଲୁହା ଶାବଳ ଓ ବାଇକ୍ ଜବତ; ୨ ଗିରଫ

ଖୋର୍ଦ୍ଧା, (ସବ୍ୟୁ) : ବେଗୁନିଆ ବଜାରସ୍ଥିତ ଆକ୍ସିସ ବ୍ୟାଙ୍କ ଏଟିଏମ୍ ଭାଙ୍ଗି ୨୮ ହଜାର ୩୦୦ ଟଙ୍କା ଲୁଟ୍ ଘଟଣାରେ ବେଗୁନିଆ ପୁଲିସ ଦୁଇଜଣ ଅଭିଯୁକ୍ତକୁ ଗିରଫ କରିବା ସହ ୨୦ ହଜାର ଟଙ୍କା ଜବତ କରିଛି। ଏଥିସହ ଏଟିଏମ୍ ଭାଙ୍ଗିବାରେ ବ୍ୟବହୃତ ଲୁହା ଶାବଳ, ଲାଲ୍ ରଙ୍ଗର ହେଲମେଟ୍ ଓ ଏକ ପଲସର-୨୨୦ ମୋଟରସାଇକେଲ୍‌କୁ ପୁଲିସ ଜବତ କରିଛି। ଗିରଫ ଦ୍ୱୟ ହେଲେ ସ୍ଥାନୀୟ ଡିଙ୍ଗର ରେ ରହୁଥିବା ପୁରୀ ଜିଲ୍ଲା ଟାଉନ ଥାନା ଅନ୍ତର୍ଗତ ଶ୍ରୀଦେବୀ ନଗର ର ବାଦଲ ସ୍ୱାଇଁ(୨୦) ଏବଂ ସେହି ଡିଙ୍ଗର ର ବିଭୁ ବେହେରା। ୨୧ ତାରିଖ ରାତିରୁ ୨୨ ତାରିଖ ଭୋର ମଧ୍ୟରେ ବେଗୁନିଆ ବଜାରସ୍ଥିତ ଆକ୍ସିସ ବ୍ୟାଙ୍କ ଏଟିଏମ୍‌କୁ ଦୁର୍ବୃତ୍ତମାନେ ଭାଙ୍ଗି ଟଙ୍କା ଲୁଟ୍ କରିଥିଲେ। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଭିଯୋଗ କ୍ରମେ ବେଗୁନିଆ ଥାନାରେ ୪୦୨/୨୬ରେ ଏକ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ ଧରିବା ଲାଗି ଏସପି ପରମାର ସ୍ମିଥ୍ ପର୍ଶୋତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ପଙ୍କଜ ମାଝୀ ଓ ଥାନା ଅଧିକାରୀ ସୁକାନ୍ତ ଦଳେଇଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଘଟଣାର ତଦନ୍ତ ବେଳେ ପ୍ରଥମେ ବାଦଲ କୁ ଚିହ୍ନଟ କରି ଧରିଥିଲା। ତାକୁ ପଚରାଉଚରା ପରେ ଏହି ଘଟଣାରେ ବିଭୁ ର ସମ୍ପୃକ୍ତି ଥିବା ଜଣାପଡିବାରେ ତାକୁ ମଧ୍ୟ ପୁଲିସ ଗିରଫ କରିଛି। ବାଦଲ ନିକଟରୁ ପୁଲିସ ଲୁଟ୍ ଟଙ୍କାରୁ ୨୦ ହଜାର ଟଙ୍କା ଜବତ କରିଛି। ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ, ଗତ ୨୪/୨୫ ରାତିରେ ବେଗୁନିଆସ୍ଥିତ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏଟିଏମ୍ ଭାଙ୍ଗିବାକୁ ମଧ୍ୟ ଅଭିଯୁକ୍ତମାନେ ଉଦ୍ୟମ କରିଥିଲେ। ମାତ୍ର ପିସିଆର ପାଟ୍ରୋଲିଂ ଗାଡ଼ିକୁ ଦେଖି ସେମାନେ ଘଟଣାସ୍ଥଳରୁ ପଳାଇଥିବା ପୁଲିସ ପକ୍ଷରୁ କୁହାଯାଇଛି। ଏହି ମାମଲା ର ତଦନ୍ତ ଏସ୍‌ଆଇ ଦେବାଶିଷ ସ୍ୱାଇଁ କରୁଥିବାବେଳେ ଗତରଫ ଦ୍ୱୟଙ୍କୁ ପୁଲିସ ଆଜି କୋର୍ଟ ଚାଲାଣ କରିଛି।



## ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନୀ ମାମଲା ଡକ୍ୟୁମେଣ୍ଟ ଯାଞ୍ଚ ସମୟରେ ରିଟର୍ଣ୍ଣିଂ ଅଫିସର ଉପସ୍ଥିତ ରହିବେ

କଟକ,(ସବ୍ୟୁ): ଭୁବନେଶ୍ୱର ବିଧାନସଭା ନିର୍ବାଚନୀ ମାମଲାରେ ଡକ୍ୟୁମେଣ୍ଟ ଯାଞ୍ଚ ସମୟରେ ରିଟର୍ନିଙ୍ଗ ଅଫିସର ତଥା ଖୋର୍ଦ୍ଧା ଉପ ଜିଲ୍ଲାପାଳ ଉପସ୍ଥିତ ରହିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଡକ୍ୟୁମେଣ୍ଟ ଯାଞ୍ଚ କାର୍ଯ୍ୟ ଆସନ୍ତା ଅକ୍ଟୋବର ୭ରୁ ୧୪ ତାରିଖ ମଧ୍ୟରେ କରାଯିବ। ଯେଉଁସବୁ ଡକ୍ୟୁମେଣ୍ଟ ରହିଛି ସେସବୁକୁ ପୃଥକ କରିବା ତଥା ଚିହ୍ନଟ କରିବାରେ ଉପ ଜିଲ୍ଲାପାଳ ସାହାଯ୍ୟ କରିବେ। ଗୋରାଚାନ୍ଦ ମଙ୍ଗରାଜଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ଆଦେଶ ଦେଇଛନ୍ତି। ଭୁବନେଶ୍ୱର ମଧ୍ୟ ବିଧାନସଭା ନିର୍ବାଚନୀ ମାମଲାରେ ଆବେଦନକାରୀ ଶ୍ରୀ ମଙ୍ଗରାଜ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ବିରୋଧରେ ଏହି ନିର୍ବାଚନୀ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ନିର୍ବାଚନୀ ସଂକ୍ରାନ୍ତ ଡକ୍ୟୁମେଣ୍ଟ ଯୋଗାଇ ଦେବାକୁ ଆବେଦନକାରୀଙ୍କ ପକ୍ଷରୁ ପ୍ରାର୍ଥନା କରାଯାଇଥିଲା। ଅଦାଲତ ମଧ୍ୟ ଏଥିପାଇଁ ଅନୁମତି ପ୍ରଦାନ କରିଥିଲେ। କିନ୍ତୁ ବହୁ ପରିମାଣର ଡକ୍ୟୁମେଣ୍ଟ ଥିବାରୁ ଏହାର ଯାଞ୍ଚ ସମୟରେ ରିଟର୍ଣ୍ଣିଙ୍ଗ ଅଫିସରଙ୍କ ଉପସ୍ଥିତି ଆବଶ୍ୟକ ଦର୍ଶାଇ ଆବେଦନକାରୀଙ୍କ ପକ୍ଷରୁ ଅଦାଲତରେ ଆଉ ଏକ ଅନ୍ତରୀଣ ପିଟିସନ୍ ରୁଜୁ କରାଯାଇଥିଲା। ହାଇକୋର୍ଟ ଏହି ଅନ୍ତରୀଣ ପିଟିସନ୍‌କୁ ବିଚାର ପାଇଁ ଗ୍ରହଣ କରି ଡକ୍ୟୁମେଣ୍ଟ ଯାଞ୍ଚ ସମୟରେ ରିଟର୍ଣ୍ଣିଙ୍ଗ ଅଫିସର ଉପସ୍ଥିତ ରହିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି।

## ଯେତେବେଳେ ହୃଦୟ ଅପେକ୍ଷା କରେନାହିଁ

WORLD HEART DAY 29 SEP
CARE HOSPITALS

**କେୟାର ହସ୍ପିଟାଲ୍ସ (CARE Hospitals), ଭୁବନେଶ୍ୱର ତରଫରୁ ବିଶ୍ୱ ହୃଦୟ ଦିବସର ଏକ ବିଶେଷ ବାର୍ତ୍ତା**



ତାଙ୍କୁ ମାତ୍ର ବତିରିଶ ବର୍ଷ ହୋଇଥିଲା । ଗତ ଶୀତଦିନେ ସେ ଭୁବନେଶ୍ୱରରେ ଏକ ହାଫ୍-ମାରାଥନ୍ (Half-marathon) ଦୌଡ଼ିଥିଲେ । ଭୁବନେଶ୍ୱର ମଙ୍ଗଳବାର ସକାଳେ, ଦ୍ୱିତୀୟ କପ୍ ଚା' ପିଇ ପିଇ ସେ ତାଙ୍କ ସାଙ୍କୁ କହିଲେ ଯେ ତାଙ୍କ ଛାତି ଭାରି ଭାରି ଲାଗୁଛି ଏବଂ ବୋଧହୁଏ ଗତକାଲି ରାତିର ପୁରୀ ଖାଇବା ଯୋଗୁଁ ଏମିତି ଗ୍ୟାସ୍ ହେଉଛି ।

କିନ୍ତୁ ତାହା ପୁରୀ ଖାଇବା ଯୋଗୁଁ ନଥିଲା । ତାଙ୍କ ଜୀବନ ବଞ୍ଚାଇଥିବା ଜିନିଷଟି ଭାଗ୍ୟ ନଥିଲା । ତାହା ଥିଲା ଘରର ଜଣେ ସଦସ୍ୟଙ୍କ ସେହି ଶବ୍ଦ— 'ଚାଲ,'ଅପେକ୍ଷା କରି ଦେଖିବା' ବଦଳରେ ଏବେ ହିଁ ହସ୍ପିଟାଲ୍ ଯିବା । 'ଚାଳିଶ ମିନିଟ୍ ପରେ ସେ କେୟାର ହସ୍ପିଟାଲ୍ସର କ୍ୟାଥ୍ ଲ୍ୟାବ୍ (Cath lab) ଟେବୁଲ୍‌ରେ ଥିଲେ । ଆଜି ସେ ନିଜ ଝିଅକୁ ହାତ ଧରି ସ୍କୁଲ୍‌କୁ ନେଇଯାଆନ୍ତି ।

ଆମେ ୨୦୦୭ ମସିହାରୁ ବିଭିନ୍ନ ରୂପରେ ଏହି କାହାଣୀ କହିଆସୁଛୁ ।

**ଓଡ଼ିଶା ଦେଇଥିବା ଏକ ବିଶ୍ୱାସର ପ୍ରତିଶ୍ରୁତି:**

ଯେତେବେଳେ ଭୁବନେଶ୍ୱରରେ କେୟାର ହସ୍ପିଟାଲ୍ସ ଆରମ୍ଭ ହୋଇଥିଲା, ସେତେବେଳେ ନିଜ ଘର ପାଖରେ ମିଳିପାରୁଥିବା ଚିକିତ୍ସା ପାଇଁ ବି ପରିବାରଗୁଡ଼ିକୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା ସେହି ସ୍ଥିତି ବଦଳିଗଲା । କୌଣସି ଗୋଟିଏ ମେସିନ୍ ଯୋଗୁଁ ନୁହେଁ, ବରଂ କଟକ, ପୁରୀ, ସମ୍ବଲପୁର, ବାଲେଶ୍ୱର, ରାଉରକେଲା, ଅନୁଗୋଳ ଏବଂ ଏହାର ଗାଁଗୁଡ଼ିକରୁ ଆସିଥିବା ହଜାର ହଜାର ପରିବାର ଆମ ଉପରେ, ଆମ ଚିକିତ୍ସା ଉପରେ ସେମାନଙ୍କ ପ୍ରିୟଜନଙ୍କ ଜୀବନ ନ୍ୟସ୍ତ କରିବାକୁ ନିଷ୍ପତ୍ତି ନେଲେ । ସେହି ବିଶ୍ୱାସ ହିଁ ଆମର ସବୁଠାରୁ ବଡ଼ ସଂପତ୍ତି ।

**ବୟସର ସେହି ନିୟମ, ଯାହା ଏବେ ବଦଳିଯାଇଛି:**

ଏପରି ଏକ ସମୟ ଥିଲା ଯେତେବେଳେ ଜଣେ ହୃଦ୍‌ରୋଗ ବିଶେଷଜ୍ଞ କହିପାରୁଥିଲେ ଯେ ହୃଦ୍‌ରୋଗ କେବଳ ଷାଠିଏ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ଲୋକଙ୍କୁ ହୋଇଥାଏ । ସେହି କଥାଟି ଏବେ ଚୁପଚାପ୍ ଭୁଲ୍ ସାବ୍ୟସ୍ତ ହୋଇସାରିଛି । ଆମେ ଏବେ କୋଡ଼ିଏରୁ ତିରିଶ ବର୍ଷ ବୟସ ମଧ୍ୟରେ ଥିବା ଯୁବକଯୁବତୀଙ୍କ ଧମନୀରେ ବି ବ୍ଲକେଜ୍ (Blockage) ଦେଖୁଛୁ— ଆଇଟି ପେଶାଦାର, ଦୋକାନୀ, ଏବଂ ଜୀବନସାରା କେବେ ବି ସିଗାରେଟ୍ ଟାଣିନଥିବା ଯୁବତୀମାନଙ୍କ କ୍ଷେତ୍ରରେ ବି ଏହା ଦେଖିବାକୁ ମିଳୁଛି ।

ଆମର ବରିଷ୍ଠ ନାଗରିକମାନଙ୍କ ପାଇଁ ଏହି ବିପଦ ସ୍ୱାଭାବିକ ଭାବେ ଆସିଥାଏ । ସିଡ଼ି ଚଢ଼ିଲା ବେଳେ ଶ୍ୱାସକ୍ରିୟାରେ କଷ୍ଟ, ଅସ୍ୱାଭାବିକ କ୍ଲାନ୍ତି, କିମ୍ବା ଗ୍ୟାସ୍, ବୟସ ଓ ପାଣିପାଗକୁ ଦାୟୀ କରି ଏଡ଼ାଇ ଦିଆଯାଉଥିବା ସାମାନ୍ୟ ଅସୁସ୍ଥତା । ଦୟାକରି ଏହାକୁ ସାଧାରଣ ଭାବି ନିଜ ସ୍ୱାସ୍ଥ୍ୟ ପରୀକ୍ଷାକୁ ଡେରି ଯାଆନ୍ତୁ ନାହିଁ ।

**ହୃଦୟର ସମସ୍ତ ଚିକିତ୍ସା, ଗୋଟିଏ ଛାତ ତଳେ:**

ଆମର 'ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ କାର୍ଡିଆକ୍ ସାଇନ୍ସେସ୍' (Centre of Excellence in Cardiac Sciences) ବୟସ୍କ ଏବଂ ଶିଶୁମାନଙ୍କ ହୃଦ୍‌ରୋଗର ସଂପୂର୍ଣ୍ଣ ଚିକିତ୍ସା ସେବା ଯୋଗାଇଥାଏ:

ଜରୁରୀକାଳୀନ ଚିକିତ୍ସା (Emergency intervention) — ହୃଦଘାତ (Heart attack) ପାଇଁ ପ୍ରାଥମିକ ଆଞ୍ଜିଓପ୍ଲାଷ୍ଟି (Primary angioplasty) ଏବଂ ୨୪ ଘଣ୍ଟା କ୍ୟାଥ୍ ଲ୍ୟାବ୍ ପ୍ରସ୍ତୁତି ।

କୋରୋନାରୀ କେୟାର (Coronary care) — ଆଞ୍ଜିଓଗ୍ରାଫି, ଆଞ୍ଜିଓପ୍ଲାଷ୍ଟି, ଷ୍ଟେଣ୍ଟିଂ ଏବଂ ଜଟିଳ ଓ ଉଚ୍ଚ-ବିପଦପୂର୍ଣ୍ଣ ପିସିଆଇ (PCI) ।

ହୃଦ୍‌ରୋଗ ଶଲ୍ୟଚିକିତ୍ସା (Cardiac surgery) — ବାଇପାସ୍ ସର୍ଜରୀ (CABG), ବିଟିଂ-ହାର୍ଟ (Beating-heart) ଏବଂ ମିନିମାଲି ଇନଭେସିଭ୍ (Minimally invasive) ପ୍ରକ୍ରିୟା ।

ଭାଲ୍ଭ ଚିକିତ୍ସା (Valve care) — ଭାଲ୍ଭ ମରାମତି ଓ ପ୍ରତିରୋପଣ, ବାଲୁନ୍ ଭାଲ୍ଭୁଲୋପ୍ଲାଷ୍ଟି, ଟାଭି ।

ହୃଦ୍‌ସ୍ପନ୍ଦନ ସମ୍ବନ୍ଧୀୟ ସମସ୍ୟା (Rhythm disorders) — ପେସ୍‌ମେକର, ICD ଏବଂ CRT ଇମ୍ପ୍ଲାଣ୍ଟେସନ୍, EP ଷ୍ଟଡି ଏବଂ କର ଆବ୍ଲେସନ୍ ।

ଗଠନମୂଳକ ଓ ଶିଶୁ ହୃଦ୍‌ରୋଗ ଚିକିତ୍ସା (Structural and paediatric heart care) — ASD, VSD ଏବଂ PDA ପାଇଁ ଡିଭାଇସ୍ କ୍ଲୋଜର, ଜନ୍ମଗତ ହୃଦ୍‌ରୋଗର ସଂଶୋଧନ ।

ହାର୍ଟ ଫେଲ୍ୟୁଅର ଏବଂ ପ୍ରତିଷେଧକ କାର୍ଡିଓଲୋଜି (Heart failure and preventive cardiology) — ସ୍ୱତନ୍ତ୍ର କ୍ଲିନିକ୍, କାର୍ଡିଆକ୍ ରିହାବିଲିଟେସନ୍, ଏକ୍ଜିକ୍ୟୁଟିଭ୍ ହାର୍ଟ ସ୍କ୍ରିନିଂ ।

**ସମୟ କାହିଁକି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ:**

ହୃଦ୍‌ରୋଗ ସମ୍ବନ୍ଧୀୟ ଆପାତକାଳୀନ ସ୍ଥିତି ପ୍ରଥମ ନବେ ମିନିଟ୍ ମଧ୍ୟରେ ହିଁ ନିର୍ଣ୍ଣୟ ହୋଇଥାଏ । ସେଥିପାଇଁ ଏଠାରେ ୧୦ ରୁ ଅଧିକ ବରିଷ୍ଠ ବିଶେଷଜ୍ଞ ଡାକ୍ତର ବର୍ଷର ୩୬୫ ଦିନ ୨୪ ଘଣ୍ଟା ଉପଲବ୍ଧ ରହନ୍ତି । ଘରେ ରହି ଫୋନ୍ କଲ୍‌ରେ ନୁହେଁ, ବରଂ ହସ୍ପିଟାଲ୍‌ରେ ଉପସ୍ଥିତ ରହନ୍ତି । ଯେତେବେଳେ ଗୋଟିଏ ପରିବାର ରାତି ଦୁଇଟାରେ କୌଣସି ଛୋଟ କ୍ଲିନିକ୍‌ର ଇସିଜି (ECG) ରିପୋର୍ଟ ଧରି ଆସିଥାଏ, ସେତେବେଳେ ଜଣେ ବରିଷ୍ଠ ଡାକ୍ତର ଆଗେଇ ଆସି ସେମାନଙ୍କୁ ସାହାଯ୍ୟ କରିବା ଉଚିତ୍ ।

**ଏହି ବିଶ୍ୱ ହୃଦୟ ଦିବସରେ, ଗୋଟିଏ ଛୋଟ କାମ କରନ୍ତୁ:**

ଯେଉଁ ସ୍ୱାସ୍ଥ୍ୟ ପରୀକ୍ଷାକୁ ଆପଣ ଏଡ଼ାଇ ଆସୁଛନ୍ତି, ତାହା ଆଜି ହିଁ ବୁକ୍ କରନ୍ତୁ । ଆପଣଙ୍କ ବାପା-ମା' ଶେଷଥର କେବେ ଲିପିଡ୍ ପ୍ରୋଫାଇଲ୍ (Lipid profile) ପରୀକ୍ଷା କରିଥିଲେ ପଚାରନ୍ତୁ । ଆପଣଙ୍କ ହୃଦୟ ଗୋଟିଏ ଦିନ ବି ଛୁଟି ନନେଇ ଆପଣଙ୍କ ପାଇଁ କାମ କରିଚାଲିଛି । ତା'ର ଯତ୍ନ ନେଇ ଏହି ଋଣ ସୁଝନ୍ତୁ ।

କେୟାର ହସ୍ପିଟାଲ୍ସ, ଭୁବନେଶ୍ୱର — ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ କାର୍ଡିଆକ୍ ସାଇନ୍ସେସ୍ । ୨୦୦୭ ମସିହାରୁ ଓଡ଼ିଶାବାସୀଙ୍କ ହୃଦୟର ଯତ୍ନ ନେଇଆସୁଛି ।

ADVT



‘ସମୟ’ କାର୍ଯ୍ୟାଳୟରେ ଇଷ୍ଟକୋଷ୍ଟ ରେଳବାଇର ମୁଖ୍ୟ ଲୋକସଂପର୍କ ଅଧିକାରୀ ଦୀପକ ରାଉତ ଓ ଲୋକସଂପର୍କ ଅଧିକାରୀ ମାନସ ଦଳାଇଙ୍କୁ ସମୟର ମୁଖ୍ୟ ସଂପାଦକ ଗୁରୁ କଲ୍ୟାଣ ମହାପାତ୍ର, ସାଧାରଣ ପରିଚାଳକ ପ୍ରଦୀପ୍ତ କୁମାର ଲେଙ୍କା ଜଗନ୍ନାଥଙ୍କ ତଥ୍ୟ ସମ୍ବଳିତ କଫିଟେବୁଲ୍ ପୁସ୍ତକ ଦୁଇଟି ଉପହାର ସ୍ୱରୂପ ଦେଉଛନ୍ତି । ନିକଟରେ ଉପସ୍ଥିତ ଅଛନ୍ତି ସମୟର ସଂପାଦକ ପପୁ ମହାନ୍ତି ।

### ସରକାରଙ୍କୁ ଘେରିଲେ ଭକ୍ତ ଓ ନରସିଂହ

# ଏମ୍ଏମ୍ଡିଆର-୨୬ ସଂଶୋଧନ ବିଲ ସୁପ୍ରିମକୋର୍ଟରେ ନିଶ୍ଚୟ କାଟ ଖାଇବ: ନରସିଂହ

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଇସି ଜ୍ଞାନେଶ କୁମାରଙ୍କ ଦୁର୍ନୀତି ଏବଂ ସ୍ପେଶାଲ ଇଣ୍ଟେନସିଭ ରିଭିଜନ ବ୍ୟବସ୍ଥାର ଯେଉଁ ଅନ୍ଧ ସମର୍ଥନ କରିଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ ଓ ହାସ୍ୟାସ୍ପଦ । ଓଡ଼ିଶା ମୁଖ୍ୟମନ୍ତ୍ରୀ ନିଜ ପଦବୀର ଗରିମା ଭୁଲି ନିର୍ବାଚନ କମିଶନଙ୍କ ସେହି ଦୁର୍ନୀତିଗ୍ରସ୍ତ ବ୍ୟବସ୍ଥାକୁ ସୁରକ୍ଷା ଦେଉଛନ୍ତି ଯାହା ଭାରତୀୟ ସମ୍ବିଧାନକୁ ବିପନ୍ନ କରିଛି । ମୁଖ୍ୟମନ୍ତ୍ରୀଙ୍କ ଏହି ଅଯୌକ୍ତିକ ବକ୍ତବ୍ୟକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରୁଛି ବୋଲି ସୋମବାର କଂଗ୍ରେସ ଭବନରେ ପିସିସି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ।




ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର କହିଲେ, ୨ ଦଶନ୍ଧି ପୂର୍ବେ ଓଡ଼ିଶା ସେସ ଆକଟ ତିଆରି କରିଥିଲେ, ଯାହା ସୁପ୍ରିମକୋର୍ଟରେ ଖାରଜ ହୋଇଥିଲା । କାରଣ ସେଇ ଅଧିକାର ରାଜ୍ୟ ସରକାରଙ୍କ ନ ଥିଲା । ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ମୁଁ ଆଇନମନ୍ତ୍ରୀ ଥିଲି । ସେତେବେଳେ ମତେ ଗୋଟିଏ ବିଲ ତିଆରି ଦାୟିତ୍ୱ ଦିଆଯାଇଥିଲା, ତାହା ହେଲା ଟ୍ୟାକ୍ସ ଅନ ମିନେରାଲ ବିୟରିଂ ଲ୍ୟାଣ୍ଡ । ବିଲ ଅନୁସାରେ ଜମି ଉପରେ ରାଜ୍ୟ ସରକାରଙ୍କ ସମ୍ପୂର୍ଣ୍ଣ କ୍ଷମତା ରହିବ ଖଣିଜ ଭରା ଜମି ଉପରେ । ବିଲର ମୂଳ ଅଂଶ ଥିଲା ଏହା । ଖଣିଜ ସମ୍ପଦ କହିଲେ ସିନା ବେଆଇନ ହେବ, କିନ୍ତୁ ନୂତନ ବ୍ୟବସ୍ଥା କରାଗଲା, ଯେଉଁ ଜମି ତଳେ ଖଣି ଅଛି ତା ଉପରେ ଟ୍ୟାକ୍ସ ନିଆଯିବ । ରାଜ୍ୟ ସରକାର ସୁପ୍ରିମ କୋର୍ଟକୁ ଗଲା, କିନ୍ତୁ ସରକାର ହାରିଗଲା । ପରେ ୧୫.୧.୨୦୦୪ ରେ ସୁପ୍ରିମକୋର୍ଟ ରାୟ ଦେଲେ ରାଜ୍ୟ ସରକାରଙ୍କ ଜମି ଉପରେ ଅଧିକାର ଅଛି ବୋଲି । ସେଇ ଅଧିକାର ଆମକୁ ମିଳିବା କଥା କିନ୍ତୁ ମିଳିଲା ନାହିଁ । ବର୍ତ୍ତମାନ ସୁପ୍ରିମ କୋର୍ଟ କହିଛନ୍ତି, ଯଦି ସେଇ ଆଇନ ଲାଗୁ କରାଯାଏ, ତେବେ ବର୍ଷକୁ ୧୨ ହଜାର କୋଟି ଟଙ୍କା ରାଜ୍ୟକୁ ଲାଭ ହେବ । ଟାଟା ଷ୍ଟିଲ ଅନୁସନ୍ଧାନ କରିଥିଲା, ଯାହା ପ୍ରାୟ ୧୭ ହଜାର କୋଟି ଟଙ୍କା କେନ୍ଦ୍ରାଧୀନ ସଂସ୍ଥା ଉପରେ ରାଜ୍ୟ ସରକାରଙ୍କ ରାଜସ୍ୱ ବାକିଆ ଅଛି, ଯାହା ମିଳିବା କଥା, କିନ୍ତୁ ମିଳିଲା ନାହିଁ । ଏବେ ପୁଣି ଏକ ନୂତନ ରାୟ ପ୍ରକାଶ ପାଇଛି ଯେ ମିନେରାଲ ବିୟରିଂ ଲ୍ୟାଣ୍ଡ ଉପରେ ସରକାର ଟିକସ ପକାଇ ପାରିବ, ଯେଉଁ ଦିନଠୁ ଦାବି ହୋଇଥିଲା, ସେଇ ଦିନଠାରୁ ହିସାବ ହୋଇ କେନ୍ଦ୍ର ରାଜ୍ୟକୁ ଦେବା କଥା ।

କେନ୍ଦ୍ର ସୁପ୍ରିମକୋର୍ଟକୁ କହିଲେ ଯଦି ଏକାଥରକେ ଏତେ ଅର୍ଥ ଦିଆଯିବ, ତେବେ କେନ୍ଦ୍ର ଦେବାଳିଆ ହୋଇଯିବ ଏବଂ ଆମେ ଏକସାଥିରେ ଏତେ ଟଙ୍କା ଦେଇ ପାରିବୁ ନାହିଁ । କେନ୍ଦ୍ର ସରକାର କିସ୍ତି ଆକାରରେ ଅର୍ଥପ୍ରଦାନ କରିବାକୁ ସୁପ୍ରିମ କୋର୍ଟଙ୍କ ନିକଟରେ ପ୍ରାର୍ଥନା କଲେ, ଯାହା ସୁପ୍ରିମକୋର୍ଟ ଗ୍ରହଣ କରିଥିଲା । ପରବର୍ତ୍ତୀ ସମୟରେ କେନ୍ଦ୍ର ଟିକସ ଦେବା କଥା ରାଜ୍ୟ ମାଗିବା କଥା, କିନ୍ତୁ ରାଜ୍ୟ ମାଗିଲା ନାହିଁ କିମ୍ବା କେନ୍ଦ୍ର ଦେଲା ନାହିଁ । ଫଳରେ ରାଜ୍ୟ ସରକାରଙ୍କ ବିପୁଳ କ୍ଷତି ହେଲା । ତେବେ ଏମଏମଡିଆର-୨୬ ସଂଶୋଧନ ବିଲ ସୁପ୍ରିମ କୋର୍ଟରେ ନିଶ୍ଚୟ କାଟ ଖାଇବ, ଏଥିରେ ସନ୍ଦେହ ନାହିଁ । ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ତିନି ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ ଓ ଦେବାଶିଷ ନାୟକ ତଥା କିଶାନ ସେଲ ଅଧ୍ୟକ୍ଷ ଅଭୟ ସାହୁ ଉପସ୍ଥିତ ଥିଲେ ।

# ମହାନଦୀବିହାରରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ

କଟକ, (ସ୍ୱପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ ମନ କି ବାତର ୧୩୮ ତମ ସଂସ୍କରଣକୁ ଅଧିକ ଲୋକାଭିମୁଖୀ କରିବାକୁ ବିଜେପି ନେତା ତଥା ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ଡ଼ଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ମହାନଦୀବିହାର ଶକ୍ତି କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶକ୍ତି କେନ୍ଦ୍ରର ପଦାଧିକାରୀ, ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ବୁଥର ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ । ଏହି ଅବସରରେ ମହାନଦୀବିହାର ଡେଭେଲପମେଣ୍ଟ ଆସୋସିଏସନ, ମହିଳାସମିତି, ବରିଷ୍ଠ ନାଗରିକ ମଞ୍ଚ, ପେନସନର୍ସ ଆସୋସିଏସନ, ଜଗନ୍ନାଥ ସାଂସ୍କୃତିକ ପରିଷଦ ସମେତ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ସେବାମୂଳକ ଅନୁଷ୍ଠାନର ପ୍ରତିନିଧି ଏବଂ ଗଣମାନ୍ୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଡଃ ବିଶ୍ୱାଳ କହିଲେଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଜରିଆରେ



ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ଯେପରି ସାର୍ବଜନନୀ କରାଇ ପ୍ରୋତ୍ସାହିତ କରୁଛନ୍ତି, ତାହା ସେମାନଙ୍କୁ ଆହୁରି ଅଧିକ କାର୍ଯ୍ୟ କରିବାକୁ ପ୍ରେରିତ କରୁଛି । ଯାହା ଆଗକୁ ଅନେକ ପ୍ରତିଭାଙ୍କ ଦକ୍ଷତା ବୃଦ୍ଧି କରିବ । ପ୍ରଧାନମନ୍ତ୍ରୀ ମୋଦୀ ଯେତେ ଅଧିକ ଦୀନ ପର୍ଯ୍ୟନ୍ତ ସକ୍ରିୟ ରହି ଏପରି କାର୍ଯ୍ୟକ୍ରମ ଜାରି ରଖିବେ ତାହା ଆମ ଦେଶର ଗୌରବ ବୃଦ୍ଧି କରିବା ସହିତ ପ୍ରଗତୀ ହେବ । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବିଜେପି କର୍ମକର୍ତ୍ତା ଓ ସ୍ଥାନୀୟ ଅଞ୍ଚଳବାସୀ ଯୋଗଦେଇ ମନ କି ବାତ ଶୁଣିଥିଲେ ।

# କଂଗ୍ରେସ ନେତୃତ୍ୱରେ ଇଣ୍ଡିଆ ବ୍ଲକର “ପରିବର୍ତ୍ତନ ରାଲି’ ଆଜି

ଭୁବନେଶ୍ୱର,(ସବ୍ୟୁ): ୨୯ ତାରିଖ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଲୋୟର୍ ପିଏମଜି ଠାରେ ଇଣ୍ଡିଆ ବ୍ଲକର ଦଳଗୁଡ଼ିକର ଆହ୍ୱାନରେ ଏକ ବିଶାଳ ଜନସମାବେଶ ଓ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଇଣ୍ଡିଆ ବ୍ଲକ୍ର ସମସ୍ତ ସହଯୋଗୀ ଦଳଗୁଡ଼ିକର ନେତୃବୃନ୍ଦ ଓ କର୍ମୀ ଏହି “ପରିବର୍ତ୍ତନ ରାଲି’ରେ ଯୋଗଦେଇ ଏମଏମଡିଆର ସଂଶୋଧିତ ଅଧିନିୟମ ରଦ୍ଦ, ସିଇସି ଜ୍ଞାନେଶ କୁମାରଙ୍କ ବହିଷ୍କାର ଓ ଗିରଫଦାରି ଦାବି ତଥା ଓଡ଼ିଶାର ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ସୂଚନା ଦେଇଛନ୍ତି ।

### ଓଡ଼ିଶା ଇଞ୍ଜିନିୟରିଂ ଛାତ୍ର ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

# ସହଯୋଗର ଆଶ୍ୱାସନା ଦେଲେ ମନ୍ତ୍ରୀ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ଇଞ୍ଜିନିୟରିଂ ଛାତ୍ର ସଂଘ (ଓଇଏସ୍ଏ) ର ପ୍ରଥମ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ଅଡିଟୋରିଅମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ଓ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉଦବୋଧନ ଦେଇଥିଲେ । ସେ କହିଥିଲେ, ଓଡ଼ିଶା ଇଞ୍ଜିନିୟରିଂ ଛାତ୍ର ସଂଘକୁ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସର୍ବଶ୍ରେଷ୍ଠ ମାଧ୍ୟମ କରିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ । ସମ୍ମାନିତ ଅତିଥି ଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଅରବିନ୍ଦ ମହାପାତ୍ର, ବିଭୂତି ଭୂଷଣ ପ୍ରଧାନ ଏବଂ କର୍ପୋରେଟର ଅମରେଶ ଜେନା ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ସଂଘର ଆବାହକ ସୁମନ ସାହୁ ଏବଂ ରାଜେଶ ପାଣିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହ-ଆବାହକ ଗୋପାଳ କୃଷ୍ଣ ସାହୁ ନବନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ । ଏହି ଅବସରରେ ସମେତ ୫ ଜଣ ଉପସଭାପତି, ସାଧାରଣ ସମ୍ପାଦକ ଭାବେ ଅଖିଳେଶ କୁମାର ସାହୁ,ସତ୍ୟଶ୍ରୀ ପରିବର୍ତ୍ତନ, ଜ୍ୟୋତି ପ୍ରଧାନ, ବିଶ୍ୱ ଚମ୍ପତିଙ୍କ ସମେତ ୫ ଜଣ,




ଓଡିଶା ଇଞ୍ଜିନିଅରିଂ ଛାତ୍ର ସଂଘର ପ୍ରଥମ ସଭାପତି ଭାବେ ଆଇଟିଆର କଲେଜର ଆର୍ଯ୍ୟନ ଦାସ, କାର୍ଯ୍ୟକାରୀ ସଭାପତି ଦୀପ୍ତି ପ୍ରସାଦ, ଉପସଭାପତି ଭାବେ ସୌରଭ ବିଶ୍ୱାଳ, ଅଙ୍କିତୟାଦବ, ଶକ୍ତି ସ୍ମାରକ ପ୍ରଧାନ , ପ୍ରତୀକ ବିଶ୍ୱାଳ, ସୋମେଶ ନାୟକଙ୍କ ସମ୍ପାଦକ ଭାବେ ଅଂଶୁମାନ କରନ, ଆୟୁଷ ରେଡ୍ଡୀ, ଅଂଶୁମାନ ପରିଜା ପ୍ରମୁଖ ନବ ନିର୍ବାଚିତ କାର୍ଯ୍ୟକର୍ତ୍ତା ଭାବରେ ନିର୍ବାଚିତ ହୋଇଛନ୍ତି । ଏହି ବୈଠକରେ ରାଜ୍ୟର ୩୦ରୁ ଉର୍ଦ୍ଧ୍ୱ ବୈଷୟିକ ଶିକ୍ଷାନୁଷ୍ଠାନରୁ ୬୦୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

### କୋଲକାତାରେ ଆୟୋଜିତ ନିବେଶକ ରୋଡ୍ଶୋ’ରେ

# ଅନୁଗୋଳ ଆଲୁମିନିୟମ ପାର୍କର ନିବେଶ ସୁଯୋଗ ପ୍ରଦର୍ଶନ କଲା ନାଲ୍କୋ

ଭୁବନେଶ୍ୱର, (ସବ୍ୟୁ): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ ସିପିଏସ୍ଇ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍କୋ), ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ (ଇଡ୍କୋ) ସହଯୋଗରେ ଆଜି କୋଲକାତାରେ ଅନୁଗୋଳ ଆଲୁମିନିୟମ ପାର୍କ ଉପରେ ଏକ ରୋଡ୍ଶୋ’ ଆୟୋଜନ କରିଛି । ଏହାର ଉଦ୍ଦେଶ୍ୟ ହେଉଛି ଡାଉନଷ୍ଟ୍ରିମ୍ ଏବଂ ଉଚ୍ଚ ମାନର ଆଲୁମିନିୟମ ସାମଗ୍ରୀ ଉତ୍ପାଦନ କ୍ଷେତ୍ରରେ ଥିବା ନିବେଶ ସୁଯୋଗଗୁଡ଼ିକୁ ସାମ୍ନାକୁ ଆଣିବା । କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଏହି ଉଦ୍ଘାଟନୀ ଅଧିବେଶନରେ ଯୋଗ ଦେଇଥିଲେ । ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସଚିବ କେଶବ ଚନ୍ଦ୍ର (ଆଇଏଏସ୍), ନାଲ୍କୋର ସିଏମ୍ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଇଡ୍କୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ଏବଂ ଆସୋଚାମ୍ର ସହ-ଅଧ୍ୟକ୍ଷ ସଞ୍ଜୀବ କୁମାର ପାଟୱାରୀ ପ୍ରମୁଖ ବିଶିଷ୍ଟ ଅତିଥି ଭାବରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ନାଲ୍କୋର ନିର୍ଦ୍ଦେଶକ (ପ୍ରକଳ୍ପ ଓ ବୈଷୟିକ) ଜଗଦୀଶ ଆରୋରା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ନିବେଶକ-ଅନୁକୂଳ ପରିବେଶର ଫାଇଦା ଉଠାଇବାକୁ ନିବେଶକମାନଙ୍କୁ ଆହ୍ୱାନ ଜଣାଇଥିଲେ




। ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିଶନ ରେଡ୍ଡୀ କହିଥିଲେ ଯେ, ଦେଶର ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ଏବଂ ଏକ ଆତ୍ମନିର୍ଭର ଭାରତ ଗଠନ କରିବା ନେଇ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନ ଅନୁଯାୟୀ, ଆଲୁମିନିୟମ - ଯାହାକି ‘ସବୁଜ ଧାତୁ’ ଏବଂ ‘ଭବିଷ୍ୟତର ଧାତୁ’ ଭାବେ ପରିଚିତ - ତାହା ଆତ୍ମନିର୍ଭର ଭାରତ ଯାତ୍ରାର କେନ୍ଦ୍ରବିନ୍ଦୁ ପାଲଟିଛି । ସେ କହିଥିଲେ, “ଭାରତରେ ପର୍ଯ୍ୟାପ୍ତ ଉତ୍ପାଦନ କ୍ଷମତା ଥାଇ ମଧ୍ୟ ବର୍ତ୍ତମାନ ପ୍ରାୟ ୪ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଉଚ୍ଚ ମାନର ଆଲୁମିନିୟମ ଉତ୍ପାଦ ବିଦେଶରୁ ଆମଦାନୀ କରାଯାଉଛି । ଉତ୍ପାଦନ ବୃଦ୍ଧି, ଅଧିକ ମୂଲ୍ୟ ବୃଦ୍ଧି ଏବଂ ଏକ ମଜଭୁତ ଡାଉନଷ୍ଟ୍ରିମ୍ ଶିଳ୍ପ ବ୍ୟବସ୍ଥା ଗଠନ ମାଧ୍ୟମରେ ଏହି ବ୍ୟବଧାନକୁ ଦୂର କରିବା ଆମର ମୁଖ୍ୟ ପ୍ରାଥମିକତା ।” ଏହି ପ୍ରସ୍ତାବିତ ଆଲୁମିନିୟମ ଶିଳ୍ପ ପଦକ୍ଷେପ ନିବେଶକ ତଥା ଶିଳ୍ପଗୁଡ଼ିକ ପାଇଁ ସେମାନଙ୍କ କାର୍ଯ୍ୟକଳାପ ସ୍ଥାପନ ଓ ସମ୍ପ୍ରସାରଣ କରିବା, ନୂତନ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା, ରୋଜଗାର ସୃଷ୍ଟି କରିବା ଏବଂ ଭାରତର ଆଲୁମିନିୟମ ଶିଳ୍ପ ଶୃଙ୍ଖଳାକୁ ମଜଭୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେବ ।

ଏହି ଅବସରରେ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟର ସଚିବ କେଶବ ଚନ୍ଦ୍ର ବକ୍ତବ୍ୟ ରଖି କହିଥିଲେ ଯେ, ଆଲୁମିନିୟମ କ୍ଷେତ୍ର କେବଳ ପ୍ରାଥମିକ ଉତ୍ପାଦନ ମଧ୍ୟରେ ସୀମିତ ନ ରହି ଉଚ୍ଚ ମୂଲ୍ୟଯୁକ୍ତ ତଥା ଉନ୍ନତ ମାନର ଫିନିସିଂ ସାମଗ୍ରୀ ତିଆରି ଦିଗରେ ଆଗେଇବା ଆବଶ୍ୟକ । ନାଲ୍କୋର ସିଏମ୍ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସୁଯୋଗଗୁଡ଼ିକୁ ସାର୍ଥକ ଶିଳ୍ପ ଭାଗୀଦାରୀରେ ପରିଣତ କରିବା ଏବଂ ଅନୁଗୋଳରେ ନାଲ୍କୋର କାର୍ଯ୍ୟକ୍ଷମତା ଚାରିପାଖରେ ଏକ ସୁଦୃଢ଼ ଓ ସମନ୍ୱିତ ଡାଉନଷ୍ଟ୍ରିମ୍ ଆଲୁମିନିୟମ ଶିଳ୍ପ ବ୍ୟବସ୍ଥା ଗଠନ କରିବା ଲାଗି ଅନୁଗୋଳ ଆଲୁମିନିୟମ ପାର୍କକୁ ଏକ ପ୍ରମୁଖ ମଞ୍ଚ ଭାବରେ ପ୍ରସ୍ତୁତ କରାଯାଇଛି । ସେ କହିଥିଲେ ଯେ ଏହି ଅଞ୍ଚଳରେ ଆଲୁମିନିୟମ ଶିଳ୍ପର ବିକାଶ ଦିଗରେ ନାଲ୍କୋ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି, ଯାହା ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଏବଂ ଓଡ଼ିଶା ସରକାରଙ୍କ ନିରନ୍ତର ସହଯୋଗ ଯୋଗୁଁ ହିଁ ସମ୍ଭବ ହୋଇପାରିଛି । ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ମହାସଂଘ (ଆସୋଚାମ୍) ସହଭାଗିତାରେ ନାଲ୍କୋ ଦ୍ୱାରା ଆୟୋଜିତ ଏହି ରୋଡ୍ଶୋ’ରେ ନୀତି ନିର୍ଦ୍ଧାରକ, ଶିଳ୍ପପତି ଏବଂ ସମ୍ଭାବ୍ୟ ନିବେଶକମାନେ ଏକାଠି ହୋଇ ଆଲୁମିନିୟମ ଆଧାରିତ ଉତ୍ପାଦନ ଶିଳ୍ପ ପ୍ରତିଷ୍ଠା ଓ ସମ୍ପ୍ରସାରଣର ସୁଯୋଗ ବିଷୟରେ ଆଲୋଚନା କରିଥିଲେ ।

# ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ ଜିଲ୍ଲାପାଳ ଅଫିସ ଘେରାଉ

ଖୋର୍ଦ୍ଧା, (ସବ୍ୟୁ): ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଭୋଟ ଚୋରି ଘଟଣାରେ ଭାରତର ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଖୋର୍ଦ୍ଧା ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଲେ ଯେ ଭାରତର ମୁଖ୍ୟ ନିର୍ବାଚନ କମିସନରଙ୍କ ଏକଚାଟିଆ ନିଷ୍ପତି ସମ୍ପର୍କରେ ଅନ୍ୟ ଦୁଇଜଣ କମିସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେମାନଙ୍କୁ ଗୁରୁତ୍ୱ ଦିଆଯାଇନଥିଲା। ତେଣୁ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ନହେବା ପର୍ଯ୍ୟନ୍ତ ଏହିଭଳି କାର୍ଯ୍ୟକ୍ରମ ଜାରୀ ରହିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। କାର୍ଯ୍ୟକ୍ରମ ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଶ୍ରୀ ପଟ୍ଟନାୟକ କଂଗ୍ରେସର ଏକ ପ୍ରତିନିଧି ଦଳ ଏକ ସ୍ମାରକପତ୍ର ଏଡିଏମଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ଦଳର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବରିଷ୍ଠ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ଚିଲିକା ବିଧାୟକ ପ୍ରାର୍ଥୀ ପ୍ରଦୀପ ସ୍ୱାଇଁ, ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀନୀ ସୋନାଲି ସାହୁ, ଜିଲ୍ଲା କୋଷାଧ୍ୟକ୍ଷ ତପନ ଚକ୍ରବର୍ତୀ, ବୁଲୁ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

### ସମ୍ ହସ୍ପିଟାଲରେ ନୂତନ ହୃଦ୍ ଚିକିତ୍ସା ଟିଏଭିଆର୍ ପଦ୍ଧତିରେ

# ୭୧ ବର୍ଷୀୟା ମହିଳାଙ୍କୁ ମିଳିଲା ନୂଆ ଜୀବନ

ଭୁବନେଶ୍ୱର, (ସବ୍ୟୁ): ତୀବ୍ର ହୃଦ୍ଯନ୍ତ୍ର ବିଫଳତାରେ ପୀଡ଼ିତା ଜଣେ ୭୧ ବର୍ଷୀୟା ମହିଳାଙ୍କ ଠାରେ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ର ହୃଦ୍ରୋଗ ବିଶେଷଜ୍ଞ ଓ ହୃଦ୍ଶଲ୍ୟ ଚିକିତ୍ସକଙ୍କୁ ନେଇ ଗଠିତ ଏକ ଏକ



ବହୁବିଭାଗୀୟ ଟିମ୍ ସଫଳତାର ସହ ଟ୍ରାନ୍ସକ୍ୟାଥେଟର ଏଓର୍ଟିକ୍ ଭାଲ୍ଭ ରିପ୍ଲେସମେଂଟ (ଟିଏଭିଆର) ପଦ୍ଧତିରେ ସଫଳ ଚିକିତ୍ସା କରିଛନ୍ତି। ଏହି ଅତ୍ୟାଧୁନିକ ଓ ସର୍ବନିମ୍ନ ଆକ୍ରମଣାତ୍ମକ ଚିକିତ୍ସା ପଦ୍ଧତି ଓପନ୍ ହାର୍ଟ ସର୍ଜରୀ କରିବା ସମ୍ଭବ ନଥିବା ରୋଗୀଙ୍କ ପାଇଁ ଏକ ବିକଳ୍ପ ଭାବେ ସହାୟକ ହୋଇପାରେ। କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମିଳା ମହାରଣାଙ୍କୁ ତିନି ସପ୍ତାହ ପୂର୍ବେ ସମ୍ ହସ୍ପିଟାଲ୍ରେ ଭର୍ତି କରାଯାଇଥିଲା। ତାଙ୍କ ଠାରେ ଅତ୍ୟନ୍ତ ଗୁରୁତର ଏଓର୍ଟିକ୍ ଷ୍ଟେନୋସିସ୍ ବା ହୃଦୟର ମୁଖ୍ୟ ଭାଲ୍ଭ ସଙ୍କୁଚିତ ହୋଇଯାଇଥିଲା ବୋଲି ଜଣାପଡ଼ିଥିଲା। ଫଳରେ ତାଙ୍କର ହୃଦୟ ମାତ୍ର ପ୍ରାୟ ୨୦ରୁ ୩୦ ପ୍ରତିଶତ କ୍ଷମତାରେ କାର୍ଯ୍ୟ କରୁଥିଲା ଏବଂ ରକ୍ତଚାପ ମଧ୍ୟ ଅତ୍ୟନ୍ତ କମ୍ ରହିଥିଲା ବୋଲି ହସ୍ପିଟାଲ୍ର ହୃଦ୍ରୋଗ ବିଭାଗ ମୁଖ୍ୟ ପ୍ରଫେସର (ଡାକ୍ତର) ସୁରେଶ କୁମାର ବେହେରା ସୋମବାର କହିଛନ୍ତି। ରୋଗୀଙ୍କ ଗୁରୁତର ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ପାରମ୍ପରିକ ଓପନ୍ ହାର୍ଟ ସର୍ଜରୀ ପରିବର୍ତେ ପର୍କ୍ୟୁଟାନିଅସ୍ ଟ୍ରାନ୍ସକ୍ୟାଥେଟର ଏଓର୍ଟିକ୍ ଭାଲ୍ଭ ରିପ୍ଲେସମେଂଟ କରିବାକୁ ନିଷ୍ପତି ନିଆଯାଇଥିଲା । ‘ଟିଏଭିଆର ଏକ ଅତ୍ୟାଧୁନିକ ପଦ୍ଧତି। ଏଥିରେ ଛାତିରେ କୌଣସି ବଡ଼ କ୍ଷତ ସୃଷ୍ଟି ନକରି ଜଙ୍ଘର ଧମନୀ (ଫେମୋରାଲ୍ ଆର୍ଟେରୀ) ଦେଇ ଏକ ନୂଆ ହୃଦୟ ଭାଲ୍ଭ ସ୍ଥାପନ କରାଯାଏ’ ବୋଲି ହୃଦ୍ରୋଗ ବିଭାଗର ସହକାରୀ ପ୍ରଫେସର ଡାକ୍ତର ଜ୍ଞାନ ରଞ୍ଜନ ନାୟକ କହିଥିଲେ। ଚିକିତ୍ସା ପରେ ରୋଗୀ ଦୁଇରୁ ତିନି ଦିନ ମଧ୍ୟରେ ଚଲାବୁଲା କରିପାରିଥିଲେ ଏବଂ ପରେ ତାଙ୍କୁ ହସ୍ପିଟାଲ୍ରୁ ଡିସ୍ଚାର୍ଜ କରାଯାଇଥିଲା।

# ଡକାୟତି ଯୋଜନା! ୪ ଗିରଫ, ଜଣେ ନାବାଳକ ଧରାପଡ଼ିଲା

ପୁରୀ, (ସବ୍ୟୁ): ପୁରୀ ତାଳବଣିଆ ଥାନା ପୁଲିସ ଏକ ଡକାୟତି ଯୋଜନାକୁ ପଣ୍ଡ କରି ୪ ଜଣଙ୍କୁ ଗିରଫ କରିବା ସହ ଜଣେ ନାବାଳକଙ୍କୁ ଧରିଛି । ତାଳବଣିଆ ଥାନା କେସ୍ ନଂ-୨୭୮, ତାରିଖ ୨୬.୦୯.୨୦୨୬ରେ ବିଏନ୍ଏସ୍ର ଧାରା ୩୧୦(୪), ୩୧୦(୫) ଓ ୧୧୧(୪) ଅନୁଯାୟୀ ମାମଲା ରୁଜୁ ହୋଇଛି । ପୁଲିସର ପ୍ରେସ୍ ନୋଟ୍ ଅନୁଯାୟୀ, ୨୬ ତାରିଖ ରାତି ପ୍ରାୟ ୧୦ଟା ୩୦ରେ ତାଳବଣିଆ କେନ୍ଦ୍ରୀୟ ବିଦ୍ୟାଳୟ ପଛପଟେ ୪ରୁ ୫ ଜଣ ସନ୍ଦିଗ୍ଧ ବ୍ୟକ୍ତି ଏକତ୍ରିତ ହୋଇ ଅପରାଧ ଯୋଜନା କରୁଥିବା ନେଇ ପାଟ୍ରୋଲିଂରେ ଥିବା ପୁଲିସକୁ ସୂଚନା ମିଳିଥିଲା । ଏହି ଦଳ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କୁ ଡକାୟତି କରିବା ଯୋଜନା କରୁଥିବା ନେଇ ସୂଚନା ମିଳିଥିଲା । ସୂଚନା ଆଧାରରେ ଏସ୍ଆଇ ଗଣେଶ ଚନ୍ଦ୍ର ଘଡ଼େଇଙ୍କ ନେତୃତ୍ୱରେ ପୁଲିସ ଟିମ୍ ଘଟଣାସ୍ଥଳରେ ଚଢ଼ଉ କରିଥିଲା । ପୁଲିସକୁ ଦେଖି ସନ୍ଦିଗ୍ଧମାନେ ଘଟଣାସ୍ଥଳରୁ ଖସିଯିବାକୁ ଉଦ୍ୟମ କରିଥିଲେ । ପୁଲିସ ପିଛା କରି ୫ ଜଣଙ୍କୁ କାବୁ କରିଥିବା ବେଳେ ଜଣେ ଖସିଯିବାରେ ସକ୍ଷମ ହୋଇଥିଲା । ଗିରଫ ଅଭିଯୁକ୍ତମାନେ ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଜିଲ୍ଲା ଡେବ୍ରା ଥାନା ଅଞ୍ଚଳର ପ୍ରଶାନ୍ତ ବେଥ୍ (୨୦) ଓ ଆକାଶ ସିଂହ (୨୧), ମଧ୍ୟପ୍ରଦେଶର ଗୁନା ଜିଲ୍ଲା ଅନ୍ତର୍ଗତ ମୁରାଦପୁର ଅଞ୍ଚଳର ଦୀପକ ପାର୍ଦି (୪୫) ଓ ଧନରାଜ ପାଦ୍ରୀ (୧୯) ବୋଲି ପୁଲିସ ପ୍ରେସ୍ ନୋଟ୍ରେ ଦର୍ଶାଇଛି । ଏହା ସହ ଜଣେ ନାବାଳକଙ୍କୁ ମଧ୍ୟ ଧରାଯାଇଛି । ପୁଲିସର ଦାବି ଅନୁଯାୟୀ, ସେମାନଙ୍କ ନିକଟରୁ ୩ଟି ଲୁହା ରଡ୍, ଗୋଟିଏ ଲଙ୍କାଗୁଣ୍ଡ ପ୍ୟାକେଟ୍, ୨ଟି ଟର୍ଚ୍ଚ ଓ ୨ଟି ଗାମୁଛା ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ଅନ୍ୟାନ୍ୟ ସଂଗଠିତ ଅପରାଧରେ ସମ୍ପୃକ୍ତ ଥିବା ନେଇ ସ୍ୱୀକାର କରିଥିବା ପୁଲିସ ପ୍ରେସ୍ ନୋଟ୍ରେ କହିଛି ।

# ଜୟନ୍ତୀ ପଟ୍ଟନାୟକ ଥିଲେ ମୂଲ୍ୟବୋଧର ଜନନେତ୍ରୀ’

ଭୁବନେଶ୍ୱର (ସବ୍ୟୁ): ଜନଗଣଙ୍କର ସମସ୍ୟା ସହିତ ଏକାକାର ହୋଇ ସମସ୍ୟାର ବିହିତ ସମାଧାନ ପାଇଁ ସଂଗ୍ରାମ କରିବା ଜୟନ୍ତୀ ପଟ୍ଟନାୟକଙ୍କର ରାଜନୀତିକ ଆଦର୍ଶ ଥିଲା ବୋଲି ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ତଥା ପୂର୍ବତନ ଶିକ୍ଷାମନ୍ତ୍ରୀ ଜୟଦେବ ଜେନା ଅବତାରଣା କରିଛନ୍ତି। ସୋମବାର ପୂର୍ବାହ୍ଣରେ ନିଶ୍ଚିନ୍ତକୋଇଲି ବ୍ଲକ୍ ଅନ୍ତର୍ଗତ ନଗସପୁରସ୍ଥ ଜୟନ୍ତୀ ବିଦ୍ୟାପୀଠ ପରିସରରେ ପୂର୍ବତନ ଲୋକସଭା ସଦସ୍ୟ ତଥା ଜାତୀୟ ମହିଳା କମିଶନର ପ୍ରାକ୍ତନ ଅଧ୍ୟକ୍ଷା ଜୟନ୍ତୀ ପଟ୍ଟନାୟକଙ୍କ ଚତୁର୍ଥ ବାର୍ଷିକ ଶ୍ରାଦ୍ଧ ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଜୟନ୍ତୀ ପଟ୍ଟନାୟକଙ୍କୁ ମୂଲ୍ୟବୋଧର ନେତ୍ରୀ ଭାବରେ ଶ୍ରୀ ଜେନା ଉଲ୍ଲେଖ କରିଥିଲେ। ଜୟନ୍ତୀ ବିଦ୍ୟାପୀଠର ପ୍ରତିଷ୍ଠାତା ସାହିତ୍ୟିକ ଡକ୍ଟର ଗୋବିନ୍ଦ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା କଂଗ୍ରେସ ନେତା ଧରଣୀଧର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଜୟନ୍ତୀ ପଟ୍ଟନାୟକଙ୍କୁ ଜଣେ ସଫଳ ଜନନେତ୍ରୀ ଭାବରେ ବର୍ଣ୍ଣନା କରିଥିଲେ। ସାଲେପୁର ବ୍ଲକର ପ୍ରାକ୍ତନ ଚେୟାରମ୍ୟାନ ରବି କର ଓ ପଣ୍ଡିତ ଚିନ୍ମୟ କୁମାର ମିଶ୍ର ସମ୍ମାନିତ ଅତିଥି ଭାବରେ ବକ୍ତୃତା ପ୍ରଦାନ କରିଥିଲେ।

ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ହୋତା ପ୍ରାରମ୍ଭିକ ସୂଚନା ଓ ବିଦ୍ୟାପୀଠର ପ୍ରାକ୍ତନ ଛାତ୍ର ଆଇନଜୀବୀ ଇଂ ଆକାଶ



ଭୂୟାଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ବିଦ୍ୟାପୀଠ ପରିସରସ୍ଥ ଜୟନ୍ତୀ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସଭାରେ ବିଦ୍ୟାପୀଠର ପୂର୍ବତନ ସଭାପତି ଯୁଗଳ କିଶୋର ଷଡ଼ଙ୍ଗୀ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁଧୀର ଚନ୍ଦ୍ର ଷଡ଼ଙ୍ଗୀ,ଟହଲି ସେଠୀ, ଯୁବନେତା ରମାକାନ୍ତ ବେହେରା, କବି ବଟକୃଷ୍ଣ ସ୍ୱାଇଁ , କବି କାର୍ତ୍ତିକ ଚନ୍ଦ୍ର ଦାସ, କବି ପ୍ରଫୁଲ୍ଲ କୁମାର ଷଡଙ୍ଗୀ, ସାମ୍ବାଦିକ କ୍ଷମାନିଧି ପୂଜାରୀ, ସାମ୍ବାଦିକ ବିନୟ କୁମାର ଦାସ, ଅଧ୍ୟାପକ ବିଚିତ୍ରାନନ୍ଦ ଜେନା, ଅକ୍ଷୟ କୁମାର ସାହୁ , ଦିବାକର ନାୟକ, ମହେନ୍ଦ୍ର କୁମାର ବେହେରା, ହୃଦାନନ୍ଦ ରାଉତ ପ୍ରମୁଖ ବକ୍ତୃତା ଦେଇ ଜୟନ୍ତୀ ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବରୁ ଜୟନ୍ତୀ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ ସଂପର୍କୀୟ ବକ୍ତୃତା ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ସ୍ୱପ୍ନାରାଣୀ ସେଠୀ,ସୂର୍ଯ୍ୟାଂଶୁଶେଖର ଭୂୟାଁ ଓ ଶ୍ୱେତାରୂପା ପ୍ରିୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଶକ୍ତି ପ୍ରସାଦ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## 'ଭୋଟ ଚୋରି'କୁ ନେଇ କଂଗ୍ରେସର ବିକ୍ଷୋଭ

# ମୁଖ୍ୟ ନିର୍ବାଚନ କମିଶନଙ୍କ କୁଶପୁତ୍ତଳିକା ଦାହ




ଛତ୍ରପୁର, (ସବ୍ୟୁ): ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ କଥିତ "ଭୋଟ ଚୋରି' ଅଭିଯୋଗକୁ ନେଇ ମୁଖ୍ୟ ନିର୍ବାଚନ କମିସନରଙ୍କ ବିରୋଧରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପୂର୍ବ) ପକ୍ଷରୁ ଛତ୍ରପୁରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ବିକ୍ଷୋଭ କରିବା ସହ ମୁଖ୍ୟ ନିର୍ବାଚନ କମିସନରଙ୍କ କୁଶପୁତ୍ତଳିକା ଦାହ କରିଥିଲେ । ବିକ୍ଷୋଭକାରୀମାନେ ମୁଖ୍ୟ ନିର୍ବାଚନ କମିସନରଙ୍କ ବରଖାସ୍ତ ଓ ଗିରଫ ଦାବି କରି ନାରାବାଜି କରିଥିଲେ । ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା । ପ୍ରାରମ୍ଭରେ ଛତ୍ରପୁର ଅପର ବସଷ୍ଟାଣ୍ଡ ନିକଟରୁ କଂଗ୍ରେସ ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ସେଠାରେ ଦଳୀୟ ନେତାମାନେ ନିର୍ବାଚନ ପ୍ରକ୍ରିୟା ଓ ମୁଖ୍ୟ ନିର୍ବାଚନ କମିସନରଙ୍କ କାର୍ଯ୍ୟପ୍ରଣାଳୀକୁ ନେଇ ପ୍ରଶ୍ନ ଉଠାଇଥିଲେ । ଏହି ବିକ୍ଷୋଭରେ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପୂର୍ବ) ଜିଲ୍ଲା ଉପସଭାପତି (ସଂଗଠନ) ଅଶୋକ କୁମାର ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ରାଘବ ପରିଡ଼ା, ପୂର୍ବତନ ବିଧାୟକ ତଥା ପିସିସି ସାଧାରଣ ସମ୍ପାଦକ ତ୍ରିନାଥ ବେହେରା, ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, ଚିକିଟି ବିଧାୟକ ପ୍ରାର୍ଥୀ ରବୀନ୍ଦ୍ରନାଥ ଦ୍ୟାନ ସାମନ୍ତରାୟ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ତଥା ଉପସଭାପତି ବୃନ୍ଦାବନ ଖଟେଇ, ସମବାୟ ସେଲ୍ ସଭାପତି ଅମୀୟ କୁମାର ପଟ୍ଟନାୟକ, ମହିଳା ନେତ୍ରୀ ସୁବାସିନୀ ପଟ୍ଟନାୟକ ଓ ସୁଜ୍ଞାନୀ ପଟ୍ଟନାୟକଙ୍କ ସମେତ ସମସ୍ତ ବ୍ଲକ ସଭାପତି ଏବଂ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ । ସେହିପରି ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପଶ୍ଚିମ) ପକ୍ଷରୁ ମଧ୍ୟ ସମାନ ଦାବି ନେଇ ଜିଲ୍ଲା ସଭାପତି ଦଣ୍ଡପାଣି ପାତ୍ରଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା ।

ବାରିପଦା, (ସବ୍ୟୁ): ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି (ପୂର୍ବ) ପକ୍ଷରୁ ସୋମବାର ବାରିପଦା ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି ।

ଏଆଇସିସି ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ବିକ୍ଷୋଭରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ କଂଗ୍ରେସ କର୍ମୀ ଏକ ପଟୁଆରରେ ଆସି ଯୋଗ ଦେଇଥିଲେ । ଏହି ଅବସରରେ କର୍ମୀମାନେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଓ ଗିରଫ ଦାବିରେ




ନାରାବାଜି ଦେଇଥିଲେ । ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଏସ୍ଆଇଆର୍‌କୁ ନେଇ ନିର୍ବାଚନ କମିଶନଙ୍କ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇବା ସହ ଏହା ଦ୍ୱାରା ଜନସାଧାରଣଙ୍କ ମୌଳିକ ଅଧିକାର ଓ ଗଣତନ୍ତ୍ର ପ୍ରଭାବିତ ହେଉଥିବା ଅଭିଯୋଗ କରିଥିଲେ । ସେ ଏହି ପ୍ରସଙ୍ଗରେ ବିଜେପି ସରକାରଙ୍କୁ ମଧ୍ୟ ସମାଲୋଚନା କରିଥିଲେ । ବିକ୍ଷୋଭରେ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତା ଜ୍ୟୋତି ପ୍ରକାଶ ରଥ, ରାମଚନ୍ଦ୍ର ହାଁସଦା, କୃଷକ ସଭାପତି ଦୀପକ ଦାସ, ମୀନକେତନ ବେହେରା, ଚନ୍ଦନ କିସ୍କୁ, ଜୀବନ ବାରିକ, ବନମାଳୀ ବାରିକ, ପ୍ରଦୀପ ମିଶ୍ର, ଶାନଫୁନୁ ପାଲ, ବିଜୟ ସିଂଙ୍କ ସମେତ ବିଭିନ୍ନ ବ୍ଲକର ସଭାପତିମାନେ ଯୋଗଦେଇଥିଲେ । ସେହିପରି ମହିଳା କଂଗ୍ରେସ ସଭାନେତ୍ରୀ ରଶ୍ମିତା ମିଶ୍ରଙ୍କ ସହ ରଞ୍ଜୀତା ଯୋଶୀ, ଗୌରୀ ନାୟକ, ସବିତା ସୋରେନ, ଇତିଶ୍ରୀ ମିଶ୍ର ଓ ମମତା ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ ।

## 'ପୋଷଣ ଓ ନିଶାମୁକ୍ତ ଭାରତ ଅଭିଯାନ' ସଚେତନତା ଶିବିର

ବ୍ରହ୍ମପୁର, (ସବ୍ୟୁ): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରାଳୟ ଅଧୀନସ୍ଥ କେନ୍ଦ୍ରୀୟ ସଂଚାର ବ୍ୟୁରୋ, ବ୍ରହ୍ମପୁର ଦ୍ୱାରା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ଶ୍ରୀବେଲେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ, ବେଲଗାଁ ପରିସରରେ 'ପୋଷଣ ଅଭିଯାନ ଏବଂ ନିଶାମୁକ୍ତ ଭାରତ ଅଭିଯାନ' ଅବସରରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ମିଳିତ ସହଯୋଗରେ ଏକ ସଚେତନତା ରାଲି ଅଞ୍ଚଳ ପରିକ୍ରମା କରିଥିଲା । ବିଭିନ୍ନ ସ୍ଲୋଗାନ୍ ଓ ପ୍ଲାକାର୍ଡ ପ୍ରଦର୍ଶନ ସହ ପୁଷ୍ଟିକର ଖାଦ୍ୟର ଗୁରୁତ୍ୱ ତଥା ଆବଶ୍ୟକତା ଏବଂ ନିଶାର କୁପରିଣାମ ସଂପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା । ଶୋଭାଯାତ୍ରା ପରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମ୍ବାଦ ଓ ଗଣ ଯୋଗାଯୋଗ ମୁଖ୍ୟ ଡକ୍ଟର ଜୟନ୍ତ କୁମାର ପଣ୍ଡା ଯୋଗଦେଇ 'ଏକ ସୁସ୍ଥ ଶରୀର ଓ ନିଶାମୁକ୍ତ ସମାଜ ହିଁ ଦେଶର ଉନ୍ନତିର ମୂଳଦୁଆ' ବୋଲି କହିଥିଲେ । ଛୋଟ ପିଲା ଏବଂ ମା' ମାନଙ୍କ ପାଇଁ ସନ୍ତୁଳିତ ପୁଷ୍ଟିକର ଆହାରର ଆବଶ୍ୟକତା ଉପରେ ଆଲୋକପାତ କରିବା ସହ ଯୁବପିଢ଼ି କିପରି ନିଶାଦ୍ରବ୍ୟଠାରୁ ଦୂରରେ ରହି ନିଜ ଭବିଷ୍ୟତ ଉଜ୍ଜ୍ୱଳ କରିପାରିବେ, ସେ ଦିଗରେ ମାର୍ଗଦର୍ଶନ କରିଥିଲେ । ସମ୍ମାନିତ ଅତିଥି ମହାବିଦ୍ୟାଳୟର ଅଧ୍ୟକ୍ଷ ରାମକୃଷ୍ଣ ଗୌଡ଼ ସମାଜରୁ କୁପୋଷଣ ଏବଂ ନିଶା କାରବାର ଭଳି ସାମାଜିକ ବ୍ୟାଧିକୁ ସଂପୂର୍ଣ୍ଣ ରୂପେ ଦୂର କରିବାକୁ ହେଲେ ସାଧାରଣ ଲୋକଙ୍କ ସକ୍ରିୟ ଭାଗିଦାରୀ ଅତ୍ୟନ୍ତ ଜରୁରୀ' ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ଶ୍ରୀବେଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଅମିତା ରାଣୀ ପଣ୍ଡା, କାର୍ଯ୍ୟକ୍ରମ ଅଧିକାରୀ, ଏନ୍ଏସ୍ଏସ୍ ଗଣେଶ ସାହୁ, ନର୍ମଦା ଷଡ଼ଙ୍ଗୀ, ସସ୍ମିତା ସାହୁ, ଅମିତା ରାଣୀ ପାଲ, ସୁନୀତା ରେZI ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ସମ୍ବନ୍ଧିତ ବିଷୟବସ୍ତୁ ଉପରେ ପୂର୍ବରୁ ଆୟୋଜିତ ବକ୍ତୃତା, ଚିତ୍ରାଙ୍କନ ଏବଂ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବା ସହ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଜୀବନ କୁମାର ସାମନ୍ତ ସିଂହାର ଧନ୍ୟବାଦ ଅର୍ପଣ କରିଥିଲେ ।

## ୟୁଜି ପ୍ରଥମ ସେମିଷ୍ଟାର ପରୀକ୍ଷାରେ ଏମସିଏଏମ୍ ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ସଫଳତା

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତୟୁଜି ପ୍ରଥମ ସେମିଷ୍ଟର ପରୀକ୍ଷା ଫଳାଫଳରେ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ (ଏମ୍ସିଏଏମ୍) ର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । କଲେଜର ସାମଗ୍ରିକ ପାସ୍ ହାର ପ୍ରାୟ ୯୯ ପ୍ରତିଶତ ରହିଥିବାରୁ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି । କଳା ବିଭାଗରେ ଅର୍ଥନୀତି ସମ୍ମାନର ବନ୍ଦିତା ଦାସ ୮୨.୨%, ଶିକ୍ଷା ବିଭାଗର ସୃତି ବିନ୍ଧାଣି ୮୩.୬୦%, ଇଂରାଜୀ ସମ୍ମାନର ଜୟନ୍ତୀ ହେମ୍ବ୍ରମ ୮୨.୨୦%, ଭୂଗୋଳରେ ଲକ୍ଷ୍ମୀପ୍ରିୟା ସିଂ ୮୧.୮୦%, ଇତିହାସ ସମ୍ମାନର ସୋନାଲି ଚୈତନ୍ୟ ବାସ୍କେ ୭୬.୮୦%, ଗୃହବିଜ୍ଞାନର ପଲ୍ଲବୀ ପ୍ରଧାନ ୭୫.୯୦%, ଓଡ଼ିଆର ଲଗ୍ନଜିତା ଜସ୍ମିନ ସାହୁ ୭୮.୬୦%, ଦର୍ଶନଶାସ୍ତ୍ରରେ ପାଇୟା ହାଁସଦା ୭୯.୫୦%, ରାଜନୀତି ବିଜ୍ଞାନରେ ଦୀପକ ରଞ୍ଜନ ବେହେରା ଓ ସିଦ୍ଧାନ୍ତ ବାସ୍କେ ୭୮.୬୦% ଏବଂ ସମାଜବିଜ୍ଞାନରେ ଭାଗିରଥି ଟୁଡୁ ୭୭.୨୦% ନମ୍ବର ରଖି ବିଭାଗୀୟ ସଫଳତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି । ବିଜ୍ଞାନ ବିଭାଗରେ ମଧ୍ୟ ଛାତ୍ରଛାତ୍ରୀଙ୍କ ଫଳାଫଳ ଉତ୍ସାହଜନକ ରହିଛି । ଉଦ୍ଭିଦ ବିଜ୍ଞାନରେ ସ୍ୱସ୍ତିକ ମାଝୀ ୭୫.୪୦%, ରସାୟନ ବିଜ୍ଞାନରେ ଆଦ୍ୟାନ ବାରିକ ୭୬.୮୦%, ପଦାର୍ଥ ବିଜ୍ଞାନରେ ତେଜସ୍ୱିନୀ ରାୟ ୭୫.୯୦%, ପ୍ରାଣୀ ବିଜ୍ଞାନରେ ଆଦିତ୍ରୀ ଦାସ ୮୩.୬୦%, ମାଇକ୍ରୋବାୟୋଲୋଜିରେ ଜିଜ୍ଞାଂଶୁ ଦାସ ୮୪% ଏବଂ ସୂଚନା ପ୍ରଯୁକ୍ତି ବିଭାଗରେ ମୃଣ୍ମୟୀ ମହାନ୍ତ ୮୩.୧୦% ନମ୍ବର ରଖିଛନ୍ତି । ବାଣିଜ୍ୟ ବିଭାଗରେ ଅର୍ଜୁନ ବିନ୍ଧାଣି ଓ ବିଷ୍ଣୁପଦା ଯେବେ ୮୨.୨୦% ନମ୍ବର ରଖି ବିଭାଗରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ।

## ଟିପିଏସ୍ଓଡିଏଲ "ସେବା ସେତୁ ଅଭିଯାନ'ରେ ଗାଁ ଗାଁରେ ପହଞ୍ଚୁଛି ସୌର ଶକ୍ତି ସଚେତନତା

ବ୍ରହ୍ମପୁର, (ସବ୍ୟୁ): ଟାଟା ପାଓ୍ୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ବ୍ଲକ୍ରେ ସେପେଟମ୍ବର ୧୭, ୨୦୨୬ରୁ ଏକ ମାସିକିଆ "ସେବା ସେତୁ ଅଭିଯାନ' ଆରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା ସମ୍ପର୍କରେ ସଚେତନତା ବଢ଼ାଇବା ସହ ଅଧିକ ଲୋକଙ୍କୁ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ପାଇଁ ଉତ୍ସାହିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍ତ ବିଜୁଳି ଯୋଜନା ଅଧୀନରେ ଛାତ ଉପରେ ସୌର ବିଦ୍ୟୁତ ବ୍ୟବସ୍ଥାର ପ୍ରସାର ଲକ୍ଷ୍ୟରେ "ସେବା ସେତୁ ଅଭିଯାନ' ମାଧ୍ୟମରେ ଉପଭୋକ୍ତାଙ୍କ ନିକଟରେ ସିଧାସଳଖ ସୂଚନା ଓ ସହାୟତା ପହଞ୍ଚାଯାଉଛି । ଏହା ମାଧ୍ୟମରେ ସୌର ଶକ୍ତି ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଛାତ ଉପରେ ସୌର ପ୍ୟାନେଲ ଲଗାଇବାର ବ୍ୟବସ୍ଥା ତଥା ଏହି ପ୍ରକ୍ରିୟାକୁ ସରଳ କରାଯାଉଛି । ଏଥିସହ ଅଧିକରୁ ଅଧିକ ପରିବାରକୁ ପରିବେଶ ଅନୁକୂଳ ଓ ସୁଲଭ ସୌର ଶକ୍ତି ଆପଣାଇବା ପାଇଁ ଉତ୍ସାହିତ କରାଯାଉଛି ।

## ହତ୍ୟା ଉଦ୍ୟମ ମାମଲାରେ ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ) : ହତ୍ୟା ଉଦ୍ୟମ ଓ ଆକ୍ରମଣ ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ସଦର ଥାନା ପୋଲିସ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ରାକେଶ ରାଉତ ଓରଫ କାଳିଆ (୩୮) । ତାଙ୍କ ଘର ଗଞ୍ଜାମ ଜିଲ୍ଲାର ନିମଖଣ୍ଡି ଗ୍ରାମରେ ହୋଇଥିବା ବେଳେ ବର୍ତ୍ତମାନ ସେ ବ୍ରହ୍ମପୁର ଆଙ୍କୁଲି ଲକ୍ଷ୍ମୀନଗର ପ୍ରଥମ ଲେନରେ ରହୁଥିଲେ । ଥାନାରେ କେସ୍ ନମ୍ବର ୨୨୨/୨୫ରେ ତାଙ୍କୁ ପୋଲିସ ଗିରଫ କାରି କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ ୨୦୨୫ ମଇ ୯ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ଲକ୍ଷ୍ମଣ ଦାସ, ଘୁଙ୍ଗୁରୁ ଦାସ ଓ ରାକେଶ ରାଉତ



ଓରଫ କାଳିଆ ବେଦାଳିଆ ଗ୍ରାମର ଅମିତ କୁମାର ଦାସଙ୍କ ସହ ଝଗଡ଼ା କରିଥିଲେ । ସେହି ସମୟରେ ଟୁନା ଦାସ ଘଟଣାରେ ହସ୍ତକ୍ଷେପ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି କାତି ଓ ଲୁହା ରଡରେ ଆକ୍ରମଣ କରିଥିଲେ । ଏଥିରେ ଟୁନା ଦାସଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ସେ ଗୁରୁତର ହୋଇ ଘଟଣାସ୍ଥଳରେ ଅଚେତ ହୋଇପଡ଼ିଥିଲେ । ପରେ ସ୍ଥାନୀୟ ଲୋକେ ଉଭୟ ଅମିତ ଓ ଟୁନାଙ୍କୁ ଆହତମାନଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଅଭିଯୁକ୍ତ ଘୁଙ୍ଗୁରୁ ଦାସ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜାମିନରେ ଥିବା ବେଳେ ଅନ୍ୟତମ ଅଭିଯୁକ୍ତ ଲକ୍ଷ୍ମଣ ଦାସଙ୍କୁ ଗତ ୪ ତାରିଖରେ ଗିରଫ କାରି କୋର୍ଟ ଚାଲାଣ କରିଥିଲା ।

## ୧୪ ଶିକ୍ଷାବିତଙ୍କୁ "ନେସନ୍ ବିଲ୍ଡର ଆୱାର୍ଡ ୨୦୨୬'



ବାରିପଦା, (ସବ୍ୟୁ): ବାରିପଦା ମୟୂର ରୋଟାରୀ କ୍ଲବ୍ ପକ୍ଷରୁ ରବିବାର ସନ୍ଧ୍ୟାରେ ସ୍ୱରୂପନଗରସ୍ଥିତ ଗାୟତ୍ରୀ ପୀଠରେ "ନେସନ୍ ବିଲ୍ଡର ଆୱାର୍ଡ ୨୦୨୬' ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୪ ଜଣ ଶିକ୍ଷାବିତଙ୍କୁ ସମ୍ମାନିତ କରାଯାଇଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ରୋଟାରିଆନ୍ ପ୍ରଫେସର (ଡକଟର) ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷକମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ବ୍ୟକ୍ତିଗତ ତଥା ସାମାଜିକ ବିକାଶରେ ଶିକ୍ଷକଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିବା ସହ ଶିକ୍ଷାବିତମାନଙ୍କୁ ସମ୍ମାନିତ କରିବା ପାଇଁ ରୋଟାରୀ କ୍ଲବର ଉଦ୍ୟମକୁ ପ୍ରଶଂସା କରିଥିଲେ । ବାରିପଦା ମୟୂର ରୋଟାରୀ କ୍ଲବର ସଭାପତି ରୋଟାରିଆନ୍ ପ୍ରଫେସର (ଡକଟର) ଏମ୍. ହିମାବିନ୍ଦୁ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ । ସେ କହିଥିଲେ, କେବଳ ପାଠ୍ୟକ୍ରମ ଶିକ୍ଷାଦାନରେ ସୀମିତ ନରହି ଛାତ୍ରଛାତ୍ରୀଙ୍କ ବ୍ୟକ୍ତିତ୍ୱ ଓ ଚରିତ୍ର ଗଠନ ସହ ଆଗାମୀ ପିଢ଼ିକୁ ଦିଗଦର୍ଶନ ଦେଉଥିବା ଶିକ୍ଷକମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ଆବଶ୍ୟକ । "ନେସନ୍ ବିଲ୍ଡର ଆୱାର୍ଡ' ସେହି ଶିକ୍ଷକମାନଙ୍କ ପ୍ରତି ଏକ ବିନମ୍ର କୃତଜ୍ଞତା ବୋଲି ସେ ମତବ୍ୟକ୍ତ କରିଥିଲେ । ରୋଟାରିଆନ୍ ଡକଟର ଗାୟତ୍ରୀ ଦେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରୋଟାରିଆନ୍ ଡକଟର ଦେବବ୍ରତ ନନ୍ଦୀ ଏବଂ ରୋଟାରିଆନ୍ ପୀତାମ୍ବର ସାହୁ ସମାରୋହର ପରିଚାଳନାରେ ସହଯୋଗ କରିଥିଲେ । କ୍ଲବ୍ ଉପଦେଷ୍ଟା ରୋଟାରିଆନ୍ ନିରୋଜ କୁମାର ପଣ୍ଡାଙ୍କ ସମେତ କ୍ଲବ୍ର ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପରିଶେଷରେ ବାରିପଦା ମୟୂର ରୋଟାରୀ କ୍ଲବର ସମ୍ପାଦକ ରୋଟାରିଆନ୍ ଇଂ. ସୌମ୍ୟରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକମାନେ କେବଳ ଜ୍ଞାନ ବାଣ୍ଟନ୍ତି ନାହିଁ, ବରଂ ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ିବା ସହ ଆଗାମୀ ପିଢ଼ି ଓ ସମାଜ ଗଠନରେ ଭୂମିକା ନିଭାନ୍ତି-ଏହି ବାର୍ତ୍ତା ସହ ସମାରୋହ ସମାପ୍ତ ହୋଇଥିଲା ।

## ଗୋସାଇଁ ନୂଆଗାଁ କାଳୁଆ ଯାତ୍ରାକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ସହର ଗୋସାଇଁ ନୂଆଗାଁ ସ୍ଥିତ ମାଁ କାଳୁଆ ଯାତ୍ରାରେ ଯୋଗ ଦେଇ ମାଁଙ୍କ ଶୁଭ ଆଶ୍ରୀବାଦ ନେବାକୁ ମା' କାଳୁଆ ଡେଭଲପମେଣ୍ଟ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ନିମନ୍ତ୍ରଣ ପତ୍ର ଦେଇ ଯୋଗ ଦେବାକୁ ଅନୁରୋଧ କରିଛନ୍ତି । ବିଧାନସଭା ଠାରେ ବିଧାୟକ କେ.



ଅନିଲ କୁମାରଙ୍କ ଉପସ୍ଥିତିରେ ଯାତ୍ରା କମିଟିର ସଦସ୍ୟ ଜଗଦୀଶ ପାଣିଗ୍ରାହୀ ଓ ଶ୍ରୀକାନ୍ତ ସାହୁ ନିମନ୍ତ୍ରଣ କରି ଶତାବ୍ଦୀ ପୁରୁଣା ପରମ୍ପରା ଓ ଆସ୍ଥାର ପ୍ରତୀକ ଗୋସାଇଁ ନୂଆଗାଁର ମା' କାଳୁଆ ଯାତ୍ରାରେ ଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ନିମନ୍ତ୍ରଣ କରିଛନ୍ତି । ମା' କାଳୁଆ ଯାତ୍ରାର ଐତିହ୍ୟ, ଧାର୍ମିକ ମହତ୍ତ୍ୱ ଓ ଅଞ୍ଚଳବାସୀଙ୍କ ଆସ୍ଥା ସମ୍ପର୍କରେ ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ କରାଯାଇଛ । ଏହି ଯାତ୍ରା ଆଶ୍ୱିନ ମାସ ଅମାବାସ୍ୟା ଠାରୁ ଆରମ୍ଭ ହୋଇ କୁମାର ପୂର୍ଣ୍ଣିମା ଦିନ ଶେଷ ହୋଇଥିବା ବେଳେ ଏହି ଯାତ୍ରା ଅତି ଭକ୍ତିମୟ ପରିବେଶ ସୃଷ୍ଟି କରିଥାଏ । ମା'ଙ୍କ ଯାତ୍ରା ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଏଥର ମଧ୍ୟ ଏହାକୁ ଧୁମଧାମରେ ପାଳନ କରିବା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ଯାତ୍ରାରେ ଯୋଗ ଦେଇ ମା'ଙ୍କ ଆଶୀର୍ବାଦ ନେବା ସହ ଭକ୍ତ ଓ ଅଞ୍ଚଳବାସୀଙ୍କୁ ସମ୍ବୋଧିତ କରିବା ପାଇଁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି ।

## ବୁଗୁଡ଼ାରେ ଦୁର୍ଗାପୂଜା ଓ କାଳୀପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ବ୍ୟବସାୟୀ ସଂଘ ପକ୍ଷରୁ ଆଗାମୀ ଦୁର୍ଗାପୂଜା ଓ କାଳୀପୂଜା ଉପଲକ୍ଷେ ମଦନ ମୋହନ ଛକସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପଠାରେ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମରେ ପୁରୋହିତ ଭାବେ ସଂଗ୍ରାମ କେଶରୀ ନନ୍ଦ ଯୋଗ ଦେଇ ଯଥା ରୀତିନୀତି ପ୍ରକାରେ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ କର୍ତ୍ତା ଭାବେ ଶେଷଦେବ ପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ । ଏହି କାର୍ଯ୍ୟକ୍ରମରେ କେଦାର ନାଥ ମହାରଣା, କୃଷ୍ଣଚନ୍ଦ୍ର ମହାପାତ୍ର , ରୂପମ୍ ସୁବୁଦ୍ଧି, ସୁରଜ ସାହୁ, ସୁବ୍ରତ ସ୍ୱାଇଁ, ଲିଟୁ ସାହୁ, ଟୁନା ରେଡି, ବାପି ସାହୁ, ଟୁକୁନା ସାହୁଙ୍କ ସମେତ ସଂଘର ଅନ୍ୟାନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ରହିଥିଲେ ।

## ରିଙ୍ଗ୍‌ରୋଡ ଓ ଫ୍ଲାଇଓଭର କାର୍ଯ୍ୟ ତଦାରଖ କଲେ ପ୍ରମୁଖ ଶାସନ ସଚିବ
## ମାର୍ଚ୍ଚ ୨୦୨୭ ସୁଦ୍ଧା ବଳକା କାର୍ଯ୍ୟ ଶେଷ ପାଇଁ ନିର୍ଦ୍ଦେଶ

ବ୍ରହ୍ମପୁର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅନୁପାଳନ ସ୍ୱରୂପ ବିଭିନ୍ନ ଜିଲାରେ କାର୍ଯ୍ୟକାରୀ ହେଉଥିବା ଭିତ୍ତିଭୂମି ପ୍ରକଳ୍ପ ତଦାରଖ ନେଇ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଆଜି ଗଞ୍ଜାମ ଜିଲ୍ଲା ଗସ୍ତ କରି ବ୍ରହ୍ମପୁର ରିଙ୍ଗ୍‌ରୋଡ୍ ଓ ଗେଟ ବଜାର ଫ୍ଲାଏ ଓଭର ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି । ସମୀକ୍ଷା ସମୟରେ ସଚିବ ଶ୍ରୀ ସିଂହ ପର୍ଯ୍ୟାପ୍ତ ମାନବ ସମ୍ବଳ, ଆଧୁନିକ ଯନ୍ତ୍ରପାତି ଓ ଟେକନୋଲୋଜିର ବ୍ୟବହାର କରି ନିର୍ମାଣ କାର୍ଯ୍ୟକୁ ଗତିଶୀଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ବଳକା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ୨୦୨୭ ମାର୍ଚ୍ଚ ମାସ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି, କାର୍ଯ୍ୟର ଗୁଣବତ୍ତା ଓ ଚୁକ୍ତିନାମା ଅନୁଯାୟୀ ନିର୍ଦ୍ଧାରିତ ବୈଷୟିକ ମାନଦଣ୍ଡରେ କୌଣସି ସାଲିସ୍ ନକରି ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ପ୍ରକଳ୍ପର ଅଗ୍ରଗତିକୁ ନିୟମିତ ଭାବେ ସମୀକ୍ଷା କରିବା ସହ ଉପଯୁକ୍ତ ତଦାରଖ ଓ ନିରୀକ୍ଷଣ ମାଧ୍ୟମରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପର ଲକ୍ଷ୍ୟ ହାସଲ କରିବାକୁ ସେ ପରାମର୍ଶ ଦେଇଥିଲେ ।

## ରେଲଷ୍ଟେସନରୁ ୫୦କେଜି ଗଞ୍ଜେଇ ଜବତ, ଦୁଇ ମହିଳା ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ରେଲଷ୍ଟେସନ ଚତୁର୍ଥ ପ୍ଲାଟଫର୍ମରୁ ଜିଆରପି ପୋଲିସ ୫୦ କିଲୋ ଗଞ୍ଜେଇ ଜବତ କରିବା ସହ ଦୁଇ ଜଣ ମହିଳାଙ୍କୁ ଗିରଫ କରିଛି । ସେମାନେ ହେଲେ ବିହାର ସ୍ଥିତ ବୈଶାଳୀ ଜିଲ୍ଲାର ନିଲମ ଦେବୀ (୩୫) ଓ ଚମ୍ପା ଦେବୀ (୪୪) । ସେମାନଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି । ଘଟଣାରୁ ପ୍ରକାଶ ଯେ ଆଜି ସକାଳ ୮ ଟାରେ ଜିଆରପି ଓ ଆରପିଏଫର ମିଳିତ ଉଦ୍ୟମରେ ବ୍ରହ୍ମପୁରରୁ ସିକନ୍ଦରାବାଦ ଚାଲାଣ ହେଉଥିବା ଗଞ୍ଜେଇ ଓ ଦୁଇ ଜଣ ମହିଳାଙ୍କୁ ଗିରଫ କରିଛି । ସୂଚନାକ୍ରମେ ଆଜି ଏକ ନମ୍ବର ପ୍ଲାଟଫର୍ମ ମୁଖ୍ୟ ଫାଟକକୁ ଜଣେ ଲୋକ କାର ଆସି ଏହି ଗଞ୍ଜେଇ ପ୍ୟାକେଟ ଦେଇଥିବା ସିସିଟିଭିରେ କଏଦ ହେଉଛି । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ତିନୋଟି ବ୍ୟାଗରୁ ୫୦ କିଲୋ ୫୯୦ ଗ୍ରାମର ଗଞ୍ଜେଇ ଥିବା ଜଣାପଡ଼ିଛି । ପୂର୍ବରୁ ମଧ୍ୟ ଖୋର୍ଦ୍ଧା ଜିଆରପିରେ ନୀଲମ ନାମରେ ଏନଡୀପିଏସ ଥିବା ଜଣାପଡ଼ିଛି । ତାଙ୍କ ନିକଟରୁ ଜବତ ଫୋନରୁ ଅଧିକ ତଥ୍ୟ ସଂଗ୍ରହ ପାଇଁ ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ କରୁଛି ।

## ଆଦାନୀ ଗୋପାଳପୁର ପୋର୍ଟକୁ ଗୋଲ୍ଡ ପୁରସ୍କାର

ଛତ୍ରପୁର, (ସବ୍ୟୁ): କ୍ୱାଲିଟି ସର୍କଲ୍ ଫୋରମ୍ ଅଫ୍ ଇଣ୍ଡିଆର ରାଉରକେଲା ଚାପଟର୍ ପକ୍ଷରୁ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ପରିସରରେ ଆୟୋଜିତ ଚାପଟର କନଭେନସନ୍ ଅନ୍ କ୍ୱାଲିଟି କନ୍ସେପଟସ୍-୨୦୨୬ରେ ଗୋପାଳପୁର ପୋର୍ଟର ଦୁଇଟି କ୍ୱାଲିଟି ସର୍କଲ୍ ଟିମ୍ ଗୋଲ୍ଡ ପୁରସ୍କାର ହାସଲ କରିଛନ୍ତି । ଗୁଣାତ୍ମକ ଉନ୍ନତି ଓ କାର୍ଯ୍ୟଦକ୍ଷତା କ୍ଷେତ୍ରରେ ଆଦାନୀ ଗୋପାଳପୁର ପୋର୍ଟକୁ ଏହି ସଫଳତା ମିଳିଛି । ସେପେଟମ୍ବର ୨୬ ଓ ୨୭ ତାରିଖରେ ଅନୁଷ୍ଠିତ ଏହି ଦୁଇଦିନିଆ ସମ୍ମିଳନୀରେ ଆଦାନୀ ଗୋପାଳପୁର ପୋର୍ଟର ଇଞ୍ଜିନିୟରିଂ ବିଭାଗର ଦୁଇଟି ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ । ବନ୍ଦର ପରିଚାଳନା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ଓ କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ଗ୍ରହଣ କରାଯାଇଥିବା ସର୍ବୋତ୍ତମ ଗୁଣବତ୍ତା ପଦକ୍ଷେପ




ଉପସ୍ଥାପନ କରିଥିଲେ । ଏହି ପ୍ରକଳ୍ପଗୁଡ଼ିକର ଉପସ୍ଥାପନା ଓ ଫଳାଫଳକୁ ବିଚାର କରି ଉଭୟ ଟିମ୍‌କୁ ସର୍ବୋଚ୍ଚ ଗୋଲ୍ଡ ପୁରସ୍କାର ପ୍ରଦାନ କରାଯାଇଛି । ଏହି ଦୁଇଦିନିଆ ସମ୍ମିଳନୀରେ ବିଭିନ୍ନ ଶିଳ୍ପାନୁଷ୍ଠାନର ବହୁ କୁଶଳୀ ଏବଂ ମେଧାବୀ ଇଞ୍ଜିନିୟରମାନେ ଯୋଗଦେଇ ନିଜ ନିଜ କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ଓ କାର୍ଯ୍ୟଦକ୍ଷତା ବଢ଼ାଇବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପସ୍ଥାପନ କରିଥିଲେ ।

# ଚୋରା ପୀରତିର ପର୍ଦ୍ଦାଫାସ : ପ୍ରେମ ପାଇଁ ସ୍ତ୍ରୀ ନେଲା ସ୍ୱାମୀର ଜୀବନ



ତାଳଚେର ,(ସବ୍ୟୁ) : ତାଳଚେର ପଞ୍ଚାୟତ ଅଫିସ୍‌ରେ କାର୍ଯ୍ୟରତ ସୁଧିର ବାରିକ ଛାତରୁ ପଡ଼ି ଆତ୍ମହତ୍ୟା ଘଟଣା ସ୍ଥାନୀୟ ଲୋକଙ୍କୁ ସ୍ତବ୍ଧ କରିଥିବା ବେଳେ କୋଲିୟରୀ ପୋଲିସ୍ ଏହାର ଛାନଭିନ କରି ପ୍ରକୃତ ସତ୍ୟାସତ୍ୟର ପର୍ଦ୍ଦାଫାଶ କରିଛି । ସୂଚନାମୁତାବକ, ସ୍ତ୍ରୀ ସ୍ୱାମୀଙ୍କୁ କୌଶଳେ କ୍ରମେ ଛାତ ଉପରୁକୁ ଡ଼ାକି ନେଇ ପୂର୍ବରୁ ଛାତ ଉପରେ ଲୁଚି ରହିଥିବା ପ୍ରେମିକ ତାଙ୍କ ମୁଣ୍ଡକୁ ଶକ୍ତଆଘାତ ଦେଇ କୋଠା ଉପରୁ ତଳକୁ ଠେଲି ଦେଇ ଆତ୍ମହତ୍ୟାର ରଙ୍ଗ ଦେବାକୁ ଯୋଜନା କରିଥିଲେ । କିନ୍ତୁ ଯୋଜନା ଯୋଜନାରେ ହିଁ ରହିଗଲା ଓ ସତ୍ୟର ଉନ୍ମୋଚନ ହେଲା । ବୃତିଗତ ଦକ୍ଷତା ଓ ତତ୍ପରତା ସହ କାର୍ଯ୍ୟକରି ଏହାର ପୁଙ୍ଖାନୁପୁଙ୍ଖ ବୈଜ୍ଞାନିକ, ବୈଷିକ ଓ ପ୍ରମାଣ ଭିତିକ ତଦନ୍ତ ମାଧ୍ୟମରେ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ସ୍ତ୍ରୀ ସୁସ୍ମିତା ବାରିକ (୩୦) ଓ ପ୍ରେମିକ ସିଦ୍ଧାନ୍ତ ମାଝୀ ବୟସ (୨୫) ଦ୍ୱୟ ଅଭିଯୁକ୍ତଙ୍କୁ ଗିରଫ କରିଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ସ୍ୱାମୀ ଘଟଣାଟି ଛାତ ଉପରୁ ଖସିପଡ଼ି ଥିବାରୁ ଏହାକୁ ଏକ ଦୁର୍ଘଟଣା ବୋଲି କୁହାଯାଉଥିଲା । କିନ୍ତୁ କୋଲିୟରୀ ପୋଲିସ୍ ଘଟଣାର ଯାଂଚ, ସିସିଟିଭି ଫୁଟେଜ ଏବଂ ଅନ୍ୟାନ୍ୟ ପାରିପାଶ୍ୱରିକ ପ୍ରମାଣ ଆଧାରରେ ଏହାର ପ୍ରକୃତ ରହସ୍ୟ ପଦାକୁ ଆଣିଥିଲା । ତେବେ ଏହି ଘଟଣା ପ୍ରେମଜନିତ ହୋଇଥିବାରୁ ସ୍ତ୍ରୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଲା ବୋଲି ଚର୍ଚ୍ଚା ଯୋର ଧରିଛି । ଉଭୟେ ଉଭୟଙ୍କୁ ବିଗତ ଦିନରୁ ପ୍ରେମ କରି ଆସୁଥିଲେ ବୋଲି ଚର୍ଚ୍ଚା ହେଉଥିବା ବେଳେ ଆଜି ଅଭିଯୁକ୍ତ ଦୁଇଜଣଙ୍କୁ ଗିରଫ କରାଯାଇ କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ୍ ସୂତ୍ରରୁ ଜଣାପଡ଼ିଛି ।

# ହାତୀ ଆକ୍ରମଣରେ ଗାଈ ମୃତ :ଗାଁ ଲୋକେ ଭୟଭୀତ

ବଅଁରପାଳ,(ସବ୍ୟୁ): ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଅଞ୍ଚଳରେ ହାତୀ ପଲ କିଛି ମାସ ରହି ବିଭିନ୍ନ ଗ୍ରାମର ଲୋକଙ୍କ ଧାନଚାଷ,ପନିପରିବା ନଷ୍ଟ କରିବା ସହିତ ଆତଙ୍କ ସୃଷ୍ଟି କରୁଛନ୍ତି । ଫଳରେ ସନ୍ଧ୍ୟା ହେଲେ ଗାଁରେ ତାଟି କବାଟ ପଡୁଛି । ହାତୀ ଭୟରେ ଗାଁ କୁ ବନ୍ଧୁବାନ୍ଧବ ଆସିବା ପାଇଁ ଇଛା ପ୍ରକାଶ କରୁନାହାନ୍ତି । ସନ୍ଧ୍ୟା ୬ଟା ପରେ ଶବ ସତ୍କାର ପାଇଁ ମଶାଣିକୁ ଯାଉ ନାହାଁନ୍ତି ଲୋକେ । ଘର ଭାଙ୍ଗିବା ସହିତ ଗାଈ ଗୋରୁ ମାନଙ୍କୁ ଆକ୍ରମଣ କରୁଛନ୍ତି । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ନିକଟସ୍ଥ ଅଙ୍ଗାରବନ୍ଧ ପଞ୍ଚାୟତ ତେଲି ସାହିରେ ରବିବାର ରାତିରେ ଗୋଟିକିଆ ହାତୀ ପଶି ଅରୁଣ ସାହୁ ଓ ଅମର ସାହୁଙ୍କ ଘର ଭାଙ୍ଗିବା ସହିତ ଗୋଟିଏ ଗାଈକୁ ମାରି ଦେଇଛି । ଏହି ଘଟଣା ପରେ ଗାଁ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି । ବନବିଭାଗ ହାତୀ ଘଉଡାଇବାରେ ବିଫଳ ହେଉଥିବାରୁ ଗ୍ରାମ ବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

# ଆଶା ଓ ଅଙ୍ଗନବାଡ଼ି ଦିଦିଙ୍କ ଦ୍ୱାରା ଓଡିଶା ବିକଶିତ ହେବ

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବାମୁର ଠାରେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସ୍ତରୀୟ ନବମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୬ କାର୍ଯ୍ୟକ୍ରମ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । କିଶୋରନଗର ସିଡିପିଓ ଭାଗ୍ୟ ଲତା ସେଠି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସମ୍ବଲପୁର ଏମପି ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଶିଶର ସ୍ୱାସ୍ଥ୍ୟ ସବୁବେଳେ ଠିକ ରଖିବା ଆବଶ୍ୟକ ବୋଲି କହିଥିଲେ । ଏଥିସହିତ କିଶୋରନଗର ବ୍ଲକ ରେ ୭୫୦୦ ଶିଶୁ, ଗର୍ଭବତୀ ମା ମାନେ ଅଙ୍ଗନବାଡି ଅଧୀନରେ ଅଛନ୍ତି । ସେମାନ ଙ୍କୁ ସବୁବେଳେ ପୋଷଣ ଖାଦ୍ୟ ଆବଶ୍ୟକତା ରହିଛି । ସେମାନ ଙ୍କର ସ୍ୱାସ୍ଥ୍ୟ ର ଉନ୍ନତି ହେଲେ ଦେଶ ର ଉନ୍ନତି ହେବ । ନିଜ ଘରେ ଯେମିତି ଶିଶୁ କୁ ସ୍ନେହ ଦେଇ ପାଳନ କରା ଯାଉଛି ଅଙ୍ଗନ ବାଡ଼ି ରେ ମଧ ସେତିକି ସ୍ନେହ ଦେଇ ପାଠ ପଢାଇବା ଆବଶ୍ୟକ । ଏହି କେନ୍ଦ୍ର ରୁ ପାଠ ପଢି ଶିଶୁମାନେ ସେମାନଙ୍କର ପରିଚୟ ସୃଷ୍ଟି କରି ପାରିବେ । ଓଡିଶାକୁ ବିକଶିତ କରିବା ରେ ଅଙ୍ଗନବାଡି ଓ ଆଶା ଦିଦି ଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ । ଶିଶୁ ଓ ମା ମାନେ କିପରି ଅପପୃଷ୍ଟି ଓ ରକ୍ତ ହୀନତାର ଶିକାର ନ ହୁଅନ୍ତି ସେଥିପାଇଁ ପୋଷଣ ଅଭିଯାନ ମାଧ୍ୟମ ସଠିକ ଆହାର ଶ ।ରିରିକ ସୁସ୍ଥତା ତଥା ଏହି ସଚେତନତା କାର୍ଯ୍ୟକ୍ରମକୁ ଘରେ ଘରେ ପହଞ୍ଚିବାକୁ ହେବ ବୋଲି କହିଥିଲେ । ଅନ୍ୟ ମାନ ଙ୍କ ମଧ୍ୟ ରେ ଭାଜପା ରାଜ୍ୟ ନେତା ଗୋଲଖ ମହାପାତ୍ର, ଆଠମଲ୍ଲିକ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, କିଶୋରନଗର ବ୍ଲକ ଉପାଧକ୍ଷ ଲବ କୁମାର ପ୍ରଧାନ, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, କିଶୋରନଗର ବିଡ଼ିଓ ଶୁଭକାନ୍ତ ନାୟକ, ଏସଟିଏସସି ଉନ୍ନୟନ ପରିଷଦ ର ଅଧକ୍ଷ ବଶିଷ୍ଠ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ପ୍ରଥମେ ଏମପି ନିକଟରେ ଥିବା ଅଙ୍ଗନବାଡ଼ିକୁ ଯାଇ ସେଠାରେ କୁନି କୁନି ଶିଶୁ ଙ୍କୁ ଫଳ ବଣ୍ଟନ କରିବା ସହ ଉପହାର ପ୍ରଦାନ କରିଥିଲେ । ଏଥିରେ ଜିଲ୍ଲା ଭାଜପା ସଭାପତି ଯଯାତି କେଶରୀ ପଟ୍ଟନାୟକ, ଉପ ସଭାନେତ୍ରୀ ଅଞ୍ଜଳି ପ୍ରଧାନ, ଭାଜପା ନେତା ଅର୍ଜୁନ ସାହୁ, ବିଧାନସଭା ସଂଯୋଜକ ଡ ଅଲେଖ ପ୍ରଧାନ, ଯୁବ ଭାଜପା ମୋର୍ଚ୍ଚା ର ଜିଲ୍ଲା ଉପ ସଭାପତି ଓଁ ପ୍ରକାଶ ସାହୁ, ଏମପି ପ୍ରତିନିଧି ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ରେଙ୍ଗାଳି ଡ୍ୟାମରୁ ବନ୍ୟାଜଳ ନିଷ୍କାସିତ

ରେଙ୍ଗାଳି ,(ସବ୍ୟୁ): ଏ ବର୍ଷ ପଞ୍ଚମ ଥର ପାଇଁ ରେଙ୍ଗାଳି ଡ୍ୟାମର ଗୋଟିଏ ଗେଟ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି । ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ରେଙ୍ଗାଳି ଡ୍ୟାମ ଜଳଭଣ୍ଡାରର ପୂର୍ଣ୍ଣ ଜଳ ଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ଆଜି ଦିନ ଦୁଇଟା ସୁଦ୍ଧା ଡ୍ୟାମର ଜଳସ୍ତର ୧୨୩.୯୨ ମିଟରରେ ପହଁଚିଥିଲା । ନିର୍ଦ୍ଧାରିତ ଜଳସ୍ତର ଠାରୁ ଡ୍ୟାମର ଜଳସ୍ତର ଅଧିକ ରହିଛି । ଫଳରେ ଆଜି ଦିନ ୩ଟା ରେ ଡ୍ୟାମ କର୍ତ୍ତୃପକ୍ଷ ଡ୍ୟାମର ଗେଟ ୮କୁ ଖୋଲି ବନ୍ୟା ଜଳ ନିଷ୍କାସନ କରିଥିଲେ ।ଆଜି ଅପରାହ୍ନ ୫ଟା ସୁଦ୍ଧା ରେଙ୍ଗାଳି ଡ୍ୟାମ ଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର ୧୨୩.୯୪ ମିଟର ରହିଛି ।ଡ୍ୟାମର ଜଳଧାରଣ ସାରଣୀ ଅନୁଯାୟୀ ଏହି ସମୟରେ୧୨୩.୮୫ମିଟର ରହିବା କଥା ।ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୩୨୧୮ ଘନ ମିଟର ବନ୍ୟା ଜଳ ପ୍ରବେଶ କରୁଥିବା ବେଳେ ଖୋଲା ଯାଇଥିବା ୧ଟି ଗେଟ ଓ ପାଓ୍ୱାର ଚ୍ୟାନେଲ ମାଧ୍ୟମରେ ମୋଟ ୨୪୭୦.୯୦ଘନ ମିଟର ବନ୍ୟା ଜଳ ନିଷ୍କାସିତ ହେଉଅଛି । ପ୍ରତି ଘଣ୍ଟାରେ ୨୪୨ମେଗାଓ୍ୱାଟ ବିଦ୍ୟୁତ ଉତ୍ପାଦନ ହେଉଥିବା ନେଇ ବନ୍ୟାନିୟନ୍ତ୍ରଣ କକ୍ଷ ପକ୍ଷରୁ ସୂଚନା ଦିଆଯାଇଛି

# ଶିକ୍ଷକପଡାକୁ ରାସ୍ତା ନିର୍ମାଣପାଇଁ ଦାବିପତ୍ର

ଠାକୁରଗଡ଼,(ସବ୍ୟୁ) : କିଶୋରନଗର ବ୍ଲକ ନୁନୁକାପଶି ପଞ୍ଚାୟତ ଆଠମଲ୍ଲିକ ଓଭର ବ୍ରିଜ ଠାରୁ ଭାୟା ଶିକ୍ଷକପଡା ଦେଇ ସାନ ଗୋବିନ୍ଦ ପୁର ଯାଇଥିବା ରାସ୍ତା ଟି ଏବେ ସମ୍ପୂର୍ଣ୍ଣ କାଦୁଅପୂର୍ଣ୍ଣ ହୋଇଯାଇଛି । ଯାହା ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ମାନେ ବହୁ ହଇରାଣ ହେଉଛନ୍ତି । ଏହି ରାସ୍ତା କୁ ପିଚୁ ରେ ପରିଣତ କରିବା ପାଇଁ ସୋମବାର ଦିନ ବଇଣ୍ଡା ଠାରେ ସମ୍ବଲପୁର ଏମପି ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅଞ୍ଚଳବାସୀ ଦାବି ପତ୍ର ପ୍ରଦାନ କରିଛନ୍ତି ।ଓଭରବ୍ରିଜ ନିକଟରେ ଏମପି ଙ୍କୁ ଅଂଚଳବାସି ଙ୍କ ପକ୍ଷରୁ ସମ୍ବର୍ଦ୍ଧନା କରାଯାଇ ସାହି ସଭାପତି ରଜତ କୁମାର ସାହୁ ଓ ଭାଜପା ନେତା ଅରବିନ୍ଦ ସାହୁ ଙ୍କ ନେତୃତ୍ୱ ରେ ମହିଳା ପୁରୁଷ ଏକାଠି ହୋଇ ଦାବି ପତ୍ର ପ୍ରଦାନ କରିଥିଲେ । ଅଂଚଳବାସି ଏମପି ଙ୍କୁ କହିଥିଲେ ଯେ ଏହି ରାସ୍ତା ଟି ରେଳ ବିଭାଗ ଅଧୀନ ରେ ରହିଛି । ଏହି ରାସ୍ତା ଉପରେ ଶିକ୍ଷକପଡା , ଦାଦରସାହି , ବଡହୁଲା , ସାନ ଗୋବିନ୍ଦ ପୁର , ଆଦି ଗ୍ରାମବାସୀ ଯାତାୟତ କରୁଛନ୍ତି । ମୁଖ୍ୟ ରାସ୍ତା ଠାରୁ ୫୦୦ ମିଟର ପର୍ଯ୍ୟନ୍ତ ମାଟି ରାସ୍ତା ରହିଛି । ସାମାନ୍ୟ ବର୍ଷା ହେଲେ ରାସ୍ତା ସମ୍ପୂର୍ଣ୍ଣ କାଦୁଅ ପୂର୍ଣ୍ଣ ହୋଇ ଯାଉଛି । ଯାହାକି ରାସ୍ତା ଏମିତି ହୋଇଛି ପାଦ ରେ ଚାଲି ଯିବା ସମ୍ଭବ ପର ହୋଇ ପାରୁ ନାହି । ଏହି ରାସ୍ତା ରେ ପ୍ରତ୍ୟେ କ ଦିନ ଯାଉଥିବା ସାଇକେଲ ଓ ବାଇକ ଆରୋହି ମାନେ ଖସି ପଡି ଆହାତ ହେଉଛନ୍ତି । ହେଲେ ରାସ୍ତା କୁ ମରାମତି କରାଯାଉ ନାହି । ଫଳରେ ବର୍ଷା ଦିନେ ଲୋକେ କାଦୁଅ ରେ ଯାତାୟାତ କରୁଛନ୍ତି ।

# କଳମଛୁଇଁ ଶିଶୁମନ୍ଦିରରେ ଗୀତା ଆବୃତ୍ତି ପ୍ରତିଯୋଗିତା

ତାଳଚେର ,(ସବ୍ୟୁ) :ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଗହମ ଗ୍ରାମସ୍ଥିତ ସ୍ୱାମୀ ଶିବାନନ୍ଦ ସେବା ଗ୍ରାମ ଚାରିଟେବୁଲ ସୋସାଇଟି ଆନୁକୂଲ୍ୟରେ ଶ୍ରୀମଦ୍ ଭଗବତ ଗୀତା ଆବୃତ ଓ ଗୀତା ଜ୍ଞାନ ଲିଖିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ମଙ୍ଗୁଲୁ ସାହୁ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନୁଗୋଳ ଜିଲ୍ଲାର ନଅଟି ବିଦ୍ୟାଳୟର ୩୭ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଚାରିଟେବୁଲ ସୋସାଇଟିର ଜିଲ୍ଲା ସଂଯୋଜକ ଦିଲ୍ଲୀପ କୁମାର ପ୍ରଧାନ, ଉପ ସଂଯୋଜକ ଲକ୍ଷ୍ମଣ କୁମାର ସାହୁ ଓ ଆଶ୍ରମ ଅନ୍ତେବାସୀ ବିଶ୍ୱଜିତ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଚାରକ ଭାବରେ ଶିକ୍ଷକ ଶ୍ରୀକାନ୍ତ କୁମାର ମିଶ୍ର, ସ୍ୱାଧୀନ ବସ୍ତିଆ ଓ ବିଜୟ କୁମାର ସାହୁ ମୂଲ୍ୟାଙ୍କନ କରିଥିଲେ । କଳମଛୁଇଁ ଶିଶୁ ମନ୍ଦିରର ଛାତ୍ର କୃଷ୍ଣପ୍ରସାଦ ସାହୁ ପ୍ରଥମ ହୋଇଥିବାବେଳେ ଅନ୍ୟାଂଶୁ କୁମାର ପ୍ରଧାନ ଦ୍ୱିତୀୟ, ରିତେଶ ପ୍ରଧାନ ଓ ସ୍ୱସ୍ତିକା ପ୍ରଧାନ ଯୁଗ୍ମ ଭାବରେ ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କଳମଛୁଇଁ ସରସ୍ୱତୀ ଶିଶୁମନ୍ଦିରର ବରିଷ୍ଠ ଆଚାର୍ଯ୍ୟ ଅନିଲ କୁମାର ସାହୁ, ବସନ୍ତ ମହାନ୍ତି, ଭଗବାନ ବେହେରା, ଶରତ ଚନ୍ଦ୍ର ଦାସ, ନିତ୍ୟାନନ୍ଦ ଭୂତିଆ, ଆଚାର୍ଯ୍ୟା ପ୍ରିୟଙ୍କା ବେହେରା, ସୁଶ୍ରୀ ତ୍ରିପାଠୀ, ଅର୍ଚ୍ଚନା ସାହୁ, ରାଗିଣୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ହିନ୍ଦୋଳରେ ହାତୀ ଆକ୍ରମଣରେ ପୁଣି ଜଣେ ମୃତ



ହିନ୍ଦୋଳ ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓ ବନଖଣ୍ଡର ହିନ୍ଦୋଳ ବନାଞ୍ଚଳ ବାଲିମି ଥାନା ଅନ୍ତର୍ଗତ ପାଟଲା ଗ୍ରାମ ମଙ୍ଗଳା ସାହିରେ ଆଜି ସକାଳେ ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳି ଥିଲା ।ଗ୍ରାମର ବିଷ୍ଣୁ ନାୟକ (୪୦) ନାମକ ଜଣେ ବିବାହିତ ଯୁବକ ତାଙ୍କ ନିଜ ଧାନ କ୍ଷେତ ପାର୍ଶ୍ୱକୁ ଲାଗି ଅନ୍ୟ ଏକ ଜମିରେ ହାତୀ ଆକ୍ରମଣରେ ମୃତ୍ୟୁ ବରଣ କରିଥିବା ଘଟଣା ଶୋକାକୂଳ ପରିବେଶ ସୃଷ୍ଟି କରିଥିଲା ।ଖବର ନେବାରେ ମୃତକ ବିଷ୍ଣୁ ନାୟକ ଶନିବାର ରାତି ୮ ଟା ପରେ ନିଜ କ୍ଷେତ ଦେଖିବାକୁ ଯାଇଥିଲେ ।ଯେଉଁଠି ସେ ହୁଡା ମୁଣ୍ଡରେ ମାଛ ଧରିବା ପାଇଁ ଏକ ଖଇଁଚି ବସାଇ ଥିଲେ ।ତେବେ ରାତି ବିଳମ୍ୱ ହେବାରୁ ଘରକୁ ନଫେରିବାରୁ ପରିବାର ଲୋକେ ରବିବାର ସକାଳୁ ତାଙ୍କୁ ବହୁ ଖୋଜାଖୋଜି କରିବା ଆରମ୍ଭ କରିଥିଲେ । ଏନେଇ ପରିବାର ପକ୍ଷରୁ ବାଲିମି ଥାନାରେ ଏକ ମିସ କେସ ଦାୟର କରାଯାଇ ଥିଲା । ଆଜି ସକାଳେ କେତେକ ଗ୍ରାମବାସୀ ନିଜ ଚାଷ ଜମିକୁ ଯାଇଥିବା ବେଳେ କ୍ଷେତ ମଝିରେ ବିଷ୍ଣୁ ନାୟକଙ୍କ କ୍ଷେତ ବିକ୍ଷତ ମୃତଦେହ ପଡି ଥିବାର ଦେଖିଲେ ।ଏଥି ସହ ପାଖରେ ହାତୀ ପାଦ ଚିହ୍ନ ରହିଥିବା ଜଣା ପଡି ଥିଲା । ଏ ସମ୍ପର୍କରେ ହିନ୍ଦୋଳ ବନବିଭାଗ ଓ ବାଲିମି ପୋଲିସକୁ ଖବର ଦେବାରେ ଉଭୟ ବିଭାଗ ପକ୍ଷରୁ ଅଧିକାରି ଓ କର୍ମଚାରିମାନେ ଘଟଣା ସ୍ଥଳକୁ ଯାଇ ଶବ ଜବତ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିଲେ । ପୋଲିସ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରା ଯିବା ସହ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ହିନ୍ଦୋଳ ଡାକ୍ତରଖାନାକୁ ପଠାଇ ଦେଇଛନ୍ତି । ମୃତକଙ୍କ ପରିବାର ବର୍ଗଙ୍କୁ ବନବିଭାଗ ପକ୍ଷରୁ ପ୍ରଥମ କ୍ଷେପରେ ୧ ଲକ୍ଷ ୫ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇ ଥିବା ନେଇ ରେଞ୍ଜ ଅଧିକାରି ତ୍ରିଲୋଚନ ଦେହୁରି ପ୍ରକାଶ କରିଛନ୍ତି । ଅବଶିଷ୍ଟ ଆର୍ଥିକ ସହାୟତା ରାଶି ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପ୍ରଦାନ କରା ଯିବା ନେଇ ଶ୍ରୀ ଦେହୁରି ପ୍ରତିଶ୍ରୁତି ଦେଇଛନ୍ତି । ମୃତକଙ୍କର ସ୍ତ୍ରୀ ସମେତ ୫ ଟି କମ ବୟସର ପୁଅ ଝିଅ ଅଛନ୍ତି ,ତନ୍ମଧ୍ୟରୁ ଜଣେ ବିକଳାଙ୍ଗ ବୋଲି ଜଣାପଡିଛି ।

[redacted]

# ଓଡାପଡାରେ ସେବା ସଙ୍କଳ୍ପ ଅଭିଯାନ



ଢେଙ୍କାନାଳ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ଓଡ଼ାପଡା ବ୍ଲକରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଢେଙ୍କାନାଳ ତର"ରୁ ସେବା ସଂକଳ୍ପ ଅଭିଯାନ ୨୦୨୬ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ସୁଧା ଚୌହାନ ପ୍ରୋବେସନ, ଅଜିଙ୍କ୍ୟ ବାବୁରାଓ ମାନେ, ଆରକ୍ଷୀ ଅଧୀକ୍ଷକ, ଦିପ୍ତିରଞ୍ଜନ ସେଠୀ, ମୁଖ୍ୟ ଉନ୍ନୟନ ଅଧିକାରୀ-ସହ-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଦିଲ୍ଲୀପ କୁମାର ଷଡଙ୍ଗୀ,ବ୍ଲକ ଉନ୍ନୟନ ଅଧିକାରୀ, ଓଡାପଡା, ତପନ କୁମାର ସୂତାର, ଜିଲ୍ଲା ଶ୍ରମ ଅଧିକାରୀ ଏବଂ ଭବାନୀ ଶଙ୍କର ବେଜ, ସହାୟକ ଶ୍ରମ ଅଧିକାରୀ, ଢେଙ୍କାନାଳଙ୍କ ଉପସ୍ଥିତିରେ ପଞ୍ଜୀକୃତ ନିର୍ମାଣ ଶ୍ରମିକ/ମନୋନୀତ ବ୍ୟକ୍ତିଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଅଛି । ଏହି ଶିବିରରେ ୨ ଜଣ ଆବେଦନକାରୀଙ୍କୁ ୪୮,୪୦୦ଟଙ୍କା ଶିକ୍ଷା ସହାୟତା, ୪ ଜଣ ଆବେଦନକାରୀଙ୍କୁ ୨ଲକ୍ଷ ଟଙ୍କା ବିବାହ ସହାୟତା, ୪ ଜଣ ମନୋନୀତ ବ୍ୟକ୍ତିଙ୍କୁ ୧୦ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ଓ ୩ ଜଣ ମନୋନୀତ ବ୍ୟକ୍ତିଙ୍କୁ ୧୫ହଜାର ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ସର୍ବ ମୋଟ ୧୩ ଜଣ ନିର୍ମାଣ ଶ୍ରମିକଙ୍କୁ୧୨ଲକ୍ଷ ୭୩ହଜାର ୪୦୦ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଡିବିଟି ମାମରେ ପ୍ରଦାନ କରାଯାଇଅଛି ।ସେହିପରି ୫୦ ଜଣ ହିତାଧିକାରୀଙ୍କୁ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା ।

# ଶିକ୍ଷୟିତ୍ରୀଙ୍କ ବଦଳି: ଗେଟ୍‌ରେ ତାଲାପକାଇ ଆନ୍ଦୋଳନ



କାମାକ୍ଷାନଗର, (ସବ୍ୟୁ) :ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ ଖଜୁରିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ବଦଳି ବାତିଲ ଦାବିରେ ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରିଥିବାର ଜଣାପଡିଛି ।ଦୁଇ ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ତେଜିଲା ଅସନ୍ତୋଷ । ବଦଳି ବାତିଲ ଦାବିରେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ । ବଦଳି ବାତିଲ ନହେଲେ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ଅଭିଭାବକ ।ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଖଜୁରିଆରେ ଶିକ୍ଷୟିତ୍ରୀ ବଦଳିକୁ ନେଇ ତେଜିଛି ବିବାଦ । ବିଦ୍ୟାଳୟରେ ମୋଟ ୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଥିବାବେଳେ ଏଠାରୁ ୨ ଜଣ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି ।ଦୁଇ ଶିକ୍ଷୟିତ୍ରୀଙ୍କ ବଦଳି ପରେ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେବ ଏବଂ ଏହାର ସିଧାସଳଖ ପ୍ରଭାବ ପିଲାଙ୍କ ପାଠପଢ଼ା ଉପରେ ପଡ଼ିବ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି । ବଦଳି ଆଦେଶକୁ ବାତିଲ କରି ପୂର୍ବଭଳି ଶିକ୍ଷକ ବ୍ୟବସ୍ଥା ରଖିବାକୁ ଦାବି କରିଛନ୍ତି ।ଦାବି ପୂରଣ ନହେବାରୁ ଆଜି ବିଦ୍ୟାଳୟରେ ତାଲା ପକାଇ ବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ । ବଦଳି ଆଦେଶ ବାତିଲ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି ।ବିଦ୍ୟାଳୟରେ ୬ ଜଣ ଶିକ୍ଷକ ଥିବାବେଳେ ୨ ଜଣ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯାଇଛି । ଏହାଦ୍ୱାରା ପିଲାମାନଙ୍କ ପାଠପଢ଼ା ପ୍ରଭାବିତ ହେବ । ତେଣୁ ବଦଳି ଆଦେଶକୁ ବାତିଲ କରାଯାଉ । ଦାବି ପୂରଣ ନହେଲେ ଆମର ଆନ୍ଦୋଳନ ଜାରି ରହିବ ।ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଏବେ ଖଜୁରିଆ ବିଦ୍ୟାଳୟରେ ଅସନ୍ତୋଷ ତେଜିଛି । ଏ ନେଇ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି ।

# 'ହିନ୍ଦୀ ପକ୍ଷ ଉଦ୍‌ଯାପନରେ 'ହାସ୍ୟ କବି ସମ୍ମିଳନୀ'

କଣିହାଁ ,(ସବ୍ୟୁ):ସରକାରୀ ଭାଷା ହିନ୍ଦୀର ପ୍ରଚାର-ପ୍ରସାର ଏବଂ ଏହା ବିଷୟରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ, ଏନଟିପିସି ରେ 'ହିନ୍ଦୀ ପକ୍ଷ-୨୦୨୬' ସୋମବାର ଉଦଯାପିତ ହୋଇଯାଇଛି । ଏହି ଅବସରରେ ଏନଟିପିସି 'ଦୀପ ତରଙ୍ଗ ଅଡିଟୋରିୟମ' ଠାରେ ଆୟୋଜିତ ଉଦଯାପନ ଦିବସରେ ଏକ 'ହାସ୍ୟ କବି ସମ୍ମିଳନି' ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେରେ ଏନଟିପିସି ପ୍ରକଳ୍ପ ମୁଖ୍ୟ ଅଜୟ ସିଂହ ଯାଦବ ଯୋଗ ଦେଇ ହାସ୍ୟ କବି ସମ୍ମିଳନି ର ଶୁଭାରମ୍ଭ କରିବା ପରିପ୍ରେକ୍ଷୀରେ ଏଭଳି ସାଂସ୍କୃତିକ ଓ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ କେବଳ ହିନ୍ଦୀ ପ୍ରତି ଆଗ୍ରହ ସୃଷ୍ଟି କରେ ନାହିଁ, ବରଂ ପରିବାର ସହିତ ଗୁଣାତ୍ମକ ସମୟ ବିତାଇବାର ସୁଯୋଗ ମଧ ପ୍ରଦାନ କରେ, ଯାହା ବ୍ୟସ୍ତବହୁଳ ଜୀବନର କ୍ଳାନ୍ତି ଓ ଚାପ ଦୂର କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ପରେ ହାସ୍ୟ କବି ଶମ୍ଭୁ ଶିଖର , ପ୍ରସିଦ୍ଧ ହାସ୍ୟ କାର୍ଯ୍ୟକ୍ରମ ବିଜେତା ପ୍ରତାପ ଫୌଜଦାର , ପ୍ରସିଦ୍ଧ ଶାୟର ଅଝାର ଇକବାଲ ଏବଂ ହାସ୍ୟ କବି ହିମାଂଶୁ ବାବନ୍ଦର ଙ୍କ ଭଳି ବିଶିଷ୍ଟ କବିମାନେ ନିଜର ହାସ୍ୟରସାତ୍ମକ ଓ କାବ୍ୟକ ପ୍ରସ୍ତୁତି ମାଧ୍ୟମରେ ଦର୍ଶକଙ୍କୁ ମନ୍ତ୍ରମୁU କରିଥିଲେ । ହାସ୍ୟରସ, ବ୍ୟଙ୍ଗ ଏବଂ କବିତାର ଚମତ୍କାର ଉପସ୍ଥାପନା ଦର୍ଶକଙ୍କୁ ଆକର୍ଷିତ କରିଥିବାରୁ ଅଡିଟୋରିୟମ ହାସ୍ୟରୋଳ ଓ କରତାଳିରେ ଗୁଞ୍ଜରିତ ହୋଇଉଠିଥିଲା ।କାର୍ଯ୍ୟକ୍ରମର ଶେଷ ଭାଗରେ, 'ହିନ୍ଦୀ ପକ୍ଷ-୨୦୨୬' ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଏନଟିପିସି ଦୀପଶିଖା ଟାଉନ୍‌ସିପ୍ର ବାସିନ୍ଦା, କର୍ମଚାରୀ ଏବଂ ଅଧିକାରୀଙ୍କ ସମେତ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

# ହୀନ୍ଦ ମଜଦୂର ସଭାର ୧୫ତମ ୨ଦିନିଆ ରାଜ୍ୟ ସମ୍ମିଳନୀ




ତାଳଚେର ,(ସବ୍ୟୁ) : ହୀନ୍ଦ ମଜଦୂରସଭା (ଏଚଏମଏସ୍) ର ଓଡ଼ିଶା ପକ୍ଷରୁ ଗତ ଶନିବାର ଠାରୁ ଆରମ୍ଭ ହୋଇଥିବା ୧୫ତମ ଦୁଇଦିନିଆ ରାଜ୍ୟ ସମ୍ମିଳନୀ ଉଦଯାପିତ ହୋଇଯାଇଛି । ସାଉଥବଲଣ୍ଡା ସ୍ଥିତ ଜଗନ୍ନାଥ କଲ୍ୟାଣମଣ୍ଡପ ଠାରେ ଆୟୋଜିତ ଉଦଯାପନୀ ଦିବସରେ ଶ୍ରମିକସଂଗଠନ ପକ୍ଷରୁ ଶୋଭାଯାତ୍ରା ବାହାରି କଲ୍ୟାଣୀମଣ୍ଡପ ଠାରେ ପହଂଚିଥିଲେ । ସେଠାରେ ହୀନ୍ଦ ମଜଦୂର ସଭାରେ ବିଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଅତିଥିଭାବେ ସୁନ୍ଦରଗଡ଼ ବିଧାୟକ ଯୋଗେଶ ସିଂହ, ପୂର୍ବତନମନ୍ତ୍ରୀ ମୀଂଗଳା କିଷାନ, ପିତିରଞ୍ଜନ ଘଡ଼େଇ, ପ୍ରଫୁଲ୍ଲ ମଲ୍ଲୀକ, ଶ୍ରୀକାନ୍ତ ସାହୁ, ଅଲକା ମହାନ୍ତି ଉମାବଲ୍ଲଭ ରଥ ଯୋଗଦେଇଥିବା ବେଳେ ଶ୍ରମିକସଂଗଠନର ପ୍ରତିନିଧିଭାବେ ଏଆଇଟିୟୁସି ର ଏସକେ ଶର୍ମା, ବିଏମଏସ୍‌ର ବାଦଲ ମହାରଣା, ଏଚଏମଏସର ଲତିକା ପଟ୍ଟନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି, ଆଇନଜିବୀ ମହେନ୍ଦ୍ର ବସ୍ତିଆ ପ୍ରମୁଖ ଉଦବୋଧନ ଦେଇ ପ୍ରକାଶ କରିଥିଲେ ଯେ, ଦେଶର ସୃଷ୍ଟି ହୋଇଥିବା ଅବିଶ୍ୱସନୀୟ କର୍ମଜିବୀ ବିରୋଧି ଆଇନର ପ୍ରତ୍ୟାହାର ସହ ଅନ୍ୟାନ୍ୟ ସଂଗଠିତ ଓ ଅସଂଗଠିତ ଶ୍ରମ ସମସ୍ୟା ସମ୍ପର୍କରେ ପ୍ରକାଶ କରିଥିଲେ । ଅଭ୍ୟର୍ଥନା କମିଟିର ଅଧକ୍ଷ ତଥା ବିଧାୟକ ବ୍ରଜକିଶୋର ପ୍ରଧାନ ଅତିଥି ପରିଚୟ ,ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିବା ସହ ବାବୁଲା ଖଣ୍ଡୁଆ ମଂଚ ପରିଚାଳନା କରିଥିଲେ । ଏକ ସ୍ମରଣୀକା ଉନ୍ମୋଚନ ହୋଇଥିବା ବେଳେ ପ୍ରକାଶ କୁଣ୍ଡୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରେନ ଧକ୍କାରେ ମୃତ୍ୟୁ

ପରଜଙ୍ଗ,(ସବ୍ୟୁ) :ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅନ୍ତର୍ଗତ ଅନୁଗୁଳ-ସୁକିନ୍ଦା ନୂତନ ରେଳପଥର ଖଣ୍ଡୁଆଳ ମୁଣ୍ଡା ଗାଁ ନାଳୀ ନିକଟରେ ଟ୍ରେନ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକ ଜଣଙ୍କ କନ୍ଦରସିଂହା ଗାଁ ଖଳିବାହାଳ ସାହିର ଗଣେଶ୍ୱର ନାଥ (୬୨)ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଗଣେଶ୍ୱର ଗତକାଲି ଅପରାହ୍ନରୁ ଘରୁ ବାହାରି ଆଉ ଫେରିନଥିଲେ । ପରେ ଖଣ୍ଡୁଆଳମୁଣ୍ଡା ଗାଁ ନାଳୀ ନିକଟ ରେଳ ଲାଇନରେ ତାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ ।ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ଏ ନେଇ ଗଣେଶ୍ୱରଙ୍କ ମୃତ୍ୟୁକୁ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି ।

# ଜିଲ୍ଲା ସାହିତ୍ୟ ସଂସଦ ପକ୍ଷରୁ କବିବର ରାଧାନାଥଙ୍କ ଜୟନ୍ତୀ



ଅନୁଗୋଳ, (ସବ୍ୟୁ) : ଅନୁଗୋଳ ସଂସ୍କୃତି ପାଠାଗାର ପରିସରରେ ଜିଲ୍ଲା ସାହିତ୍ୟ ସଂସଦ ପକ୍ଷରୁ କବିବର ରାଧାନାଥ ରାୟ ଙ୍କ ଜୟନ୍ତୀ ଓ କବିତା ପାଠ ଆୟୋଜିତ ହୋଇଯାଇଛି ।ସଂସଦର ସଭାପତି ଶାନ୍ତନୁ କୁମାର ସର ପ୍ରଦୀପ ପ୍ରଜ୍ୱଳନ କରି ଏହି ସମାରୋହକୁ ଉ"ାଟନ କରିଥିଲେ ।ଶ୍ରୀ ସର ନିଜ ଅଭିଭାଷଣରେ ରାଧାନାଥ ରାୟ ଙ୍କ ସୃଷ୍ଟି ସମ୍ଭାର ରେ ପ୍ରକୃତି ପ୍ରେମ,ସୋନ୍ଦର୍ଯ୍ୟବୋଧ ସହିତଭାଷା ଅସ୍ମିତା ର କିଭଳି ନବଜାଗରଣ ଘଟିଥିଲା ତାହା ବର୍ଣ୍ଣନା କରିଥିଲେ ।ଏହାଛଡା ତାଙ୍କରଅନେକକାବ୍ୟକବିତାରେ ଇଂରାଜୀ ସାହିତ୍ୟ ରଛାପ କିଭଳି ପଡ଼ିଥିଲା ତାହା ଉଲ୍ଲେଖ କରିଥିଲେ ।ମୁଖ୍ୟବକ୍ତାରୂପେ ଯୋଗ ଦେଇ ପ୍ରାଧ୍ୟାପକ ଗୁରୁ ରାଉତରାୟ ରାଧାନାଥ ଓଡ଼ିଆ ଭାଷା ର ପ୍ରଚାର ପ୍ରସାର ପାଇଁ କିଭଳି ଉଦ୍ୟମ କରିଥିଲେ ତାହା ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ ।ରାଧାନାଥ ଙ୍କୁ ଯୁଗସ୍ରଷ୍ଟା ବୋଲି କହିବା ସହଫକୀରମୋହନ ଓ କବି ମଧୁସୂଦନ ଙ୍କ ସହ ମିଶି କିଭଳିସେତେବେଳର ଭାଷା ସାହିତ୍ୟ କୁ ଉଚ୍ଚତମ ସୋପାନ କୁ ନେଇଥିଲେ ତାହା ପ୍ରକାଶ କରିଥିଲେ ।ଅନୁଗୋଳ ଜିଲ୍ଲା ସାହିତ୍ୟ ସଂସଦ ର ସମ୍ପାଦକ ରାଧାକାନ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ ।ସମାରୋହ ପ୍ରାରମ୍ଭରେ ଅଧ୍ୟାପକମନୋଜ କୁମାର ବେହେରା ରାଧାନାଥ କାବ୍ୟ ଚେତନାର ବୈଶିଷ୍ଟ୍ୟ ଏବଂ ପ୍ରାଧ୍ୟାପକ ଦଧିବାମନ ପ୍ରଧାନ ରାଧାନାଥ ଙ୍କ ବିବେକୀ ପ୍ରବନ୍ଧ ର ବିଶ୍ଳେଷଣ କରିଥିଲେ ।ଏହାପରେ ସ୍କୁଲ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପିଲା ମାନଙ୍କୁ ପୁରସ୍କୃତ କରାଯାଇଥିଲା ।ସରସଓ୍ୱତୀ ବିଦ୍ୟା ମନ୍ଦିର,ନାଲକୋନଗର ର ପ୍ରିନ୍ସ ରାଉ ପ୍ରଥମ,ସରକାରୀ ଉଚ୍ଚ ବିଦ୍ୟାଳୟ, ଖଲାରୀ ର ସୁପ୍ରିୟା ଆଚାର୍ଯ୍ୟ ଦ୍ୱିତୀୟ ଓ ରୋଟାରୀ ପବ୍ଲିକ ସ୍କୁଲର ଆଦ୍ୟାଶ୍ରୀ କର ତୃତୀୟ ସ୍ଥାନ ହାସଲ କରିଥିଲେ ।ଏହି ପ୍ରତିଯୋଗିତାରେ ଅସି ପଟ୍ଟନାୟକ,ଡ଼ା ଇନ୍ଦିରା ଦାଶ ଓ ଗୁରୁ ରାଉତରାୟ ବିଚାରକ ଭାବେ ଯୋଗ ଦେଇଥିଲେ । ଏହାପରେ କଳ୍ପନା ବୋଇତି ଓ ଅନୁପମା ପ୍ରଧାନ ଙ୍କ ପରିଚାଳନାରେ କବିତା ପାଠ ଆୟୋଜିତ ହୋଇଥିଲା ।୪୦ ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ ।ଶେଷରେ ସାହିତ୍ୟ ସଂସଦ ର ଉପ ସଭାପତି ଡ଼ା ଇନ୍ଦିରା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅର୍ଣ୍ଣବ ବାତ୍ୟାର ପ୍ରଭାବ : ୨୮ ପଞ୍ଚାୟତର ୧୭, ୧୧୬ ଲୋକ ପ୍ରଭାବିତ

ଖଇରା, (ସବ୍ୟୁ) :ଅର୍ଣ୍ଣବ ବାତ୍ୟା ଯୋଗୁଁ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି । ବ୍ଲକ ପ୍ରଶାସନ ତରଫରୁ ପ୍ରସ୍ତୁତ ପ୍ରାଥମିକ କ୍ଷୟକ୍ଷତି ରିପୋର୍ଟ ଅନୁଯାୟୀ ବ୍ଲକର ୩୭ ପଞ୍ଚାୟତ ମଧ୍ୟରୁ ୨୮ ପଞ୍ଚାୟତ ଅଧୀନ ୧୧୪ ଗ୍ରାମର ୧୭ହଜାର୧୧୬ ଲୋକ ପ୍ରଭାବିତ ହୋଇଛନ୍ତି । ବିଭିନ୍ନ ନଦୀ କୂଳିଆ ଅଞ୍ଚଳରୁ ୨ହଜାର୫୩୦ ଲୋକଙ୍କୁ ଉଦ୍ଧାର କରାଯାଇ ଶନିବାର ୭ଟି ଓ ରବିବାର ୫ଟି ଆଶ୍ରୟସ୍ଥଳୀରେ ରଖାଯାଇଛି । ସେହିଭଳି ୫ଟି ଆଶ୍ରୟସ୍ଥଳୀରେ ରହୁଥିବା ୩ହଜାର ୭୮୧ ହିତାଧିକାରୀଙ୍କ ପାଇଁ ମାଗଣା ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଥିଲା । ଜଳବନ୍ଦୀରେ ରହୁଥିବା ପିଡିତଙ୍କ ନିକଟରେ ଖାଦ୍ୟ ପହଞ୍ଚାଇବା ପାଇଁ ଜୋଡିଏ ଓଡ୍ରାଫ ଟିମ ଓ ଖଇରା ଅଗ୍ନିଶମ ବାହିନୀକୁ ମୁତୟନ କରାଯାଇଛି । ସେହିଭଳି ରବିବାର ଅପରାହ୍ନ ସୁଦ୍ଧା ପାଣିଘେରରେ ଥିବା ପରିବାର ନିକଟକୁ ୧୫୦ କୁଇଣ୍ଟାଲ ଚୁଡା ୦୧୫ କୁଇଣ୍ଟାଲ ଗୁଡ ପଠାଯାଇଥିବା ଜଣାଯାଇଛି । ରବିବାର ବାଲେଶ୍ୱର ଜିଲ୍ଲା ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ମୟୂରଭଞ୍ଜ ସାମନ୍ତରାୟ,ଖଇରା ବିଡିଓ ନାରାୟଣ ସାହୁ ଝିଙ୍କିରିଆ ଓ ସାରଶଙ୍କ ପଞ୍ଚାୟତ ଗସ୍ତକରି ବନ୍ୟାସ୍ଥିତି ଅନୁଧ୍ୟାନ କରିବା ସହ ବାତ୍ୟା ଆଶ୍ରୟସ୍ଥଳୀରେ ରହୁଥିବା ପିଡିତଙ୍କୁ ଭେଟିଥିଲେ । ରାତି ସୁଦ୍ଧା ଗୃହପାଳିତ ପଶୁଙ୍କ ପାଇଁ ୨୫୦ କୁଇଣ୍ଟାଲ ଗୋଖାଦ୍ୟ ପଠାଯିବାର ବ୍ୟବସ୍ଥା କରାଯିବ ବୋଲି ବ୍ଲକ ପ୍ରାଣୀଚିକିତ୍ସାଧିକାରୀ ଡା ଶୁଭାଶିଷ ମହାପାତ୍ର କହିଛନ୍ତି । ସେହିଭଳି ଅନ୍ତରା,କୁପାରୀ ଓ ପଖରା ରେ ଜଳବନ୍ଦୀ ଥିବା ପାଖାପାଖି ୯୦ ପରିବାରକୁ ପଲିଥିନ ବଣ୍ଟାଯାଉଥିବା ତହସିଲଦାର ଅରୁଣ କୁମାର ବେହେରା ପ୍ରକାଶ କରିଛନ୍ତି । ସବୁ ଅଞ୍ଚଳରୁ ନଷ୍ଟ ହୋଇଥିବା ରାସ୍ତାଘାଟ ଓ ବିଦ୍ୟାଳୟ ଗୃହର ରିପୋର୍ଟ ପ୍ରସ୍ତୁତ ପରେ ସର୍ବେକ୍ଷଣ କ୍ଷୟକ୍ଷତି ଜଣାପଡିବ ବୋଲି ବ୍ଲକ ବିଡିଓ ନାରାୟଣ ସାହୁ କହିଛନ୍ତି ।

## ନାବାଳିକା ଅସଦାଚରଣ ମାମଲା : ଏସ୍‌ପିଙ୍କ ଦ୍ୱାରସ୍ଥ ପୀଡ଼ିତାଙ୍କ ପରିବାର

ଭଦ୍ରକ,(ସବ୍ୟୁ): ନାବାଳିକା ଅସଦାଚରଣ ମାମଲାରେ ପୋଲିସର ବିଳମ୍ବିତ କାର୍ଯ୍ୟାନୁଷ୍ଠାନ ଏବଂ ଥାନାରେ ଅଭିଯୋଗକାରୀଙ୍କ ସହ ଜଣେ ଏଏସଆଇଙ୍କ କଥିତ ଦୁର୍ବ୍ୟବହାରକୁ ନେଇ ଭଦ୍ରକ ଜିଲ୍ଲା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୀଡ଼ିତାଙ୍କ ପରିବାର। ଧୁଷୁରୀ ଥାନା ଅଂଚଳର ଜଣେ ୧୦ବର୍ଷୀୟା ନାବାଳିକା ଗତ ୨୫ତାରିଖରେ ଚକୋଲେଟ କିଣିବା ପାଇଁ ଧୁଷୁରୀ ବଜାରକୁ ଯାଇଥିଲେ। ଏହି ସମୟରେ ପଡ଼ିଶାହି ଗ୍ରାମର ଜଣେ ପ୍ରାୟ ୫୦ବର୍ଷୀୟ ବ୍ୟକ୍ତି ତାଙ୍କୁ ଏକ ନିର୍ଜନ ସ୍ଥାନକୁ ନେଇ ଅସଦାଚରଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ପରିବାରକୁ କହିଲେ ହତ୍ୟା କରିଦେବାକୁ ମଧ୍ୟ ଅଭିଯୁକ୍ତ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ପରେ ନାବାଳିକା ଜଣକ ପରିବାରଙ୍କୁ ସମସ୍ତ ଘଟଣା କହିବା ପରେ ତାଙ୍କ ମା' ଧୁଷୁରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରିବାର ଲୋକେ ଥାନାକୁ ଯାଇ ମାମଲାର ଅଗ୍ରଗତି ସମ୍ପର୍କରେ ଦାୟିତ୍ୱରେ ଥିବା ଏଏସଆଇଙ୍କୁ ପଚାରିଥିବାବେଳେ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଥାନା ପରିସରରେ ଏଏସଆଇଙ୍କ କଥିତ ଅଶୋଭନୀୟ ବ୍ୟବହାରର ଏକ ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହୋଇଥିବା ଦାବି କରାଯାଇଛି। ପୋଲିସ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଉନଥିବା ଅଭିଯୁକ୍ତଙ୍କୁ ଧରି ପୋଲିସ କିମା ଦେଉଥିବା କହିଛନ୍ତି। ଏହାପରେ ନାବାଳିକାଙ୍କୁ ନ୍ୟାୟ ଦାବିରେ ତାଙ୍କ ମା' ଓ ପରିବାର ଲୋକେ ଜିଲ୍ଲା ଏସ୍‌ପିଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଅଭିଯୁକ୍ତଙ୍କୁ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି ପରିବାରଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଘଟଣାର ତଦନ୍ତ କରି ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ନିୟମାନୁଯାୟୀ ପଦକ୍ଷେପ ନେବାକୁ ମଧ୍ୟ ଦାବି ଉଠିଛି।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ନୂତନ ଶିକ୍ଷାନୀତି-୨୦୨୦ କର୍ମଶାଳା




ବାଲେଶ୍ୱର,(ସବ୍ୟୁ): ଫକୀରମୋହନ (ଏଫଏମ) ବିଶ୍ୱବିଦ୍ୟାଳୟର କଲେଜ ବିକାଶ ପରିଷଦ ପକ୍ଷରୁ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଏବଂ ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦଙ୍କ ନିର୍ଦ୍ଦେଶକ୍ରମେ ନୂତନ ଶିକ୍ଷାନୀତି-୨୦୨୦ର ଫଳପ୍ରଦ ଓ ସଠିକ୍ କାର୍ଯ୍ୟକାରିତା ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। କର୍ମଶାଳାକୁ ସଭାଧ୍ୟକ୍ଷ କରି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକର ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ଶିକ୍ଷକଙ୍କ ଦକ୍ଷତା ବିକାଶ, ଗବେଷଣା ଓ ନବସୃଜନ, ଅନୁଭୂତିଭିତ୍ତିକ ଶିକ୍ଷା, ପ୍ରଯୁକ୍ତିର ବ୍ୟବହାର, ଶିଳ୍ପ-ଶିକ୍ଷାନୁଷ୍ଠାନ ସମନ୍ୱୟ, କର୍ମଦକ୍ଷତା ବୃଦ୍ଧି ଏବଂ ସାମାଜିକ ସମ୍ପୃକ୍ତତାକୁ ପ୍ରାଧାନ୍ୟ ଦେବା ଆବଶ୍ୟକ। ଅତିଥିମାନଙ୍କୁ ସ୍ୱାଗତ ଜଣାଇ କଲେଜ ବିକାଶ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ନୂତନ ଶିକ୍ଷାନୀତିର ସଫଳ କାର୍ଯ୍ୟକାରିତା ପାଇଁ ସମସ୍ତ ଅନୁଷ୍ଠାନର ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିସହ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ହେମନ୍ତ ଘଡ଼େଇ ନୂତନ ଶିକ୍ଷାନୀତିର ଫଳପ୍ରଦ କାର୍ଯ୍ୟକାରିତା ଓ ଅନୁଷ୍ଠାନଗତ ସମନ୍ୱୟର ଗୁରୁତ୍ୱ ଉପରେ ମତ ରଖିଥିଲେ। ଓଡ଼ିଶା ରାଜ୍ୟ ଉଚ୍ଚ ଶିକ୍ଷା ପରିଷଦର ସଦସ୍ୟ ପ୍ରଫେସର ସୁସ୍ମିତ ପ୍ରସାଦ ପାଣି ଯୋଗଦେଇ-ପାଠ୍ୟକ୍ରମ ସଂସ୍କାର, ଫଳାଫଳଭିତ୍ତିକ ଶିକ୍ଷା, କୌଶଳ ବିକାଶ, ଡିଜିଟାଲ ପରିବର୍ତ୍ତନ ଓ ବହୁବିଷୟକ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। କର୍ମଶାଳାରେ ଚାରିବର୍ଷିଆ ସ୍ନାତକ ପାଠ୍ୟକ୍ରମ, ଭାରତୀୟ ଜ୍ଞାନ ପରମ୍ପରା, ସ୍ୱୟଂଶିକ୍ଷା ପାଠ୍ୟକ୍ରମ, ମୂଲ୍ୟଭିତ୍ତିକ ପାଠ୍ୟକ୍ରମ, କୌଶଳ ବିକାଶ ପାଠ୍ୟକ୍ରମ, କ୍ଷମତା ବୃଦ୍ଧି ପାଠ୍ୟକ୍ରମ, ଫଳାଫଳଭିତ୍ତିକ ଶିକ୍ଷାଦାନ, ଶିକ୍ଷାର୍ଥୀକେନ୍ଦ୍ରିକ ଶିକ୍ଷା ପଦ୍ଧତି, ମୂଲ୍ୟାଙ୍କନ ସଂସ୍କାର, ଗବେଷଣା ଓ ଉଦ୍ୟୋଗ ସୃଷ୍ଟି, ନିରନ୍ତର ଶିକ୍ଷାଗତ ସମୀକ୍ଷା ଏବଂ ଗୁଣବତ୍ତା ସୁନିଶ୍ଚିତକରଣ ଭଳି ବିଷୟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଡ଼କ୍ଟର ରାଜଶ୍ରୀ ଦତ୍ତ ଓ ଡ଼କ୍ଟର ମନୋଜିତ ଭଟ୍ଟାଚାର୍ଯ୍ୟ କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ। ବିଶ୍ୱବିଦ୍ୟାଳୟର ୭୫ରୁ ଅଧିକ ଅନୁବନ୍ଧିତ ମହାବିଦ୍ୟାଳୟର ଶିକ୍ଷକ ଓ ପ୍ରତିନିଧିମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

## ଛେଳିକୁ ବଞ୍ଚାଇବାକୁ ଯାଇ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ



ବାସୁଦେବପୁର, (ସବ୍ୟୁ): ବାସୁଦେବପୁରରୁ କିସ୍ମତ କୃଷ୍ଣପୁର ସ୍କୁଲକୁ ଯାଉଥିବା ବାଟରେ ରାସ୍ତାରେ ଆହ୍ୱାନ ଛେଳିକୁ ବଞ୍ଚାଇବାକୁ ଯାଇ ଶିକ୍ଷୟିତ୍ରୀଙ୍କର ମୃତ୍ୟୁ ବରଣ କରିଛନ୍ତି । ଆଜି ସକାଳେ କେଁଉରପୁର ଗ୍ରାମର ଶିକ୍ଷୟିତ୍ରୀ ଲୋପାମୁଦ୍ରା ମିଶ୍ର ଏକ ସ୍କୁଟିରେ ପୁଅ ସଙ୍ଗେ ନେଇ ସ୍କୁଲ ଯାଉଥିଲେ । ଶିକ୍ଷୟିତ୍ରୀ ସ୍କୁଟିରେ ବସିଥିବା ପୁଅ ଚଳାଉ ଥିଲେ । ରାସ୍ତାରେ କଟି ବସିଥିଲା ଯମ । କାର ସଜିଲା ଛେଳି । ମହାରୀ ଗୋଲ ନିକଟରେ ସ୍କୁଟି ଆଗକୁ ଚାଲି ଆସିଥିଲା ଏକ ଛେଳି । ଛେଳିକୁ ବଞ୍ଚାଇବାକୁ ସ୍କୁଟି ଭାରସାମ୍ୟ ହରାଇ ଦୁର୍ଘଟଣାରେ ଚାଲିଗଲା । ଶିକ୍ଷୟିତ୍ରୀ ଲୋପାମୁଦ୍ରା ମିଶ୍ରଙ୍କ ଜୀବନ । ଅଳ୍ପକେ ବର୍ତ୍ତିଗଲେ ପୁଅ । ଆହତ ଅବସ୍ଥାରେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରିଥିଲେ । ମୃତ ଶିକ୍ଷୟିତ୍ରୀ ହେଉଛନ୍ତି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ କିସ୍ମତକଷ୍ଣପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଲୋପାମୁଦ୍ରା ମିଶ୍ର । ଶିକ୍ଷୟିତ୍ରୀଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଯାଇଛି ।

## ଜ୍ଞାନେଶ କୁମାରଙ୍କ ବିରୋଧରେ କଂଗ୍ରେସର ରଣହୁଙ୍କାର

ବାଲେଶ୍ୱର,(ସବ୍ୟୁ): ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ ଏବଂ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ସୋମବାର ଦିନ ବାଲେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଜ୍ଞାନେଶ କୁମାରଙ୍କ ବିରୋଧରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମୋତି ଛକରୁ ଏକ ଶୋଭାଯାତ୍ରାରେ ଆସି କଂଗ୍ରେସ କର୍ମୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ । ଜିଲ୍ଲା କଂଗ୍ରେସ ସଭାପତି ସତ୍ୟବ୍ରତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବିକ୍ଷୋଭରେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସଞ୍ଜୀବ ଗିରି, ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ ସାଧାରଣ ସମ୍ପାଦକ ଦେବୀ ପ୍ରସନ୍ନ ଚାନ୍ଦ, ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଉର୍ମିଳା ମାଝୀ, କାଉନସିଲର ତଥା ବରିଷ୍ଠ କଂଗ୍ରେସ ନେତା ପଦ୍ମଲୋଚନ ଲେଙ୍କା ପ୍ରମୁଖ ଉଦବୋଧନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ଉପସଭାପତି ସରୋଜ ଲେଙ୍କା, ଗଣେଶ ପଣ୍ଡା, ଗୋପୀନାଥ ପାଢ଼ୀ, ସଞ୍ଜୟ ଦଳେଇ, ସୁଧାଂଶୁ ଜେନା, ପ୍ରଦେଶ କଂଗ୍ରେସ ସମ୍ପାଦକ ତୁଷାରକାନ୍ତି ତପସ୍ୱୀ, ରାଜୀବ ପରିଡ଼ା, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ,ସମ୍ପାଦିକା ପ୍ରତିମା ପଣ୍ଡା ଓ ଜେଜାସ୍ମା ସେନାପତି, ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ ମହାନ୍ତି, ନିଶିଥ ବାରିକ, ପଶୁପତି ଉପାଧ୍ୟାୟ, ଟାଉନ୍ କଂଗ୍ରେସ ସଭାପତି ଅନୁପ ସ୍ୱାଇଁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଆଶିଷ ପଟ୍ଟନାୟକ, ଯୋଗେଶ୍ୱର ବେହେରା ,ସମସ୍ତ ବ୍ଲକ୍ କଂଗ୍ରେସ ସଭାପତି, ଜିଲ୍ଲା କଂଗ୍ରେସ କମିଟିର କର୍ମକର୍ତ୍ତା, ବ୍ଲକ୍ କଂଗ୍ରେସ କମିଟିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ହୋଇ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ ।

## ରୋଟାରୀ କ୍ଲବ ଅଫ ବାଲେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ନେସନ ବିଲ୍ଡର ସମ୍ମାନ -୨୦୨୬ କାର୍ଯ୍ୟକ୍ରମ

ବାଲେଶ୍ୱର,(ସବ୍ୟୁ): ରବିବାର ପୂର୍ବାହ୍ନରେ ରୋଟାରୀ କ୍ଲବ ଅଫ ବାଲେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ସ୍ଥାନୀୟ ବାଲେଶ୍ୱର ଆର୍ଟ କଲେଜରେ ନେସନ ବିଲଡର ସମ୍ମାନ -୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୬ ରୋଟାରୀ କ୍ଲବର ପୂର୍ବତନ ଡି ଜି ଡ଼. ଶାନ୍ତନୁ କୁମାର ପାଣି ଯୋଗଦେଇଥିଲେ । କ୍ଲବର ପ୍ରେସିଡେଣ୍ଟ ସରୋଜ କୁମାର ବେହେରା, ସେକ୍ରେଟାରୀ ଗଉରଶଙ୍କର ଡ଼.ବିଷ୍ଣୁ ଦାସ କୃଷ୍ଣ, ସଭାପତି ଗୌର ହରି ମଲ୍ଲିକ,ସମ୍ପାଦକ ସୁଦର୍ଶନ ଦାସ ପ୍ରମୁଖ ସେପ୍ଟେମ୍ବର ମାସକୁ କ୍ଲବ ଶିକ୍ଷକ ମାସ ଭାବେ ପାଳନ କରୁଥିବାରୁ କୃତି ଶିକ୍ଷକମାନଙ୍କୁ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଚୟନ କରାଯାଇଥିବା ଦର୍ଶାଇଥିଲେ। ଏହି ଅବସରରେ ଶିକ୍ଷକ ତୁଷାର କାନ୍ତ ପାତ୍ର, ଡ଼. କୌଶିକ କୁମାର ଦାସ, ସରୋଜ କୁମାର ଦାଶ, କାର୍ତ୍ତିକ ଦାସ, ଜୋସ୍ନା ରାଣୀ ଜେନା, ଅନୁରାଧା ଦତ୍ତ, ତପନ କୁମାର ମଲ୍ଲିକ, ଗୌରାଙ୍ଗ ସେଠୀ, ସ୍ୱାତିରାଣୀ ଦାସ, ଦାମୋଦର ପଣ୍ଡା, ସୁଦାମ ଚରଣ ମନ୍ତ୍ରୀ, ପ୍ରିତମ କୁମାର ଦାସ, ମଧୁସ୍ମିତା ବିଶ୍ୱାଳ, ସନତ କୁମାର ପ୍ରହରାଜ, ସପନ କୁମାର ଦୀକ୍ଷିତଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପୂର୍ବତନ ସଭାପତି ରୋଟାରିଆନ ଡ଼ ଦେବାଶିଷ ମିଶ୍ର ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ୱରୂପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ବଜାରକୁ ଆସିଲା ୟୁବିଡିର ଏମଡିଟିବି

ଯୋଡା(ସବ୍ୟୁ): ଉତ୍ପଲ୍ ଗୁପ୍ର ପ୍ରିମିୟମ୍ ମଦ୍ୟ ଉତ୍ପାଦନକାରୀ କମ୍ପାନୀ ଉତ୍ପଲ୍ ବ୍ରୁଅର୍ସ ଆଣ୍ଡ ଡିଷ୍ଟିଲର୍ସ (ୟୁବିଡି) ଓଡ଼ିଶା ବଜାରରେ ମାଧବନ୍ ଡିଷ୍ଟିଲର୍ସ ଟ୍ରିବ୍ୟୁଟ୍ ବ୍ଲେଣ୍ଡ (ଏମଡିଟିବି)ର ଶୁଭାରମ୍ଭ କରିଛି । ୭୫୦ ମିଲିଲିଟର ବୋତଲରେ ଉପଲବ୍ଧ ଏହି ମଦ୍ୟର ଆଲକୋହଲ୍ ମାତ୍ରା ୪୨.୮ ପ୍ରତିଶତ ଥିବାବେଳେ ଏହାର ସର୍ବାଧିକ ଖୁଚୁରା ମୂଲ୍ୟ ୧୭୦୦ ଟଙ୍କା ରହିଛି । ପୂର୍ବରୁ କମ୍ପାନୀର ବ୍ରାଣ୍ଡ 'ସୁରାହୀ' ଓଡ଼ିଶାରେ ଉପସ୍ଥିତି ଜାହିର କରିଥିବାବେଳେ, ନୂଆ ବ୍ରାଣ୍ଡର ଶୁଭାରମ୍ଭ ଦ୍ୱାରା ରାଜ୍ୟରେ ବ୍ୟବସାୟ ସମ୍ପ୍ରସାରଣ ଓ ବଜାର ଉପସ୍ଥିତି ସୁଦୃଢ଼ କରିବାକୁ କମ୍ପାନୀ ଲକ୍ଷ୍ୟ ରଖିଛି ।

## ବନ୍ୟା ପୀଡିତଙ୍କୁ ଶୁଖିଲା ଖାଦ୍ୟ ବାଣ୍ଟିଲେ ପୂର୍ବତନ ସାଂସଦ

ଖଇରା,(ସବ୍ୟୁ): -ଲଘୁଚାପ ଜନିତ ପ୍ରବଳ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲା ଅଧୀନ ଖଇରା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହି ପରିପ୍ରେକ୍ଷୀରେ ପୂର୍ବତନ ସାଂସଦ ତଥା ବରିଷ୍ଠ କଂଗ୍ରେସ ନେତା ଅନନ୍ତ ପ୍ରସାଦ ସେଠୀଙ୍କ ନେତୃତ୍ୱରେ କଂଗ୍ରେସର ଏକ ଟିମ ରବିବାର ପାଣିଘେରରେ ଥିବା ମାଖନପୁର ପଞ୍ଚାୟତର ଟିପସଗଡିଆ,ଭାସ୍କରପୁର ଓ ଦୁର୍ଗାପୁର ଇତ୍ୟାଦି ଗ୍ରାମକୁ ଯାଇ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ଏଥିସହ ବହୁ ୨୦ରୁ ଉର୍ଦ୍ଧ ମାଟି ଘର ଭାଙ୍ଗିଥିବା ଏବଂ ଶତାଧିକ ଗୃହ ପାଣି ଘେରରେ ଥିଲେ ହେଁ ଏ ପର୍ଯ୍ୟନ୍ତ ପ୍ରଶାସନ ପହଞ୍ଚି ନଥିବା,ରନ୍ଧାଖାଦ୍ୟର ବ୍ୟବସ୍ଥା କରାନଯିବା କିମ୍ବା ପଲିଥିନ ବ୍ୟବସ୍ଥା କରାଯାଇନଥିବାରୁ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏବେ ଟିପସଗଡିଆ ଗଡିଆ ଜେନାସାହିରେ ୬୫ଘର ସଙ୍ଗୀନ ଅବସ୍ଥାରେ ପାଣିଘେରରେଥିବା ବେଳେ ସେମାନଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରିବା ସହ ଘରଭାଙ୍ଗିଥିବା ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ,ଡ୍ରେନେଜ ବ୍ୟବସ୍ଥାର ପୁନରୁଦ୍ଧାର,ଧୋଇଯାଇଥିବା ରାସ୍ତାର ପୁନନିର୍ମାଣ,ନଷ୍ଟ ହୋଇଥିବା ଚାଷର କ୍ଷୟକ୍ଷତି ଭରଣା କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସିମୁଳିଆ ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା,ବ୍ଲକ କଂଗ୍ରେସ ସଭାପତି ବସନ୍ତ କୁମାର ପାତ୍ର,ପ୍ରଶାନ୍ତ ପାତ୍ର,ଗୌରାଙ୍ଗ ବେହେରା,ସୁବାଷ ଘଡେଇ ପ୍ରମୁଖ ସାମିଲ ଥିଲେ ।

## ବନ୍ୟାରେ ଭାସିଗଲେ ବାଳକ

ଅସୁରାଳି,(ସବ୍ୟୁ): ବନ୍ୟା ସ୍ରୋତରେ ଭାସିଯାଇ ଧାମନଗର ବ୍ଲକ କଟସାହି ପଞ୍ଚାୟତ ମହାଦେବ ସାହିର ବାଳକ ଶୁଭ୍ରାଂହୁ ପଣ୍ଡା(୧୦)ନିଖୋଜ ଥିବା ଜଣାଯାଇଛି। ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ସ୍ଥାନୀୟ ବେଲମା ଛକ ନିକଟ ମହାଦେବ ସାହିର ଶ୍ରୀକାନ୍ତ କୁମାର ପଣ୍ଡାଙ୍କ ଏକମାତ୍ର ପୁଅ ଶୁଭ୍ରାଂହୁ ବନ୍ୟା ପାଣି ଦେଖିବା ପାଇଁ ଗାଁ ମୁଣ୍ଡ ଚଉର ନାଳ ପୋଲ ପାଖକୁ ଯାଇଥିଲାବେଳେ ବଡ଼ ବାପା ସେଠାରୁ ଘରକୁ ପଠାଇ ଦେଇଥିଲେ। ପୁଣି ଶୁଭ୍ରାଂହୁ ଘରୁ ଲୁଚି ପାଣି ଦେଖିବାକୁ ପଳାଇ ଯାଇଥିଲେ। ଏହା ପରେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ଚାଲୁଥିବା ବନ୍ୟା ସ୍ରୋତରେ ସେ ଭାସି ଯାଇଥିବା ଆଶଙ୍କା ପ୍ରକାଶ ପାଇବା ପରେ ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗର ପୃଥକ ଟିମ ପହଂଚି ପାଖାପାଖି ୫ ଘଣ୍ଟା ଧରି ଖୋଜାଖୋଜି କରିଥିଲେ ମଧ୍ୟ ନିଖୋଜ ବାଳକର ସନ୍ଧାନ ମିଳିନାହିଁ। ସନ୍ଧ୍ୟା ହୋଇ ଯାଇଥିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ଆସନ୍ତାକାଲି ମଙ୍ଗଳବାର ସକାଳୁ ଉଦ୍ଧାର ଅଭିଯାନ ଆରମ୍ଭ କରାଯିବ ବୋଲି ଜଣାଯାଇଛି। ଛତିଶ ସାମିଲ ନନ୍ଦୋର ସ୍କୁଲରେ ନିଖୋଜ ଶୁଭ୍ରାଂହୁ ପଞ୍ଚମ ଶ୍ରେଣୀର ଛାତ୍ର ।

## ପାଇଖାନା ଟାଙ୍କିରେ ପଡ଼ି ଶିଶୁମୃତ୍ୟୁ ଘଟଣା
## ବିଭାଗୀୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ନାମରେ ମାମଲା

ବେତନଟୀ ,(ସବ୍ୟୁ) :ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଥାନା ଅଧୀନ ନଡ଼ପୁର ଡାକ୍ତରଖାନା ପରିସରରେ ନିର୍ମାଣାଧୀନ ଉନ୍ମୁକ୍ତ ପାଇଖାନା ଟାଙ୍କିରେ ପଡ଼ି ୬ ବର୍ଷୀୟ ଶିଶୁ ଅର୍ଜୁନ ବିନ୍ଧାଣିଙ୍କ ମୃତ୍ୟୁ ଘଟଣାରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ନାମରେ ମାମଲା ରୁଜ୍ଜୁ କଲା ବୈଶିଙ୍ଗା ପୁଲିସ। ଗୁରୁବାର ଅର୍ଜୁନଙ୍କ ମା' ଅଞ୍ଜଳି ଡାକ୍ତରଖାନାରେ ନିର୍ମାଣ କାମ କରିବାକୁ ଆସିଥିବା ବେଳେ ଶିଶୁଟି ମଧ୍ୟତାଙ୍କ ସହ ଆସିଥିଲା। ଖେଳୁଥିବା ସମୟରେ ସେ ପାଣି ଭର୍ତ୍ତି ଥିବା ଖୋଲା ଟାଙ୍କିରେ ପଡ଼ିଯାଇଥିଲା। ଦୀର୍ଘ ସମୟ ଖୋଜାଖୋଜି ପରେ ରାତି ପ୍ରାୟ ସାଢ଼େ ୭ ଟାରେ ତାଙ୍କୁ ଉଦ୍ଧାର କରାଯାଇ ବେତନଟୀ ଡାକ୍ତରଖାନା ଭର୍ତ୍ତୀ କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଟାଙ୍କିଟି ଦୀର୍ଘଦିନ ଧରି ଖୋଲା ରହିଥିଲା । ° ଏହାକୁ ସୁରକ୍ଷିତ କରିବାକୁ ପୂର୍ବରୁ ଠିକାଦାର ଓ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ଜଣାଇଥିଲେ। ମୃତ ଶିଶୁର ବାପା ଲକ୍ଷ୍ମୀଧର ବିନ୍ଧାଣି ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରି ନିର୍ମାଣ କାର୍ଯ୍ୟର ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ପୁଅର ମୃତ୍ୟୁ ପାଇଁ ଦାୟୀ କରିଛନ୍ତି। ଏ ନେଇ ଅଭିଯୋଗ ପାଇବା ପରେ ବୈଶିଙ୍ଗା ପୁଲିସ ୪୯୮/ ୨୬ ନମ୍ବରରେ ଏକ ମାମଲା ରୁଜ୍ଜୁ କରି ତଦନ୍ତ ଜାରି ରଖିଛି ।

## ମାରାଥନ୍ ଦୌଡ଼ ରନ୍ ଥ୍ରୋ ଓଡ଼ିଶା

ଭଦ୍ରକ,(ସବ୍ୟୁ):ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ରବିବାର ଦିନ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ମାରାଥନ୍ ଦୌଡ଼ ଅନୁଷ୍ଠିତ ହୋଇଛି। ଏହି ମାରାଥନ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ବାଇପାସ୍ ଛକ ଦେଇ ପୁନର୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ସବୁଜ ପତାକା ଦେଖାଇ ଏହି ମାରାଥନକୁ ଶୁଭାରମ୍ଭ କରିଥିଲେ । ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ମାରାଥନ୍ ପରେ ଆୟୋଜିତ ସଂକ୍ଷିପ୍ତ ସଭାରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ,ସିଟି ଡିଏସପି ଅନିଲ ପ୍ରଧାନ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା, ଡେପୁଟି କଲେକ୍ଟର ତଥା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦେବବ୍ରତ ମହାପାତ୍ର ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଆସନ୍ତା ଡିସେମ୍ବର ୧୩ ତାରିଖରେ ଆୟୋଜିତ ହେବାକୁ ଥିବା ଓଏମସି ପୁରୀ କୋଷ୍ଟାଲ ମାରାଥନର ପ୍ରୋମୋ ରନରେ ଅଧିକରୁ ଅଧିକ ଯୁବକ ଯୁବତୀଙ୍କୁ ଅଂଶଗ୍ରହଣ କରାଇବା । ଓଡ଼ିଶାରେ ପ୍ରଥମ ଥର ପାଇଁ ୩୦ରୁ ଅଧିକ ସ୍ଥାନରେ ଏକକାଳୀନ ଭାବେ ରନ୍ ଥ୍ରୋ ଓଡ଼ିଶା ନାମରେ ଏହି ପ୍ରୋମୋ ରନ୍ ଅନୁଷ୍ଠିତ ହେଉଛି ।

## ବନ୍ୟାଞ୍ଚଳ ବୁଲିଲେ ଜିଲ୍ଲା କଂଗ୍ରେସ ସଭାପତି

ଭଦ୍ରକ,(ସବ୍ୟୁ):ଲଘୁଚାପଜନୀତ ପ୍ରବଳ ବର୍ଷାରେ ଭଦ୍ରକ ସମେତ ଜିଲ୍ଲାର ଲକ୍ଷାଧିକ ଲୋକେ ପ୍ରଭାବିତ ହୋଇଛନ୍ତି। ଭଦ୍ରକ ପୌରାଂଚଳର ପ୍ରାୟ ସମସ୍ତ ୱାର୍ଡ଼ରେ ନାହିଁ ନଥିବା ବିଭୀଷିକା ଦେଖିବାକୁ ମିଳିଛି। ଅଧିକାଂଶ ଲୋକଙ୍କ ଘରେ ବନ୍ୟାଜଳ ପ୍ରବେଶ କରିଛି। ବହୁ ଲୋକଙ୍କ ଘର ଭାଙ୍ଗିଛି। ସେମାନଙ୍କ ଘରେ ଚୁଲି ଜଳିନାହିଁ। ସରକାରୀ ସହାୟତା ମଧ୍ୟ ସେମାନଙ୍କ ନିକଟରେ ପହଂଚିନାହିଁ। ଏହି ସମୟରେ ଭଦ୍ରକ ଜିଲ୍ଲା କଂଗ୍ରେସ ପକ୍ଷରୁ ପୌରାଞ୍ଚଳର ସର୍ବାଧିକ କ୍ଷତିଗ୍ରସ୍ତ ୧୯ ଓ ୨୭ ନମ୍ବର ୱାର୍ଡ଼ରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପହଂଚି ବନ୍ୟା ଦୁର୍ଗତଙ୍କୁ ଭେଟିଥିଲେ। ଶ୍ରୀମହାନ୍ତି ପ୍ରଭାବିତ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଂଟନ କରିଥିଲେ। ଏହା ଏକ ମନୁଷ୍ୟକୃତ ବନ୍ୟା। ୧୯୯୯ ମହାବାତ୍ୟା ପରେ ଏପରି ବନ୍ୟା ଦେଖିବାକୁ ମିଳିଛି। ପ୍ରଶାସନିକ ନିଷ୍କ୍ରିୟତା କାରଣରୁ ଏପରି ଭୟଙ୍କର ବନ୍ୟା ଦେଖିବାକୁ ମିଳିଛି। ବିଶେଷକରି ବନ୍ୟା ନିୟନ୍ତ୍ରଣରେ ହଦଗଡ଼ ଠାରେ ଥିବା ଡ୍ୟାମର ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ। କିଛି ଦିନ ପୂର୍ବେ ଡ୍ୟାମ ପରିଚାଳନାରେ ତ୍ରୁଟି ପାଇଁ ବନ୍ୟା ସୃଷ୍ଟି ହୋଇଥିଲା। ସେଥିରୁ ମଧ୍ୟ ଡ୍ୟାମ କର୍ତ୍ତୃପକ୍ଷ କୌଣସି ଶିକ୍ଷା ଲାଭ କଲେ ନାହିଁ ଲଘୁଚାପ ଯୋଗୁଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରି ସତର୍କ କରାଇଥିଲେ ବି ଡ୍ୟାମ କର୍ତ୍ତୃପକ୍ଷ ଏହାକୁ ଗୁରୁତ୍ୱ ଦେଇନଥିବା ଦେଖିବାକୁ ମିଳିଛି। ବର୍ଷା ପୂର୍ବରୁ କର୍ତ୍ତୃପକ୍ଷ ଡ୍ୟାମରୁ ପାଣି ଛାଡ଼ି ଥିଲେ,ପରି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା। କିନ୍ତୁ ବର୍ଷା ପାଣିରେ ସହର ଉବୁଟୁବୁ ହେଉଥିବା ସମୟରେ କର୍ତ୍ତୃପକ୍ଷ ଫାଟକ ଖୋଲି ଲୋକଙ୍କ ଦୁର୍ଦ୍ଦଶା ବଢ଼ାଇଛନ୍ତି। ତେଣୁ ଡ୍ୟାମ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଜରୁରୀ। ଏହା ବାଦ ଜିଲ୍ଲା ପ୍ରଶାସନର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି ବୋଲି ଶ୍ରୀମହାନ୍ତି କହିବା ସହ ଘର ଭାଙ୍ଗି ଯାଇଥିବା ପରିବାରଙ୍କୁ ତୁରନ୍ତ ଆବାସ ଯୋଜନାରେ ଗୃହ ଯୋଗାଣ ଓ ଏବେ ରନ୍ଧା ଖାଦ୍ୟ ବଂଟନ କରିବାକୁ ଦାବି କରିଛନ୍ତି। ଉକ୍ତ ପ୍ରତିନିଧି ମଣ୍ଡଳୀରେ ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନର ରାଜ୍ୟ ସଂଯୋଜକ ପ୍ରଦ୍ୟୁମ୍ନ ଦାସ,ରାଜ୍ୟ ଏସସି ସେଲ ସଂପାଦକ ରାଜେନ୍ଦ୍ର ପ୍ରସାଦ ଯେନା,ଯୁବ କଂଗ୍ରେସ ସଭାପତି ବଳରାମ ରାଉତ,ଜିଲ୍ଲା କୋଷାଧ୍ୟକ୍ଷ ବିଜୟ ବାରିକ,୧୯ ନମ୍ବର ପାରିଷଦ ରୁକ୍‌ସାନା ଖାତୁନ,୨୭ ନମ୍ବର ପାରିଷଦ ସେହେଜାଦି ହୂରେ ଜିନ୍ନା,ଏନାମୁଲ ହକ୍,ଇଲ୍ଲିୟାସ ଅଲ୍ଲୀଖନ,ସେକ କାଲିଆ,ସେକ୍ ଏନାମ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଢ଼ାବଳଙ୍ଗ ନଦୀର ନାଖରା ସେତୁ ବିପଦସଙ୍କୁଳ, ଭାଙ୍ଗିଲା ସୁରକ୍ଷା ବାଡ଼

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗାମାଣତ୍ରୀ ମୁଖ୍ୟ ରାସ୍ତାର ବୁାବଳଙ୍ଗ ନଦୀର ନାଖରା ସେତୁ ଏବେ ବିପଦ ସଂକୁଳ । ଚଳିତ ବର୍ଷ ବାରମ୍ବାର ବନ୍ୟାଜଳ ପ୍ରବାହରେ ପୂର୍ବରୁ ଦୁର୍ବଳ ଥିବା ଏହି ସେତୁର ଅବସ୍ଥା ଆହୁରି ସଙ୍ଗିନ ହୋଇପଡ଼ିଛି। ଗତକାଲିର ପ୍ରବଳ ବନ୍ୟାସ୍ରୋତରେ ସେତୁର ସୁରକ୍ଷା ବାଡ଼ ଧୋଇଯାଇଥିବାରୁ ଏହା ଉପରେ ଯାତାୟତ କରିବା ଏବେ ବିପଦପୂର୍ଣ୍ଣ ହୋଇପଡ଼ିଛି। ଚଳିତ ବର୍ଷ ବାରମ୍ବାର ବୁଢାବଳଙ୍ଗ ନଦୀରେ ବନ୍ୟାଜଳ ଏହି ସେତୁର ୩ ଫୁଟ ଉପରେ ପ୍ରବାହିତ ହେଉଥିବାର ହେଉଥିବାର ପରିଲକ୍ଷିତ ହୋଇଛି। ବନ୍ୟା ଜଳରେ ବଡ ବଡ ଗଛ ସବୁ ଭାସି ଆସି ପୋଲର ସୁରକ୍ଷା ବାଡ଼କୁ ବାଡେଇ ହେଉଥିଲା । ପ୍ରତିଥର ବନ୍ୟାଜଳର ପ୍ରବଳ ସ୍ରୋତ ସେତୁର ସ୍ଥିତିକୁ ଦୁର୍ବଳ କରିଥିବା ଆଶଙ୍କା କରାଯାଉଛି। ଗତକାଲିର ଭୟଙ୍କର ବନ୍ୟା ପରେ ସୁରକ୍ଷା ବାଡ଼ ଭାଙ୍ଗିଯିବା ସହ ସେତୁ ଉପରେ ଅନେକ ସ୍ଥାନରେ ନଟାଝଟା ଲାଗି ରହିଛି। ସେତୁର ସୁରକ୍ଷା ବାଡ଼ ଭାଙ୍ଗିଯାଇଥିଲେ ମଧ୍ୟ ଏହି ରାସ୍ତା ଉପରେ ହଜାର ହଜାର ଲୋକମାନେ ବାଧ୍ୟ ହୋଇ ବିପଦପୂର୍ଣ୍ଣ ସେତୁ ଉପରେ ଯାତାୟାତ ଜାରି ରଖିଛନ୍ତି । ଯେକୌଣସି ସମୟରେ ଅଘଟଣ ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ । ପୂର୍ବାହ୍ନ ସମୟ ବେଳକୁ ଭାଙ୍ଗି ଯାଇଥିବା ସୁରକ୍ଷା ବାଡ଼ରେ ଅସ୍ଥାୟୀ ଭାବେ ବାଉଁଶ ବନ୍ଧା ଯିବା ସହ ସେତୁ ଉପରେ ଥିବା ଆବର୍ଜନାକୁ ଜେସିବି ଲଗାଇ ସଫା କରାଯାଇଛି । ତଥାପି ଭାରିଯାନ ଚଳାଚଳ ହେଲେ ହୁଏ ତ ପୋଲ ର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇ ନପାରେ ବୋଲି ଆଲୋଚନା ହେଉଛି ।

## ରାସ୍ତାରେ ୩୦ଫୁଟ ଘାଇ
## ୫ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ

ବାଲେଶ୍ୱର,(ସବ୍ୟୁ) :ବୁଢା ବଳଙ୍ଗ ନଦୀର ପ୍ରଳୟଙ୍କରି ବନ୍ୟା ଯୋଗୁଁ ଗତ ମାସ ୧୮ ତାରିଖରେ ପରିଖି ପଞ୍ଚାୟତର କାଟୁ ଛକରେ କିଛି ଚିଙ୍ଗୁଡ଼ି ଚାଷୀ ସ୍ଥାନୀୟ ମହିଳା ୱାର୍ଡ ସଭ୍ୟଙ୍କୁ ଉସୁକାଇ ରାସ୍ତାକୁ କାଟି ଦେଇଥିଲେ। ରାସ୍ତା ଓ କୋଠା ବାଡି ନିର୍ମାଣ ବିଭାଗ ର ଅଧିକ୍ଷଣ ଯନ୍ତ୍ରୀଙ୍କୁ ପଞ୍ଚାୟତର ଜନ ସାଧାରଣ ରାସ୍ତା ମରାମତି କରିବାକୁ ଲିଖିତ ଦରଖାସ୍ତ ଦେଇଥିଲେ ମଧ୍ୟ ଅଧିକ୍ଷଣ ଯନ୍ତ୍ରୀ କୌଣସି ପଦକ୍ଷେପ ନ ନେବାରୁ ଗ୍ରାମବାସୀ ନିଜେ କାଠ, ବାଉଁଶ ବଲ୍ଲା ମାଟି ଓ ଗୋଡି ଦେଇ ରାସ୍ତା ନିର୍ମାଣ କରିଥିଲେ। ମାତ୍ର ଗତ ଶନିବାର ସକାଳୁ ଉକ୍ତ ଦର ଖଣ୍ଡିଆ ରାସ୍ତାରେ ପ୍ରବଳ ବନ୍ୟା ଜଳ ସ୍ରୋତରେ ରାସ୍ତାରେ ତିରିଶ ଫୁଟର ଏକ ଘାଇ ସୃଷ୍ଟି ହୋଇଛି। ଫଳରେ ପରୀକ୍ଷୀ ପଞ୍ଚାୟତ ସମେତ ବଗଦା, ଦୁବୁଲା ଗଡି, କଷାଫଳ, ବାହାବଳପୁର, ପନ୍ତା ଓ ତାଳବରେଇ ସମେତ ପରୀକ୍ଷୀ ପଞ୍ଚାୟତର ୧,୨,୧୨ ଓ ୧୭ ନମ୍ବର ୱାର୍ଡକୁ ଯାତାୟାତ ସମ୍ଭବପର ହେଉନାହିଁ। ଏପରିକି ଏ ସବୁ ପଞ୍ଚାୟତର ଲୋକେ ବାଲେଶ୍ୱର ସହରକୁ ଆସିବା ଅସମ୍ଭବ ହୋଇପଡିଛି। ଜିଲ୍ଲପାଳ ଓ ଅଧିକ୍ଷଣ ଯନ୍ତ୍ରୀ ତୁରନ୍ତ ରାସ୍ତା ମରାମତି ନ କଲେ ପଞ୍ଚାୟତର ଲୋକେ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଓ କରିବେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ଭଦ୍ରକରେ ସହିଦ ସ୍ମୃତି ସ୍ତମ୍ଭ ନିର୍ମାଣର ଶିଳାନ୍ୟାସ



ଭଦ୍ରକ ,(ସବ୍ୟୁ): ସହୀଦମାନଙ୍କ ପବିତ୍ର ଧରିତ୍ରୀ। ଦେଶମାତୃକାର ସୁରକ୍ଷା ଓ ସ୍ୱାଧୀନତା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବୀର ସହୀଦମାନଙ୍କ ଗୌରବମୟ ଗାଥାରେ ଭଦ୍ରକର ମାଟି ସଦା ଗର୍ବିତ। ଇରମର ପବିତ୍ର ରକ୍ତତୀର୍ଥରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ଅମର ସହୀଦମାନଙ୍କ ଠାରୁ ଆରମ୍ଭ କରି କାରର୍ଗିଲ ଯୁଦ୍ଧରେ ସହୀଦ ହୋଇଥିବା ବୀର ଯବାନ ସହୀଦ ନିରଞ୍ଜନ ବେହେରା (ଚାନ୍ଦବାଲି)ଏବଂ ସହୀଦ ପୂର୍ଣଚନ୍ଦ୍ର ନାୟକ (ରାଜଘର ପୋଖରୀ) ପର୍ଯ୍ୟନ୍ତଭଦ୍ରକର ମାଟି ଅନେକ ବୀରଙ୍କ ତ୍ୟାଗର ସାକ୍ଷୀ ହୋଇ ରହିଛି।ଏହି ମହାନ ସହୀଦମାନଙ୍କ ଅମର ସ୍ମୃତିକୁ ଚିରସ୍ଥାୟୀ କରିବା ଉଦ୍ଦେଶ୍ୟରେ ଭଦ୍ରକରେ ଏକ 'ସହୀଦ ସ୍ମୃତି ସ୍ତମ୍ଭ' ନିର୍ମାଣ ପାଇଁ ସୋମବାର ଦିନ ଶିଳାନ୍ୟାସ କରାଯାଇଛି। ଏହା ଭଦ୍ରକବାସୀଙ୍କ ପାଇଁ ଏକ ଐତିହାସିକ ଓ ଗୌରବମୟ ମୁହୂର୍ତ୍ତ।ଏହି ମହତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘ ଦୀର୍ଘଦିନ ଧରି ପ୍ରୟାସ କରିଆସୁଥିଲା। ଶେଷରେ ଏହି ସ୍ୱପ୍ନ ସାକାର ହେବାକୁ ଯାଉଛି। ଏହି ପବିତ୍ର ପ୍ରୟାସକୁ ବାସ୍ତବ ରୂପ ଦେବାରେ ଭଦ୍ରକ ସୀତାଂଶୁ ଶେଖର ମହାପାତ୍ରଙ୍କ ଅବଦାନ ଓ ସହଯୋଗ ଅତ୍ୟନ୍ତ ଉଲ୍ଲେଖନୀୟ । ସହୀଦ ଓ ସୈନିକମାନଙ୍କ ପ୍ରତି ତାଙ୍କର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ନିଶ୍ଚିତ ଭାବେ ଭଦ୍ରକର ଇତିହାସରେ ସ୍ମରଣୀୟ ହୋଇ ରହିବ। ଆଜି ତାଙ୍କ କରକମଳରେ ସହୀଦ ସ୍ମୃତି ସ୍ତମ୍ଭର ଶିଳାନ୍ୟାସ ସମ୍ପନ୍ନ ହେବା ଭଦ୍ରକର ସମସ୍ତ ଅବସରପ୍ରାପ୍ତ ସୈନିକ, ସହୀଦ ପରିବାର ଏବଂ ସମଗ୍ର ଜିଲ୍ଲାବାସୀଙ୍କ ପାଇଁ ଏକ ଗୌରବର ଦିନ ।ଏହି ସ୍ମୃତି ସ୍ତମ୍ଭ କେବଳ ଏକ ସ୍ମାରକ ନୁହେଁ ଏହା ଆମ ବୀର ସହୀଦମାନଙ୍କ ତ୍ୟାଗ, ବଳିଦାନ ଓ ଦେଶପ୍ରେମର ଏକ ଚିରନ୍ତନ ପ୍ରତୀକ ଭାବେ ଆଗାମୀ ପିଢ଼ିକୁ ଦେଶସେବା ଓ ଦେଶପ୍ରେମର ପ୍ରେରଣା ଯୋଗାଇବ ।ସହୀଦମାନେ ଅମର ସେମାନଙ୍କ ବଳିଦାନ ଚିରସ୍ମରଣୀୟ।

## ସାଳନ୍ଦୀ ବନ୍ୟା ନା ପରିଚାଳନାର ବିଫଳତା ?
# ଡ୍ୟାମ୍‌ରୁ ଜଳ ଛାଡ଼ିବାକୁ ନେଇ ଉଠିଲା ସାଂଘାତିକ ପ୍ରଶ୍ନ

ଭଦ୍ରକ,(ସବ୍ୟୁ):ସାଳନ୍ଦୀର ସ୍ରୋତ ବଢ଼ିଲା,ଭଦ୍ରକରେ ବଢ଼ିଲା ବନ୍ୟା ଆତଙ୍କ । ହେଲେ ଏହି ବନ୍ୟା କେବଳ ପ୍ରକୃତିର ଦାଉ ନା ଜଳ ପରିଚାଳନାର ତ୍ରୁଟି ଏହାକୁ ଆହୁରି ଭୟଙ୍କର କରିଛିଏହି ପ୍ରଶ୍ନ ଏବେ ଜିଲ୍ଲାରେ ଜୋର ଧରିଛି। ସାଳନ୍ଦୀ ନଦୀର ଉପରମୁଣ୍ଡରେ ଥିବା ହଦଗଡ଼ ଜଳଭଣ୍ଡାରରୁ ଜଳ ନିଷ୍କାସନ ପ୍ରକ୍ରିୟାକୁ ନେଇ ଏଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଭଦ୍ରକ ବିକାଶ ମଂଚର ସଭାପତି ଶୁଭେନ୍ଦୁ ରାଏ ମହାପାତ୍ର। ତାଙ୍କ ଅଭିଯୋଗ ଅନୁଯାୟୀ,ଉପରମୁଣ୍ଡରେ ଭାରୀ ବର୍ଷାର ପୂର୍ବାନୁମାନ ଥିବା ସତ୍ତ୍ୱେ ଜଳଭଣ୍ଡାର ପରିଚାଳନାରେ ଆଗୁଆ ପଦକ୍ଷେପ ନିଆଯାଇନଥିଲା। ଫଳରେ ଜଳଭଣ୍ଡାରରେ ଜଳସ୍ତର ବଢ଼ିବା ପରେ ଏକାଥରକେ ବହୁ ପରିମାଣର ଜଳ ଛଡ଼ାଯାଇଥିବାରୁ ସାଳନ୍ଦୀ ନିମ୍ନ ଅବବାହିକାରେ ବନ୍ୟା ସ୍ଥିତି ଆହୁରି ଜଟିଳ ହୋଇଥିବା ସେ ଦାବି କରିଛନ୍ତି। ତାଙ୍କ କହିବା ଅନୁଯାୟୀ,ବର୍ଷା ସହିତ ଯଦି ପୂର୍ଣ୍ଣିମା ଜୁଆର ଯୋଡ଼ି ହୁଏ,ତେବେ ନଦୀ ଓ ନାଳ ଦେଇ ବନ୍ୟାଜଳ ସମୁଦ୍ରକୁ ନିଷ୍କାସିତ ହେବାର ଗତି ସ୍ୱାଭାବିକ ଭାବେ କମିଥାଏ। ଏଭଳି ପରିସ୍ଥିତିରେ ଉପରମୁଣ୍ଡରୁ ହଠାତ୍ ବହୁ ପରିମାଣର ଜଳ ଆସିଲେ ତଳମୁଣ୍ଡରେ ଚାପ ବଢ଼ିବା ସମ୍ଭାବନା ରହିଥାଏ। ତେଣୁ ଜଳ ନିଷ୍କାସନ ନେଇ ଆଗୁଆ ଯୋଜନା କାହିଁକି କରାଗଲା ନାହିଁ,ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି । କେବଳ ଡ୍ୟାମ ପରିଚାଳନା ନୁହେଁ,ସାଳନ୍ଦୀ ନଦୀର ମୁହାଣ ଓ ନାଳଗୁଡ଼ିକ ସଙ୍କୁଚିତ ହେବା ଏବଂ ଜଳବନ୍ଧ ଯୋଗୁଁ ପାଣି ପ୍ରବାହରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ରହିଛି। ଏପରି ସ୍ଥିତିରେ ଉପରମୁଣ୍ଡରୁ ଅଧିକ ପରିମାଣର ଜଳ ଛଡ଼ାଗଲେ ତଳ ଅଂଚଳ ଉପରେ ତାହାର ପ୍ରଭାବ ପଡ଼ିବା ସ୍ୱାଭାବିକ ବୋଲି ମଂଚ ପକ୍ଷରୁ କୁହାଯାଇଛି। ସବୁଠାରୁ ଗୁରୁତର ଅଭିଯୋଗ ହେଉଛିଜଳ ଛାଡ଼ିବା ପୂର୍ବରୁ ତଳମୁଣ୍ଡରେ ଥିବା ଲୋକଙ୍କୁ ଯଥେଷ୍ଟ ଆଗୁଆ ସୂଚନା ଦିଆଯାଉଛି କି ନାହିଁ। ହଠାତ୍ ଜଳସ୍ତର ବଢ଼ିଲେ ନଦୀକୂଳିଆ ଗ୍ରାମ,ଚାଷଜମି ଏବଂ ତଳିଆ ଅଂଚଳର ଲୋକେ ସର୍ବାଧିକ ପ୍ରଭାବିତ ହେଉଛନ୍ତି । ତେଣୁ ଡ୍ୟାମର ଜଳ ପରିଚାଳନା ସହିତ ଆଗୁଆ ସତର୍କତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଦରକାର ବୋଲି ମଂଚ ଦାବି କରିଛି। ବନ୍ୟା ପରିସ୍ଥିତି ଆସିବା ପରେ ତତ୍ପରତା ଦେଖାଇବା ଅପେକ୍ଷା ବର୍ଷା,ଜୁଆର ଓ ଜଳସ୍ତରକୁ ଆଧାର କରି ପୂର୍ବରୁ ଜଳ ପରିଚାଳନା କରାଯିବା ଆବଶ୍ୟକ। ତେବେ ବିଭାଗର ପକ୍ଷ କଣ(?)ଅନ୍ୟପଟେ,ଡ୍ୟାମ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ଉପରମୁଣ୍ଡରେ ଲଗାଣ ବର୍ଷା ହେବାରୁ ହଦଗଡ଼ଜଳଭଣ୍ଡାରରେ ଜଳସ୍ତର ଦ୍ରୁତଗତିରେ ବଢ଼ିଥିଲା। ଡ୍ୟାମର ସୁରକ୍ଷା ଦୃଷ୍ଟିରୁ ଶୁକ୍ରବାରଠାରୁ ଜଳ ନିଷ୍କାସନ ଆରମ୍ଭ କରାଯାଇଥିବା କୁହାଯାଇଛି। ହଦଗଡ଼ ଡ୍ୟାମର ପୂର୍ଣ୍ଣ ଜଳଧାରଣସ୍ତର ବା ଏଫଆରଏଲ୍ ୮୨.୩୦ମିଟର ଥିବାବେଳେ ଜଳସ୍ତର ପ୍ରାୟ ୮୧ମିଟରରେ ପହଂଚିଥିବା ସୂଚନା ମିଳିଛି। ଅର୍ଥାତ୍ ଡ୍ୟାମରେ ମୋଟ ଜଳଧାରଣ କ୍ଷମତାର ପ୍ରାୟ ୯୨.୫୦ପ୍ରତିଶତ ଜଳ ମହଜୁଦ ଥିବା କୁହାଯାଉଛି। ଡ୍ୟାମର ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରତି ସେକେଣ୍ଡରେ ପ୍ରାୟ ୧୭୧.୨୨ କ୍ୟୁମେକ୍ ଜଳ ନିଷ୍କାସନ କରାଯାଉଥିବାବେଳେ ସେଥିରୁ ପ୍ରାୟ ୧୫୦କ୍ୟୁମେକ୍ ଜଳ ସାଳନ୍ଦୀ ନଦୀକୁ ଯାଉଛି। ଅବଶିଷ୍ଟ ଜଳ ବାମ ଓ ଦକ୍ଷିଣ ପାର୍ଶ୍ୱ କେନାଲ ମାଧ୍ୟମରେ ଛଡ଼ାଯାଉଥିବା କର୍ତ୍ତୃପକ୍ଷଙ୍କ ସୂଚନାରେ କୁହାଯାଇଛି। ଏବେ ପ୍ରଶ୍ନ ହେଉଛିପ୍ରବଳ ବର୍ଷା,ଉଚ୍ଚ ଜଳସ୍ତର ଓ ପୂର୍ଣ୍ଣିମା ଜୁଆର ଭଳି ତିନିଟି ପ୍ରାକୃତିକ କାରକ ଏକାସାଙ୍ଗରେ ଥିବା ସମୟରେ ହଦଗଡ଼ ଜଳଭଣ୍ଡାରରୁ ଜଳ ନିଷ୍କାସନର ସମୟ ଓ ପରିମାଣ ନେଇ ଆଗୁଆ ଯୋଜନା କେତେ ଦୂର ସଫଳ ହୋଇଥିଲା(?) ଏହା ସହିତ ତଳମୁଣ୍ଡରେ ଲୋକଙ୍କୁ କେତେ ଆଗୁଆ ସତର୍କ କରାଯାଇଥିଲା(?)ସାଳନ୍ଦୀ ବନ୍ୟାକୁ ନେଇ ଏହି ପ୍ରଶ୍ନଗୁଡ଼ିକର ସଠିକ ଉତ୍ତର ଏବେ ଜିଲ୍ଲାବାସୀ ଦାବି କରୁଛନ୍ତି।

## ଫୁଲ ଧରିଲେ ୪ ସରପଞ୍ଚଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା



ବେତନଟୀ/ବାରିପଦା, (ସବ୍ୟୁ) :ମୟୂରଭଞ୍ଜ ବେତନଟୀ ଥାନା ବଡଜାମବଣି ଫାଣ୍ଡି ଅଧୀନ ଦାନ୍ତିଆମୁହାଁ ମଣ୍ଡଳ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ରବିବାର ଦିନ ଭାରତୀୟ ଜନତା ପାର୍ଟି ପକ୍ଷରୁ ଆୟୋଜିତ ପ୍ରଥମ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଏବଂ ମିଶ୍ରଣ ପର୍ବରେ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ୪ଟି ପଞ୍ଚାୟତର ସରପଞ୍ଚଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଏବଂ ଶତାଧିକ କାର୍ଯ୍ୟକର୍ତ୍ତା ବିଭିନ୍ନ ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି । ଦାନ୍ତିଆମୁହାଁ ମଣ୍ଡଳ ସଭାପତି ସମୀର ଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମୋରଡା ବିଧାୟକ ତଥା ଓଡିଶା ସରକାରଙ୍କର ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପ୍ରାକ୍ତନ ବିଧାୟକ ତଥା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି କାନ୍ଦ୍ରା ସୋରେନ, ଜିଲ୍ଲାସଭାପତି ନିହାର ରଞ୍ଜନ ମୋହା, ଜିଲ୍ଲା କୋଷାଧ୍ୟକ୍ଷ ତଥା ଦକ୍ଷ ସଂଗଠକ ପରେଶଚନ୍ଦ୍ର ମହାନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ ମହାନ୍ତି, ପ୍ରବୀଣ ପାତ୍ର, ରାଜ୍ୟ କୃଷକମୋର୍ଚ୍ଚା ସମ୍ପାଦକ ଶିରୀଶଚନ୍ଦ୍ର ମହାନ୍ତ, ଜିଲ୍ଲା ଏସଟିମୋର୍ଚ୍ଚା ସଭାପତି ଶୁକୁଲ ମୁର୍ମୁ, ଯୁବମୋର୍ଚ୍ଚା ସଭାପତି ସୂରଜ ଲୋହାର, ମଣ୍ଡଳପ୍ରଭାରୀ କାଳିଚରଣ ନାଏକ, ରାଜ୍ୟ ଓବିସିମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜମୋହନ ବେହେରା ପ୍ରମୁଖ ଅତିଥିଗଣ ଉପସ୍ଥିତ ରହି ସଂଗଠନକୁ ସୁଦୃଢ଼ କରିବା ସହ ବିଭିନ୍ନ ଅଭିଯାନକୁ ତୃଣମୂଳ ସ୍ତରରେ ସଫଳ ରୂପାୟନ କରିବାକୁ ମଞ୍ଚାସୀନ ଅତିଥିଗଣ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଏହି ଅବସରରେ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଦଳୀୟ ଟୋପି ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମସ୍ତଙ୍କୁ ଭାରତୀୟ ଜନତା ପାର୍ଟିକୁ ସ୍ୱାଗତ କରିଥିଲେ । ପରିଚାଳନାରେ ଦଳୀୟ କାର୍ଯ୍ୟକର୍ତ୍ତା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ମଣ୍ଡଳ ସମ୍ପାଦକ ମନୋଜ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ପାଦକୀୟ

# ଦିଲ୍ଲୀରେ ଅଶାନ୍ତ ବାତାବରଣ କାହିଁକି ?

ମହାତ୍ମା ଗାନ୍ଧିଙ୍କ ଅହିଂସ ଆନ୍ଦୋଳନ ଯୋଗୁଁ ଭାରତ ସ୍ୱାଧୀନତା ଲାଭ କରିଥିଲେ ମଧ୍ୟ ସ୍ୱାଧୀନତାର ଅଶୀ ବର୍ଷରେ ପଦାର୍ପଣ କରିଥିବା ଭାରତରେ ଯେପରି ଅଶାନ୍ତର ବାତାବରଣ ଏବେ ସୃଷ୍ଟି ହେଉଛି, ତାହା ଭାବିଲେ ଦୁଃଖ ହୁଏ । ଭାରତ ବାହାରେ ଭାରତୀୟ ଓ ବିଦେଶୀମାନେ ଭାରତର ଏପରି ହିଂସାକାଣ୍ଡ ଓ ଅଶାନ୍ତ ବାତାବରଣ ଦେଖି ହୁଏତ ଆଶ୍ଚର୍ଯ୍ୟ ହେଉଥିବେ । ତେବେ ଏପରି ଅଶାନ୍ତ ପରିସ୍ଥିତି ଯେ କେବଳ ରାଜନୀତିକ କାରଣ ଯୋଗୁଁ ହେଉଛି, ଏଥିରେ ସନ୍ଦେହ ନାହିଁ । ମାତ୍ର କେବଳ ରାଜନୀତିକ ସ୍ତରରେ ନୁହେଁ, ସାମାଜିକ ସ୍ତରରେ ଆମେମାନେ ଏହାର ପ୍ରତିକାର ନ କଲେ, ଭାରତର ଭବିଷ୍ୟତ ହୁଏତ ଉଜ୍ଜ୍ୱଳ ହୋଇ ପାରିବ ନାହିଁ ।

ଗତ ୨୭, ସେପ୍ଟେମ୍ବର (୨୦୨୬)ରେ ରାଜଧାନୀ ନୂଆଦିଲ୍ଲୀର ତିଳକ ନଗରଠାରେ ଦିଲ୍ଲୀର ପୂର୍ତ୍ତ ବିଭାଗୀୟ ମନ୍ତ୍ରୀ ପରଭେଶ ବର୍ମା, 'ଆମ ଆଦମୀ ପାର୍ଟି'ର ବିଧାୟକ ଜର୍ଣ୍ଣେଲ ସିଂଙ୍କର ଜଣେ ସହାୟକଙ୍କୁ ଚାପୁଡା ମାରିବା ଘଟଣା ଏବେ ବେଶ ଚାଞ୍ଚଲ୍ୟ ସୃଷ୍ଟି କରିଛି । ପ୍ରଥମେ ସାମାଜିକ ଗଣମାଧ୍ୟମରେ ସେହି ଘଟଣାଟି ଭାଇରାଲ ହେବା ପରେ ତାହା ଅନ୍ୟାନ୍ୟ ଗଣମାଧ୍ୟମରେ ଏପରି ପ୍ରସାରିତ ହୋଇଥିଲା ଯେ ଦିଲ୍ଲୀରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଥିଲା । ଏପରିକି ଆହତ ହୋଇଥିବା ସୁରକ୍ଷାକର୍ମୀ ପୋଲିସ ଓ ସେମାନଙ୍କର ଗାଡ଼ିଗୁଡ଼ିକ ଦେଖିଲେ ମଧ୍ୟ ଦୟା ଲାଗୁଥିଲା । ପୋଲିସ ଜାତୀୟ ରାଜପଥରେ ଗାଡ଼ି ଚଳାଚଳକୁ ମଧ୍ୟ କେତେ ସମୟ ଧରି ବନ୍ଦ ରଖିବାକୁ ବାଧ ହୋଇଥିଲା ।

**ନୂଆଦିଲ୍ଲୀରେ ଗତ ରବିବାର ଘଟିଥିବା ଏହି ଘଟଣାରେ ପୂର୍ତ୍ତମନ୍ତ୍ରୀ ଶ୍ରୀ ବର୍ମାଙ୍କ ସ୍ପଷ୍ଟୀକରଣ ଯାହା ବିଭିନ୍ନ ଗଣମାଧ୍ୟମରେ ଭାଇରାଲ ହୋଇଛି ତାହା ଥିଲା ଏହିପରି– 'ବିକାଶପୁରୀ ରିଂ ରୋଡ଼ କାମ ଗତ କିଛି ଦିନ ହେଲା ଚାଲିଥିଲେ ମଧ୍ୟ, ସ୍ଥାନୀୟ ବିଧାୟକ ଜର୍ଣ୍ଣେଲ ସିଂ, ପୂର୍ତ୍ତ ବିଭାଗର ଇଞ୍ଜିନିୟରମାନଙ୍କୁ ସେହି ରାସ୍ତାର ଠିକାଦାରଙ୍କ ସହିତ ଚିହ୍ନା କରାଇ ତାଙ୍କ କମିଶନ ଟଙ୍କା ଯୋଗାଡ କରିବାକୁ କହିଥିଲେ । ମାତ୍ର ଦାୟିତ୍ୱରେ ଥିବା ଇଞ୍ଜିନିଅର ଜଣକ ବିଧାୟକଙ୍କ ବାରମ୍ବାର ଚାପ ଯୋଗୁଁ ଥାନାରେ ଏ ସଂକ୍ରାନ୍ତରେ ଏତାଲା ଦେଇଥିଲେ ।' ଏହି ଘଟଣାରୁ ରକ୍ଷା ପାଇବା ପାଇଁ ବିଧାୟକଙ୍କର ଏହା ଥିଲା ଷଡ଼ଯନ୍ତ୍ର ବୋଲି ବିଜେପି ପକ୍ଷରୁ ଅଭିଯୋଗ ହୋଇଛି । ଶାନ୍ତିପ୍ରିୟ ଦେଶ ଭାରତରେ ଯଦି ଦିନକୁ ଦିନ ଏପରି ଅଶାନ୍ତ ବାତାବରଣ ସୃଷ୍ଟି ହୁଏ, ତେବେ କ'ଣ କରାଯିବ ?**

ଘଟଣାଟି ଏହିପରି ଆରମ୍ଭ ହୋଇଥିଲା । ପଶ୍ଚିମ ଦିଲ୍ଲୀର ବିକାଶପୁରୀ ଅଞ୍ଚଳରେ ଗୋଟିଏ ନୂତନ ରାସ୍ତା ନିର୍ମିତ ହୋଇଥିଲା । ମାତ୍ର ଆମ ଆଦମୀ ପାର୍ଟିର କର୍ମୀମାନେ ସେହି ନୂତନ ରାସ୍ତାଟି ଭାଙ୍ଗି ଭାଙ୍ଗି ଯାଉଛି ବୋଲି ଅଭିଯୋଗ ଆଣିଥିଲେ । ଫଳରେ ଦିଲ୍ଲୀର ପୂର୍ତ୍ତ ବିଭାଗର ମନ୍ତ୍ରୀ ଶ୍ରୀ ବର୍ମା ତାହା ତଦାରଖ କରିବାକୁ ଯାଇଥିଲେ । ସ୍ଥାନୀୟ ଆପ୍ ପାର୍ଟିର ବିଧାୟକ ଜର୍ଣ୍ଣେଲ ସିଂ ଓ ଆପ୍‌ର କର୍ମୀମାନେ ସେଠାରେ ପହଞ୍ଚି ରାସ୍ତାର ନିମ୍ନ ମାନ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ବର୍ମାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ସାହେବ ସିଂହ ନାମକ ଜଣେ ଯୁବକ ମନ୍ତ୍ରୀଙ୍କ ପାଖେ ପାଖେ ରହି ରାସ୍ତାର ମାନ ସମ୍ପର୍କରେ ତାଙ୍କର କଥାବାର୍ତ୍ତାକୁ ମୋବାଇଲରେ ଫଟୋ ଉଠାଇ ରେକର୍ଡିଂ କରୁଥିବାବେଳେ ମନ୍ତ୍ରୀ ତା ହାତକୁ ଠେଲି ଦେଇ ତାକୁ ଚାପୁଡାଟିଏ ମାରିଥିଲେ, ଯାହାକି ସାମାଜିକ ଗଣମାଧ୍ୟମରେ ଭାଇରାଲ କରାଯାଇଥିଲା ତତ୍କ୍ଷଣାତ୍ । ପରେ ସେହି ଯୁବକଜଣକ ସ୍ଥାନୀୟ ବିଧାୟକ ଜର୍ଣ୍ଣେଲ ସିଂଙ୍କର ସହାୟକ ବୋଲି ପରିଚୟ ଦେଇଥିଲା । ଭାଇରାଲ ହୋଇଥିବା ସେହି ଚାପୁଡ଼ା ଘଟଣାରେ କୁଆଡ଼େ ଆଉ ଜଣକର ସ୍ୱର ମଧ୍ୟ ଶୁଣାଯାଉଛି, ତାହା ହେଲା ' ଏ ମାଡ଼ ହେଲା' ବୋଲି । ମନ୍ତ୍ରୀଙ୍କ ଚାପୁଡା ଘଟଣାକୁ କେନ୍ଦ୍ର କରି ଦିଲ୍ଲୀର ଆମ ଆଦମୀ ପାର୍ଟିର ଲୋକେ ବିକ୍ଷୋଭ ପ୍ରଦର୍ଶନ କେବଳ କରି ନାହାନ୍ତି, ଦିଲ୍ଲୀ ପୂର୍ତ୍ତ ମନ୍ତ୍ରୀ ଶ୍ରୀ ବର୍ମାଙ୍କ ଏପରି ବ୍ୟବହାର ପାଇଁ ତାଙ୍କୁ ଗିରଫ କରାଯିବାକୁ ମଧ୍ୟ ଦାବି କରିଛନ୍ତି । ଉଲ୍ଲେଖନୀୟ ଯେ ଜଣେ କେନ୍ଦ୍ରମନ୍ତ୍ରୀ ମଧ୍ୟ ଅଳ୍ପ କେତେ ଦିନ ତଳେ ତାଙ୍କର ଜଣେ ରାଜନୀତିକ ପ୍ରତିଦ୍ୱନ୍ଦୀଙ୍କ ନାଁ ନ ଧରି ତାଙ୍କ ହାତ କାଟିଦେବେ, ତାକୁ ମାରିବେ ବୋଲି ମଧ୍ୟ ଧମକଚମକ ଦେଇଥିଲେ, ଯାହା ବିଭିନ୍ନ ସାମାଜିକ, ତଡ଼ିତ ଓ ମୁଦ୍ରଣ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା । ଅଥଚ ସଚେତନ ଭାରତୀୟମାନେ ଏହି ଘଟଣାକୁ ଆଦୌ ଗୁରୁତ୍ୱ ଦେଇ ନଥିବା ପରି ମନେ ହୋଇଥିଲା ।

ନୂଆଦିଲ୍ଲୀରେ ଗତ ରବିବାର ଘଟିଥିବା ଏହି ଘଟଣାରେ ପୂର୍ତ୍ତମନ୍ତ୍ରୀ ଶ୍ରୀ ବର୍ମାଙ୍କ ସ୍ପଷ୍ଟୀକରଣ ଯାହା ବିଭିନ୍ନ ଗଣମାଧ୍ୟମରେ ଭାଇରାଲ ହୋଇଛି ତାହା ଥିଲା ଏହିପରି– 'ବିକାଶପୁରୀ ରିଂ ରୋଡ଼ କାମ ଗତ କିଛି ଦିନ ହେଲା ଚାଲିଥିଲେ ମଧ୍ୟ, ସ୍ଥାନୀୟ ବିଧାୟକ ଜର୍ଣ୍ଣେଲ ସିଂ, ପୂର୍ତ୍ତ ବିଭାଗର ଇଞ୍ଜିନିୟରମାନଙ୍କୁ ସେହି ରାସ୍ତାର ଠିକାଦାରଙ୍କ ସହିତ ଚିହ୍ନା କରାଇ ତାଙ୍କ କମିଶନ ଟଙ୍କା ଯୋଗାଡ କରିବାକୁ କହିଥିଲେ । ମାତ୍ର ଦାୟିତ୍ୱରେ ଥିବା ଇଞ୍ଜିନିଅର ଜଣକ ବିଧାୟକଙ୍କ ବାରମ୍ବାର ଚାପ ଯୋଗୁଁ ଥାନାରେ ଏ ସଂକ୍ରାନ୍ତରେ ଏତାଲା ଦେଇଥିଲେ ।' ଏହି ଘଟଣାରୁ ରକ୍ଷା ପାଇବା ପାଇଁ ବିଧାୟକଙ୍କର ଏହା ଥିଲା ଷଡ଼ଯନ୍ତ୍ର ବୋଲି ବିଜେପି ପକ୍ଷରୁ ଅଭିଯୋଗ ହୋଇଛି । ଶାନ୍ତିପ୍ରିୟ ଦେଶ ଭାରତରେ ଯଦି ଦିନକୁ ଦିନ ଏପରି ଅଶାନ୍ତ ବାତାବରଣ ସୃଷ୍ଟି ହୁଏ, ତେବେ କ'ଣ କରାଯିବ ?

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ସ୍ଥାୟୀ ବିକାଶର ଲକ୍ଷ୍ୟ ଓ ଗାନ୍ଧି ଚିନ୍ତନ



**ଜ୍ଞାନରଞ୍ଜନ ସାମନ୍ତରାୟ**

ବିଂଶ ଶତାବ୍ଦୀର ଆରମ୍ଭରୁ ମଣିଷର ଅନ୍ଧ ଶିଳ୍ପାୟନ, ଅତ୍ୟଧିକ ଭୋଗବାଦ ଓ ପ୍ରକୃତି ଉପରେ ଅସୀମ ଅଧିକାରର ମାନସିକତାକୁ ନେଇ ଯେଉଁ କେତେକ ଚିନ୍ତକ ଗଭୀର ଚେତାବନୀ ଦେଇଥିଲେ, ସେମାନଙ୍କ ମଧ୍ୟରେ ମୋହନଦାସ କରମଚାନ୍ଦ ଗାନ୍ଧି ଏକ ଅସାଧାରଣ ନାମ । ସେ କେବଳ ରାଜନୈତିକ ସ୍ୱାଧୀନତାର ମହାନାୟକ ନଥିଲେ ବରଂ ସେ ଥିଲେ ମଣିଷର ଜୀବନ, ଅର୍ଥନୀତି, ରାଜନୀତି, ସମାଜ, ପ୍ରକୃତି ଓ ନୈତିକତାକୁ ଏକ ସୂତ୍ରରେ ଦେଖିଥିବା ଜଣେ ଦୂରଦର୍ଶୀ ଚିନ୍ତକ । ଆଜି ଯେତେବେଳେ 'ସସ୍ଟେନେବଲ୍ ଡେଭେଲପମେଣ୍ଟ' ବା ସ୍ଥାୟୀ ବିକାଶ ଅନ୍ତର୍ଜାତୀୟ ନୀତି, ଅର୍ଥନୀତି ଓ ପରିବେଶ ଭିତ୍ତିକ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଛି, ସେତେବେଳେ ଗାନ୍ଧିଜୀଙ୍କ ଶତାବ୍ଦୀ ପୁରୁଣା ଚିନ୍ତାଧାରା ନୂଆ ରୂପରେ ପ୍ରତିଭାତ ହେଉଛି । ଜାତିସଂଘର ୨୦୩୦ ଏଜେଣ୍ଡାର ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ଯାହା ଦାରିଦ୍ର୍ୟ ଦୂରୀକରଣରୁ ଆରମ୍ଭ କରି ଖାଦ୍ୟ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ସମାନତା, ବିଶୁଦ୍ଧଜଳ, ସ୍ୱଚ୍ଛଶକ୍ତି, ମର୍ଯ୍ୟାଦାପୂର୍ଣ୍ଣ କାମ, ଦାୟିତ୍ୱଶୀଳ ଉପଭୋଗ, ଜଳବାୟୁ କାର୍ଯ୍ୟ ଓ ପ୍ରକୃତି ସୁରକ୍ଷା ପର୍ଯ୍ୟନ୍ତ ବିସ୍ତୃତ, ସେଥିରେ ଗାନ୍ଧିଙ୍କ ଚିନ୍ତାଧାରାକୁ ଅନୁଶୀଳନ କଲେ, ଗୋଟିଏ ଆଶ୍ଚର୍ଯ୍ୟଜନକ ସାମ୍ୟ ଦେଖାଯାଏ । ମଣିଷର ଆବଶ୍ୟକତା ପୂରଣ ହେଉ, କିନ୍ତୁ ମଣିଷର ଲୋଭ ପାଇଁ ପୃଥିବୀକୁ ଧ୍ୱଂସ କରାଯିବ ନାହିଁ । ଅର୍ଥାତ୍ ଏକ୍ଷେତ୍ରରେ 'ସଂଯମତା' ହିଁ ଥିଲା ଗାନ୍ଧିଜୀଙ୍କ ବିଚାରର ଆୟୁଧ । ଏହି ସଂଯମ ବିଚାର କଦାପି ଦୁର୍ବଳତା ନୁହେଁ, ଏହା ନୈତିକ ଶକ୍ତିର ଆଧାର । ଏହା କୌଣସି ଅଭାବକୁ ମହିମାମଣ୍ଡିତ କରେନାହିଁ, ବରଂ ଅନାବଶ୍ୟକ ଭୋଗକୁ ପ୍ରଶ୍ନ କରିବାର ମାର୍ଗ ବୋଲି କୁହାଯାଇ ପାରେ । ଏହା ମଣିଷର ଇଚ୍ଛାକୁ ଦମନ କରିବା ନୁହେଁ, ଇଚ୍ଛା ଓ ଆବଶ୍ୟକତା ମଧ୍ୟରେ ସୀମା ଚିହ୍ନିତ କରିବାର ମାନକ । ଗାନ୍ଧିଜୀଙ୍କ ଏକ ବହୁଚର୍ଚ୍ଚିତ ଉକ୍ତି ଆଜିର ଉପଭୋଗବାଦୀ ସଭ୍ୟତାକୁ ଜାଗ୍ରତ କରାଏ 'ପୃଥିବୀ ପ୍ରତ୍ୟେକ ମଣିଷର ଆବଶ୍ୟକତା ପାଇଁ ପର୍ଯ୍ୟାପ୍ତ, କିନ୍ତୁ ପ୍ରତ୍ୟେକ ମଣିଷର ଲୋଭ ପାଇଁ ନୁହେଁ ।'

ଏହି ବାକ୍ୟର ଅର୍ଥ ଆଜି ଅଧିକ ଗଭୀର । ଯେତେବେଳେ ପ୍ରକୃତିର ସମ୍ପଦ ସୀମିତ, କିନ୍ତୁ ବଜାର ମଣିଷର ଇଚ୍ଛାକୁ ଅସୀମ କରିବାରେ ବ୍ୟସ୍ତ, ସେତେବେଳେ ବିକାଶର ଅର୍ଥ କେବଳ ଅଧିକ ଉତ୍ପାଦନ ଓ ଅଧିକ ଉପଭୋଗ ଭାବନାଦ୍ୱାରା କବଳିତ । ଗାନ୍ଧିଜୀଙ୍କ ପାଇଁ ଅର୍ଥନୀତି କେବଳ ଟଙ୍କାର ଗଣିତ ନଥିଲା । ଅର୍ଥନୀତିର କେନ୍ଦ୍ରରେ ମଣିଷ ରହିବା ଦରକାର । ମଣିଷର ଶ୍ରମ, ମର୍ଯ୍ୟାଦା, ଜୀବିକା, ପ୍ରକୃତି ଓ ସାମାଜିକ ନ୍ୟାୟକୁ ଅଣଦେଖା କରି ଯଦି ଅର୍ଥନୈତିକ ଅଭିବୃଦ୍ଧି ଘଟେ, ତେବେ ସେହି ଅଭିବୃଦ୍ଧି ସମାଜ ପାଇଁ କେତେ ଉପକାରୀ ? ଏହି ପ୍ରଶ୍ନ ତାଙ୍କ ଚିନ୍ତାର କେନ୍ଦ୍ରରେ ଥିଲା।

୧୯୦୯ରେ ଲିଖିତ 'ହିନ୍ଦ୍ ସ୍ୱରାଜ' ଏହି ଚିନ୍ତାର ଏକ ମହତ୍ତ୍ୱପୂର୍ଣ୍ଣ ଦଲିଲ । ସେତେବେଳେ ଆଜିର ଭଳି 'କ୍ଲାଇମେଟ୍ ଚେଞ୍ଜ', 'କାର୍ବନ୍ ଫୁଟପ୍ରିଣ୍ଟ', 'ସର୍କୁଲାର୍ ଇକୋନୋମି' କିମ୍ବା 'ନେଟ୍ ଜିରୋ' ଭଳି ଶବ୍ଦ ସାଧାରଣ ଆଲୋଚନାରେ ନଥିଲା । କିନ୍ତୁ ଶିଳ୍ପାୟନ ଓ ଅତ୍ୟଧିକ ଭୋଗକୁ ନେଇ ଗାନ୍ଧିଜୀଙ୍କ ସନ୍ଦେହ ଆଜିର ପରିବେଶ ସଙ୍କଟର ପ୍ରେକ୍ଷାପଟରେ ନୂଆ ଅର୍ଥକୁ ଜନ୍ମ ଦେଉଛି । ସେ ଆଧୁନିକ ସଭ୍ୟତାର ମୂଲ୍ୟବୋଧକୁ ପ୍ରଶ୍ନ କରିଥିଲେ । ଯନ୍ତ୍ରର ଅସ୍ତିତ୍ୱକୁ ନୁହେଁ, ଯନ୍ତ୍ର ଯେତେବେଳେ ମଣିଷର ମାଲିକ ହୋଇଯାଏ, ସେହି ପରିସ୍ଥିତିକୁ ସେ ଭୟ କରୁଥିଲେ । ସେ କଦାପି 'ଯନ୍ତ୍ରବିରୋଧୀ' ନଥିଲେ । ସେ ମଣିଷକୁ ଶ୍ରମରୁ ମୁକ୍ତ କରୁଥିବା, ମଣିଷର ସୃଜନଶୀଳତା ବଢ଼ାଉଥିବା ଓ ଜୀବନକୁ ସହଜ କରୁଥିବା ପ୍ରଯୁକ୍ତିର ବିରୋଧୀ ନଥିଲେ । ତାଙ୍କର ପ୍ରଶ୍ନ ଥିଲା ଯେ ଯନ୍ତ୍ର କାହାପାଇଁ ? କାହାର ହାତରେ ? କାହାର ଜୀବିକାକୁ ବଞ୍ଚାଇବ ? କାହାର ଜୀବିକା ଛଡ଼ାଇବ ? କାହାର ସମ୍ପଦକୁ ବଢ଼ାଇବ ? ଏବଂ କାହାର ମାଟି, ଜଳ ଓ ବାୟୁକୁ ନଷ୍ଟ କରିବ ? ଏହି ପ୍ରଶ୍ନଗୁଡ଼ିକ ଆଜି କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଓ ସ୍ୱୟଂଚାଳିତ ପ୍ରଯୁକ୍ତିର ଯୁଗରେ ମଧ୍ୟ ପ୍ରାସଙ୍ଗିକ ।

ମଣିଷର ସର୍ବାଙ୍ଗୀନ କଲ୍ୟାଣ ଯାହାର ଲକ୍ଷ୍ୟ ନୁହେଁ, ତାହା ମାନବସମାଜର ମିତ୍ର ହୋଇପାରିବ ବା କିଭଳି ? ତାଙ୍କ ଅର୍ଥନୀତିରେ 'ସର୍ବୋଦୟ' ଚେତନା ପ୍ରତିଫଳିତ ହୋଇଛି। ସର୍ବୋଦୟ ଅର୍ଥ– ସମସ୍ତଙ୍କ ଉନ୍ନତି। କେତେକ ଲୋକ ଧନୀ ହେବେ ଓ ବାକି ଲୋକ ପଛରେ ରହିବେ– ଏହା ଗାନ୍ଧିଜୀଙ୍କ ବିକାଶ ଦୃଷ୍ଟିକୋଣର ବିରୋଧୀ। ସବୁଠାରୁ ଶେଷ ଲୋକଟିର ମୁହଁରେ ହସ ଫୁଟିଲା କି ନାହିଁ, ତାହା ହିଁ ଥିଲା ତାଙ୍କ ବିକାଶର ନୈତିକ ପରୀକ୍ଷା। ତାଙ୍କ 'ଅନ୍ତ୍ୟୋଦୟ' ଧାରଣା ଆଜିର 'ଇନ୍‌କ୍ଲୁସିଭ୍ ଡେଭେଲପମେଣ୍ଟ' ବା 'ସମାବେଶୀ ବିକାଶ'ର ଚର୍ଚ୍ଚା ସହ ଅତ୍ୟନ୍ତ ଘନିଷ୍ଠ । ସମାଜର ସବୁଠାରୁ ଦୁର୍ବଳ, ଗରିବ, ଅବହେଳିତ ଓ ପ୍ରାନ୍ତିକ ମଣିଷଙ୍କ ଜୀବନରେ ଯଦି ବିକାଶର ଆଲୋକ ପହଞ୍ଚୁନାହିଁ, ତେବେ ଉଚ୍ଚ ଅଭିବୃଦ୍ଧି ହାର ମଧ୍ୟ ଏକ ଅପୂର୍ଣ୍ଣ ସଫଳତା । ଗାନ୍ଧିଜୀଙ୍କ ଟ୍ରଷ୍ଟିସିପ୍ ତତ୍ତ୍ୱ ଏଠାରେ ଆହୁରି ଗୁରୁତ୍ୱପୂର୍ଣ୍ଣ । ଧନ, ଜମି, ଶିଳ୍ପ, ପ୍ରାକୃତିକ ସମ୍ପଦ– ଏଗୁଡ଼ିକ ଉପରେ ଅଧିକାର ରହିପାରେ, କିନ୍ତୁ ଅଧିକାର ସହିତ ଦାୟିତ୍ୱ ମଧ୍ୟ ରହିବା ଦରକାର । ଧନୀ ବ୍ୟକ୍ତି କେବଳ ସମ୍ପତ୍ତିର ମାଲିକ ନୁହେଁ, ସମାଜର ଜଣେ ଟ୍ରଷ୍ଟି । ଶିଳ୍ପପତି କେବଳ ଲାଭର ମାଲିକ ନୁହେଁ, ଶ୍ରମିକ, ଉପଭୋକ୍ତା, ସମାଜ ଓ ପ୍ରକୃତି ନିକଟରେ ଉତ୍ତରଦାୟୀ । ଆଜି କର୍ପୋରେଟ୍ ସୋସିଆଲ୍ ରେସ୍‌ପନସିବିଲିଟି, ଇଏସ୍‌ଜି, ସାମାଜିକ ପ୍ରଭାବ ନିବେଶ ଓ ଦାୟିତ୍ୱଶୀଳ ବ୍ୟବସାୟ ନେଇ ଯେଉଁ ଆଲୋଚନା ଚାଲିଛି, ଗାନ୍ଧିଜୀଙ୍କ ଟ୍ରଷ୍ଟିସିପ୍ ସେଥିରେ ଏକ ଗଭୀର ନୈତିକ ପ୍ରଶ୍ନ ଯୋଡ଼ିଦିଏ– କେବଳ ଆଇନ ମାନିବା ଯଥେଷ୍ଟ, ନା ସମାଜ ପ୍ରତି ଏକ ଆନ୍ତରିକ ନୈତିକ ଦାୟିତ୍ୱ ମଧ୍ୟ ରହିବା ଉଚିତ?

**ମଣିଷର ସର୍ବାଙ୍ଗୀନ କଲ୍ୟାଣ ଯାହାର ଲକ୍ଷ୍ୟ ନୁହେଁ, ତାହା ମାନବସମାଜର ମିତ୍ର ହୋଇପାରିବ ବା କିଭଳି ? ତାଙ୍କ ଅର୍ଥନୀତିରେ 'ସର୍ବୋଦୟ' ଚେତନା ପ୍ରତିଫଳିତ ହୋଇଛି। ସର୍ବୋଦୟ ଅର୍ଥ– ସମସ୍ତଙ୍କ ଉନ୍ନତି। କେତେକ ଲୋକ ଧନୀ ହେବେ ଓ ବାକି ଲୋକ ପଛରେ ରହିବେ– ଏହା ଗାନ୍ଧିଜୀଙ୍କ ବିକାଶ ଦୃଷ୍ଟିକୋଣର ବିରୋଧୀ। ସବୁଠାରୁ ଶେଷ ଲୋକଟିର ମୁହଁରେ ହସ ଫୁଟିଲା କି ନାହିଁ, ତାହା ହିଁ ଥିଲା ତାଙ୍କ ବିକାଶର ନୈତିକ ପରୀକ୍ଷା। ତାଙ୍କ 'ଅନ୍ତ୍ୟୋଦୟ' ଧାରଣା ଆଜିର 'ଇନ୍‌କ୍ଲୁସିଭ୍ ଡେଭେଲପମେଣ୍ଟ' ବା 'ସମାବେଶୀ ବିକାଶ'ର ଚର୍ଚ୍ଚା ସହ ଅତ୍ୟନ୍ତ ଘନିଷ୍ଠ । ସମାଜର ସବୁଠାରୁ ଦୁର୍ବଳ, ଗରିବ, ଅବହେଳିତ ଓ ପ୍ରାନ୍ତିକ ମଣିଷଙ୍କ ଜୀବନରେ ଯଦି ବିକାଶର ଆଲୋକ ପହଞ୍ଚୁନାହିଁ, ତେବେ ଉଚ୍ଚ ଅଭିବୃଦ୍ଧି ହାର ମଧ୍ୟ ଏକ ଅପୂର୍ଣ୍ଣ ସଫଳତା ।**

ଓଡ଼ିଶା କ୍ଷେତ୍ରରେ ଏହି ପ୍ରଶ୍ନ ଆହୁରି ଜଟିଳ ଓ ଆହୁରି ପ୍ରାସଙ୍ଗିକ । ଏକ ପଟେ ରାଜ୍ୟ ଶିଳ୍ପାୟନ, ଖଣିଜ ସମ୍ପଦ, ପୁଞ୍ଜି ବିନିଯୋଗ, ନୂଆଶିଳ୍ପ ଓ ରୋଜଗାରର ଦିଗରେ ଆଗକୁ ବଢୁଛି । ଅନ୍ୟ ପଟେ ଓଡ଼ିଶାର ପ୍ରକୃତ ଶକ୍ତି ରହିଛି ତାହାର ଗାଁ, ଜଙ୍ଗଲ, ନଦୀ, ଚାଷଜମି, ସାମୂହିକ ଜୀବନ, ହସ୍ତଶିଳ୍ପ, ହସ୍ତତନ୍ତ, ମତ୍ସ୍ୟଜୀବୀ ସମୁଦାୟ ଓ କୃଷିକେନ୍ଦ୍ରିକ ଅର୍ଥନୀତିରେ । ଏହି ଦୁଇଟିକୁ ପରସ୍ପର ବିରୋଧୀ ଭାବରେ ନୁହେଁ, ସମନ୍ୱୟରେ ଦେଖିବା ହେଉଛି ଆଜିର ବଡ଼ ଆହ୍ୱାନ । ଓଡ଼ିଶାର ସରକାରୀ ବିକାଶ ଚର୍ଚ୍ଚାରେ ମଧ୍ୟ ଏବେ ସମାବେଶୀ ଓ ସ୍ଥାୟୀ ବିକାଶ, ଗ୍ରାମୀଣ ବିକାଶ, ଦକ୍ଷତା ବିକାଶ ଓ ପ୍ରଯୁକ୍ତିନିର୍ଭର ସସ୍ଟେନେବିଲିଟି ଉପରେ ଗୁରୁତ୍ୱ ଦିଆଯାଉଛି । କିନ୍ତୁ ଗାନ୍ଧିଜୀଙ୍କ ଦୃଷ୍ଟିରେ ଗାଁ କେବଳ ଦାରିଦ୍ର୍ୟର ଠିକଣା ନୁହେଁ, ବରଂ ଗାଁ ଏକ ସମ୍ଭାବ୍ୟ ଆତ୍ମନିର୍ଭର ଅର୍ଥନୈତିକ ଏକକ । ତାଙ୍କ 'ଗ୍ରାମସ୍ୱରାଜ'ର ଚିନ୍ତନରେ ଗାଁର ନିଜସ୍ୱ ଖାଦ୍ୟ, ବସ୍ତ୍ର, ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଉତ୍ପାଦନ ଓ ସାମୂହିକ ଜୀବନର ବ୍ୟବସ୍ଥା ରହିବା ଦରକାର। ଏଥିରେ ଆତ୍ମନିର୍ଭରତାର ଅର୍ଥ ଦୁନିଆରୁ ଅଲଗା ହୋଇଯିବା ନୁହେଁ ବରଂ ଯେଉଁଠାରେ ସ୍ଥାନୀୟ ଉତ୍ପାଦନ ସମ୍ଭବ, ସେଠାରେ ଅନାବଶ୍ୟକ ନିର୍ଭରତାକୁ କମାଇବା । ଓଡ଼ିଶାରେ ଗ୍ରାମ ପଞ୍ଚାୟତ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ, ସହକାରୀ ସଂସ୍ଥା ଓ ସ୍ଥାନୀୟ ଉଦ୍ୟମୀମାନେ ଏହି ଧାରଣାକୁ ଆଧୁନିକ ରୂପ ଦେଇପାରନ୍ତି।

ଗାନ୍ଧିଜୀଙ୍କ 'ସ୍ୱଦେଶୀ'ର ଅର୍ଥ କେବଳ ବିଦେଶୀ ଜିନିଷ ବର୍ଜନ ନୁହେଁ । ସ୍ୱଦେଶୀ ହେଉଛି ନିଜ ମାଟି, ନିଜ ଶ୍ରମ, ନିଜ କୌଶଳ ଓ ନିଜ ସମୁଦାୟକୁ ସମ୍ମାନ କରିବା । ଆଜି ଯେତେବେଳେ 'ଲୋକାଲ୍ ଟୁ ଗ୍ଲୋବାଲ୍' କଥା କୁହାଯାଉଛି, ଗାନ୍ଧିଜୀଙ୍କ ସ୍ୱଦେଶୀ ଧାରଣା ନୂଆ ଭାବରେ ବାଖ୍ୟା କରାଯାଇ ପାରେ । ଗାଁର ମାଣ୍ଡିଆ, କନ୍ଧମାଳ ହଳଦୀ, ଓଡ଼ିଶାର ହସ୍ତତନ୍ତ, ଧାତୁ ଶିଳ୍ପ, ଟେରାକୋଟା, ପାଟ, ତାଳପତ୍ର କାମ, ବାଉଁଶ ଉତ୍ପାଦ, ଜଙ୍ଗଲଜାତ ଦ୍ରବ୍ୟ ଏଗୁଡ଼ିକ କେବଳ ସାଂସ୍କୃତିକ ସ୍ମୃତି ନୁହେଁ ଯଥୋଚିତ ବଜାର, ପ୍ରଯୁକ୍ତି ଓ ପ୍ରସ୍ତୁତି ସହ ଏଗୁଡ଼ିକ ଗ୍ରାମୀଣ ଅର୍ଥନୀତିର ଶକ୍ତି ହୋଇପାରେ । ତାଙ୍କ ପ୍ରସିଦ୍ଧ ଅର୍ଥନୈତିକ ଭାବନା ଥିଲା–'ମାସ୍ ପ୍ରଡକ୍ସନ' ଅପେକ୍ଷା ପ୍ରଡକ୍ସନ 'ବାୟ ଦି ମାସେସ୍'। ଏହାର ଅର୍ଥ ହେଉଛି, ଉତ୍ପାଦନର ଅଧିକାର ଓ ସୁଯୋଗ କେବଳ ବଡ଼ କଳକାରଖାନା ଓ ବଡ଼ ବଡ଼ ପୁଞ୍ଜିପତିଙ୍କ ନିକଟରେ ସୀମିତ ରହିବ ନାହିଁ । ଲକ୍ଷ ଲକ୍ଷ ଲୋକଙ୍କ ହାତରେ ଉତ୍ପାଦନର ସୁଯୋଗ ରହିବ । ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ପାଇଁ ଏହି ଧାରଣାର ଅର୍ଥ ଅତ୍ୟନ୍ତ ପ୍ରାସଙ୍ଗିକ । ଗୋଟିଏ ଜିଲ୍ଲାରେ ଏକ ବଡ଼ କାରଖାନା ହଜାର ଲୋକଙ୍କୁ ଚାକିରି ଦେଇପାରେ କିନ୍ତୁ ହଜାର ଗାଁରେ ହଜାର ଛୋଟ ଉଦ୍ୟମ, ପ୍ରସ୍ତୁତି କେନ୍ଦ୍ର, ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର, ହସ୍ତଶିଳ୍ପ ଗୋଷ୍ଠୀ, କୃଷି ଉଦ୍ୟୋଗ ଓ ସେବା ଭିତ୍ତିକ ବ୍ୟବସାୟ ଲକ୍ଷ ଲକ୍ଷ ଲୋକଙ୍କୁ ଜୀବିକା ଦେଇପାରେ। ଗାନ୍ଧିଜୀଙ୍କ ଭାବନାର ଏହା ହେଉଛି ମୂଳଶକ୍ତି। ଆଜିର ଜୈବିକ କୃଷି ଚର୍ଚ୍ଚାକୁ ମଧ୍ୟ ଗାନ୍ଧିଜୀଙ୍କ ଏହି ଚିନ୍ତା ସହ ଯୋଡ଼ାଯାଇପାରେ। ଜୈବିକ କୃଷିର ମୂଳ ଧାରଣା ହେଉଛି ମାଟିକୁ କେବଳ ଉତ୍ପାଦନ ଯନ୍ତ୍ର ଭାବରେ ନୁହେଁ, ଏକ ଜୀବନ୍ତ ପରିସ୍ଥିତିତନ୍ତ୍ର ଭାବେ ଦେଖିବା । ମାଟିର ଜୀବାଣୁ, ଜୈବିକ ପଦାର୍ଥ, ଜଳଧାରଣ କ୍ଷମତା, ଜୀବବିବିଧତା, ଫସଲ ବିବିଧତା– ସବୁକିଛି ଏକାଠି ମିଶି କୃଷିକୁ ବଞ୍ଚାଇ ରଖେ । ପ୍ରକୃତି ସହିତ ସହଅସ୍ତିତ୍ୱର ଦର୍ଶନ ଏହି ଭାବନା ସହ ସମ୍ପର୍କିତ । ଚାଷୀକୁ କେବଳ 'ଉତ୍ପାଦକ' ଭାବରେ ନୁହେଁ, 'ମାଟିର ରକ୍ଷକ' ଭାବରେ ଦେଖିବା । ଚାଷୀ କେବଳ ଧାନ, ଡାଲି, ତୈଳବୀଜ କିମ୍ବା ପନିପରିବା ଉତ୍ପାଦନ କରେ ନାହିଁ ସେ ମାଟିର ଜୀବନ, ଜଳ ସଂରକ୍ଷଣ ଓ ଖାଦ୍ୟ ସୁରକ୍ଷାକୁ ମଧ୍ୟ ଧରିରଖେ । ଯଦି ଚାଷ ଲାଭଜନକ ନୁହେଁ, ତେବେ ଯୁବପିଢ଼ି କୃଷିରୁ ବିମୁଖ ହେବା ସ୍ୱାଭାବିକ । ଯଦି ଯୁବକମାନେ କୃଷିରୁ ଦୂରେଇବେ, ଗାଁର ଅର୍ଥନୀତି ଦୁର୍ବଳ ହେବ । ଯଦି ଗାଁ ଦୁର୍ବଳ ହେବ, ସହର ଉପରେ ଚାପ ବଢ଼ିବ । ତେଣୁ ସ୍ଥାୟୀ ବିକାଶର ଯାତ୍ରା ଗାଁ ମାଟିରୁ ଆରମ୍ଭ ହେଉ । ଜୈବିକ ଓ ପାରମ୍ପରିକ ଚାଷ ସହିତ ଜଳ ସଂରକ୍ଷଣ, ମିଶ୍ରିତ ଚାଷ, ଫସଲ ପର୍ଯ୍ୟାୟକ୍ରମ, ପଶୁପାଳନ, କୃଷି–ବନୀକରଣ, ଖାଦ୍ୟ ପ୍ରକ୍ରିୟାକରଣ ଓ ଗ୍ରାମୀଣ ବଜାରକୁ ଯଦି ଏକାଠି କରାଯାଏ, ତେବେ କୃଷି ଏକ ପେସା ନ ରହି ସମଗ୍ର ଗ୍ରାମୀଣ ଅର୍ଥନୈତିକ ପରିସ୍ଥିତି ତନ୍ତ୍ରରେ ପରିଣତ ହେବାର ଯଥେଷ୍ଟ ସୁଯୋଗ ରହିଛି ।

କ୍ରମଶଃ...

**ରାଜ୍ୟ ଆବାହକ, ଓଡ଼ିଶା ଗାନ୍ଧିବାଦୀ ଫୋରମ୍, ଅଲଣା ନଂ.୨, ନାଉଗାଁହାଟ, ଜଗତସିଂହପୁର,ମୋ–୭୯୭୮୨୧୮୬୮୪**

# ଭାରତରେ ପର୍ଯ୍ୟଟନର ସମ୍ଭାବନା



**ବିକାଶ ନାରାୟଣ ମିଶ୍ର**

ସେପ୍ଟେମ୍ବର ୨୭ରେ 'ବିଶ୍ୱ ପର୍ଯ୍ୟଟନ ଦିବସ' ପାଳନ କରୁଥିବା ବେଳେ, ଭାରତ ପାଇଁ ବୋଧହୁଏ ନିଜର ପର୍ଯ୍ୟଟନ ସମ୍ଭାବନାକୁ ନେଇ ଟିକେ ଆତ୍ମସମୀକ୍ଷା କରିବାର ସମୟ ଆସିଛି । ପ୍ରାୟ ୫,୦୦୦ ବର୍ଷର ସଭ୍ୟତା, ସିନ୍ଧୁ ଉପତ୍ୟକାରୁ ସ୍ୱାଧୀନ ଭାରତ ଏବଂ ଏବେ ବିକଶିତ ଭାରତର ଆକାଂକ୍ଷା ପର୍ଯ୍ୟନ୍ତ ଆମର ଯାତ୍ରା ଅସାଧାରଣ । କିନ୍ତୁ ଏତେ ବିଶାଳ ଐତିହ୍ୟ ଓ ବିବିଧତା ଥିବା ସତ୍ତ୍ୱେ ପର୍ଯ୍ୟଟନ କ୍ଷେତ୍ରରେ ଭାରତର ସମ୍ଭାବନା ଓ ପ୍ରଦର୍ଶନ ମଧ୍ୟରେ ଏକ ଉଲ୍ଲେଖନୀୟ ତଫାତ ରହିଛି ।

ଇତିହାସ, ସଭ୍ୟତା, ଆଧ୍ୟାତ୍ମିକତା, ସ୍ଥାପତ୍ୟ, ଭୌଗୋଳିକ ବିବିଧତା ଓ ଜୀବନ୍ତ ପରମ୍ପରାର ଏପରି ସମନ୍ୱୟ ବିଶ୍ୱର ଅଳ୍ପ କେତେକ ଦେଶରେ ହିଁ ଦେଖିବାକୁ ମିଳେ । ଆମ ପାଖରେ ରହିଛି ହିମାଳୟ ଓ ଭାରତ ମହାସାଗର, ଗଙ୍ଗା ଓ ବ୍ରହ୍ମପୁତ୍ର, ରାଜସ୍ଥାନର ମରୁଭୂମି ଓ ଉତ୍ତର–ପୂର୍ବର ସବୁଜ ପାହାଡ଼ ।

ତାଜମହଲ, ହମ୍ପି, କୋଣାର୍କ, ଖଜୁରାହୋ, ଅଜନ୍ତା–ଏଲୋରା ଠାରୁ ଆରମ୍ଭ କରି ଅସଂଖ୍ୟ ଦୁର୍ଗ, ରାଜପ୍ରାସାଦ, ଗୁମ୍ଫା ଓ ମନ୍ଦିର ପର୍ଯ୍ୟନ୍ତ ଆମର ଐତିହ୍ୟ ବିସ୍ତୃତ । ବିଶ୍ୱର ଦୁଇଟି ପ୍ରମୁଖ ଧର୍ମର ଜନ୍ମଭୂମି ଭାରତ । ଆମର ଦାର୍ଶନିକ ପରମ୍ପରା ସୀମା ଅତିକ୍ରମ କରିଛି । ଶୂନ୍ୟର ଧାରଣାଠାରୁ ଯୋଗ, ଆୟୁର୍ବେଦ, ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ, ହସ୍ତଶିଳ୍ପ, ବୟନଶିଳ୍ପ, ଖାଦ୍ୟ ଓ ପର୍ବପର୍ବାଣୀ ପର୍ଯ୍ୟନ୍ତ ଭାରତର ସାଂସ୍କୃତିକ ସମ୍ପଦର ପରିସର ଅସାଧାରଣ ।

ଗଙ୍ଗା କେବଳ ଏକ ନଦୀ ନୁହେଁ । କୋଟି କୋଟି ଲୋକଙ୍କ ପାଇଁ ଏହା ଜୀବିକା, ଆସ୍ଥା ଓ ପରିଚୟର ଉତ୍ସ–ଏକ ଗତିଶୀଳ ସଭ୍ୟତା । ଭାରତର ଅନେକ ନଦୀ, ପାହାଡ଼, ଜଙ୍ଗଲ, ସମୁଦ୍ରତଟ ଓ ଭୂଦୃଶ୍ୟ ନିଜେ ଏକ ପର୍ଯ୍ୟଟନ ସମ୍ପଦ ।

କିନ୍ତୁ ପ୍ରଶ୍ନ ହେଉଛି–ଏତେ କିଛି ଥିବା ଏକ ଦେଶ ତାହାର ସମ୍ଭାବନା ତୁଳନାରେ ଏତେ କମ୍ ଅନ୍ତର୍ଜାତୀୟ ପର୍ଯ୍ୟଟକଙ୍କୁ କାହିଁକି ଆକର୍ଷିତ କରୁଛି ?

ପର୍ଯ୍ୟଟନ ମନ୍ତ୍ରାଳୟର ତଥ୍ୟ ଅନୁଯାୟୀ, ୨୦୨୫ରେ ଭାରତରେ ପ୍ରାୟ ୯୧.୫ ଲକ୍ଷ ବିଦେଶୀ ପର୍ଯ୍ୟଟକ ଆସିଥିଲେ । ଏହା ୨୦୧୯ର ମହାମାରୀ ପୂର୍ବ ଶିଖର ୧.୦୯୩ କୋଟିରୁ ଏବେ ମଧ୍ୟ କମ । ଅନ୍ୟପଟେ, ଅନାବାସୀ ଭାରତୀୟଙ୍କୁ ମିଶାଇ ୨୦୨୫ର ଅର୍ନ୍ତଜାତୀୟ ପର୍ଯ୍ୟଟକଙ୍କ ଅଗେମନ ସଂଖ୍ୟା ପ୍ରାୟ ୨.୦୨୨ କୋଟି ଥିଲା ।

ତୁର୍କୀ, ଥାଇଲାଣ୍ଡ, ମାଲେସିଆ, ଭିଏତନାମ ଓ ଇଣ୍ଡୋନେସିଆ ଭଳି ଦେଶ ଅଧିକ ସଂଖ୍ୟାର ଅନ୍ତର୍ଜାତୀୟ ପର୍ଯ୍ୟଟକ ଆକର୍ଷିତ କରୁଛନ୍ତି । ଏହି ତୁଳନା ଭାରତର ସଫଳତାକୁ ଛୋଟ କରିବା ପାଇଁ ନୁହେଁ ବରଂ ଆମ ସମ୍ମୁଖରେ ଥିବା ସୁଯୋଗ କେତେ ବଡ଼, ତାହା ଦେଖାଇବା ପାଇଁ ।

ଭାରତର ସମସ୍ୟା ପର୍ଯ୍ୟଟନ ଆକର୍ଷଣର ଅଭାବ ନୁହେଁ । ସମସ୍ୟା ହେଉଛି–ଏହି ଆକର୍ଷଣଗୁଡ଼ିକୁ ସହଜରେ ପହଞ୍ଚିହେବା ଭଳି, ଭଲ ଭାବରେ ସଂରକ୍ଷିତ ଏବଂ ଆକର୍ଷଣୀୟ ପର୍ଯ୍ୟଟନ ଅନୁଭୂତିରେ ପରିଣତ କରିବାରେ ଆମର ସୀମିତ ସଫଳତା ।

ଏହାର ଏକ ପ୍ରମୁଖ କାରଣ ହେଉଛି ଦେଶ ମଧ୍ୟରେ ପର୍ଯ୍ୟଟନ ବିକାଶର ଅସମାନତା । କେତେକ ସ୍ଥାନରେ ବିଶ୍ୱସ୍ତରୀୟ ଯୋଗାଯୋଗ ଓ ପର୍ଯ୍ୟଟକ ସୁବିଧା ରହିଛି ଅନ୍ୟପଟେ ସମାନ ଭାବରେ ଅସାଧାରଣ ପ୍ରାକୃତିକ କିମ୍ବା ସାଂସ୍କୃତିକ ସମ୍ପଦ ଥିବା ସ୍ଥାନଗୁଡ଼ିକ ରାସ୍ତା, ଆବାସ, ପରିମଳ, ସୂଚନା ଫଳକ, ସ୍ଥାନୀୟ ପରିବହନ ଓ ପ୍ରଚାର ଭଳି ମୌଳିକ ସୁବିଧାର ଅଭାବରେ ପଛରେ ପଡ଼ିଛି ।

ଭାରତର ବିଭିନ୍ନ ଅଞ୍ଚଳର ପର୍ଯ୍ୟଟନ ସମ୍ଭାବନାକୁ ଦେଖିଲେ ଏହି ବିବିଧତା ଆହୁରି ସ୍ପଷ୍ଟ ହୁଏ ।

ଉତ୍ତର ଭାରତରେ ହିମାଳୟ, କାଶ୍ମୀର, ଲଦାଖ, ସ୍ୱର୍ଣ୍ଣ ମନ୍ଦିର, ଦିଲ୍ଲୀର ଐତିହ୍ୟ, ରାଜସ୍ଥାନର ଦୁର୍ଗ ଓ ରାଜପ୍ରାସାଦ, ବାରାଣସୀ, ଅଯୋଧ୍ୟା, ମଥୁରା–ବୃନ୍ଦାବନର ତୀର୍ଥପଥ ରହିଛି ।

**ଇତିହାସ, ସଭ୍ୟତା, ଆଧ୍ୟାତ୍ମିକତା, ସ୍ଥାପତ୍ୟ, ଭୌଗୋଳିକ ବିବିଧତା ଓ ଜୀବନ୍ତ ପରମ୍ପରାର ଏପରି ସମନ୍ୱୟ ବିଶ୍ୱର ଅଳ୍ପ କେତେକ ଦେଶରେ ହିଁ ଦେଖିବାକୁ ମିଳେ । ଆମ ପାଖରେ ରହିଛି ହିମାଳୟ ଓ ଭାରତ ମହାସାଗର, ଗଙ୍ଗା ଓ ବ୍ରହ୍ମପୁତ୍ର, ରାଜସ୍ଥାନର ମରୁଭୂମି ଓ ଉତ୍ତର–ପୂର୍ବର ସବୁଜ ପାହାଡ଼ ।**

ଦକ୍ଷିଣ ଭାରତ ଦେଉଛି ତାମିଲନାଡୁର ବିଶାଳ ମନ୍ଦିର ସ୍ଥାପତ୍ୟ, କେରଳର ବ୍ୟାକ୍‌ୱାଟର୍ସ, କର୍ଣ୍ଣାଟକର ହମ୍ପି ଓ ମହୀଶୂର, ଗୋଆର ସମୁଦ୍ରତଟ ଏବଂ ପଶ୍ଚିମଘାଟର ପ୍ରାକୃତିକ ସୌନ୍ଦର୍ଯ୍ୟ ।

ପୂର୍ବ ଭାରତରେ ରହିଛି ସୁନ୍ଦରବନ, ବୋଧଗୟା, ଓଡ଼ିଶାର ମନ୍ଦିର ଐତିହ୍ୟ, ଚିଲିକା, ଦାର୍ଜିଲିଂ ଏବଂ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶାର ବିବିଧ ସାଂସ୍କୃତିକ ପରମ୍ପରା ।

ପଶ୍ଚିମ ଭାରତରେ ମୁମ୍ବାଇ, ଗୁଜରାଟର ଐତିହ୍ୟ ଓ ସମୁଦ୍ରତଟ, ରାଜସ୍ଥାନର ମରୁଭୂମି, ଗିର୍ ଏବଂ ମହାରାଷ୍ଟ୍ରର ଅଜନ୍ତା–ଏଲୋରା ଭଳି ଐତିହାସିକ ସମ୍ପଦ ରହିଛି ।

ଉତ୍ତର–ପୂର୍ବ ଭାରତ ନିଜେ ଏକ ଭିନ୍ନ ଦୁନିଆ–ପାହାଡ଼, ଜଙ୍ଗଲ, ଜୈବ ବିବିଧତା, ଆଦିବାସୀ ସଂସ୍କୃତି ଓ ଜୀବନ୍ତ ପରମ୍ପରାର ସମନ୍ୱୟ ଏବଂ ତା'ପରେ ରହିଛି ଆଣ୍ଡାମାନ ଓ ନିକୋବର ଏବଂ ଲାକ୍ଷାଦ୍ୱୀପ ।

ସେମାନଙ୍କର ସମୁଦ୍ରତଟ, ପ୍ରବାଳ ପ୍ରାଚୀର, ସାମୁଦ୍ରିକ ଜୀବନ, ଦ୍ୱୀପୀୟ ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟ, ନିଜସ୍ୱ ବୈଶିଷ୍ଟ୍ୟରେ ମାଲଦ୍ୱୀପ କିମ୍ବା ସେସେଲ୍ସ ଭଳି ପ୍ରସିଦ୍ଧ ଦ୍ୱୀପୀୟ ଗନ୍ତବ୍ୟସ୍ଥଳୀ ସହ ତୁଳନୀୟ ଆକର୍ଷଣ ରଖେ । ଏଗୁଡ଼ିକ ସେହି ଦେଶଗୁଡ଼ିକର ବିକଳ୍ପ ନୁହେଁ ଏଗୁଡ଼ିକ ନିଜସ୍ୱ ଭାରତୀୟ ଅନୁଭୂତି ।

ସମସ୍ୟା ତେଣୁ ଗନ୍ତବ୍ୟସ୍ଥଳୀର ଅଭାବ ନୁହେଁ ସେଗୁଡ଼ିକୁ ଘେରି ରହିଥିବା ପର୍ଯ୍ୟଟନ ପରିବେଶର ଅସମାନ ବିକାଶ ।

ଉତ୍ତର ପ୍ରଦେଶ ଏହାର ଏକ ଉଦାହରଣ । ବାରାଣସୀ, ମଣିକର୍ଣ୍ଣିକା, ଅଯୋଧ୍ୟା, ମଥୁରା–ବୃନ୍ଦାବନ ଓ ସାରନାଥ ସହ ରାଜ୍ୟରେ ଅସଂଖ୍ୟ ତୀର୍ଥ ଓ ଐତିହାସିକ କ୍ଷେତ୍ର ରହିଛି । ଏତେ ବଡ଼ ପର୍ଯ୍ୟଟନ ସମ୍ଭାବନାକୁ ଏକ ସଂଯୋଜିତ ପର୍ଯ୍ୟଟନ ସର୍କିଟ୍ ଭାବେ ବିକଶିତ କରିବା ପାଇଁ ଯୋଗାଯୋଗ ଓ ପର୍ଯ୍ୟଟକ ଭିତ୍ତିଭୂମିର ବ୍ୟାପକ ବିକାଶ ଆବଶ୍ୟକ ।

ସମାନ କଥା ମଧ୍ୟପ୍ରଦେଶ, ରାଜସ୍ଥାନ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ଓଡ଼ିଶା ଓ ଅନ୍ୟ ବଡ଼ ରାଜ୍ୟଗୁଡ଼ିକ ପାଇଁ ମଧ୍ୟ ପ୍ରଯୁଜ୍ୟ । ଗୋଟିଏ ରାଜ୍ୟର ପର୍ଯ୍ୟଟନ କାହାଣୀ କେବଳ ତାହାର ସବୁଠାରୁ ପ୍ରସିଦ୍ଧ ସହର କିମ୍ବା ସ୍ମାରକରେ ସୀମିତ ରହିପାରେ ନାହିଁ । ପର୍ଯ୍ୟଟନ ଭିତ୍ତିଭୂମି, ସଂରକ୍ଷଣ ଓ ପ୍ରଚାରକୁ ଏକ ବ୍ୟାପକ ନେଟୱାର୍କରେ ପହଞ୍ଚାଇବା ଆବଶ୍ୟକ, ଯାହା ଫଳରେ ପର୍ଯ୍ୟଟକମାନେ ଅଧିକ ସମୟ ରହିବେ, ଅଧିକ ଦୂର ଯାତ୍ରା କରିବେ ଏବଂ ସ୍ଥାନୀୟ ଅର୍ଥନୀତିରେ ଅଧିକ ଖର୍ଚ୍ଚ କରିବେ ।

କ୍ରମଶ...

**ସି–୨୭୮, ସେଖସରାଇ–୧ ନୂଆଦିଲ୍ଲୀ–୧୧୦୦୧୭ ମୋ–୮୧୩୦୨୨୭୯୭୯**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଗୁଆ...

ତେବେ ଆଜି ୪ ବିଲ ପାରିତ ହୋଇଥିବା ବେଳେ ୬ ସିଏଜି ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ ବିଧାନସଭାକୁ ବନ୍ଦ କରିବା ଲାଗି ପ୍ରସ୍ତାବ ଆଣିଥିଲେ । ସରକାରୀ ଦଳ ବିଧାୟକମାନେ ଏହାକୁ ସମର୍ଥନ କରିଥିଲେ । ଏହାପରେ ବାଚସ୍ପତି ସୁରମା ପାଢୀ ଅଧିବେଶନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଥିଲେ ।

## ଏମ୍ଏମ୍ଡିଆର୍...

ନିନ୍ଦନୀୟ ଲୋକଙ୍କ ଟିକସ ଅର୍ଥରେ ବିଧାନସଭା ଚାଲିଛି। ହେଲେ ଗୃହରେ ଆଲୋଚନା ଭାଗ ମିଳୁନାହାନ୍ତି ବିରୋଧୀ। ଆଲୋଚନାରେ ଭାଗ ନେବାକୁ ସେ ନିବେଦନ କରିଥିଲେ। ସେହିଭଳି ବିଜେପି ସଭ୍ୟ ନରସିଂହ ମାଡକାମୀ, ଆକାଶଦାସ ନାୟକ, ସନାତନ ବିଜୁଳି, ଭାସ୍କର ମଢ଼େଇ, ପ୍ରତାପ ଚନ୍ଦ୍ର ନାୟକ, ଅମର ନାୟକ, ବିଭୂତି ଭୂଷଣ ପ୍ରଧାନ, ଜୟ ଢୋଲକିଆ ଓ ଦୂର୍ଗା ପ୍ରସନ୍ନ ନାୟକ ପ୍ରମୁଖ ବିରୋଧୀଙ୍କ ଉପରେ ବର୍ଷିଥିଲେ। ଏହି ସମୟରେ କଂଗ୍ରେସ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ପାଖର ପାହାଚ ଦେଇ ଚଢିବାକୁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। ଗୃହକାର୍ଯ୍ୟ ସ୍ୱାଭାବିକ ନହେବାରୁ ମଧ୍ୟାହ୍ନ ୧୨.୧୮ ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା। ଅପରାହ୍ନ ୪ଟାରୁ ଗୃହକାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିଥିଲେ। ହଟ୍ଟଗୋଳ ଭିତରେ ୪ଟି ବିଲ ପାରିତ ହୋଇଥିଲା ।

## ଡିଏମ୍ଏଫ୍...

ଯାଜପୁର, ମୟୂରଭଞ୍ଜ, ଢେଙ୍କାନାଳ ଓ ନବରଙ୍ଗପୁର ଜିଲ୍ଲାକୁ ନିଆଯାଇଥିଲା । ଏହି ଜିଲ୍ଲାରେ ୧୭୪୩୫ ପ୍ରକଳ୍ପ ମଧ୍ୟରୁ ୩୮% ଅଧପନ୍ତରିଆ ଭାବେ ପଡ଼ିରହିଛି । ୧୧୯୪ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ । ବିଭିନ୍ନ ବିଭାଗୀୟ କାର୍ଯ୍ୟନିର୍ବାହୀ ସଂସ୍ଥା ୪୭୦.୨୫ କୋଟି ଟଙ୍କାର ଅବ୍ୟବହୃତ ଅର୍ଥ ଓ ୨୬.୫୧ କୋଟି ଟଙ୍କାର ସୁଧ ଡିଏମ୍ଏଫ୍‌କୁ ଫେରସ୍ତ ନ କରି ନିଜ ପାଖରେ ଜମା ରଖିଥିଲେ । ବିର୍ଶାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମ୍ ନିର୍ମାଣ ପାଇଁ ସୁନ୍ଦରଗଡ ଡିଏମ୍ଏଫ୍ ପାଣ୍ଠିରୁ ୧୩୬.୭୭ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ପିଏମ୍‌କେକେୱାଇ ନିୟମାବଳୀର ଏହା ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି । ଯାଜପୁର ଓ କେନ୍ଦୁଝର ଜିଲ୍ଲାରେ ପରିବେଶ ସୁରକ୍ଷା ଓ ଜୀବନ ଜୀବିକା ନାମରେ ମଡେଲ ରୁରାଲ ପାର୍କ, ବନବାଟିକା, ଗ୍ରାମ୍ୟ ଉଦ୍ୟାନ ଓ ଇକୋରିଟ୍ରିଟ୍ ସେଣ୍ଟର ନିର୍ମାଣ ପାଇଁ ୧୦୧.୧୭ କୋଟି ଟଙ୍କା ମଞ୍ଜୁର କରାଯାଇ ୫୧.୭୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ହେଁ ୧୧୬ ପ୍ରକଳ୍ପ ଅଧପନ୍ତରିଆ ଓ ଅଚଳ ହୋଇପଡ଼ିଛି । ସେହିଭଳି ଢେଙ୍କାନାଳ, ସୁନ୍ଦରଗଡ ଓ ନବରଙ୍ଗପୁରରେ ଭାଗବତ ମଣ୍ଡପ, କଟେଜ୍, ମନ୍ଦିର ଉନ୍ନୟନ ଓ ପିକ୍‌ନିକ୍ ସ୍ପଟ୍ ନାମରେ ୧୬.୫୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ସୁନ୍ଦରଗଡ ଜିଲ୍ଲା ପ୍ରଶାସନ ଡିଏମ୍ଏଫ୍ ପାଣ୍ଠିରୁ ୫୯.୧୩ କୋଟି ଟଙ୍କା ଖର୍ଚ୍ଚ କରି ୪୪୧୨୦ ଶ୍ରମିକଙ୍କୁ ପିପିଇ କିଟ୍ ବାଣ୍ଟିଛନ୍ତି । ଏଥିରେ କମ୍ପାନୀ ମାଲିକଙ୍କୁ ଅହେତୁକ ଅନୁକମ୍ପା ଦେଖାଦେଇଛି । ସୁନ୍ଦରଗଡରେ ମୋବାଇଲ ମେଡିକାଲ ଭ୍ୟାନ୍ ଚଳାଚଳ ପାଇଁ ଅଣମାନ୍ୟତାପ୍ରାପ୍ତ ଡାକ୍ତରଙ୍କୁ ନିୟୋଜିତ କରି ଗୋଟିଏ ସଂସ୍ଥାକୁ ୭.୪୪ କୋଟି ଟଙ୍କା ଦିଆଯାଇଛି ।

ଶିକ୍ଷା ଓ ଜୀବିକା କ୍ଷେତ୍ରରେ ମଧ ଅନିୟମିତତା ହୋଇଛି । ସୁକିନ୍ଦାର ମାନକିଡିଆ ଜନଜାତିଙ୍କ ପାଇଁ ୮୭ ଆବାସ ଗୃହ ନିର୍ମାଣ ନିମନ୍ତେ ୨.୮୧ କୋଟି ଟଙ୍କା ଖର୍ଚ୍ଚ ହେବାପରେ ପ୍ରକଳ୍ପ ଅଧାରୁ ବନ୍ଦ ଅଛି । କେନ୍ଦୁଝରରେ ପିଲାଙ୍କ ଶିକ୍ଷା ପାଇଁ ଉଦ୍ଦିଷ୍ଟ ୩୧୫୦ଟି ମୋଟରଚାଳିତ ହ୍ୱିଲ୍ ଚେୟାରରୁ ୧୦୬୧ଟି ଗୋଦାମରେ ପଡ଼ିରହିଛି । ସୁନ୍ଦରଗଡରେ ମହୁ ଚାଷ ଲାଗି ୧୧.୧୮ କୋଟି ବ୍ୟୟରେ ଆରମ୍ଭ ହୋଇଥିବା ଯୋଜନା ଟ୍ରେନର ଓ ଅବ୍ୟବସ୍ଥା ଯୋଗୁ ଲକ୍ଷ୍ୟର ମାତ୍ର ୧.୨୬% ଉତ୍ପାଦନ ହୋଇପାରିଛି । ମୟୂରଭଞ୍ଜ, ଢେଙ୍କାନାଳ, ନବରଙ୍ଗପୁର, କେନ୍ଦୁଝରର ବଳକା ପାଣ୍ଠିକୁ ଅଧିକ ସୁଧ ମିଳୁଥିବା ସ୍ଥାୟୀ ଜମାରେ ନ ରଖି ସାଧାରଣ ସଞ୍ଚୟ ଖାତାରେ ରଖିବା ଯୋଗୁ ୯୪ କୋଟି ଟଙ୍କା ସୁଧ ହରାଇଛନ୍ତି । ମନରେଗା ଅତିରିକ୍ତ ମଜୁରୀ ବାବଦ ୧୭୧.୭୯ କୋଟି ଟଙ୍କା ଡିଏମ୍ଏଫ୍ ଫଣ୍ଡରୁ ଭରାଯାଇଛି । କେନ୍ଦୁଝର-ସୁନ୍ଦରଗଡରେ ନିର୍ଦ୍ଧାରିତ ସମୟରେ କାମ ସାରିନଥିବା ଠିକାଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ସେମାନଙ୍କ ଠାରୁ ପ୍ରାୟ ୭୭.୫୬ କୋଟି ଟଙ୍କା କ୍ଷତିପୂରଣକୁ ଆଦାୟ ନ କରି ଛାଡ଼ କରାଯାଇଛି । ବିଧାନସଭାରେ ସିଏଜି ଉପରୋକ୍ତ ରିପୋର୍ଟ ସହ ୬ଟି ଅଡିଟ୍ ରିପୋର୍ଟ ଉପସ୍ଥାପନ କରିଛନ୍ତି ।

## ଜନବିଶ୍ୱାସ...

ରହିଛି । ସେହିଭଳି ଭାରତୀୟ ଷ୍ଟାମ୍ପ ବିଲ ୨୦୨୬ ଉପସ୍ଥାପନ କରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରି କହିଛନ୍ତି ଯେ, ରାଜ୍ୟର ଆପାର୍ଟମେଣ୍ଟ ୟୁନିଟ୍ ଗୁଡିକର ପଞ୍ଜିକରଣ ଓ ହସ୍ତାନ୍ତର ପ୍ରକ୍ରିୟାକୁ ଅଧିକ ସରଳ , ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଏହା ଆଗତ ହୋଇଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆପାର୍ଟମେଣ୍ଟ ମାଲିକମାନଙ୍କୁ ଅନାବଶ୍ୟକ ଆର୍ଥିକ ଲାଭ ହ୍ରାସ କରିବା, ସାଧାରଣ କ୍ଷେତ୍ର ଓ ସୁବିଧାଗୁଡିକର ହସ୍ତାନ୍ତର ଗୁଡିକରୁ ସରଳୀକରଣ କରିବା । ସାଧାରଣ କ୍ଷେତ୍ର ଓ ସୁବିଧା ପାଇଁ ନାମପତ୍ର ଷ୍ଟାମ୍ପ ଡ୍ୟୁଟି ଧାର୍ଯ୍ୟ କରାଯାଇଛି । ପ୍ରମୋଟରଙ୍କ ଠାରୁ ଆସୋସିଏସନ ଓ ଆଲୋଟି ସପକ୍ଷରେ ସାଧାରଣ କ୍ଷେତ୍ର ଓ ସୁବିଧା ହସ୍ତାନର ଓ ଦଲିଲ ଉପରେ ମାତ୍ର ୫୦ ହଜାର ଟଙ୍କା ଷ୍ଟାମ୍ପ ଡ୍ୟୁଟି ଧାର୍ଯ୍ୟ କରାଯିବ । ଷ୍ଟାମ୍ପ ଡ୍ୟୁଟି ସ୍ଲାବରେ ମଧ ସରଳୀକରଣ କରାଯାଇଛି । ପ୍ରସ୍ତାବିତ ସଂଶୋଧନ ଦ୍ୱାରା ଆପାର୍ଟମେଣ୍ଟ ୟୁନିଟଗୁଡିକର ପଞ୍ଜିକରଣ ଓ ହସ୍ତାନ୍ତର ପ୍ରକ୍ରିୟା ଅଧିକ ସରଳ ଓ ସୁଗମ ହେବା ସହ ସାଧାରଣ କ୍ଷେତ୍ର ଓ ସୁବିଧା ହସ୍ତାନ୍ତର ନେଇ ଅନାବଶ୍ୟକ ଆର୍ଥିକ ହାର ହ୍ରାସ ପାଇବ ।

## ଶେଷ...

ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲି, କିନ୍ତୁ ଉତ୍ତର ମିଳିଲା ନାହିଁ । ମାଟି ଠାରୁ ପାର୍ଟି କେବେ ବି ବଡ଼ ହୋଇପାରିବ ନାହିଁ । ଏ ମାଟିକୁ ଧୋକା ଦେଲେ ଓଡ଼ିଶାବାସୀ କେବେ ବି କ୍ଷମା କରିବେ ନାହିଁ ।

ବିଜେଡି ନେତ୍ରୀ ସୁଜାତା ରାଉତ କହିଥିଲେ ଯେ, ୨୦୦୪ରେ ଓଡ଼ିଶାର ବିକାଶ ପାଇଁ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଓରିସେଡ ଆଇନ ଆଣିଥିଲେ । ଏହା ବିରୋଧରେ ଖଣି ମାଲିକ ମାନେ ସୁପ୍ରିମକୋର୍ଟ ଗଲେ । କିନ୍ତୁ ୨୦୨୪ରେ ଓଡ଼ିଶା ସପକ୍ଷରେ ସୁପ୍ରିମକୋର୍ଟ ରାୟ ଦେଲେ । ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଅନୁସାରେ ୧ ଲକ୍ଷ କୋଟି ଟଙ୍କାର ବକେୟା ଖଣି ରାଜସ୍ୱ ପାଇଥାନ୍ତା ଓଡ଼ିଶା । ଏହି ରାଜସ୍ୱରୁ ଓଡ଼ିଶାର ବିକାଶ ଆହୁରି ଆଗକୁ ଯାଇପାରିଥାଆନ୍ତା । କ'ଣ ପାଇଁ ବିଜେପି ଓଡ଼ିଶାରୁ ଲକ୍ଷ୍ମୀଙ୍କୁ ଫେରାଇଲେ ଏହାର ଜବାବ ଦିଅନ୍ତୁ । ବିଜେପି ନେତା ଓଡ଼ିଶାକୁ ଠକୁଛନ୍ତି । ବିଜେପିର ରିମୋଟ କଣ୍ଟ୍ରୋଲ ଦିଲ୍ଲୀରେ ଅଛି । ବିଜେଡି ଏକ ମାତ୍ର ଦଳ ଯାହାର ରିମୋଟ କଣ୍ଟ୍ରୋଲ ଓଡ଼ିଶାବାସୀଙ୍କ ପାଖରେ ଅଛି । ଯେ ପର୍ଯ୍ୟନ୍ତ ଓଡ଼ିଶାକୁ ତା'ର ଅଧିକାର ନ ମିଳିଛି ସେପର୍ଯ୍ୟନ୍ତ ବିଜେଡି ଏହି ଲଢେଇ ଜାରି ରଖିବ ।

ଏମଏମଡିଆର ଆଇନ ସଂଶୋଧନ ଯୋଗୁଁ ୧ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ବକେୟା ଖଣି ରାଜସ୍ୱ ହରାଇବା ସହ ବାର୍ଷିକ ୧୨ ହଜାର କୋଟି ଟଙ୍କାର ରାଜସ୍ୱ ହରାଇବ ଓଡ଼ିଶା । ବିଜେଡି ଶାସନ ସମୟରେ ଓଡ଼ିଶାର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲା । ଦାରିଦ୍ର୍ୟତାରେ ଜର୍ଜରିତ ଓଡ଼ିଶାର ରୂପରେଖ ପରିବର୍ତ୍ତନ ହୋଇଥିଲା । କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ଉନ୍ନତି ହେବା ବଦଳରେ ଅବନତି ଘଟୁଛି । ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ବିଜେପି ଦଳଗତ ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି କାର୍ଯ୍ୟ କରୁ ବୋଲି ବିଜେଡ଼ି ନେତୃବୃନ୍ଦ ବକ୍ତବ୍ୟ ଦେଇଥିଲେ । ବିଜେପି ସରକାରରେ ଓଡ଼ିଶାର ଆର୍ଥିକ ସ୍ଥିତି ଦୁର୍ବଳ ହେଉଛି । ବିଜେପି ଦଳୀୟ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ରାଜ୍ୟର ଅର୍ଥନୀତିକୁ ନଷ୍ଟ କରୁଛି । ଏହି ଅନ୍ୟାୟ ବିରୋଧରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା ।

ଏହି ଅବସରରେ ଆଦିବାସୀ ସେଲ୍ ସଭାପତି ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଆଦିବାସୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଆଦିବାସୀ ନେତା ପ୍ରଦୀପ ମାଝୀ, ନିରଞ୍ଜନ ବିଶି, ମଙ୍ଗଳା କିଷାନ, ଜଗନ୍ନାଥ ସାରକା, ସାନନ୍ଦ ମାରାଣ୍ଡି, ଡ଼ ପ୍ରିୟବ୍ରତ ମାଝୀ, ଭାରତୀ ସିଂ, ଭାରତୀ ହାଁସଦା, ଦେବାଶିଷ ମାରାଣ୍ଡି, ମାନସ ମାଡ଼କାମୀ, ଜଗନ୍ନାଥ ନାୟକ, ଧନୁର୍ଜୟ ସିଦ୍ଧୁ, ବାସନ୍ତୀ ହେମ୍ବ୍ରମ୍, ଅନୁସୂୟା ମାଝୀ, ସରସ୍ୱତୀ ମାଝୀ, ଚକ୍ରଧର ହେମ୍ବ୍ରମ, ମାଧବ ସର୍ଦ୍ଦାରଙ୍କ ସହ ବିଭିନ୍ନ ଜିଲ୍ଲାରୁ ଆସିଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ପାରମ୍ପରିକ ବେଶ ପୋଷାକରେ ସଜେଇ ହୋଇ ସମାବେଶରେ ସାମିଲ୍ ହୋଇଥିଲେ । ଆଦିବାସୀ ମାନଙ୍କ ଜଙ୍ଗଲ ଜମି ଲୁଟ୍ କରିବାକୁ ଡବଲ ଇଞ୍ଜିନ ସରକାରଙ୍କ ପ୍ରୟାସକୁ ଘୋର ବିରୋଧ କରିଥିଲେ ।

ବିଜେଡିର ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ଅଶୋକ ପଣ୍ଡା, ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା, ପ୍ରତାପ ଦେବ, ପ୍ରତାପ ଜେନା, ଅତନୁ ସବ୍ୟସାଚୀ ନାୟକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ. ଅରୁଣ କୁମାର ସାହୁ, ନିରଞ୍ଜନ ପୂଜାରୀ, ଚନ୍ଦ୍ରଶେଖର ସାହୁ, ମାନସ ମଙ୍ଗରାଜ, ବ୍ୟୋମକେଶ ରାୟ, ପ୍ରୀତିରଞ୍ଜନ ଘଡ଼େଇ, ଗଣେଶ୍ୱର ବେହେରା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ସୁବାସ ସିଂ, ସ୍ନେହାଙ୍ଗିନୀ ଛୁରିଆ, ଚିନ୍ମୟ ସାହୁ, ଇପ୍ସୀତା ସାହୁ, ବିଜୟ ନାୟକ, ଡ. ଲେନିନ ମହାନ୍ତି, ଟୁକୁନି ସାହୁ, ଭୃଗୁ ବକ୍ସିପାତ୍ର, ପ୍ରଣବ ବଳବନ୍ତରାୟ, ପଦ୍ମନାଭ ବେହେରା, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ଡ. ଲେଖାଶ୍ରୀ ସାମନ୍ତସିଂହାର, ନନ୍ଦଲାଲ ସିଂ, ବ୍ରଜକିଶୋର ପ୍ରଧାନ, ନଳିନୀକାନ୍ତ ପ୍ରଧାନ, ଅଶ୍ୱୀନ କୁମାର ପାତ୍ର, ଗୌତମବୁଦ୍ଧ ଦାସ, ମାଧବ ଧଡା, ବର୍ଷା ସିଂ ବରିହା, ସଞ୍ଜୀବ କୁମାର ମଲ୍ଲିକ, କଳିକେଶ ନାରାୟଣ ସିଂଦେଓ, ରୋହିତ ପୂଜାରୀ, ମନ୍ମଥ ରାଉତରାୟ, ପ୍ରଶାନ୍ତ ବେହେରା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୂପେଶ ପାଣିଗ୍ରାହୀ, ସାରଦା ପ୍ରସନ୍ନ ଜେନା, ବିଶ୍ୱରଞ୍ଜନ ମଲ୍ଲିକ, ସୁଜାତା ସାହୁ, ପ୍ରଦୀପ କୁମାର ଦିଶାରୀ, କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଧ୍ରୁବଚରଣ ସାହୁ, ବଦ୍ରିନାରାୟଣ ପାତ୍ର, ଅଭିମନ୍ୟୁ ସେଠୀ, ବିଭୂତି ଭୂଷଣ ବଳବନ୍ତରାୟ, ପ୍ରଦୀପ କୁମାର ସାହୁ, ମନୋହର ରନ୍ଧାରୀ, ଅଧିରାଜ ମୋହନ ପାଣିଗ୍ରାହୀ, ତୁଷାରକାନ୍ତି ବେହେରା, ସୁନିଲ କୁମାର ମହାନ୍ତି, ସୁଦର୍ଶନ ହରିପାଲ, ପ୍ରଶାନ୍ତ ମୁଦୁଲି, ନୃସିଂହ ସାହୁ, ଯୋଗେଶ କୁମାର ସିଂ, ରୋହିତ ଯୋଶେଫ ତିର୍କୀ, ସାରଦା ପ୍ରସାଦ ନାୟକ, ଝିନ୍ନ ହିକକା, ରମେଶ ମାଝୀ, ରଞ୍ଜିତା ସାହୁ, ଉମାକାନ୍ତ ସାମନ୍ତରାୟ, ରାଜେନ୍ଦ୍ର ସାହୁ, ଦେବେଶ ଆଚାର୍ଯ୍ୟ, ସୁମିତ୍ରା ଜେନା, ଗୀତା ବସ୍ତିଆ, ଲୋପାମୁଦ୍ରା ବକ୍ସିପାତ୍ର, ସଂଘମିତ୍ରା ଦଳେଇ, ଅମରେଶ ପତ୍ରି, ଚନ୍ଦ୍ରସାରଥୀ ବେହେରା, ପ୍ରଫୁଲ୍ଲ ସିଂ, ଡ଼ ପ୍ରମୋଦ ମଲ୍ଲିକ, ମୀନତୀ ବେହେରା, ରଘୁନାଥ ସାହୁ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ରୁଦ୍ରପ୍ରତାପ ମହାରଥୀ, ସମ୍ବିତ ରାଉତରାୟ, ଅରିନ୍ଦମ ସର୍କେଲ, ବସନ୍ତ ବିଶ୍ୱାଳ, ଅବନୀ ଯୋଶୀ, ପୁଷ୍ପେନ୍ଦ୍ର ସିଂହଦେଓ, ଶେଖ୍ ନିଜାମୁଦ୍ଦିନ, ରିଜୱାନା ବେଗମ, କୃଷ୍ଣାନନ୍ଦ ମହାନ୍ତି, ରାଇସେନ ମୁର୍ମୁଙ୍କ ସମେତ ହଜାର ହଜାର ଯୁବ, ଛାତ୍ର ଓ ମହିଳା ସାମିଲ ହୋଇଥିଲେ ।

## ଏକପାଖିଆ...

ନିର୍ବାଚନ କମିଶନରଙ୍କ ସହ ଦୁଇଜଣ ନିର୍ବାଚନ କମିଶନର ରହିଛନ୍ତି। ତିନିଜଣଙ୍କ ମଧ୍ୟରେ ମତଭେଦ ହେଲେ ସଂଖ୍ୟାଗରିଷ୍ଠ ମତ ଆଧାରରେ ନିଷ୍ପତ୍ତି ନେବାର ବ୍ୟବସ୍ଥା ରହିଛି।

ଆବେଦନରେ ୨୦୨୩ର ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରଙ୍କ ନିଯୁକ୍ତି, ସେବା ସର୍ତ୍ତ ଓ କାର୍ଯ୍ୟକାଳ ସମ୍ପର୍କିତ ଆଇନର ଧାରା ୧୮କୁ ଉଲ୍ଲେଖ କରାଯାଇଛି। ଏହି ଆଇନ ଅନୁଯାୟୀ ସମ୍ଭବ ହେଲେ ସର୍ବସମ୍ମତିରେ ନିଷ୍ପତ୍ତି ନେବା ଏବଂ ମତଭେଦ ହେଲେ ସଂଖ୍ୟାଗରିଷ୍ଠ ମତକୁ ଗ୍ରହଣ କରିବାର ବ୍ୟବସ୍ଥା ରହିଛି। ଆବେଦନରେ ଦାବି କରାଯାଇଛି ଯେ, ୨୦୨୫ ଅକ୍ଟୋବର ୨୮ରୁ ୨୦୨୬ ଅଗଷ୍ଟ ୧୪ ମଧ୍ୟରେ ଦୁଇ ନିର୍ବାଚନ କମିଶନର ଅନ୍ୟୁନ ୧୪ଟି ଭିନ୍ନ ନିଷ୍ପତ୍ତିକୁ ନେଇ ଆପତ୍ତି ଉଠାଇଥିଲେ।

ନିର୍ବାଚନୀ ତାଲିକା ପ୍ରସ୍ତୁତି ପ୍ରକ୍ରିୟାରେ ପରିବର୍ତ୍ତନ, ଏଜେଣ୍ଡା ଓ ବୈଠକର ବିବରଣୀ ପ୍ରକାଶରେ ବିଳମ୍ବ କିମ୍ବା ଅନୁପସ୍ଥିତି ଏବଂ ଦୁଇ ନିର୍ବାଚନ କମିଶନରଙ୍କ ଜ୍ଞାତସାର ବା ଅନୁମୋଦନ ବିନା ଅଦାଲତରେ ଆବେଦନ ଦାଖଲ ଭଳି ଅଭିଯୋଗ ମଧ ଆବେଦନରେ ଉଠାଯାଇଛି। ଏହାସହିତ, ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍) ଏବଂ ଏହା ଆଧାରରେ ନିଆଯାଇଥିବା ସମସ୍ତ ପଦକ୍ଷେପ, ନିଷ୍ପତ୍ତି ଓ ନିର୍ଦ୍ଦେଶକୁ ଆଇନଗତ ଅଧିକାର ବିହୀନ ଓ ଆରମ୍ଭରୁ ଅବୈଧ ଘୋଷଣା କରିବାକୁ ମଧ ଆବେଦନରେ ଦାବି କରାଯାଇଛି।

## ନିର୍ଭୟା...

କାଲକାଜୀ ମନ୍ଦିରକୁ ଜନ୍ମଦିନରେ ଯାଇଥିବା ୧୭ ବର୍ଷୀୟା ନାବାଳିକାଙ୍କୁ ପୁଲିସ ପରିଚୟ ଦେଇ କିଛି ବ୍ୟକ୍ତି ନିକଟସ୍ଥ ପାର୍କରେ ଗଣଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ କୋର୍ଟ କହିଛନ୍ତି, କେବଳ ସମବେଦନା ପ୍ରକାଶ କରିବା ଯଥେଷ୍ଟ ନୁହେଁ, ଦାୟିତ୍ୱ ନିର୍ଦ୍ଧାରଣ କରିବା ଆବଶ୍ୟକ।

ଅଗଷ୍ଟରେ ଉତ୍ତରପ୍ରଦେଶର ମୈନପୁରୀରୁ ନୋଏଡା ଯାଉଥିବା ଜଣେ ନାବାଳିକାଙ୍କୁ ଚଳନ୍ତା 'ସ୍ଲିପର୍' ବସ୍‌ରେ ଗଣଦୁଷ୍କର୍ମ କରାଯାଇଥିବା ଅଭିଯୋଗ ମଧ ସୁପ୍ରିମକୋର୍ଟର ଦୃଷ୍ଟିକୁ ଆସିଛି। ବସ୍‌ରେ ବର୍ତ୍ତିଗୁଡ଼ିକ ପରଦାରେ ଢାଙ୍କାଯାଇଥିବା ଏବଂ ଆଇନ ଅନୁଯାୟୀ ଆବଶ୍ୟକ ସିସିଟିଭି ବ୍ୟବସ୍ଥା କାର୍ଯ୍ୟକ୍ଷମ ନଥିବା ଅଭିଯୋଗ ରହିଛି। ୨୦୧୨ରେ ଦିଲ୍ଲୀର ଚଳନ୍ତା ବସ୍‌ରେ ୨୩ ବର୍ଷୀୟା ଯୁବତୀଙ୍କ ଗଣଦୁଷ୍କର୍ମ ଓ ପରେ ମୃତ୍ୟୁ ଘଟଣା ସାରା ଦେଶରେ ବ୍ୟାପକ ପ୍ରତିବାଦ ସୃଷ୍ଟି କରିଥିଲା। ପରବର୍ତ୍ତୀ ସମୟରେ ଯୌନ ଅପରାଧ ସମ୍ପର୍କିତ ଆଇନରେ ପରିବର୍ତ୍ତନ ସହ ଦଣ୍ଡ ବ୍ୟବସ୍ଥାକୁ କଠୋର କରାଯାଇଥିଲା।

## ଗଡ଼ବଡ଼ପୁଟରୁ...

ଧଉଳିରୁ ଦୟା ନଦୀ ଦେଇ ଚିଲିକାର ମାଣିକପାଟଣା ଅନ୍ତର୍ଜାତୀୟ ବନ୍ଦର ଏବଂ କୃଷ୍ଣପ୍ରସାଦ ଜଳଦୁର୍ଗ ପର୍ଯ୍ୟନ୍ତ ନୌବାଣିଜ୍ୟ ଓ ଯୋଗାଯୋଗର ଏହା ପ୍ରମୁଖ ମାଧ୍ୟମ ଥିଲା । ପୂର୍ବରୁ ଶିଶୁପାଳଗଡ଼ରୁ ଏବଂ ଏବେ ଗଡ଼ବଡ଼ପୁରରୁ ମିଳିଥିବା "ନବଡ଼ ୱେୟାର' ପ୍ରାଚୀନ କଳିଙ୍ଗର ଦକ୍ଷିଣ-ପୂର୍ବ ଏସିଆର ବାଲି, ଜାଭା, ସୁମାତ୍ରା ଓ ବୋର୍ଣିଓ ପ୍ରଭୃତି ଆଞ୍ଚଳିକ ବାଣିଜ୍ୟିକ ସମ୍ପର୍କର ନିଦର୍ଶନ ବହନ କରେ । ମିଳିଥିବା ଇଟାର ମାପ, କୁଷାଣ ମୁଦ୍ରା ଓ ଅନ୍ୟାନ୍ୟ ଅବଶେଷରୁ ଏଠାରେ କୁଷାଣ ଓ ଗୁପ୍ତ ଯୁଗର କୌଣସି ବୃହି ସଂରଚନା ଥିବା ଅନୁମାନ କରାଯାଉଛି । ପୂର୍ବରୁ ମଧ ଏହି ଗ୍ରାମରୁ ରୂପା ମୁଦ୍ରା ଓ କଳାକୃତିପୂର୍ଣ୍ଣ ମୂର୍ତ୍ତି ଉଦ୍ଧାର ହୋଇ ମଲ୍ଲିକେଶ୍ୱର ମନ୍ଦିରରେ ସୁରକ୍ଷିତ ରହିଛି । ଏହି ଖନନ କାର୍ଯ୍ୟରେ କୃଷ୍ଣ ମୋହନ ଛୋଟରାୟ, ଭଜମନ ରାଉତରାୟ, ମେରୁ ପରିଡା, ମଙ୍ଗୁଳି ରାଉତରାୟ, କେଦାରନାଥ ବାହୁବଳେନ୍ଦ୍ର, ଶରତ ଚନ୍ଦ୍ର ରାୟ, ନୀଳମଣି ସୁନ୍ଦରାୟ, ତ୍ରିଲୋଚନ ବରାଳ ଓ ଗଣେଶ ଚମ୍ପତି ପ୍ରମୁଖ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ହୀରାକୁଦର ୩୦ଟି ଗେଟ୍ ଖୋଲା, ଉଛୁଳୁଛି ମହାନଦୀ

ସମ୍ବଲପୁର, (ସବ୍ୟୁ): ମହାନଦୀର ଉପରମୁଣ୍ଡରେ ଲଗାଣ ବର୍ଷା ପରେ ହୀରାକୁଦ ଡ୍ୟାମକୁ ପୂର୍ବ ଅପେକ୍ଷା ଅଧିକ ଜଳ ପ୍ରବେଶ କରୁଛି । ଫଳରେ ଡ୍ୟାମର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୨୯.୬୯ଫୁଟରେ ପହଞ୍ଚିଛି । ଏହାକୁ ଦୃଷ୍ଟିରେ ରଖି ୩୦ଟି ଗେଟ୍ ଖୋଲା ଯାଇଛି । ବାମପଟୁ ୨୦ଟି ଓ ଡାହାଣ ପଟୁ ୧୦ଟି ଗେଟ୍ ଖୋଲା ରହିଛି । ଡ୍ୟାମକୁ ପ୍ରତି ସେକେଣ୍ଡରେ ୫ ଲକ୍ଷ ୮ ୬ ହଜାର ୨ ୯ ୫ ଘନଫୁଟ ଜଳ ପ୍ରବେଶ କରୁଛି । ସେହିପରି ୫ଲକ୍ଷ୨୯ହଜାର୧୧୮ ଘନଫୁଟ ଜଳ ନିଷ୍କାସିତ ହେଉଛି । ନିଷ୍କାସିତ ଜଳ ମହାନଦୀରେ ପ୍ରବାହିତ ହେଉଥିବା ବେଳେ ଏହା ତଳମୁଣ୍ଡରେ ବନ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି । ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି କଟକ, ଖୋର୍ଦ୍ଧା, ପୁରୀ ଓ ଜଗତସିଂହପୁର ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ନଦୀବନ୍ଧ ଓ ତଳିଆ ଅଞ୍ଚଳ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ତେବେ କୌଣସି ପରିସ୍ଥିତିରେ ନଦୀ ଭିତରକୁ ନଯିବା ପାଇଁ ନିବେଦନ କରାଯାଇଛି । ମହାନଦୀର ଉପରମୁଣ୍ଡରେ ଗତ ୨ଦିନ ହେବ ପ୍ରବଳ ବର୍ଷା ହେଉଥିଲା । ବର୍ତ୍ତମାନ ସମୟରେ ବର୍ଷା ବନ୍ଦ ରହିଛି । ଗତ ୨୪ଘଣ୍ଟା ମଧ୍ୟରେ ଆଦୌ ବର୍ଷା ହୋଇନଥିବା ଜଣାପଡିଛି । ସେହିପରି ତଳମୁଣ୍ଡରେ ୦.୨୭ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି ।


**AFFIDAVIT**

I, Kanaklata Nayak, affidavit CF No-37 dated 05/08/25 that my Husband Sergeant Niranjan Nayak in his service record vide PPO No-601200204775. my name wrongly recorded as Kankalata Nayak and date of birth 02-APR-1969.my correct name is Kanaklata Nayak and date of birth is 04-APR-1969. This statement is true for all the intents and Purposes.

**ODISHA HYDRO POWER CORPORATION LTD.**
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006
PHONE - 06854-242001. FAX - 06854242038.
E-mail: sgmel.ukhep@gmail.com
CICIN: U1010R1995SGC003963
4001/333/2627

**E-Tender NOTICE No. - 02/2026-27, Dated 23.09.2026**

The Unit Head, Upper Kolab Hydro Electric Project, Bariniput, Korpaut, Odisha invites percentage rate bid in double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the work | Approx. Estimated cost (in Rs.) Excl. GST | E.M.D. (in Rs.) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | R/M to Toilets of Erectors' Hostel (Civil & PH Works, UKHEP, Bariniput | 15,00,356/- (Excluding (GST) | 15,010/- | 7080/- (Rs.6000+ 18% GST) | "C or D" Class | From 10:00 AM of Dt.30.09.2026 to 13:00 Hrs. of Dt.13.10.2026 | At 11.30 Hrs. of Dt.14.10.2026 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate. (DSC)
2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

Sd/- Unit Head
UKHEP, Bariniput
OIPR : 4001/4002/1/26-27/0026

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER PURI, ODISHA**
10001/586/2627
ZILLA SWASTHYA SAMITI, PURI
O/o the Chief District Medical & Public Health Officer, Puri
Pin - 752001
No. 2729 Date. 24.09.2026

**Tender Call Notice for supply of IEC & Printing Materials**

Sealed tenders are invited from interested firms / Suppliers having adequate experience for supply of IEC and Printing Materials under NHM, O/o-CDM & PHO, Puri. The tender papers along with terms & conditions are available in the district website https://puri.odisha.gov.in . The bid documents should reach to the O/o the undersigned latest by dt.15.10.2026 by 5.00 PM through registered post/speed post/courier only & it will be opened on dt.16.10.2026 at 11 AM at DTU. The undersigned reserves every right to accept or reject any or all bids without assigning any reason thereof. The authority will not be held responsible for any postal delay. Any further communication in this regard will be hosted in website only.

Sd/- CDM&PHO-cum-District Mission Director, Puri
OIPR : 10001/10284/1/26-27/0001

**[GOVERNMENT OF ODISHA] OFFICE OF THE SUPERINTENDING ENGINEER, BARAGADA (R&B) DIVISION, BARAGADA**
34001/890/2627
E-mail - eepwdbgh@gmail.com Phone/Fax-06646-234819
34001/890/2627
INVITATIONS FOR BIDS (I.F.B.)
e-Procurement Notice
IDENTIFICATION NO.IFB-SE PWD BGH No.08 OF 2026-27
No. 4720 Dated.22.09.2026

1) The Superintending Engineer, Baragada (R&B) Division, Baragada on behalf of Governor of Odisha invites Percentage Rate bid in Single Cover System In ONLINE MODE for the Civil & Electrical work as detailed in the Detailed Tender Call Notice (D.T.C.N) from the eligible class of contractors.
2) No of Civil & Electrical work : 09 Nos.
3) Cost of Tender Paper : Rs.2,000/-, Rs.4,000/- & Rs.6,000/-
4) Class of contractor : "C", "D" Class Contractor and" "MV" Electrical Contractor
5) Date & Time of available in web site & receipt of Bids : 11:00 Hrs. of 28.09.2026 to 17:00Hrs. of 07.10.2026.
6) Date of opening of Technical Bid : 08.10.2026 at 11:30 Hrs.
7) The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in
8) Any corrigendum / Addendum will be displayed in the website https://tendersodisha.gov.in only

Sd/- Superintending Engineer, Baragada (R&B) Division
OIPR : 34001/34039/1/26-27/0006

E-mail ID: eepwddeogarh@gmail.com
**OFFICE OF THE SUPERINTENDINGENGINEER , DEBAGADA (R&B) DIVISION, DEBAGADA**
INVITATIONS FOR BIDS (IFB)
Letter No. 3460 Dtd. 23 .09.2026
34001/888/2627
Invitation for Bids
Bid Identification No. SE PWD DGR No. 09 of 2026-27

| | | | |
|---|---|---|---|
| 1. | The Superintending Engineer, Debagada (R&B) Division, Debagada, on behalf of Government of Odisha, invites percentage rate bids in Single cover system in ONLINE MODE only, for Electrical work as detailed below. | | |
| 2. | Nature of work | : | Electrical work |
| 3. | No. of works | : | Electrical 07 Nos. |
| 4. | Bid Cost. | : | Rs. 2000/-, 6000/-& 100007/- |
| 5. | Class of Contractor | : | Electrical Contractor (MV/HT or Above) / OEM having MoU with Electrical Contractor (MV/HT or Above) / Empaneled Fire licensed Agency of Class D or Above having MoU with Electrical Contractor (MV/HT or Above) / Specialized Agency having MoU with Electrical Contractor (MV/HT or Above) and also Having OEM Authorization/ Electrical Contractor (MV/HT or Above) Having OEM Authorization |
| 6. | Availability of Bid Documents in the website | : | From dt. 01.10.2026 to 17:00 hours of dt. 10.10.2026 |
| 7. | Date of Opening of Technical Bid | : | Dt. 12.07.2026 at 11:30 AM. |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum / corrigendum / cancellation of tender can also be seen in the said website only. | | |

Sd/- Superintending Engineer
Debagada (R&B) Division
OIPR : 34001/34061/1/26-27/0010

**GOVERNMENT OF ODISHA : OFFICE OF THE SUPERINTENDING ENGINEER RURAL WORKS DIVISION, KESINGA**
25001/1212/2627
E_mail: eerwkesinga@yahoo.com
1st Corrigendum Notice No.- 2807 Date. 07.09.2026
The 1st corrigendum to Bid identification No. RWKSNG-online-4/26-27
1. The details of corrigendum as table below : As per tender notice

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical | Financial (for Double cover) |
| Superintending Engineer, Rural Works Division,Kesinga | RWKSNG-online-4/ 26-27 | 07.09.2026 at 11.00 A.M. | 28.09.2026 upto 17.00 P.M. | 25.09.2026 upto 17.00 P.M. | 29.09.2026 at 11.00 A.M. | Will be intimated, Separately |

As per corrigendum

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical | Financial (for Double cover) |
| Superintending Engineer, Rural Works Division,Kesinga | RWKSNG-online-4/ 26-27 | 29.09.2026 at 11.00 A.M. | 13.10.2026 upto 17.00 P.M. | 10.10.2026 upto 17.00 P.M. | 14.10.2026 at 11.00 A.M. | Will be intimated, Separately |

All other terms and conditions remain unchanged.
OIPR : 25001/25153/1/26-27/0008 Sd/- Superintending Engineer, Rural Works Division

6001/113/2627
**GOVERNMENT OF ODISHA**
**OFFICE OF THE EXECUTIVE ENGINEER (C), DIRECTORATE OF FISHERIES, ODISHA, KATAKA**
Phone: 0671 -2415090, E-Mail: - eefedcuttack@gmail.com
Bid identification No. 1913 / Dt. 25.09.2026

1. No. of works : 02 (TWO) Number of Civil / Electronics & System Installation works
2. Type of works : Civil / Electronics & System Installation works
3. Approximate Estimated Cost : Rs. 9.99 Lakh to 21.75 Lakh.
4. Class of Contractor : "B & C" Class & Firms executing "Electronics & System Installation works"
5. Period of Completion : 01 (ONE) Calendar Months.
6. Date of Sale : Dt. 01.10.2026 to 1:00 PM of Dt. 09.10.2026 (Working days only).
7. Date of Receipt : Dt. 01.10.2026 to 02:00 PM of Dt. 09.10.2026 (Working days only)
8. Date of Closing : Dt. 09.10.2026 at 2:00 PM.
9. Date of Opening : Dt. 12.10.2026 at 11:00 AM.
10. Name of Office inviging Bid : Executive Engineer (C), Directorate of Fisheries, Odisha, Kataka.

Further details can be seen in the bidding documents & can be down loaded from the Government of Odisha website (http:// www.odisha.gov.in).- Authority reserves the right to reject any or all the tenders without assigning any reasons thereof.

Sd/- Executive Engineer (Civil)
Directorate of Fisheries, Odisha, Kataka
OIPR : 6001/6030/1/26-27/0015

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା : ୨୦୧୯୫/ଭୁ.ଉ.କ., ଭୁବନେଶ୍ୱର ତା.୨୧.୦୯.୨୦୨୬ ରିଖ
KNH-506/93
13001/1981/2627
**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ପ୍ଲଟେଡ୍ ଡେଭଲପ୍‌ମେଣ୍ଟ ସ୍କିମ୍, ଭଗବାନପୁର, ଭୁବନେଶ୍ୱର ଅନ୍ତର୍ଗତ HIG ପ୍ଲଟ ନଂ. କେ. ୯ବି – ୧୩୦କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୮୪୮/AL ତା.୧୯.୦୨.୧୯୯୭ ରିଖ ଅନୁଯାୟୀ ଶ୍ରୀ ବ୍ରଜ କିଶୋର ପଟ୍ଟନାୟକ, ପିତା–ଲୋକନାଥ ପଟ୍ଟନାୟକ, ଗ୍ରାମ–ରାଧାବଲ୍ଲଭପୁର, ଥାନା– ବାସୁଦେବପୁର, ଜିଲ୍ଲା–ଭଦ୍ରକଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ବ୍ରଜ କିଶୋର ପଟ୍ଟନାୟକ ଗତ ତା.୧୧.୦୨.୨୦୨୬ ରିଖରେ ମୃତ୍ୟୁବରଣ କରିଅଛନ୍ତି । (Death certificate No-3045/2026 Dated. 20.02.2026, Legal heir certificate No. E-LHC/2026/104802) ବର୍ତ୍ତମାନ(୧) ମୀରାବାଲା ପଟ୍ଟନାୟକ (ସ୍ତ୍ରୀ) (୨) ବଳଦେବ ପଟ୍ଟନାୟକ (ପୁତ୍ର) (୩) ଲୀନା ପଟ୍ଟନାୟକ (ଝିଅ) (୪) ଗୀତା ପଟ୍ଟନାୟକ (ବିବାହିତା କନ୍ୟା) (୫) ମୌସୁମୀ ପଟ୍ଟନାୟକ (ବିବାହିତା କନ୍ୟା) (୬) ଦେବଦତ୍ତ ପଟ୍ଟନାୟକ (ପୁତ୍ର) ଉକ୍ତ ପ୍ଲଟର ଉତ୍ତରାଧିକାରୀ ଅଟନ୍ତି ।

ଏଣୁ ଉକ୍ତ ପ୍ଲଟ ର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ପ୍ଲଟର ମାଲିକାନାସତ୍ୱ (୧) ମୀରାବାଲା ପଟ୍ଟନାୟକ (ସ୍ତ୍ରୀ) (୨) ବଳଦେବ ପଟ୍ଟନାୟକ (ପୁତ୍ର) (୩) ଲୀନା ପଟ୍ଟନାୟକ (ଝିଅ) (୪) ଗୀତା ପଟ୍ଟନାୟକ (ବିବାହିତା କନ୍ୟା) (୫) ମୌସୁମୀ ପଟ୍ଟନାୟକ (ବିବାହିତା କନ୍ୟା) (୬) ଦେବଦତ୍ତ ପଟ୍ଟନାୟକ (ପୁତ୍ର)ଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
OIPR : 13001/13033/1/26-27/0145 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

**GOVERNMENT OF ODISHA**
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, KANDHAMAL**
E-mail ID : - kmidplb@gmail.com
32001/936/2627
NOTICE INVITING TENDER
E-Procurement Notice
Bid Identification No. SEMIDK - 05/2026-27
Letter No. 1801 Dt. 23.09.2026

The Superintending Engineer, Minor Irrigation Division, Kandhamal, Phulbani on behalf of Governor of Odisha invites Percentage rate bids in Single system through Online Mode. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Improvement of M.I. Projects under Improvement to D/W Grant for the year 2026-27.
2. Total Number of works : 3 (Three) Nos.
3. Estimated cost : Approximately from Rs. 15.09 to Rs. 39.74 lakh.
4. Period of completion : 90 (Ninety) days
5. Class of Contractor : B", "C" & "D" Class Contractor
6. Date and time of availability of bid documents in the portal : From 10.00 A.M of 30.9.2026 to 5.30 PM of 09.10.2026
7. Last date /time for receipt of bids in the portal : 5.30 pm on 09.10.2026
8. Date of opening of bid : At 11.00 am on 12.10.2026 in website (www.tendersorissa.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Kandhamal, Phulbani
11. Further details can be seen from the Government of Odisha Web-site:www.tendersorissa.gov.in

Sd/- Superintending Engineer
M.I. Division, Kandhamal
OIPR : 32001/32040/1/26-27/0006



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ- ୮୮୯୫୬୫୧୨୮ ।

# ଯଶୋଦା ହସ୍ପିଟାଲର ବିଶେଷ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱରବାସୀଙ୍କ ପାଇଁ ଯଶୋଦା ହାଇଟେକ୍ ସିଟି ଏକ ସମ୍ପୂର୍ଣ୍ଣ କାର୍ଡିଆକ୍ କେୟାର୍ କେନ୍ଦ୍ର



ଭାବେ ଉଭା ହୋଇଛି। ଜରୁରୀ ଚିକିତ୍ସା ସମୟରେ ମିନିଟ୍ ମଧ୍ୟରେ ପ୍ରତିକ୍ରିୟା ଓ ଚିକିତ୍ସା ଆରମ୍ଭ ପାଇଁ ସୁସଂଗଠିତ ପ୍ରୋଟୋକଲ୍ ରହିଛି। ଏହି ବିଶେଷ ଚିକିତ୍ସା ସଚେତନତା କାର୍ଯ୍ୟକ୍ରମରେ ଯଶୋଦା ହାଇଟେକ୍ ସିଟିର ମାର୍କେଟିଂ ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ । ହାଇଦ୍ରାବାଦସ୍ଥିତ ଯଶୋଦା ହସ୍ପିଟାଲ୍ ହାଇଟେକ୍ ସିଟି ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ହୃଦ୍‌ରୋଗରେ ପୀଡ଼ିତ ରୋଗୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ପ୍ରଦାନ କରିବା ଲକ୍ଷ୍ୟରେ କାର୍ଡିଆକ୍ କେୟାର କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଭୁବନେଶ୍ୱରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡା. ଭରତ ପୁରୋହିତ ଯଶୋଦା ହାଇଟେକ୍ସି ଟିରେ ଉପଲବ୍ଧ ଅତ୍ୟାଧୁନିକ ଚିକିତ୍ସା ପ୍ରଯୁକ୍ତି ଓ ବିଭିନ୍ନ ଚିକିତ୍ସା ପ୍ରକ୍ରିୟା ବିଷୟରେ ସୂଚନା ଦେଇଥିଲେ। ଜଟିଳ ହୃଦ୍‌ରୋଗ ମାମଲା ପାଇଁ ଆବଶ୍ୟକ ବିଶେଷଜ୍ଞତା ଓ ଉନ୍ନତ ଚିକିତ୍ସା ଭିତ୍ତିଭୂମି ହସ୍ପିଟାଲ୍‌ରେ ଉପଲବ୍ଧ ଥିବା ସେ କହିଥିଲେ। ଭୁବନେଶ୍ୱରରୁ ରୋଗୀଙ୍କୁ ଶୀଘ୍ର ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିବା ଏବଂ ଆବଶ୍ୟକତା ଅନୁସାରେ ତୁରନ୍ତ ଚିକିତ୍ସା ଆରମ୍ଭ କରିବା ପାଇଁ ଏକ ସ୍ୱତନ୍ତ୍ର ଆପାତକାଳୀନ ଚିକିତ୍ସା ପ୍ରୋଟୋକଲ୍ ପ୍ରସ୍ତୁତ କରାଯାଇଛି। ପାରମ୍ପରିକ ଓପେନ୍-ହାର୍ଟ ପ୍ରକ୍ରିୟାରୁ ଆଗକୁ ବଢ଼ି ଯଶୋଦା ହାଇଟେକ୍ ସିଟିରେ ଅନେକ ଉନ୍ନତ ମିନିମାଲି ଇନଭେସିଭ୍ କାର୍ଡିଆକ୍ ପ୍ରୋସିଜର୍ ଉପଲବ୍ଧ ରହିଛି।

# ପାର୍ବଣ ଋତୁରେ ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅସ୍ଥାୟୀ ଭାବେ କୋଚ୍ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର, (ସବ୍ୟୁ): ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ଯାତ୍ରା ସୁବିଧା ଯୋଗାଇବା ସହ ଆଗାମୀ ପାର୍ବଣ ଋତୁରେ ବଢ଼ିବାକୁ ଥିବା ଯାତ୍ରୀଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରାଯିବ। ଟ୍ରେନ୍ ନମ୍ବର ୧୮୪୬୩ ଭୁବନେଶ୍ୱର–କେଏସଆର ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସରେ ଅକ୍ଟୋବର ୧ରୁ ୩୧ ତାରିଖ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ଅତିରିକ୍ତ ଭାବେ ସଂଯୋଗ କରାଯିବ। ସେହିଭଳି, ଟ୍ରେନ୍ ନମ୍ବର ୧୮୪୬୪ କେଏସଆର ବେଙ୍ଗାଲୁରୁ–ଭୁବନେଶ୍ୱର ପ୍ରଶାନ୍ତି ଏକ୍ସପ୍ରେସରେ ଅକ୍ଟୋବର ୨ରୁ ନଭେମ୍ବର ୧ ତାରିଖ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଗ କରାଯିବ। ସେହିପରି, ଟ୍ରେନ୍ ନମ୍ବର ୧୨୮୧୯ ଭୁବନେଶ୍ୱର–ଆନନ୍ଦ ବିହାର ଟର୍ମିନାଲ ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରେ ଅକ୍ଟୋବର ୩ରୁ ୩୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ଏବଂ ଟ୍ରେନ୍ ନମ୍ବର ୧୨୮୨୦ ଆନନ୍ଦ ବିହାର ଟର୍ମିନାଲ–ଭୁବନେଶ୍ୱର ଓଡ଼ିଶା ସମ୍ପର୍କ କ୍ରାନ୍ତି ଏକ୍ସପ୍ରେସରେ ଅକ୍ଟୋବର ୬ରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଗୋଟିଏ ଏସି ୩-ଟାୟାର କୋଚ୍ ସଂଯୋଗ



କରାଯିବ।

ଏହାଛଡ଼ା, ଟ୍ରେନ୍ ନମ୍ବର ୨୨୮୭୯ ଭୁବନେଶ୍ୱର–ତିରୁପତି ସୁପରଫାଷ୍ଟ ଏକ୍ସପ୍ରେସରେ ଅକ୍ଟୋବର ୩ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୨୨୮୮୦ ତିରୁପତି–ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସରେ ଅକ୍ଟୋବର ୪ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ୩-ଟାୟାର କୋଚ୍ ସଂଯୋଗ କରାଯିବ। ସେହିଭଳି, ଟ୍ରେନ୍ ନମ୍ବର ୧୮୪୪୭ ଭୁବନେଶ୍ୱର–ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସରେ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୮୪୪୮ ଜଗଦଲପୁର–ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସରେ ଅକ୍ଟୋବର ୨ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ୩-ଟାୟାର କୋଚ୍ ସଂଯୋଗ କରାଯିବ। ଟ୍ରେନ୍ ନମ୍ବର ୧୮୩୦୧/୧୮୩୦୨ ସମ୍ବଲପୁର–ରାୟଗଡ଼ା–ସମ୍ବଲପୁର ଇଣ୍ଟରସିଟି ଏକ୍ସପ୍ରେସରେ ଉଭୟ ଦିଗରୁ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ। ଏହାଛଡ଼ା, ଟ୍ରେନ୍ ନମ୍ବର ୧୮୪୧୭ ପୁରୀ–ଗୁଣୁପୁର ଏକ୍ସପ୍ରେସରେ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୮୪୧୮ ଗୁଣୁପୁର–ପୁରୀ ଏକ୍ସପ୍ରେସରେ ଅକ୍ଟୋବର ୨ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ଚେୟାର କାର୍ କୋଚ୍ ସଂଯୋଗ କରାଯିବ।

ଟ୍ରେନ୍ ନମ୍ବର ୨୦୮୩୨ ସମ୍ବଲପୁର–ଶାଲିମାର ମହିମା ଗୋସାଇଁ ଏକ୍ସପ୍ରେସରେ ଅକ୍ଟୋବର ୧ରୁ ୨୯ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୨୦୮୩୧ ଶାଲିମାର–ସମ୍ବଲପୁର ମହିମା ଗୋସାଇଁ ଏକ୍ସପ୍ରେସରେ ଅକ୍ଟୋବର ୨ରୁ ୩୦ ତାରିଖ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ସ୍ଲିପର କ୍ଲାସ୍ କୋଚ୍ ସଂଯୋଗ କରାଯିବ। ସେହିପରି, ଟ୍ରେନ୍ ନମ୍ବର ୧୨୮୯୩ ଭୁବନେଶ୍ୱର–ପୁରୁଣାକଟକ ଇଣ୍ଟରସିଟି ସୁପରଫାଷ୍ଟ ଏକ୍ସପ୍ରେସରେ ଅକ୍ଟୋବର ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୧୨୮୯୪ ପୁରୁଣାକଟକ–ଭୁବନେଶ୍ୱର ଇଣ୍ଟରସିଟି ସୁପରଫାଷ୍ଟ ଏକ୍ସପ୍ରେସରେ ଅକ୍ଟୋବର ୨ରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁଇଟି ଲେଖାଏଁ ଜେନେରାଲ କୋଚ୍ ସଂଯୋଗ କରାଯିବ। ଏଥିସହିତ, ଟ୍ରେନ୍ ନମ୍ବର ୨୦୪୭୧ ଶ୍ରୀ ଗଙ୍ଗାନଗର–ପୁରୀ ସୁପରଫାଷ୍ଟ ଏକ୍ସପ୍ରେସରେ ଅକ୍ଟୋବର ୪ରୁ ୨୫ ତାରିଖ ପର୍ଯ୍ୟନ୍ତ ଏବଂ ଟ୍ରେନ୍ ନମ୍ବର ୨୦୪୭୨ ପୁରୀ–ଶ୍ରୀ ଗଙ୍ଗାନଗର ସୁପରଫାଷ୍ଟ ଏକ୍ସପ୍ରେସରେ ଅକ୍ଟୋବର ୭ରୁ ୨୮ ତାରିଖ ପର୍ଯ୍ୟନ୍ତ ଗୋଟିଏ ଲେଖାଏଁ ଏସି ୩-ଟାୟାର କୋଚ୍ ସଂଯୋଗ କରାଯିବ। ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଯାତ୍ରୀମାନଙ୍କୁ ଅଧିକ ବର୍ଥ ସୁବିଧା ଯୋଗାଇବ ଏବଂ ଏହି ସମୟ ମଧ୍ୟରେ ବଢ଼ୁଥିବା ଯାତ୍ରୀ ଚାହିଦାକୁ ପୂରଣ କରିବାରେ ସହାୟକ ହେବ ।

## ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ୧୮ ତମ ପ୍ରତିଷ୍ଠା ଦିବସ

# ନାଟକ "ରଶ୍ମିରଥୀ' ମଞ୍ଚସ୍ଥ

କଟକ, (ସ୍ୱପ୍ର): ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାର ୧୮ ବର୍ଷରେ ପଦାର୍ପଣ କରିଛି । ଏହି ଉପଲକ୍ଷେ କୁଳପତି ପ୍ରଫେସର (ଡ.) ତେଜପ୍ରତାପ ଓ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟଙ୍କ ପୌରୋହିତ୍ୟରେ ଏକ ସ୍ୱତନ୍ତ୍ର ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ରାଷ୍ଟ୍ରକବି ରାମଧାରୀ ସିଂହ ଦିନକରଙ୍କ ବିରଚିତ ମହାଭାରତ ମହାକାବ୍ୟ




ଛାୟାରେ ଦାନବୀର କର୍ଣ୍ଣଙ୍କ ଉପରେ ପର୍ଯ୍ୟବସିତ ନାଟକ "ରଶ୍ମିରଥୀ' ମଞ୍ଚସ୍ଥ ହୋଇଥିଲା । ପଙ୍କଜ ମଣି ଏହାର ରଚନା ଓ ନିର୍ଦ୍ଦେଶନା ଭାର ସମ୍ଭାଳିଥିଲେ । ଏଥିରେ ଡ. ଭରତ ଦାଶ କର୍ଣ୍ଣ ଚରିତ୍ରରେ ଅଭିନୟ କରି ସମସ୍ତଙ୍କର ପ୍ରଶଂସା ସାଉଁଟି ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଙ୍କିତ-କୃଷ୍ଣ, ଆଦ୍ୟା-କୁନ୍ତୀ, ଆରୁଣୀ-ଇନ୍ଦ୍ର, ସୌରଭ-ପର୍ଶୁରାମ, ବରୁଣ-ଅର୍ଜୁନ, ସତ୍ୟଜିତ-ଦୁର୍ଯ୍ୟୋଧନ, ଆକାଶ-କୃପାଚାର୍ଯ୍ୟ ଭୂମିକାରେ ଅଭିନୟ କରିଥିଲେ । ତିନି ସୂତ୍ରଧର ଭୂମିକାରେ ଅନନ୍ୟା, ଚାର୍ବି ଏବଂ ଆର୍ଯ୍ୟନଙ୍କ ଅଭିନୟ ମଧ୍ୟ ଆକର୍ଷଣୀୟ ଥିଲା । ୨୦୦୬ ମସିହାରେ ଓଡ଼ିଶା ସରକାରଙ୍କ ସହ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବାର ପ୍ରାୟ ଦୁଇବର୍ଷ ପରେ ଅର୍ଥାତ ୨୦୦୮ ସେପେଟମ୍ବର ୮ ତାରିଖ ଦିନ ପୂଜ୍ୟ ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କର ଏବଂ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

# ଇଣ୍ଡିଆ ମୋବାଇଲ କଂଗ୍ରେସ ୨୦୨୬ ଭାରତରେ "ବିକଶିତ ଟେକ୍ ୪୭' ପ୍ଲାଟଫର୍ମର ଶୁଭାରମ୍ଭ କରିଛି

ଭୁବନେଶ୍ୱର, (ସବ୍ୟୁ): ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟକୁ ଆଧାର କରି ଏସିଆର ସର୍ବବୃହତ ଡିଜିଟାଲ୍ ଟେକ୍ନୋଲୋଜି ଫୋରମ୍ ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) ୨୦୨୬ "ବିକଶିତ ଟେକ୍ ୪୭'ର ପ୍ରଥମ ସଂସ୍କରଣ ଘୋଷଣା କରିଛି। ଯାହା ଭାରତର ସବୁଠାରୁ ପ୍ରତିଜ୍ଞାକାରୀ ଟେକ୍ନୋଲୋଜି ବ୍ରାଣ୍ଡ, ନେତା ଏବଂ ସେହି ଅଭିଳାଷକୁ ଆଗକୁ ନେଉଥିବା ସକ୍ଷମକାରୀଙ୍କୁ ଚିହ୍ନଟ, ସ୍ୱୀକୃତି ଏବଂ ନିର୍ମାଣ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ । ଏହି ପଦକ୍ଷେପ ଆଇଏମସିର ଦଶମ ସଂସ୍କରଣର ଏକ ଅଂଶ ହେବ, ଯାହା ୭-୧୦ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଯଶୋଭୂମି କନଭେନସନ୍ ସେଂଟରରେ ଅନୁଷ୍ଠିତ ହେବାକୁ ଯାଉଛି । ଟେକ୍ନୋଲୋଜି ଆନାଲିଟିକ୍ସ, ଅନୁସନ୍ଧାନ ଏବଂ ପରାମର୍ଶଦାତା ସଂସ୍ଥା ଟେକାର୍କ ଏହି ପଦକ୍ଷେପ ପାଇଁ ଗବେଷଣା ଅଂଶୀଦାର ଭାବରେ କାର୍ଯ୍ୟ କରିବ । ଇଣ୍ଡିଆ ମୋବାଇଲ୍ କଂଗ୍ରେସର ସିଇଓ ରାମକୃଷ୍ଣ ପି. କହିଛନ୍ତି, "ଭାରତରେ ବୈଷୟିକ ପ୍ରତିଭା କିମ୍ବା ଅଭିଳାଷର ଅଭାବ ନାହିଁ, ଆମର ଯାହା ଅଭାବ ତାହା ହେଉଛି ଏକ ପ୍ଲାଟଫର୍ମ ଯାହା ଆମ କମ୍ପାନୀଗୁଡ଼ିକୁ କେବଳ ସ୍ଥାନୀୟ ନୁହେଁ, ବିଶ୍ୱସ୍ତରରେ ଚିନ୍ତା କରିବା ଏବଂ ପ୍ରତିଦ୍ୱନ୍ଦ୍ୱିତା କରିବାରେ ସାହାଯ୍ୟ କରେ । ବିକଶିତ ଟେକ୍ ୪୭ ସହିତ, ଆମେ ଠିକ୍ ତାହା ନିର୍ମାଣ କରୁଛୁ, ଭାରତର ସବୁଠାରୁ ପ୍ରତିଜ୍ଞାକାରୀ ଟେକ୍ନୋଲୋଜି କମ୍ପାନୀଗୁଡ଼ିକୁ ଚିହ୍ନଟ କରିବା ଏବଂ ସେମାନଙ୍କୁ ପ୍ରକୃତ ବିଶ୍ୱସ୍ତରୀୟ ବ୍ରାଣ୍ଡରେ ପରିଣତ କରିବାରେ ସାହାଯ୍ୟ କରିବା ପାଇଁ ଏହା ଏକ ପ୍ଲାଟଫର୍ମ ।

# ଟେଟ୍ରାହେଡ୍ରନ ପକ୍ଷରୁ ପ୍ରତିଶ୍ରୁତି ୨୦୨୬ କାର୍ଯ୍ୟକ୍ରମ

କଟକ ,(ସବ୍ୟୁ ): ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ କଟକ ଜିଲ୍ଲା ଟାଙ୍ଗୀ ଠାରେ ଅବସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଓଲ୍ଡ କ୍ୟାମ୍ପସ ପରିସରରେ ପ୍ରତିଶ୍ରୁତି ୨୦୨୬ କାର୍ଯ୍ୟକ୍ରମ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଟେଟ୍ରାହେଡ୍ରନ କଲେଜ ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପିତା ତ୍ରିଲୋଚନ ବେହେରା ଯୋଗଦେଇ ପ୍ରଦୀପ ଜାଳି ଉଦଘାଟନ କରିବାସହ କଠିନ ପରିଶ୍ରମ, ଧୈର୍ଯ୍ୟ, ସମୟାନୁବର୍ତ୍ତିତା, ଉଚ୍ଚାଭିଳାସ ହେବା ପାଇଁ ଆହ୍ୱାନ ଦେଇଥିଲେ।ଅନ୍ୟତମ ଅତିଥିଭାବେ ଅଧ୍ୟକ୍ଷ ଶ୍ରୀ ବେହେରାଙ୍କ ସହଧର୍ମିଣୀ ତଥା ଜିଲ୍ଲା ଯୁବ ରେଡକ୍ରସର ସମ୍ପାଦିକା ଡ଼ ସସ୍ମିତା ପଟ୍ଟନାୟକ, ପ୍ରଫେସର ଡ଼ଃ କୈଳାସ ଚନ୍ଦ୍ର ରାଉତ, ପ୍ରଫେସର ଡ଼ଃ ବୈକୁଣ୍ଠ ନାରାୟଣ ଦାସ, ପ୍ରଫେସର ଡ଼ଃ ଜାମିନ ରଞ୍ଜନ ମହାନ୍ତି, ପ୍ରଫେସର ଡ଼ଃ ବିକାଶ ରଞ୍ଜନ ମହାପାତ୍ର,



ସମାଜସେବୀ ତାପସ ରଞ୍ଜନ ମଲ୍ଲିକ, ବିଚିତ୍ରାନନ୍ଦ ସ୍ୱାଇଁ, ପବିତ୍ର ମୋହନ ସ୍ୱାଇଁ, ସରପଞ୍ଚ ପ୍ରତିନିଧି ଅମନ ବେଉରା,ବିଜେପି ମଣ୍ଡଳ ସଭାପତି ହୃଷୀକେଶ ସାମଲ ଓ ଯୁବ ସଂଗଠକ ବିଶ୍ୱଜିତ ଅଞ୍ଚଳ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ, ଅଭିଭାବକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ଭାରତ ବିକାଶ ପରିଷଦ, ଚନ୍ଦ୍ରଶେଖରପୁର ଶାଖାର ଭାରତ କୋ ଜାନୋ ପ୍ରତିଯୋଗିତା

ଭୁବନେଶ୍ୱର, (ସବ୍ୟୁ): ଭାରତ ବିକାଶ ପରିଷଦ, ଚନ୍ଦ୍ରଶେଖର ପୁର ଶାଖା ପକ୍ଷରୁ ଆମ ଦେଶ ଭାରତ ସମ୍ପର୍କରେ ଜଣା ଅଜଣା କାର୍ଯ୍ୟକ୍ରମ " ଭାରତ କୋ ଜାନୋ " ପ୍ରତିଯୋଗିତା ସ୍ଥାନୀୟ ବିଦ୍ୟାଳୟ ଗୁଡ଼ିକର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଏହି ପ୍ରତିଯୋଗିତାରେ କନିଷ୍ଠ ବର୍ଗରେ ଦଶ ଗୋଟି ଓ ବରିଷ୍ଠ ବର୍ଗରେ ନଅ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଏହି କୁଇଜ୍ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ ଚନ୍ଦ୍ରଶେଖରପୁର ଶାଖାର ବରିଷ୍ଠ ସଦସ୍ୟ ତଥା କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକ। ସ୍କୋର ବୋର୍ଡ ପରିଚାଳନା କରିଥିଲେ ଇଂ ତୁଷାର ରଞ୍ଜନ ମହାନ୍ତି ଓ ସ୍କୋର୍ ସିଟ୍ ପରିଚାଳନା କରିଥିଲେ ମୂରଲୀଧର ଦାସ ଏବଂ ରଘୁପତି ସାହୁ। କନିଷ୍ଠ ବର୍ଗର ପ୍ରତି ଯୋଗିତାରେ ପ୍ରଥମ:- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ପଟିଆ, ଭୁବନେଶ୍ୱର, ଦ୍ୱିତୀୟ:- ଫ୍ୟୁଚର ଭୁବନେଶ୍ୱର, ଭୁବନେଶ୍ୱର ଓ ତୃତୀୟ ସ୍ଥାନ ପାଇଁ:- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୀଳାଦ୍ରି ବିହାର ପ୍ରମୁଖ ସ୍କୁଲ ବିଜେତା ହୋଇଥିବା ବେଳେ ବରିଷ୍ଠ ବର୍ଗର ପ୍ରତିଯୋଗିତାରେ ପ୍ରଥମ:- ଡି.ଏ. ଭି ସ୍କୁଲ ଚନ୍ଦ୍ର ଶେଖର ପୁର, ଭୁବନେଶ୍ୱର



ଦ୍ୱିତୀୟ:- ଫ୍ୟୁଚର ଭୁବନେଶ୍ୱର ସ୍କୁଲ ତୃତୀୟ:- ସାଇ ଇଣ୍ଟର ନ୍ୟାସନାଲ ସ୍କୁଲ, ଭୁବନେଶ୍ୱର ପ୍ରମୁଖ ବିଜେତା ଘୋଷିତ ହୋଇଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ଶାଖାର ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର ମହାରଣା "ଭାରତ କୋ ଜାନୋ" କୁଇଜ୍ ପ୍ରତିଯୋଗିତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କେୟାର ହସ୍ପିଟାଲର ଚିକିତ୍ସକ ଡଃ ସୁମନ୍ତ କୁମାର ମିଶ୍ର ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ସେମାନଙ୍କୁ ନିଜନିଜର ଧୀଶକ୍ତି ଉପରେ ଭରସା କରି ପ୍ରତିଯୋଗିତରେ ହାରିବା ଜିତିବାର ଚିନ୍ତା ଧାରା ନ ଆଣି ଆଗାମୀ କାଲି କିପରି ସମସ୍ତ କ୍ଷେତ୍ରରେ ସମୃଦ୍ଧ ହେବେ ସେ ଦିଗରେ ଚିନ୍ତା କରିବାକୁ ପ୍ରେରଣା ଦେଇଥିଲେ। ପରେ ପରେ ବିଜେତା ପ୍ରତିଯୋଗୀ ମାନଙ୍କୁ ସେ ପୁରସ୍କାର ବିତରଣ କରିଥିଲେ। ଶାଖା ଅଧ୍ୟକ୍ଷ ଦଶରଥ ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶାଖା ସଚିବ ପୂର୍ଣ୍ଣ ଚନ୍ଦ୍ର ସାହୁ,ଶାଖା କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ନାୟକଙ୍କ ସମେତ ଶ୍ରୀମତୀ ଅପର୍ଣ୍ଣା ସ୍ୱାଇଁ, ଶ୍ରୀମତୀ ଗାୟତ୍ରୀ ନାୟକ, ଶ୍ରୀମତୀ ବସନ୍ତ ମଞ୍ଜରୀ ସାହୁ, ଡଃ. ବିଶ୍ୱେଶ୍ୱର ଦାସ, ଧ୍ରୁବ ଚରଣ ରାଉତ, ଶଶୀ କାନ୍ତ ଜେନା, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ନିକୁଞ୍ଜ ବିହାରୀ ସାହୁ ଏବଂ ଡଃ ମନୋରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଉପସ୍ଥିତ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଟିକୁ ପ୍ରଦୀପ୍ତ କୁମାର ମହାରଣା ସଞ୍ଚାଳନ କରିଥିବା ବେଳେ ମୂରଲୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଞ୍ଜେଇ ଜବତ : ଜଣେ ଗିରଫ

ଦଶପଲ୍ଲା,(ସବ୍ୟୁ) : ଗଞ୍ଜେଇ ଚାଲାଣ ଅଭିଯୋଗ ରେ ବାଣୀଗୋଛା ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରି ତା ଠାରୁ ୫ କେଜି ଗଞ୍ଜେଇ,ଏକ ମୋବାଇଲ ଫୋନ ଏବଂ ୧୭୨୦ ଟଙ୍କା ଜବତ କରିଛି । ଗିରଫ ଯୁବକ ନାଁ ବବୁଲ ସାହା ଓ ତାଙ୍କଘର ପଶ୍ଚିମ ବଙ୍ଗ ରାଜ୍ୟର ହାଓ୍ୱାଡା ଜିଲ୍ଲା ଉଲବେରିଆ ଥାନା ଅନ୍ତର୍ଗତ ହାଜି ମହମ୍ମଦ ମହସିନ ରୋଡ଼ ଚେଙ୍ଗାଲି ଗ୍ରାମରେ । ସୋମବାର ମଧ୍ୟାହ୍ନରେ ବାଣୀଗୋଛା ଥାନା ଆଇ ଆଇ ସି ଶିବ ପ୍ରସାଦ ଭଦ୍ରାଙ୍କ ନିର୍ଦ୍ଦେଶ କ୍ରମେ ଏସ ଆଇ ବିକେ ଦେଗୁରି ପେଟ୍ରୋଲିଂ କରୁଥିବା ବେଳେ ଓ୍ୱେଷ୍ଟ ବେଙ୍ଗଲ ଯିବାପାଇଁ କାମିଟି ପଙ୍ଗା ବସ ଷ୍ଟାଣ୍ଡରେ ଏହି ଗଞ୍ଜେଇ ଧରି ବବୁଲ ଠିଆ ହୋଇଥିବାବେଳେ ପୋଲିସ ଧରିଥିଲା ।ପରେ ପୋଲିସ ପକ୍ଷରୁ ଏକ ମାମଲା ରୁଜୁ କରି ବବୁଲକୁ ଗିରଫ କରିବାସହ ଗଞ୍ଜେଇକୁ ଜବତ କରି କୋର୍ଟ ଚାଲାଣ କରିଥିଲା । । ଏହି ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି ।

## ଧାନ ସଂଗ୍ରହ ପ୍ରକ୍ରିୟାରୁ ଏସ୍‌ଏଚଜିଙ୍କୁ ବାଦ୍ ମାମଲା

# ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,(ସବ୍ୟୁ): ଖରିଫ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜୀକରଣ ଏବଂ ଧାନ ସଂଗ୍ରହ କାର୍ଯ୍ୟରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ମାନଙ୍କୁ ବାଦ୍ ଦେବାକୁ ବିରୋଧ କରି ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାର ଓ ଅନ୍ୟାନ୍ୟ ପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତଥା ଅନ୍ୟ ପ୍ରତିପକ୍ଷମାନଙ୍କୁ ଆସନ୍ତା ଅକ୍ଟୋବର ୮ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ପଞ୍ଜୀକରଣ ବାତିଲ ବା ବାଦ୍ ଦେବା ସମ୍ପର୍କିତ କୌଣସି ପଦକ୍ଷେପ ଏହି ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି! ଭଦ୍ରକ ଜିଲ୍ଲାର ଶିରିଡ଼ି ସାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ ମୃଗାଙ୍କ ଶେଖର ସାହୁଙ୍କ ଏହି ଆଦେଶ ଦେଇଛନ୍ତି। ଶିରିଡ଼ି ସାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାୟର କରି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ୨୦୨୬ ଅଗଷ୍ଟ ୬ରେ ଜାରି ଚିଠିକୁ ଚାଲେଞ୍ଜ କରିଥିଲେ। ଏହି ବିଜ୍ଞପ୍ତି ଜରିଆରେ ମହିଳା ଏସ୍‌ଏଚ୍‌ଜିମାନଙ୍କୁ ଚାଷୀ ପଞ୍ଜୀକରଣ ଓ ଧାନ କିଣା ପ୍ରକ୍ରିୟାରୁ ବାଦ୍ ଦିଆଯାଇଥିବା ଏବଂ ଏହା ସେମାନଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଥିବା ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ସମସ୍ତ ଗୋଷ୍ଠୀଙ୍କୁ ସାମୂହିକ ଭାବେ ବାଦ୍ ନ ଦେଇ ସ୍ୱଚ୍ଛ ମାନଦଣ୍ଡ ଆଧାରରେ ଯୋଗ୍ୟତା ପରଖିବାକୁ ଏବଂ ପୂର୍ବ ବର୍ଷଗୁଡ଼ିକ ଭଳି ଅଂଶଗ୍ରହଣ ପାଇଁ ସୁଯୋଗ ଦେବାକୁ ଆବେଦନରେ ପ୍ରାର୍ଥନା କରାଯାଇଥିଲା। ତେବେ ଗୋଷ୍ଠୀକୁ ବାଦ୍ ଦିଆଯିବା ସମ୍ପର୍କୀତ ଯେକୌଣସି କାର୍ଯ୍ୟାନୁଷ୍ଠାନ ଉକ୍ତ ରିଟ୍ ପିଟିସନ ଏବଂ ଅନ୍ତରୀଣ ଆବେଦନର ପରବର୍ତ୍ତୀ ଆଦେଶ ଉପରେ ନିର୍ଭର କରିବ ବୋଲି ଅଦାଲତ କହିଛନ୍ତି।

## ବିଶ୍ୱ ଦକ୍ଷତା କେନ୍ଦ୍ରରେ ଅତ୍ୟାଧୁନିକ ଦକ୍ଷତା ବିକାଶ ତାଲିମ ପାଠ୍ୟକ୍ରମ

# ଆବେଦନର ଶେଷ ତାରିଖ ସେପ୍ଟେମ୍ବର ୩୦

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୬–୨୭ ଶିକ୍ଷାବର୍ଷ ପାଇଁ ଅତ୍ୟାଧୁନିକ ଦକ୍ଷତା ବିକାଶ ତାଲିମ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଆବେଦନ ପ୍ରକ୍ରିୟା ଜାରି ରହିଛି।



ଏଥିପାଇଁ ସେପ୍ଟେମ୍ବର ୩୦ ଶେଷ ତାରିଖ ରହିଛି। ବିଭିନ୍ନ ଶିଳ୍ପ ଉପଯୋଗୀ ତାଲିମ ପାଠ୍ୟକ୍ରମ ପାଇଁ ଆଗ୍ରହୀ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଉଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ଭୁବନେଶ୍ୱର କ୍ୟାମ୍ପସରେ ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ, ସ୍କୁଲ୍ ଅଫ୍ ସର୍ଭିସେସ୍ ଏବଂ ସ୍କୁଲ୍ ଅଫ୍ ଆଡଭାନ୍ସଡ୍ ଟେକ୍ନୋଲୋଜି ଅଧୀନରେ ବିଭିନ୍ନ ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ସେହିପରି ଚଳିତ ଶିକ୍ଷାବର୍ଷରେ ବିଶ୍ୱ ଦକ୍ଷତା କେନ୍ଦ୍ରର ସମ୍ବଲପୁର କ୍ୟାମ୍ପସରେ ମଧ୍ୟ ବିଭିନ୍ନ ବିଷୟରେ ପାଠପଢ଼ା ଆରମ୍ଭ ହେବ।

ଭୁବନେଶ୍ୱର ଓ ସମ୍ବଲପୁର କ୍ୟାମ୍ପସରେ ଏକବର୍ଷୀୟ ପାଠ୍ୟକ୍ରମ ଏବଂ ଭୁବନେଶ୍ୱର କ୍ୟାମ୍ପସର ସ୍କୁଲ୍ ଅଫ୍ ଆଡଭାନ୍ସଡ୍ ଟେକ୍ନୋଲୋଜିରେ ୬ ମାସିଆ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଣ୍ଡ ମେସିନ୍ ଲର୍ଣ୍ଣିଂ ପାଠ୍ୟକ୍ରମ ପ୍ରଦାନ କରାଯାଉଛି। ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗ ଅଧୀନରେ ମେକାନିକାଲ୍ ଆଣ୍ଡ ଇଲେକ୍ଟ୍ରିକାଲ୍ ସର୍ଭିସେସ୍, ମେକାଟ୍ରୋନିକ୍ସ, ଇଲେକ୍ଟ୍ରିକାଲ୍ ଟେକ୍ନୋଲୋଜି, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜରେସନ, ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ପ୍ରିସିସନ ଇଞ୍ଜିନିୟରିଂ, ଡିଜିଟାଲ୍ ଆନିମେସନ୍ ଏବଂ ଲଜିଷ୍ଟିକ୍ସ ଆଣ୍ଡ ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟ ଭଳି ବିଷୟ ରହିଛି। ଏଥିପାଇଁ ପ୍ରାର୍ଥୀମାନେ ଯେକୌଣସି ସରକାରୀ ବା ଘରୋଇ ଶିଳ୍ପ ତାଲିମ କିମ୍ବା ବୈଷୟିକ ଶିକ୍ଷାନୁଷ୍ଠାନରୁ ୨ ବର୍ଷିଆ ଆଇଟିଆଇ/୩ ବର୍ଷିଆ ଡିପ୍ଲୋମା କରିଥିବା ଆବଶ୍ୟକ।

ସେହିପରି 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ଅତ୍ୟାଧୁନିକ 'ବ୍ୟୁଟି ଆଣ୍ଡ ୱେଲନେସ୍' ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ। ଏଥିପାଇଁ ପ୍ରାର୍ଥୀ ଯୁକ୍ତ ୨ କିମ୍ବା ସଂପୃକ୍ତ ବିଷୟରେ ଆଇଟିଆଇ ଓ କୌଣସି ବିଷୟରେ ଡିପ୍ଲୋମା କରିଥିବା ଆବଶ୍ୟକ। ୬ ମାସିଆ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଣ୍ଡ ମେସିନ୍ ଲର୍ଣ୍ଣିଂ ପାଠ୍ୟକ୍ରମ ପାଇଁ ପ୍ରାର୍ଥୀମାନେ ବି.ଇ./ବି.ଟେକ୍ କିମ୍ବା ଏମ୍. ସି.ଏ. ଡିଗ୍ରୀ ହାସଲ କରିଥିବା ଆବଶ୍ୟକ। ସେହିପରି ସମ୍ବଲପୁର କ୍ୟାମ୍ପସରେ ବ୍ୟୁଟି ଆଣ୍ଡ ୱେଲନେସ୍, ହସ୍ପିଟାଲିଟି ଆଣ୍ଡ ହୋଟେଲ୍ ଅପରେସନ୍ସ ଏବଂ ଲଜିଷ୍ଟିକ୍ସ ଆଣ୍ଡ ସପ୍ଲାଏ ଚେନ୍ ମ୍ୟାନେଜମେଣ୍ଟରେ ଏକବର୍ଷୀୟ କୋର୍ସ ପ୍ରଦାନ କରାଯାଉଛି। ଚଳିତ ବ୍ୟାଚରୁ ଓଡ଼ିଶା ସହିତ ଅନ୍ୟ ରାଜ୍ୟର ପ୍ରାର୍ଥୀମାନେ ଆବେଦନ କରିପାରିବେ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ପୋଷଣକେନ୍ଦ୍ରିକ ସାମୁଦାୟିକ ପଦକ୍ଷେପ

# କାର୍ଯ୍ୟକ୍ରମ ଜରିଆରେ ଉପକୃତ ହୋଇଛନ୍ତି ୩,୬୦୦ରୁ ଅଧିକ ଲୋକ

ଭୁବନେଶ୍ୱର, (ସବ୍ୟୁ): ସୁସ୍ଥ ପରିବାର, ସୁଦୃଢ଼ ସମୁଦାୟ ଏବଂ ଶିଶୁମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ମୂଳଦୁଆ ହେଉଛି ସୁଷମ ପୋଷଣ। ଏହି ଲକ୍ଷ୍ୟକୁ ନଜରରେ ରଖି ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ା, ଲାଞ୍ଜିଗଡ଼, ବାଲ୍‌କୋ ଏବଂ ଏହାର ଖଣି ଅଂଚଳଗୁଡ଼ିକରେ ଜାତୀୟ ପୋଷଣ ମାସ ଅବସରରେ ବିଭିନ୍ନ ପୋଷଣକେନ୍ଦ୍ରିକ ସାମୁଦାୟିକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଏକ ମାସିଆ କାର୍ଯ୍ୟକ୍ରମରେ ୩,୬୦୦ରୁ ଅଧିକ ଲୋକ ଉପକୃତ ହୋଇଥିବାବେଳେ ମହିଳା, ଶିଶୁ ଓ ଛାତ୍ରଛାତ୍ରୀଙ୍କୁ ପୋଷଣ, ସ୍ୱାସ୍ଥ୍ୟ ଓ ସୁସ୍ଥତା ସମ୍ପର୍କିତ ବିଭିନ୍ନ ପଦକ୍ଷେପରେ ସାମିଲ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ଖାଦ୍ୟରେ ବିବିଧତା ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ସମ୍ପର୍କରେ ସଚେତନତା ବଢ଼ାଇବା ସହ ଦୈନନ୍ଦିନ ଜୀବନରେ ସୁସ୍ଥ ଅଭ୍ୟାସ ଆପଣାଇବା ପାଇଁ ସମୁଦାୟଗୁଡ଼ିକୁ ଉତ୍ସାହିତ କରିଛି। ଭାରତ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ପାଳିତ ହେଉଥିବା ପୋଷଣ ମାସର ଲକ୍ଷ୍ୟ ହେଉଛି ବିଶେଷକରି ମହିଳା ଓ ଶିଶୁଙ୍କ ମଧ୍ୟରେ ସଚେତନତା ଓ ଆଚରଣଗତ ପରିବର୍ତ୍ତନ ଜରିଆରେ ପୋଷଣ ସ୍ଥିତିରେ ଉନ୍ନତି ଆଣିବା। ଏହି ଲକ୍ଷ୍ୟ ସହ ତାଳମିଳାଇ ବେଦାନ୍ତ ଆଲୁମିନିୟମ ଏହାର ସାମୁଦାୟିକ ବିକାଶ କାର୍ଯ୍ୟକ୍ରମ ଜରିଆରେ ସ୍ୱାସ୍ଥ୍ୟସେବା, ପୋଷଣ, ଶିକ୍ଷା ଓ ମହିଳା ସଶକ୍ତୀକରଣକୁ ଆଗେଇ



ନେଉଛି। ଏହାର ପ୍ରମୁଖ ସାମାଜିକ ପ୍ରଭାବ କାର୍ଯ୍ୟକ୍ରମ 'ନନ୍ଦଘର' ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ପୋଷଣ, ସ୍ୱାସ୍ଥ୍ୟସେବା, ଶୈଶବକାଳୀନ ଶିକ୍ଷା ଓ ମହିଳା ସଶକ୍ତୀକରଣର ଆଧୁନିକ କେନ୍ଦ୍ରରେ ପରିଣତ କରୁଛି। ବର୍ତ୍ତମାନ ୧୬ଟି ରାଜ୍ୟରେ ୧୩,୦୦୦ରୁ ଅଧିକ 'ନନ୍ଦଘର' ମାଧ୍ୟମରେ ୪ ଲକ୍ଷରୁ ଅଧିକ ଶିଶୁ ଓ ୩ ଲକ୍ଷ ମହିଳା ବିଭିନ୍ନ ସାମଗ୍ରିକ ବିକାଶମୂଳକ ପଦକ୍ଷେପରୁ ଉପକୃତ ହେଉଛନ୍ତି।

ଏହି ଅବସରରେ ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେଶ କୁମାର କହିଛନ୍ତି, "ଏକ ଦେଶର ପ୍ରଗତିର ମୂଳଦୁଆ ହେଉଛି ଏହାର ଲୋକଙ୍କ ସ୍ୱାସ୍ଥ୍ୟ ଓ ସୁସ୍ଥତା। ସୁସ୍ଥ ସମୁଦାୟ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଉତମ ପୋଷଣ ମୌଳିକ ଆବଶ୍ୟକତା। ପୋଷଣ ମାସ ସଚେତନତା ବୃଦ୍ଧି, ସୁସ୍ଥ ଅଭ୍ୟାସକୁ ପ୍ରୋତ୍ସାହନ ଏବଂ ସୁସ୍ଥତାକୁ ନେଇ ସମୁଦାୟ ସହ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ। ଏହି ପଦକ୍ଷେପଗୁଡ଼ିକ ଜରିଆରେ ମା', ଶିଶୁ ଓ ସେମାନଙ୍କ ପରିବାରକୁ ସହଯୋଗ କରିବା ସହ ଏକ ସୁସ୍ଥ ଓ ଅଧିକ ସୁଦୃଢ଼ ଭବିଷ୍ୟତ ଗଠନ ପାଇଁ ସେମାନଙ୍କୁ ସଶକ୍ତ କରିବା ନିମନ୍ତେ ଆମେ ପ୍ରତିବଦ୍ଧ।" ବେଦାନ୍ତ ଆଲୁମିନିୟମର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ପୋଷଣ ମାସ ଅବସରରେ ସମୁଦାୟଗୁଡ଼ିକୁ ଉତମ ସ୍ୱାସ୍ଥ୍ୟ ଓ ପୋଷଣର ଏକ ସାଧାରଣ ଲକ୍ଷ୍ୟ ନେଇ ଏକତ୍ରିତ କରାଯାଇଥିଲା। ଝାରସୁଗୁଡ଼ାର ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ପୁଲିସ ବାହିନୀର 'ନନ୍ଦଘର'ରେ ମା'ମାନେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ଆଲୋଚନାମୂଳକ ଅଧିବେଶନରେ ଯୋଗଦେଇ ମାତୃ ପୋଷଣ, ଶିଶୁ ସ୍ୱାସ୍ଥ୍ୟ, ପରିଚ୍ଛନ୍ନତା ଓ ସୁସ୍ଥ ଖାଦ୍ୟ ପ୍ରଦାନ ପ୍ରଣାଳୀ ସମ୍ପର୍କରେ ବ୍ୟବହାରିକ ଜ୍ଞାନ ହାସଲ କରିଥିଲେ। ଏହା ଅଂଚଳରେ ବେଦାନ୍ତ ଆଲୁମିନିୟମର ବ୍ୟାପକ ସାମୁଦାୟିକ ପୋଷଣ ପଦକ୍ଷେପର ଅଂଶ ଥିଲା। ଏହି ଅଂଚଳର ୧୩ଟି 'ନନ୍ଦଘର' ମାଧ୍ୟମରେ ୨,୦୦୦ରୁ ଅଧିକ ମହିଳା ଉପକୃତ ହୋଇଛନ୍ତି। ଏହି ପଦକ୍ଷେପଗୁଡ଼ିକ ସୁସ୍ଥ ପରିବାର ଓ ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଦୈନନ୍ଦିନ ଜୀବନର ଛୋଟ ଛୋଟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ନିଷ୍ପତି ବିଷୟରେ ସଚେତନତା ବଢ଼ାଇଛି।

ଲାଞ୍ଜିଗଡ଼ରେ ସଚେତନତା ସହିତ ସୁସ୍ଥ ଓ ଆତ୍ମନିର୍ଭର ସମୁଦାୟ ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ରକ୍ତହୀନତା ଚିହ୍ନଟ ଶିବିରରେ ୬୪୪ ଜଣ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବାବେଳେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ପୋଷଣଯୁକ୍ତ ରାଗି ଉତ୍ପାଦ ପ୍ରସ୍ତୁତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ସ୍ଥାନୀୟ ଭାବେ ଉପଲବ୍ଧ ମାଣ୍ଡିଆ ଭଳି ଶସ୍ୟର ବ୍ୟବହାର ମାଧ୍ୟମରେ ପୋଷଣରେ ଉନ୍ନତି ସହ ଆୟ ବୃଦ୍ଧିର ସମ୍ଭାବନା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଆୟୋଜିତ ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ପରିବାରଗୁଡ଼ିକୁ ସନ୍ତୁଳିତ ଖାଦ୍ୟ ସମ୍ପର୍କରେ ଅବଗତ କରାଇବା ସହ ଘରେ ସୁସ୍ଥ ଖାଦ୍ୟାଭ୍ୟାସ ଆପଣାଇବାକୁ ଉତ୍ସାହିତ କରିଥିଲା। ବେଦାନ୍ତର ଖଣି ଅଂଚଳଗୁଡ଼ିକରେ ମଧ୍ୟ ଏହି ଅଭିଯାନ ଜାରି ରହିଥିଲା। ୧୩ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ୫୫୯ରୁ ଅଧିକ ଲୋକଙ୍କୁ ସାମିଲ କରାଯାଇ ପୋଷଣ ଓ ସୁସ୍ଥତା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ୟୁପିଆଇ ଦେୟଯୁକ୍ତ : କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ଦେଶରେ ୟୁପିଆଇ ନେଣଦେଣ ଆଉ ଦେୟମୁକ୍ତ ନୁହେଁ। କିଛି ନିର୍ଦ୍ଦିଷ୍ଟ ନେଣଦେଣ ପାଇଁ ବ୍ୟବସାୟୀଙ୍କୁ ଦେବାକୁ ପଡ଼ିବ ଟଙ୍କା। ଅକ୍ଟୋବର ୧୫ରୁ ଏହି ନିୟମ ଲାଗୁ ହେବାକୁ ଯାଉଛି।କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତ୍ତି ଉପରେ ଆଜି ପ୍ରଶ୍ନ ଉଠାଇଛନ୍ତି ସୁପ୍ରିମକୋର୍ଟ। ନିର୍ଦ୍ଦିଷ୍ଟ ୟୁପିଆଇ ନେଣଦେଣ ପାଇଁ ଲାଗୁ ହେବାକୁ ଥିବା ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ ବା ଏମଡିଆରର ଆଇଗତ ପ୍ରାବଧାନ କ'ଣ? କେଉଁ ଆଇନ ଆଧାରରେ ଏପରି ପଦକ୍ଷେପ ନିଆଯାଇଛି ବୋଲି ସୁପ୍ରିମକୋର୍ଟ ଜାଣିବାକୁ ଚାହିଁଛନ୍ତି।ଏଥିପାଇଁ କେନ୍ଦ୍ର ସରକାର, ଆରବିଆଇ ଓ ଏନପିସିଆଇକୁ ଜବାବ ମାଗିଛନ୍ତି ସର୍ବୋଚ୍ଚ ଅଦାଲତ। ଲାଗୁ ହେଉଥିବା ଚାର୍ଜରୁ କିଏ ଆୟ କରିବ ଓ ଏହାକୁ କେମିତି ବଣ୍ଟନ ହେବ ବୋଲି ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ୨ ହଜାର ଟଙ୍କାରୁ ଅଧିକ ୟୁପିଆଇ ଟ୍ରାଞ୍ଜାକସନ ଉପରେ ସରକାର ୦.୪% ଚାର୍ଜ ଲାଗୁ କରିବାକୁ ଯାଉଥିବାରୁ ଏହାକୁ ତୀବ୍ର ବିରୋଧ କରାଯାଉଛି। ବାସ୍ତବରେ ଯଦି ଜଣେ ବ୍ୟକ୍ତି କୌଣସି ବ୍ୟବସାୟିକ ସଂସ୍ଥାକୁ ୟୁପିଆଇରେ ୨ ହଜାରରୁ ଅଧିକ ଟଙ୍କା ପଠାଇବେ, ତା'ହେଲେ




ସଂସ୍ଥାକୁ ଫି' ଦେବାକୁ ପଡ଼ିବ। ସରକାର ଏପରି ଫି' ଆଦାୟ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଆଜି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଓ ଜଷ୍ଟିସ ଭି ମୋହନାଙ୍କ ଖଣ୍ଡପୀଠ ଆବେଦନକାରୀ ଓକିଲ ଅଞ୍ଜନା ଦତ୍ତାଙ୍କ ରିଟ ପିଟିସନର ଶୁଣାଣି କରିଛନ୍ତି। ଆବେଦନକାରୀ ଏପରି ନିୟମ ଉପରେ ରୋକ ଲଗାଇବାକୁ ଦାବି କରିଛନ୍ତି। ହେଲେ ପ୍ରଥମ ଶୁଣାଣିରେ ସୁପ୍ରିମକୋର୍ଟ ତତ୍କାଳ ନିୟମ ଉପରେ ରୋକ ଲଗାଇବାକୁ ମନା କରି ଦେଇଛନ୍ତି। ତଥାପି କେନ୍ଦ୍ର ସରକାରଙ୍କୁ ଅନେକ ପ୍ରଶ୍ନ କରିଛନ୍ତି। ଶୁଣାଣି ବେଳେ ୟୁପିଆଇ ଟ୍ରାଞ୍ଜାକସନ ଉପରେ ଏମଡିଆର ଲାଗୁ କରିବାର ଆଇନଗତ ଅଧିକାର ବାବଦରେ ଜାଣିବାକୁ ଚାହିଁଛନ୍ତି ଖଣ୍ଡପୀଠ। ନୂଆ ନୀତି ଅଧୀନରେ ଆରବିଆଇ ଓ ଏନପିସିଆଇର ଭୂମିକା କ'ଣ ବୋଲି ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି।କୋର୍ଟ କହିଛନ୍ତି ଯେ ପ୍ରାଧିକୃତ ଅଧିକାରୀମାନେ ସତ୍ୟପାଠ ଦାଖଲ କରିବା ପରେ ଏହି ପ୍ରସଙ୍ଗର ବିଚାର କରିବେ। ବର୍ତ୍ତମାନ ପର୍ଯ୍ୟାୟରେ ଫି'ର ଆଇନଗତ ବୈଧତା ଉପରେ ସୁପ୍ରିମକୋର୍ଟ କୌଣସି ମତାମତ ଦେବାକୁ ଚାହୁଁ ନାହାନ୍ତି। ହେଲେ କେନ୍ଦ୍ର ଓ ଅନ୍ୟ ପକ୍ଷଗୁଡ଼ିକ ଆସନ୍ତା ୪ ସପ୍ତାହ ମଧ୍ୟରେ କାଉଣ୍ଟର ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ଖଣ୍ଡପୀଠଙ୍କ କହିବା କଥା ଯେ ଏହି ପ୍ରସଙ୍ଗ ଆଇନ ଅପେକ୍ଷା ବୈଷୟିକ ଦୃଷ୍ଟିରୁ ବେଶ ଗୁରୁତ୍ୱପୂର୍ଣ୍ଣ। ଜଷ୍ଟିସ ବାଗଚି କହିଛନ୍ତି, "ଏହା ଟିକସ ନା ଫି'? ଯଦି ଏହା ଫି' ନୁହେଁ, ତା'ହେଲେ ଏହି ନିୟମ କାର୍ଯ୍ୟକାରୀ କରିବାର ଆଧାର କ'ଣ? ଏହି ସେବା କ'ଣ?ଧାରା ୨୬୯ ହସ୍ତାନ୍ତର ଅନୁମତି ଦେଉଛି। ଯଦି ଏହା ହସ୍ତାନ୍ତର ଅନୁମତି ଦେଉଛି, ତେବେ ଜଣେ କରଦାତା ଆଉ ଜଣେ କରଦାତାଙ୍କୁ ନଗଦ ରାଶି ପଠାପାରିବେ। ହେଲେ ୟୁପିଆଇ ମାଧ୍ୟମରେ ତୃତୀୟ ପକ୍ଷ ଭାବେ କିଏ ଏହାକୁ ପାଇଥାଏ? ଆମେ ଆଇନ ଦାୟିତ୍ୱରେ ରହିଛୁ। ଏହି ପ୍ରସଙ୍ଗରେ ଆଇନଗତ ଉତ୍ସ କ'ଣ?" ତଥାପି କୋର୍ଟ ତତ୍କାଳ ଭାବେ ସରକାରଙ୍କ ଫି' ଆଦାୟ ନିଷ୍ପତ୍ତି ଉପରେ ରୋକ ଲଗାଇ ନାହାନ୍ତି। ନୂଆ ନିୟମ ଆସନ୍ତା ଅକ୍ଟୋବର ୧୫ରୁ ଲାଗୁ ହେବ। ସାଧାରଣ ପି୨ଏ(ପର୍ସନ ଟୁ ମର୍ଚ୍ଚାଣ୍ଟ) ଅଧୀନରେ ୨୦୦୦ ଟଙ୍କାରୁ ଅଧିକ ନେଣଦେଣ ପାଇଁ ମୋଟ ଦେୟର ୦.୪% ଫି' ଆକାରରେ ବ୍ୟବସାୟୀମାନେ ଦେବେ। ସେହିପରି କାରବାର ୭୫ ହଜାର କିମ୍ବା ଅଧିକ ହେଲେ ଏମଡିଆର ଭାବେ ପ୍ରତି ଟ୍ରାଞ୍ଜାକସନ ପାଇଁ ୩୦୦ ଟଙ୍କା ଲେଖାଏ ଦେବାକୁ ପଡ଼ିବ।

# ପୁଣି ଭୀଷଣ ହେବ ଆମେରିକା-ଇରାନ ଯୁଦ୍ଧ!

ନ୍ୟୁୟର୍କ: ଆମେରିକା ଓ ଇରାନ ମଧ୍ୟରେ ପୁଣି ଥରେ ଭୀଷଣ ଯୁଦ୍ଧ ନେଇ ୱାସିଂଟନ ଓ ତେହେରାନ ପରସ୍ପରକୁ ଧମକ ଦେଇଛନ୍ତି। ଆମେରିକାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ୱାସିଂଟନ ତେହେରାନ ଉପରେ ବଡ଼ଧରଣର ଆକ୍ରମଣ କରିପାରେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ଯୁଦ୍ଧ ଖୁବ୍ଶୀଘ୍ର ଜିତିବେ ବୋଲି କହିଛନ୍ତି। ଜବାବରେ ଇରାନ ବିଦେଶ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି,



ଇରାନ ସମସ୍ତ ପ୍ରକାଶ ବିନାଶର ମୁକାବିଲା କରିବାକୁ ପ୍ରସ୍ତୁତ ଅଛି।ସୂଚନାଯୋଗ୍ୟ, ରବିବାର ଏକ କାର୍ଯ୍ୟକ୍ରମ ଅବସରରେ ଟ୍ରମ୍ପ ଗଣମାଧ୍ୟମ ସହିତ କଥାବାର୍ତ୍ତାବେଳେ କହିଛନ୍ତି ଯେ, ଇରାନ ସହିତ ଯୁଦ୍ଧରେ ସେ ଖୁବ୍ଶୀଘ୍ର ବିଜୟୀ ହେବେ। ଯୁଦ୍ଧ ଜିତିବା ପରେ ବିଶ୍ୱବଜାରରେ ତୈଳ ଦର ହ୍ରାସ ପାଇବ। ଟ୍ରମ୍ପ କହିଛନ୍ତି, ଇରାନ ପରମାଣୁ ଅସ୍ତ୍ର ଯେପରି ନ ରଖି ତାହା ଏବେବି ମୁଖ୍ୟ ପ୍ରସଙ୍ଗ ରହିଛି।

# ସ୍ଥଗିତ ରହିଲା ବ୍ୟାଙ୍କ ଧର୍ମଘଟ

ନୂଆଦିଲ୍ଲୀ : ପ୍ରସ୍ତାବିତ ୩ ଦିନିଆ ବ୍ୟାଙ୍କ ଧର୍ମଘଟ ସ୍ଥଗିତ । ଆଜିଠୁ ହେବାକୁ ଥିବା ଧର୍ମଘଟ ସ୍ଥଗିତ ରଖିଲା ୟୁଏଫବିୟୁ । ଗତକାଲି ଭାରତୀୟ ବ୍ୟାଙ୍କ ସଂଘ ସହ ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି ।ଦାବିଗୁଡ଼ିକ ବାବଦରେ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି ଭାରତୀୟ ବ୍ୟାଙ୍କ ସଂଘ । ମାସର ସବୁ ଶନିବାର ଛୁଟି ସମେତ ଅନ୍ୟାନ୍ୟ ଦାବିକୁ ନେଇ ୟୁଏଫବିୟୁ ପକ୍ଷରୁ ଧର୍ମଘଟ ଡ଼ାକରା ଦିଆଯାଇଥିଲା। ବିଭିନ୍ନ ଦାବି ନେଇ ତିନି ଦିନିଆ ବ୍ୟାଙ୍କ ଡ଼ାକରା ଦେଇଥିଲା ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ସ । ଏହା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଯାଇଥିଲା । ଆଉ ତିନି ଦିନିଆ ବ୍ୟାଙ୍କ ସେବା ବ୍ୟାହତ ହେବା ନେଇ ସେମାନେ ପ୍ରସ୍ତୁତ ହେଉଥିଲେ । ଠିକ ସେତିକି ବେଳେ ୟୁଏଫବିୟୁ ଭାରତୀୟ ବ୍ୟାଙ୍କ ସଂଘ ସହ ବୈଠକ ପରେ ନିଜର ତିନି ଦିନିଆ ଦେଶବ୍ୟାପୀ ଧର୍ମଘଟକୁ ସ୍ଥଗିତ ରଖିଛି। ୟୁଏଫବିୟୁ ଏକ ବିବୃତ୍ତି ଜାରି କରି କହିଛି ଯେ, ବ୍ୟାଙ୍କ ୟୁନିଅନ୍ ରବିବାର ରାତି ୯.୩୦ ସମୟରେ ଇଣ୍ଡିଆନ୍ ବ୍ୟାଙ୍କ୍ସ ଆସୋସିଏସନ୍ (ଆଇବିଏ) ସହ ଆଲୋଚନା କରିଥିଲା।

# ଚାରିଧାମ ଯାତ୍ରା ପୁଣି ଆରମ୍ଭ



ଡେରାଡୁନ: ପାଣିପାଗ ସ୍ଥିତିରେ ଉନ୍ନତି ପରେ ଚାରିଧାମ ଯାତ୍ରା ସୋମବାରଠାରୁ ପୁଣି ଆରମ୍ଭ ହୋଇଛି। ଗଡ଼ୱାଲ କମିସନର୍ ଆନନ୍ଦ ସ୍ୱରୂପ ଚାରିଧାମ ଯାତ୍ରା ଆରମ୍ଭ ନେଇ ସମସ୍ତ ସମ୍ପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରିଛନ୍ତି। ସ୍ୱରୂପ କହିଛନ୍ତି, ପାଣିପାଗ ବିଭାଗ ପକ୍ଷରୁ ଜାରି ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁ ଓ ଭକ୍ତଙ୍କ ସୁରକ୍ଷା ପାଇଁ ଚାରିଧାମ ଯାତ୍ରା ସେପ୍ଟେମ୍ବର ୨୬ ତାରିଖ ଅପରାହ୍ଣରୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିଲା।ପାଣିପାଗ ସ୍ଥିତିରେ ସୁଧାର ଆସିବା ପରେ ଯାତ୍ରା ପୁଣି ଆରମ୍ଭ କରାଯାଇଛି। କମିଶନର ସ୍ୱରୂପ କହିଛନ୍ତି ଯେ, ସମ୍ପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟମାନେ ସେମାନଙ୍କ ଜିଲ୍ଲାର ସ୍ଥାନୀୟ ପରିସ୍ଥିତିକୁ ଆଧାର କରି ଯାତ୍ରା ପରିଚାଳନା ସମ୍ପର୍କରେ ଆବଶ୍ୟକୀୟ ନିଷ୍ପତ୍ତି ନେଇପାରିବେ। ରାସ୍ତା ଅବରୋଧ, ପ୍ରବଳ ବର୍ଷା କିମ୍ବା ପ୍ରତିକୂଳ ପାଗ ପରିସ୍ଥିତିର କ୍ଷେତ୍ରରେ ଜିଲ୍ଲା ମାଜିଷ୍ଟ୍ରେଟମାନେ ସେମାନଙ୍କ ସ୍ତରରେ ଯାତ୍ରାକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିପାରିବେ।ରବିବାର ବିଳମ୍ବିତ ରାତିରେ କେଦାରନାଥ ମାର୍ଗରେ ଚିରବାସା ନିକଟରେ ଭୂସ୍ଖଳନ ଯୋଗୁଁ ଫସି ରହିଥିବା ପ୍ରାୟ ୧,୫୦୦ ତୀର୍ଥଯାତ୍ରୀଙ୍କୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏସ୍ଡିଆର୍ଏଫ୍), ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍ଡିଆର୍ଏଫ୍) ଓ ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ବାହିନୀ (ଡିଡିଆର୍ଏଫ୍)ର ମିଳିତ ଦଳ ଦ୍ୱାରା ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇ ଗୌରୀକୁଣ୍ଡକୁ ନିଆଯାଇଛି।

## ଟିଏମସି ନିର୍ବାଚନ ଚିହ୍ନ ବିବାଦ

# ସମାଧାନ କରିବାକୁ ନିର୍ବାଚନ କମିସନଙ୍କୁ ୩ ମାସ ମହଲତ

ନୂଆଦିଲ୍ଲୀ: ତୃଣମୂଳ କଂଗ୍ରେସ ଦୁଇ ଗୋଷ୍ଠୀ ମଧ୍ୟରେ ଲାଗି ରହିଥିବା ନିର୍ବାଚନ ଚିହ୍ନ ବିବାଦର ନିଷ୍ପତ୍ତି ତିନି ମାସ ମଧ୍ୟରେ ନେବାକୁ ସୋମବାର ସୁପ୍ରିମକୋର୍ଟ ନିର୍ବାଚନ କମିସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ତିନି ମାସର ଅବଧି ଚାରି ସପ୍ତାହରୁ ଆରମ୍ଭ ହେବ, ଏହି ସମୟ ମଧ୍ୟରେ ଉଭୟ ପକ୍ଷକୁ ସମସ୍ତ ଆବଶ୍ୟକୀୟ ଜବାବ ଏବଂ ପ୍ରମାଣ ଦାଖଲ



କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଉପନିର୍ବାଚନ ପାଇଁ ମୂଳ ଦଳୀୟ ଚିହ୍ନକୁ ଫ୍ରିଜ୍ କରିବା ପାଇଁ ନିର୍ବାଚନ କମିସନଙ୍କ ୧୭ ସେପ୍ଟେମ୍ବରର ମଧ୍ୟବର୍ତ୍ତୀକାଳୀନ ଆଦେଶ ପରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀକୁ ପୃଥକ ନାମ ଏବଂ ଚିହ୍ନ ଆବଣ୍ଟନ କରିବାର କିଛି ଘଣ୍ଟା ପରେ, ମମତା ବାନାର୍ଜୀ ସେପ୍ଟେମ୍ବର ୧୮ ତାରିଖରେ ସୁପ୍ରିମକୋର୍ଟଙ୍କର ଦ୍ୱାରସ୍ଥ ହୋଇଥିଲେ।ନିର୍ବାଚନ ପ୍ୟାନେଲ ବାନାର୍ଜୀଙ୍କ ଗୋଷ୍ଠୀକୁ ମମତା ଅଲ୍ ଇଣ୍ଡିଆ ତୃଣମୂଳ କଂଗ୍ରେସ ନାମ ଦେଇ ଦଳକୁ ଫୁଟବଲ୍ ଖେଳାଳି ଚିହ୍ନ ଦେଇଛି। ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀକୁ ଡେମୋକ୍ରାଟିକ୍ ତୃଣମୂଳ କଂଗ୍ରେସ ଭାବରେ ମାନ୍ୟତା ଦିଆଯାଇଛି ଏବଂ ଲଫାପା ଚିହ୍ନ ଦିଆଯାଇଛି। ଏହି ବ୍ୟବସ୍ଥା ଆଗାମୀ ଉପନିର୍ବାଚନ ପାଇଁ ପ୍ରଯୁଜ୍ୟ ହେବ।

## ସୋହରାବୁଦ୍ଦିନ ଏନକାଉଣ୍ଟର ମାମଲା

# ୨୨ ଅଭିଯୁକ୍ତଙ୍କୁ ନୋଟିସ୍ ଜାରି

ନୂଆଦିଲ୍ଲୀ : ୨୦୦୫ ସୋହରାବୁଦ୍ଦିନ ଶେଖ ଏନକାଉଣ୍ଟର ମାମଲାରେ ୨୧ ପୁଲିସକର୍ମୀଙ୍କ ସମେତ ୨୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରାଯିବାକୁ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ହୋଇଥିବା ଏକ ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟ ଶୁଣାଣି କରିଛନ୍ତି।ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ଶୁଣାଣି କରି ହାଇକୋର୍ଟରୁ ଦୋଷମୁକ୍ତ ହୋଇଥିବା ୨୨ ଅଭିଯୁକ୍ତଙ୍କୁ ନୋଟିସ ଜାରି କରିଛନ୍ତି। ୨୮ ଅକ୍ଟୋବରରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।ସୂଚନାଯୋଗ୍ୟ, ସୋହରାବୁଦ୍ଦିନ ଶେଖର ଭାଇ ରୁବାବୁଦ୍ଦିନ ଶେଖ ବମ୍ବେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସୁପ୍ରିମକୋର୍ଟ ୯୨ ଜଣ ସାକ୍ଷୀଙ୍କ ପଲଟି ଯିବାକୁ ନେଇ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ସିଜେଆଇ କହିଛନ୍ତି, ସେ କିଛି ପ୍ରମୁଖ ସାକ୍ଷୀଙ୍କ ବୟାନ ଯାଞ୍ଚ କରିବାକୁ ଚାହାନ୍ତି।

# ୟୁଏଇ ରାଷ୍ଟ୍ରପତିଙ୍କ ସହ ନେତାନ୍ୟାହୁଙ୍କ ଗୁପ୍ତ ବୈଠକ

ତେଲ ଅଭିଭ: ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧର ଅନ୍ତ ପାଇଁ ସମସ୍ତ ପ୍ରୟାସ ଏପର୍ଯ୍ୟନ୍ତ ବିଫଳ ହୋଇଛି। ଆମେରିକା ଏବଂ ଇରାନ ମଧ୍ୟରେ ଅନେକ ଥର ସିଧାସଳଖ ଆଲୋଚନା ହୋଇଛି, ଯାହା ଏହି ଅଞ୍ଚଳରେ ଶାନ୍ତି ଫେରିବାର ଆଶା ସୃଷ୍ଟି କରିଛି। ତଥାପି, ଯୁଦ୍ଧର ଅନ୍ତ ହେବାର ସମସ୍ତ ସମ୍ଭାବନା କେବଳ କଳ୍ପନାଜଳ୍ପନା ହୋଇ ରହିଛି। ପଶ୍ଚିମ ଏସିଆରେ ବର୍ତ୍ତମାନର ଅଶାନ୍ତି ଯୋଗୁଁ ଯୁଦ୍ଧ ଆହୁରି ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି କରିଛି।ଉତ୍ତେଜନା ଲାଗି ରହିଥିବାବେଳେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ରବିବାର ଗୁପ୍ତ ଭାବରେ ଆବୁଧାବି ଗସ୍ତ କରି ୟୁଏଇ ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାଏଦ୍ ଅଲ୍ ନାହ୍ୟାନଙ୍କୁ ଭେଟିଥିବା ଜଣାପଡ଼ିଛି।



ରଏଟର୍ସ ଜଣେ ବରିଷ୍ଠ ଇସ୍ରାଏଲୀ ଅଧିକାରୀଙ୍କ ସୂଚନା ଆଧାରରେ ଏହା କହିଛି। ଇସ୍ରାଏଲୀ ଗଣମାଧ୍ୟମ ମଧ୍ୟ ନେତାନ୍ୟାହୁଙ୍କ ୟୁଏଇ ଗସ୍ତ ଏବଂ ଅଲ୍ ନାହ୍ୟାନଙ୍କ ସହ ତାଙ୍କର ଗୁପ୍ତ ସାକ୍ଷାତ ବିଷୟରେ ରିପୋର୍ଟ କରିଛି। ତେବେ ଉଭୟ ପକ୍ଷ ଏହି ବିଷୟରେ ନୀରବ ରହିଛନ୍ତି। ଏହା ଅଧିକାରୀକ ଭାବରେ ନିଶ୍ଚିତ ହୋଇନାହିଁ।ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ଏବଂ ୟୁଏଇ ବୈଦେଶିକ ମନ୍ତ୍ରଣାଳୟ ଏ ବିଷୟରେ କୌଣସି ମନ୍ତବ୍ୟ ଦେଇନାହାନ୍ତି। ଚଳିତ ମାସ ଆରମ୍ଭରେ, ଇସ୍ରାଏଲୀ ସମ୍ବାଦପତ୍ର ହାରେଜ୍ ରିପୋର୍ଟ କରିଥିଲା ଯେ ଶେଖ୍ ମହମ୍ମଦ ୭ ଅକ୍ଟୋବର ୨୦୨୩ର ୧୦ ଦିନ ପୂର୍ବରୁ ନେତାନ୍ୟାହୁଙ୍କୁ ଚେତାବନୀ ଦେଇଥିଲେ ଯେ, ହମାସ ଇସ୍ରାଏଲ ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଯୋଜନା କରୁଛି। ରିପୋର୍ଟ ଅନୁଯାୟୀ, ଏହି ଚେତାବନୀ ଇସ୍ରାଏଲୀ ଗୁପ୍ତଚର ସଂସ୍ଥା କିମ୍ବା ସେନାକୁ ଦିଆଯାଇ ନଥିଲା। ନେତାନ୍ୟାହୁ ହାରେଜ୍ ରିପୋର୍ଟକୁ ମିଥ୍ୟା କହିଛନ୍ତି ଏବଂ ଖବରକାଗଜ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଧମକ ଦେଇଛନ୍ତି। ନେତାନ୍ୟାହୁ ବର୍ତ୍ତମାନ ନିର୍ବାଚନ ମଇଦାନରେ ଅଛନ୍ତି । ପୁଣି ଥରେ କ୍ଷମତା ହାସଲ କରିବା ତାଙ୍କ ପାଇଁ ଏକ କଷ୍ଟକର ହେବ ବୋଲି କୁହାଯାଉଛି।

# ଗ୍ୟାସ ସିଲିଣ୍ଡର ଫାଟି ୪ ମୃତ

ଲକ୍ଷ୍ନୌ : ସାମ୍ନାକୁ ଆସିଛି ଦୁଃଖଦ ଘଟଣା। ସନ୍ଧ୍ୟା ବେଳେ ଘରେ ରୋଷେଇ ଚାଲିଥିବା ବେଳେ ଘଟିଛି ଅଘଟଣ। ରୋଷେଇ ଚାଲିଥିବା ବେଳେ ହଠାତ୍ ଗ୍ୟାସ ସିଲିଣ୍ଡର ଫାଟି ଭୟଙ୍କର ବିସ୍ଫୋରଣ ହୋଇଛି। ବିସ୍ଫୋରଣର ପ୍ରକୋପ ଏତେ ଅଧିକ ଥିଲା ଯେ ଘର ଭୁଶୁଡ଼ି ପଡ଼ିଛି। ଏଥିଯୋଗୁ ୪ ଜଣ ପ୍ରାଣ ହରାଇଥିବା ବେଳେ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଉତ୍ତର ପ୍ରଦେଶର ଫତେପୁରରୁ ଏପରି ଘଟଣା ସାମ୍ନାକୁ ଆସିଛି। ପ୍ରାଥମିକ ସୂଚନା ଅନୁସାରେ, ସୋମବାର ସନ୍ଧ୍ୟା ପ୍ରାୟ ୫.୩୦ରେ ଘରେ ରୋଷେଇ ଚାଲିଥିଲା। ଏହି ସମୟରେ ହଠାତ୍ ସିଲିଣ୍ଡର ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣ ଶବ୍ଦ ଶୁଣାଯିବାର ମାତ୍ର କିଛି ସେକେଣ୍ଡ ମଧ୍ୟରେ ହଠାତ୍ ତାସର ଭଳି ଘରଟି ଭୁଶୁଡ଼ି ପଡ଼ିଥିଲା। ଏହି ଖବର ପାଇବା ମାତ୍ରେ ସ୍ଥାନୀୟ ଲୋକ ଓ ପ୍ରଶାସନ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ। ଘର ଭିତରେ ଏକାଧିକ ଲୋକ ଫସି ରହିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୫ରୁ ୭ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ଏହାପରେ ବାକି ୨ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ବାକି ଲୋକ ସାମାନ୍ୟ ଆଘାତ ପାଇଥିବା ଜଣାପଡ଼ିଛି। ଏବେ ପ୍ରଶାସନ ପକ୍ଷରୁ ବେଶ ସତର୍କତାର ସହ ଧ୍ୱଂସାବଶେଷକୁ ହଟା ଯାଉଛି।

# ଜମ୍ମୁ-କାଶ୍ମୀର ବିଧାନସଭାରେ ରାଜ୍ୟ ମାନ୍ୟତା ପ୍ରସ୍ତାବ ପାରିତ

ଶ୍ରୀନଗର : ଜମ୍ମୁ-କାଶ୍ମୀର ବିଧାନସଭା ସୋମବାର ତୁରନ୍ତ ପୂର୍ଣ୍ଣ ରାଜ୍ୟ ମାନ୍ୟତା ପୁନଃସ୍ଥାପନ ପାଇଁ ଭାରତ ସରକାରଙ୍କୁ ଆହ୍ୱାନ କରି ଏକ ପ୍ରସ୍ତାବ ପାରିତ କରିଛି। ତେବେ ବିଜେପି ବିଧାୟକମାନେ ଏହି ଅଞ୍ଚଳର ପୂର୍ବ ସାମ୍ବିଧାନିକ ସ୍ଥିତିର ଉଲ୍ଲେଖକୁ ବିରୋଧ କରି କକ୍ଷତ୍ୟାଗ କରିଥିଲେ। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସେପ୍ଟେମ୍ବର ୨୫ ତାରିଖରେ ବିଧାନସଭାରେ ଏହି ପ୍ରସ୍ତାବ ଆଗତ କରିଥିଲେ। ତେବେ ପୂର୍ବ ପ୍ରସ୍ତାବର ଉଲ୍ଲେଖ ବିବାଦର ମୁଖ୍ୟ କାରଣ ଥିଲା। ବିଜେପି ବିଧାୟକମାନେ ଗୃହ ମଝିକୁ ଆସି ସ୍ଲୋଗାନ ଦେଇଥିଲେ ଏବଂ ସ୍ୱାୟତ୍ତତା ତଥା ୨୦୧୯ ଅଗଷ୍ଟ ପୂର୍ବର ସାମ୍ବିଧାନିକ ସ୍ଥିତିର ଉଲ୍ଲେଖ ଉପରେ ଆପତ୍ତି କରିଥିଲେ। ବିଜେପି କହିଛି ଯେ, ଏହା ରାଜ୍ୟ ମାନ୍ୟତାକୁ ସମର୍ଥନକରେ କିନ୍ତୁ ସେହି ଦାବିକୁ ଅଞ୍ଚଳର ପୂର୍ବତନ ସ୍ୱତନ୍ତ୍ର ମାନ୍ୟତା ସହିତ ଯୋଡିବାକୁ ବିରୋଧ କରେ। ବିଜେପି ବିଧାୟକ ପ୍ରତିବାଦ କରି କକ୍ଷତ୍ୟାଗ କରିବା ପରେ ପ୍ରସ୍ତାବକୁ ବାଚନିକ ଭୋଟରେ ପାରିତ କରାଯାଇଥିଲା।

# ଇଣ୍ଡି ମେଣ୍ଟ ବୈଠକରେ ଯୋଗ ଦେବେନି ଅଖିଳେଶ

ଲକ୍ଷ୍ନୌ: ଉତ୍ତରପ୍ରଦେଶରେ ୨୦୨୭ ବିଧାନସଭାନିର୍ବାଚନ ପୂର୍ବରୁ ସମାଜବାଦୀ ପାର୍ଟି (ସପା) ଓ କଂଗ୍ରେସ ମଧ୍ୟରେ ଆସନ ବୁଝାମଣାକୁ ନେଇ ମତଭେଦ ଦେଖାଦେଇଛି। ଏହି ସମୟରେ ସେପ୍ଟେମ୍ବର ୩୦ରେ ନୂଆଦିଲ୍ଲୀରେ ହେବାକୁ ଥିବା ଇଣ୍ଡିମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ସପା ମୁଖ୍ୟ ଅଖିଳେଶ ଯାଦବ ନିଜେ ଯୋଗ ଦେବେ ନାହିଁ। ତାଙ୍କ ବଦଳରେ ଦଳର ଜଣେ ବରିଷ୍ଠ ନେତା ବୈଠକରେ ସପାର ପ୍ରତିନିଧିତ୍ୱ କରିବେ। ସପା ପକ୍ଷରୁ କୁହାଯାଇଛି ଯେ ଉତ୍ତରପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ପ୍ରାର୍ଥୀ ଚୟନ ଓ ଅନ୍ୟ ଦଳୀୟ କାର୍ଯ୍ୟକ୍ରମରେ ଅଖିଳେଶ ବ୍ୟସ୍ତ ରହିବେ। ତେଣୁ ସେ ବୈଠକରେ ଯୋଗ ଦେଉନାହାନ୍ତି। ତେବେ ଦଳୀୟ ସୂତ୍ରକୁ ଉଦ୍ଧୃତ କରି ରିପୋର୍ଟରେ କୁହାଯାଇଛି ଯେ କଂଗ୍ରେସର ଶୀର୍ଷ ନେତୃତ୍ୱ ସହ ଆସନ ବୁଝାମଣା ଆଲୋଚନାକୁ ଏହି ସମୟରେ ଏଡ଼ାଇବା ମଧ୍ୟ ଏହାର ଏକ କାରଣ ହୋଇପାରେ।

# ନେପାଳରେ ପ୍ରବଳ ବର୍ଷା ଓ ବନ୍ୟା, ୨୧ ମୃତ ଓ ୫ ନିଖୋଜ

କାଠମାଣ୍ଡୁ : ନେପାଳରେ ଗତ ୪ ଦିନ ଧରି ଲଗାଣ ବର୍ଷା ଜାରି ରହିଥିବାରୁ ବନ୍ୟା ସ୍ଥିତି ଗମ୍ଭୀର ରହିଛି। ଦେଶର ବିଭିନ୍ନ ଅଂଶରେ ଭୂସ୍ଖଳନ ଯୋଗୁ ଅତି କମ୍ରେ ୨୧ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନ୍ୟ ୫ ଜଣ ନିଖୋଜ ଅଛନ୍ତି। ସେପ୍ଟେମ୍ବର ୨୪ରୁ ୨୭ ମଧ୍ୟରେ ଅତ୍ୟନ୍ତ ଖରାପ୍ ପାଗ ଯୋଗୁ ପ୍ରାୟ ୩ହଜାର ଲୋକଙ୍କୁ ଖାଲି କରାଯାଇଛି। ଅନେକ ଘରଦ୍ୱାର ଭାଙ୍ଗିରୁଜି ଯାଇଛି। କେନ୍ଦ୍ରୀୟ ନେପାଳର ନାରାୟଣୀ ନଦୀରେ ଜଳସ୍ତର ବିପଦ ସଙ୍କେତ ଟପି ପ୍ରବାହିତ ହୋଇଥିବାରୁ ସତର୍କ ସୂଚନା ଜାରି ହୋଇଛି। ଚିତୱନକୁ ସଂଯୋଗ କରୁଥିବା ଅନେକ ରାଜପଥ ଏବଂ ଦେଶର ବିଭିନ୍ନ ଅଂଶରେ ପ୍ରମୁଖ ରାସ୍ତା ଭୂସ୍ଖଳନ ଯୋଗୁ ବନ୍ଦ ରହିଛି। ବର୍ଷା ଲାଗି ରହିଥିବାରୁ ଆଗକୁ ବନ୍ୟା ସ୍ଥିତି ଅଧିକ ଗମ୍ଭୀର ହୋଇପାରେ ଏବଂ ଅଧିକ ସ୍ଥାନରେ ଭୂସ୍ଖଳନ ମଧ୍ୟ ହୋଇପାରେ।

## ବାଧ୍ୟତାମୂଳକ ତୃତୀୟ ଭାଷା ନୀତି ବିବାଦ

# ୬ଷ୍ଠ ଶ୍ରେଣୀ ପିଲାଙ୍କୁ ବାଦ୍ ଦିଅ : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ : ୩ ଭାଷା ନୀତିକୁ ନେଇ ବଡ଼ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ବର୍ତ୍ତମାନ ସିବିଏସ୍ଇ ବୋର୍ଡ ଅଧୀନରେ ୬ଷ୍ଠ ଶ୍ରେଣୀ ପିଲାଙ୍କୁ ମଧ୍ୟ ବାଧ୍ୟତାମୂଳକ ୩ ଭାଷା ନୀତିରୁ ମୁକ୍ତ କରିବାକୁ କହିଛନ୍ତି ସର୍ବୋଚ୍ଚ ଅଦାଲତ।ପୂର୍ବରୁ ସମାନ ନୀତି ୭ମ, ୮ମ ଓ ୯ମ ଶ୍ରେଣୀ ସିବିଏସ୍ଇ ପିଲାଙ୍କ ପାଇଁ ଲାଗୁ ହୋଇଛି। ଏବେ ସମାନ ନିୟମ ୬ଷ୍ଠ ଶ୍ରେଣୀ ପିଲାଙ୍କ ପାଇଁ ଲାଗୁ କରିବାକୁ ସିବିଏସଇକୁ ସୁପ୍ରିମକୋର୍ଟ କହିଛନ୍ତି।ଚଳିତ ବର୍ଷ ସିବିଏସଇ ୬ଷ୍ଠ ଶ୍ରେଣୀ ପିଲାଙ୍କୁ ୩ ଭାଷା ନୀତିରୁ ବାଦ ଦେବାକୁ କୌଣସି ଯୋଜନା ନଥିବା କେନ୍ଦ୍ର ସରକାର କହିବା ପରେ ସୁପ୍ରିମକୋର୍ଟଙ୍କ ଏପରି ନିର୍ଦ୍ଦେଶ ଆସିଛି। କେନ୍ଦ୍ର ସରକାର ଆହୁରି କହିଥିଲେ ଯେ ୯୯% ସିବିଏସ୍ଇ ସ୍କୁଲ ତୃତୀୟ ଭାଷା ନୀତିକୁ ଗ୍ରହଣ କରିଛନ୍ତି। ସେଠାରେ ଆବଶ୍ୟକ ବ୍ୟବସ୍ଥା ମଧ୍ୟ ରହିଛି। କେବଳ ୧.୨% ସ୍କୁଲ ପ୍ରଭାବିତ ହୋଇଥିଲା। ପ୍ରାୟ ୨୮୦୦ ସ୍କୁଲ ମଧ୍ୟରୁ ୬ଷ୍ଠ ଶ୍ରେଣୀର ସଦ୍ୟତମ ତଥ୍ୟ କହୁଛି ଯେ କେବଳ ୧.୨% ସ୍କୁଲ ପ୍ରଭାବିତ ହୋଇଛନ୍ତି। କିନ୍ତୁ କୋର୍ଟଙ୍କ କହିବା କଥା ଯେ ୭ମ ଶ୍ରେଣୀର ପିଲାମାନେ ଯେଉଁ ଭଳି ସୁବିଧା ପାଉଛନ୍ତି, ସମାନ ସୁବିଧା ୬ଷ୍ଠ ଶ୍ରେଣୀର ପିଲାଙ୍କୁ ମଧ୍ୟ ମିଳିବା ଦରକାର। ସେମାନଙ୍କ ପାଇଁ ଏହି ନୀତି ୨୦୨୭ ଏପ୍ରିଲ ୧ରୁ ଲାଗୁ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ।ବର୍ତ୍ତମାନ ୬ଷ୍ଠ ଶ୍ରେଣୀରେ ପଢୁଥିବା ପିଲାଙ୍କ ପାଇଁ ୩ ଭାଷା ନୀତି ବାଧ୍ୟତାମୂଳକ ହେବ ନାହିଁ। ବାଧ୍ୟତାମୂଳକ ଭାଷା ନୀତିର ଆବଶ୍ୟକତା କୋର୍ଟ ପରବର୍ତ୍ତୀ ସମୟରେ ବିଚାର କରିବେ ବୋଲି କହିଛନ୍ତି। ଶୁଣାଣି ବେଳେ ପାଠପଢ଼ାର ମଧ୍ୟ ଭାଗରେ ନୂଆ ଭାଷା ନୀତି ପିଲାଙ୍କ ପାଇଁ ଲାଗୁ କରିବା ଚିନ୍ତାର ବିଷୟ ବୋଲି କହିବାକୁ ପଛାଇ ନାହାନ୍ତି ସୁପ୍ରିମକୋର୍ଟ। ସିଜେଆଇ ସୂର୍ଯ୍ୟକାନ୍ତ ପରାମର୍ଶ ଦେଇ କହିଛନ୍ତି ଯେ ବରିଷ୍ଠ ଅଧିକାରୀଙ୍କୁ ନେଇ ଗୋଟିଏ କମିଟି ଆବେଦନକାରୀ ସ୍କୁଲଗୁଡ଼ିକ ପାଖରେ ପହଞ୍ଚନ୍ତୁ ଓ ସେମାନେ ସାମ୍ନା କରୁଥିବା ସମସ୍ୟାକୁ ବୁଝନ୍ତୁ। ଏହାପରେ ସମାଧାନର ରାସ୍ତା ବାହାର କରନ୍ତୁ। ତେବେ ଏହାରକୁ ଆବେଦନକାରୀଙ୍କ ଓକିଲ ଗୋପାଳ ଶଙ୍କରନାରାୟଣ ବିରୋଧ କରିଛନ୍ତି। ତାଙ୍କ କହିବା କଥା ଯେ ଏବେ କୌଣସି କମିଟି ସେମାନଙ୍କୁ ସହାୟତା କରିପାରିବ ନାହିଁ। ଏବେ କେବଳ ନିଷ୍ପତ୍ତି ଆବଶ୍ୟକ।ସେ କହିଛନ୍ତି ଯେ ୪ର୍ଥ ଶ୍ରେଣୀରୁ ନିର୍ଦ୍ଦିଷ୍ଟ ବିଷୟ ଓ ଭାଷା ପଢ଼ି ଆସୁଥିବା ପିଲାଙ୍କୁ ଏବେ ହଠାତ୍ ଭାଷା ବଦଳାଇବାକୁ ବାଧ୍ୟ କରାଯାଇ ପାରିବ ନାହିଁ। ଏହା ପିଲାଙ୍କ ଶିକ୍ଷାକୁ ଗଭୀର ଭାବେ ପ୍ରଭାବିତ କରିବ। ସେହିପରି ଆବେଦନକାରୀମାନେ ଆବଶ୍ୟକ ବହି ଉପଲବ୍ଧକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି।

# ଏଚ୍-୧ବି ଭିସା : କମ୍ପାନିଙ୍କୁ କଡ଼ା ଚେତାବନୀ ଦେଲେ ଜେଡି ଭାନ୍ସ

ୱାଶିଂଟନ: ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଆମେରିକୀୟ କର୍ମଚାରୀମାନଙ୍କୁ ବହିଷ୍କାର କରିବା ସହିତ ଏଚ୍-୧ବି କାର୍ଯ୍ୟକ୍ରମ ଅଧୀନରେ ଆମେରିକୀୟ କର୍ମଚାରୀଙ୍କୁ ବଦଳାଇବାକୁ ଚାହୁଁଥିବା କମ୍ପାନିଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ପଦକ୍ଷେପ ଏପରି ସମୟରେ ଆସିଛି ଯେତେବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଭିସାଧାରୀଙ୍କ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରୁଛନ୍ତି। ଯାହା ଫଳରେ ସେମାନଙ୍କ ପାଇଁ ଆମେରିକାରେ କାମ କରିବା କଷ୍ଟକର ହେଉଛି। ଏହା ବିଶେଷ କରି ଭାରତୀୟ ବୃତ୍ତିଗତମାନଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି, କାରଣ ଭାରତୀୟମାନେ ଆମେରିକାର ଏଚ୍-୧ବି ଭିସାର ସର୍ବାଧିକ ଲାଭାର୍ଥୀ ହୋଇଛନ୍ତି।ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରି,ଆମେରିକୀୟ ଉପରାଷ୍ଟ୍ରପତି ଲେଖିଛନ୍ତି ଯେ ତାଙ୍କ ସରକାର କମ୍ପାନିଗୁଡ଼ିକୁ ଆମେରିକୀୟ କର୍ମଚାରୀଙ୍କୁ ହ୍ରାସ କରି ସେମାନଙ୍କର କର୍ମଚାରୀ ଅଭାବ ଦାବି ରୋକିବା ପାଇଁ ଉପାୟ ବିଚାର କରୁଛି। ସେ କହିଛନ୍ତି ଯେ ଅନେକ କମ୍ପାନି ଏଚ୍-




୧ବି ପାଇଁ ଆବେଦନ କରନ୍ତି ଏବଂ କୁହନ୍ତି ଯେ ସେମାନେ କର୍ମଚାରୀ ପାଉନାହାନ୍ତି। ମାତ୍ର ଅପରପକ୍ଷରେ ସେମାନେ ୫ ହଜାର ଲୋକଙ୍କୁ ବହିଷ୍କାର କରିଥିବା ସେମାନଙ୍କର ରେକର୍ଡରୁ ଜଣାପଡ଼ିଥାଏ।ଭାନ୍ସ ତାଗିଦ୍ କରି କହିଛନ୍ତି, ଯଦି କୌଣସି କମ୍ପାନି ଆମେରିକୀୟ କର୍ମଚାରୀଙ୍କୁ ଛଟେଇ କରୁଛି, ତେବେ ସେମାନଙ୍କୁ ବିଦେଶୀ କର୍ମଚାରୀଙ୍କ ସହିତ ବଦଳାଯିବା ଉଚିତ୍ ନୁହେଁ। ଏଚ୍-୧ବି ଭିସା କାର୍ଯ୍ୟକ୍ରମ ଆମେରିକୀୟ କର୍ମଚାରୀଙ୍କୁ ବଦଳାଇବା ପାଇଁ ଉଦ୍ଦିଷ୍ଟ ନୁହେଁ। ଏଚ୍-୧ବିର ଉଦ୍ଦେଶ୍ୟ ଆମେରିକୀୟକର୍ମଚାରୀଙ୍କ ତୁଳନାରେ କମ୍ ଦରମା ପାଉଥିବା ବିଦେଶୀ କର୍ମଚାରୀଙ୍କ ସହିତ ବଦଳାଇବା ଉଚିତ୍ ନୁହେଁ। ଏହାର ଉଦ୍ଦେଶ୍ୟ ଆମେରିକୀୟ ଅର୍ଥନୀତିକୁ ସୁଦୃଢ଼ କରିବା ଉଚିତ୍।ସେପ୍ଟେମ୍ବର ୧୮ ତାରିଖରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରିଥିଲେ ଯେଉଁଥିରେ ସଂଘୀୟ ଏଜେନ୍ସିଗୁଡ଼ିକୁ ଏଚ୍-୧ବି ଆବେଦନଗୁଡ଼ିକର ସମୀକ୍ଷା କରିବା ସମୟରେ ନିଯୁକ୍ତିଦାତାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଛଟେଇ ବିଷୟରେ ବିଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା ଯେ, ନିଯୁକ୍ତିଦାତା ଏଚ୍-୧ବି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ସମୟରେ ଆମେରିକୀୟ କର୍ମଚାରୀମାନଙ୍କୁ ଯେପରି ଛଟେଇ ନକରିଥିବେ ତାହା ନିଶ୍ଚିତ କରିବେ।ଆମେ ଏଚ୍-୧ବି ଭିସା ବ୍ୟବସ୍ଥାରେ ହେଉଥିବା ଜାଲିଆତି ଦେଖିଲୁ ଏବଂ କଂଗ୍ରେସ ଆଇନ ପରିବର୍ତ୍ତନ ପାଇଁ ଅପେକ୍ଷା କରିବା ପରିବର୍ତ୍ତେ ପ୍ରଶାସନିକ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଲୁ ବୋଲି ଭାନ୍ସ ଚେତାବନୀ ଦେଇଛନ୍ତି।ଆମେରିକାର ଏଚ୍-୧ବି ଭିସା କାର୍ଯ୍ୟକ୍ରମ ଅଧୀନରେ କମ୍ପାନିଗୁଡ଼ିକ ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ, ଶିକ୍ଷା ଏବଂ ଗବେଷଣା ଭଳି ବିଶେଷ କ୍ଷେତ୍ରରେ ବିଦେଶୀ କର୍ମଚାରୀଙ୍କୁ ନିଯୁକ୍ତି ଦେଇପାରିବେ। ଆମେରିକା ପ୍ରତିବର୍ଷ ୬୫ ହଜାର ନିୟମିତ ଏଚ୍-୧ବି ଭିସା ଏବଂ ଆଡଭାନ୍ସ ଡିଗ୍ରୀ ଥିବା କର୍ମଚାରୀଙ୍କ ପାଇଁ ୨୦ ହଜାର ଭିସା ପ୍ରଦାନ କରିଥାଏ। ୨୦୨୫ ଆର୍ଥିକ ବର୍ଷରେ ଆମେରିକାର ଏଚ୍-୧ବି ଭିସାଧାରୀଙ୍କ ମଧ୍ୟରୁ ୭୦ ପ୍ରତିଶତରୁ ଅଧିକ ଭାରତୀୟ ଥିଲେ।ଟ୍ରମ୍ପ ପ୍ରଶାସନ ଏହି ଭିସା ପାଇବାକୁ ଅଧିକ ମହଙ୍ଗା ଏବଂ କଷ୍ଟକର କରିଛି, ଏବଂ କମ୍ପାନିଗୁଡ଼ିକ ଉପରେ ଯାଞ୍ଚ ମଧ୍ୟ ବୃଦ୍ଧି କରିଛି। ବର୍ଦ୍ଧିତ ଫି ଏବଂ କମ୍ପାନିଗୁଡ଼ିକ ଉପରେ ଯାଞ୍ଚର ବୃଦ୍ଧି ସ୍ପଷ୍ଟ ଭାବରେ ଭାରତୀୟମାନଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରିବ।

# କୁରାଶରେ ପିଙ୍କି ବଲହାରାଙ୍କୁ କାଂସ୍ୟ



ନାଗୋୟା, ୨୮।୯(ଏଜେନ୍ସି) :ଏସୀୟ କ୍ରୀଡ଼ା କୁରାଶ ପ୍ରତିଯୋଗିତାରେ ଭାରତର ପିଙ୍କି ବଲହାରା କାଂସ୍ୟ ପଦକ ହାସଲ କରିଛନ୍ତି। ସୋମବାର ମହିଳା ୭୮ କିଲୋଗ୍ରାମରୁ କମ୍ ଓଜନ ବର୍ଗର ସେମିଫାଇନାଲରେ ସେ ଦକ୍ଷିଣ କୋରିଆର ସୁମିନ ମୋଙ୍କଠାରୁ ୦-୫ରେ ପରାସ୍ତ ହୋଇ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେମିଫାଇନାଲ ମୁକାବିଲାରେ ବଲହାରାଙ୍କୁ 'ଡାକ୍କି' (ପେନାଲ୍ଟି) ମିଳିଥିବା ବେଳେ ସୁମିନ ମୋ 'ୟୋନବୋଶ୍' ପଏଣ୍ଟ ହାସଲ କରିଥିଲେ। ଏସୀୟ କ୍ରୀଡ଼ାରେ ଏହା ବଲହାରାଙ୍କ ଦ୍ୱିତୀୟ ପଦକ। ପୂର୍ବରୁ ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ସେ ମହିଳା ୫୨ କିଲୋଗ୍ରାମରୁ କମ୍ ଓଜନ ବର୍ଗରେ ରୌପ୍ୟ ପଦକ ଜିତିଥିଲେ। ସେହି ସଂସ୍କରଣରେ କୁରାଶକୁ ପ୍ରଥମ ଥର ପାଇଁ ଏସୀୟ କ୍ରୀଡ଼ାରେ ସାମିଲ କରାଯାଇଥିଲା। ଏହାସହିତ କୁରାଶରେ ଏକାଧିକ ପଦକ ଜିତିବାରେ ସେ

କୁରାଶ ହେଉଛି ଉଜବେକିସ୍ତାନର ଏକ ପାରମ୍ପରିକ ସମର କଳା। ଏହି ଖେଳର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛିଡ଼ା ହୋଇଥିବା ଅବସ୍ଥାରେ ପ୍ରତିଦ୍ୱନ୍ଦ୍ୱୀଙ୍କୁ କୌଶଳ ପ୍ରୟୋଗ କରି ପିଠି ଉପରେ ତଳେ ପକାଇବା। ଜୁଡୋ ସହ ଏହାର କେତେକ ସମାନତା ରହିଛି। କିନ୍ତୁ ଜୁଡୋ ଭଳି କୁରାଶରେ ଦୀର୍ଘ ସମୟ ଧରି ଭୂମି ଉପରେ ଲଢ଼େଇ କରିବାର ବ୍ୟବସ୍ଥା ନାହିଁ। ୨୦୧୮ ଜାକର୍ତ୍ତା ଏସୀୟ କ୍ରୀଡ଼ାରେ ଏହି କ୍ରୀଡ଼ାକୁ ପ୍ରଥମ ଥର ପାଇଁ ସାମିଲ କରାଯାଇଥିଲା।

## କାଂସ୍ୟରେ ଖୁସି ନାହାଁନ୍ତି ଶଙ୍କର

ନାଗୋୟା : ଜାତୀୟ ରେକର୍ଡଧାରୀ ଡେକାଥଲନ୍ ଖେଳାଳି ତେଜସ୍ୱିନ ଶଙ୍କର ଚଳିତ ଏସୀୟ କ୍ରୀଡ଼ାରେ କାଂସ୍ୟ ପଦକ ଜିତିଛନ୍ତି। ରବିବାର ଅନୁଷ୍ଠିତ ପ୍ରତିଯୋଗିତାରେ ସେ ମୋଟ ୭୯୩୪ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଥିଲେ। ଗତ ସଂସ୍କରଣରେ ରୌପ୍ୟ ପଦକ ଜିତିଥିବା ତେଜସ୍ୱିନଙ୍କୁ ଏଥର କାଂସ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟପକ୍ଷରେ ଜାପାନର ୟୁମା ମୁରୁୟାମା ୮୧୨୩ ପଏଣ୍ଟ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଗତ ସଂସ୍କରଣରେ ମୁରୁୟାମା କାଂସ୍ୟ ପଦକ ଜିତିଥିଲେ। ତେବେ କାଂସ୍ୟ ପଦକ ଜିତିବା ସତ୍ତ୍ୱେ ନିଜ ପ୍ରଦର୍ଶନକୁ ନେଇ ତେଜସ୍ୱିନ ଘୋର ନିରାଶା ପ୍ରକାଶ କରିଛନ୍ତି। ସେ କହିଛନ୍ତି, "ତୃତୀୟ ସ୍ଥାନ ହାସଲ କରିବା ମୋର ଲକ୍ଷ୍ୟ ନଥିଲା। ଏହି କାଂସ୍ୟ ପଦକର ବୋଝକୁ ମୋତେ ଦୂର କରିବାକୁ ପଡ଼ିବ। ଏବେ ମୁଁ ବହୁତ ନିରାଶ।

## ସୁଟିଂ ରୌପ୍ୟ ଜିତିଲେ ଇଶା



ନାଗୋୟା :ଭାରତର ଇଶା ସିଂହ ୨୫ ମିଟର ଏୟାର ପିସ୍ତଲରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ସେ ମାତ୍ର ଗୋଟିଏ ପଏଣ୍ଟରେ ସ୍ୱର୍ଣ୍ଣ ହାତଛଡ଼ା କରିଥିଲେ। ଚୀନର ସିଆଓ ଜିଆରୁଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଫାଇନାଲରେ ଇଶା ଓ ସିଆଓଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା। ଉଭୟ ୩୮ ହିଟ୍ ସହ ଫାଇନାଲ୍ ଶେଷ କରିଥିଲେ। କିନ୍ତୁ ସୁଟ୍ଆଉଟ୍ରେ ଇଶା ଗୋଟିଏ ପଏଣ୍ଟ ପଛରେ ପଡ଼ିଯାଇଥିଲେ। ସେ ଏହା ପୂର୍ବରୁ ଦଳଗତ ଇଭେଣ୍ଟରେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ଦଳଗତ ପ୍ରତିଯୋଗିତାରେ ଭାରତ ପଞ୍ଚମ ସ୍ଥାନରେ ରହିଥିଲା। ବିଶ୍ୱର ଏକ ନମ୍ବର ମାନ୍ୟତାପ୍ରାପ୍ତ ତଥା ବିଶ୍ୱ ରେକର୍ଡଧାରୀ ଇଶା ୨୦୨୩ ହାଙ୍ଗଝୁ ଏସୀୟ କ୍ରୀଡ଼ା ୨୫ ମିଟର ଏୟାର ପିସ୍ତଲର ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିବା ବେଳେ ଦଳଗତ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହା ସହିତ ୧୦ ମିଟର ବ୍ୟକ୍ତିଗତ ଓ ଦଳଗତରେ ବି ସେ ରୌପ୍ୟ ହାସଲ କରିଥିଲେ।

## ଏଥର ମନୁ ଭାକର ନିରାଶ



ନାଗୋୟା : ଦୁଇ ଥରର ଅଲିମ୍ପିକ ପଦକ ବିଜୟିନୀ ମନୁ ଭାକର ଏଥର ଏସୀୟ କ୍ରୀଡ଼ାରେ ନିରାଶ କରିଛନ୍ତି। ସେ ଗୋଟିଏ ବି ପଦକ ଜିତିବାରେ ସକ୍ଷମ ହୋଇପାରି ନାହାନ୍ତି। ସୋମବାର ମହିଳା ୨୫ ମିଟର ପିସ୍ତଲ ଇଭେଣ୍ଟରେ ସେ ଫାଇନାଲକୁ ଯୋଗ୍ୟତା ହାସଲ କରିପାରିନଥିଲେ। ଏହି ଇଭେଣ୍ଟରେ ମନୁ ଭାକର ମୋଟ ୫୭୯ ସ୍କୋର କରି ୧୧ତମ ସ୍ଥାନରେ ରହିଥିଲେ। ଏହା ପୂର୍ବରୁ ମହିଳା ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ମଧ୍ୟ ସେ ଆଶାନୁରୂପ ପ୍ରଦର୍ଶନ କରିପାରିନଥିଲେ ଏବଂ ପଞ୍ଚମ ସ୍ଥାନରେ ରହିଥିଲେ। ଦଳଗତ ଇଭେଣ୍ଟରେ ମଧ୍ୟ ଭାରତ ପଦକ ଦୌଡ଼ରେ ଥିଲା। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ସମୟରେ ରାହି ସର୍ଣ୍ଣୋବତଙ୍କ ଏକ ଖରାପ ସଟ୍ ଭାରତର ପଦକ ଆଶାକୁ ଧକ୍କା ଦେଇଥିଲା। ପ୍ରତି ସିରିଜରେ ୫ଟି ଲେଖାଏଁ ସଟ୍ ଥିବା ବେଳେ ଚତୁର୍ଥ ସିରିଜ୍ରେ ରାହି ମାତ୍ର ୩୯ ସ୍କୋର କରିଥିଲେ। ଏହାର ପ୍ରଭାବରେ ପଦକ ଦୌଡ଼ରୁ ଭାରତ ବାଦ୍ ପଡ଼ିଥିଲା। ରାହି ବ୍ୟକ୍ତିଗତ ଭାବେ ୫୬୮ ସ୍କୋର ସହ ୩୦ତମ ସ୍ଥାନରେ ରହିଛନ୍ତି।

## ଏସୀୟ କ୍ରୀଡ଼ା କ୍ରିକେଟ୍ ସେମିରେ ଭାରତ, ପାକିସ୍ତାନ

ନିସିନ୍: ଚଳିତ ଏସୀୟ କ୍ରୀଡ଼ା କ୍ରିକେଟର ପ୍ରଥମ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ସୋମବାର ପାକିସ୍ତାନ ଓ ହଂକଂ ମଧ୍ୟରେ ଖେଳାଯିବାକୁ ଥିଲେ ବି ତାହା ବର୍ଷା ଯୋଗୁଁ ବାତିଲ ହୋଇଯାଇଛି। ପୂର୍ବ ରାତିରେ ନିସିନରେ ଲଗାଣ ବର୍ଷା ଯୋଗୁଁ ପଡ଼ିଆରେ ପାଣି ଜମି ରହିଥିଲା। ଏହି କାରଣରୁ ଟସ୍ ମଧ୍ୟ ପଡ଼ିପାରି ନଥିଲା। ଏହାକୁ ଦୃଷ୍ଟିରେ ରଖି ମ୍ୟାଚ୍ ରେଫରି ଭି.ନାରାୟନନ୍ କୁଚିଁ ଏହି ମ୍ୟାଚକୁ ରଦ୍ଦ ଘୋଷଣା ଓ ହଂକଂ ମଧ୍ୟରେ ଖେଳାଯିବାକୁ ଥିଲେ ବି ତାହା ବର୍ଷା ଯୋଗୁଁ ବାତିଲ ହୋଇଯାଇଥିଲା। ପଡ଼ିଆ ପର୍ଯ୍ୟବେକ୍ଷଣ ପରେ ମ୍ୟାଚ୍ ରେଫରି ଭି.ନାରାୟନନ୍ କୁଚିଁ ଏହି ମ୍ୟାଚ୍କୁ ରଦ୍ଦ ଘୋଷଣା କରିଥିଲେ। ହଂକଂ ତୁଳନାରେ ଉଚ୍ଚ ଆଇସିସି ମାନ୍ୟତା ଯୋଗୁଁ ପାକିସ୍ତାନ ସେମିଫାଇନାଲ୍କୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ବିନା ମୁକାବିଲାରେ ହଂକଂ ପ୍ରତିଯୋଗିତାରୁ ବିଦାୟ ନେଇଛି। ଅକ୍ଟୋବର ୧ରେ



କରିଥିଲେ। ଏହା ସତ୍ତ୍ୱେ ଆଇସିସି ମାନ୍ୟତାରେ ଉଚ୍ଚରେ ଥିବାରୁ ଭାରତ ସେମିଫାଇନାଲ୍ରେ ପ୍ରବେଶ କରିଛି। ଗୁରୁବାର ଦ୍ୱିତୀୟ ସେମିଫାଇନାଲ୍ରେ ଭାରତର ମୁକାବିଲା ଶ୍ରୀଲଙ୍କା ଓ ନେପାଳ ମଧ୍ୟରେ ହେବାକୁ ଥିବା ତୃତୀୟ କ୍ୱାର୍ଟରଫାଇନାଲରେ ବିଜେତା ସହ ଖେଳାଯିବ। ଏହା ପୂର୍ବରୁ ପ୍ରଥମ କ୍ୱାର୍ଟରଫାଇନାଲ୍ ମ୍ୟାଚ୍ ସୋମବାର ପାକିସ୍ତାନ ହେବାକୁ ଥିବା ପ୍ରଥମ ସେମିଫାଇନାଲରେ ପାକିସ୍ତାନର ମୁକାବିଲା ବାଂଲାଦେଶ ଓ ମାଲେସିଆ ମଧ୍ୟରେ ହେବାକୁ ଥିବା ଚତୁର୍ଥ କ୍ୱାର୍ଟରଫାଇନାଲ୍ ବିଜେତା ସହ ହେବ। ଯଦି ଭାରତ ଓ ପାକିସ୍ତାନ ନିଜ ନିଜର ସେମିଫାଇନାଲ୍ ମ୍ୟାଚ୍ ଜିତନ୍ତି ତେବେ ଫାଇନାଲ୍ରେ ଏକ ଐତିହାସିକ ମୁକାବିଲା ଦେଖିବାକୁ ମିଳିପାରେ।

## ରାଜ୍ୟ ହ୍ୟାଣ୍ଡବଲ ପରିଚାଳନା କମିଟିରେ ବାଇଗୁଣିଆ ଯୁବକ

ଭାପୁର ,(ସବ୍ୟୁ): ରାଜ୍ୟ ହ୍ୟାଣ୍ଡବଲ ସଂଘ କାର୍ଯ୍ୟକାରିଣୀରେ ନୟାଗଡ଼ ଜିଲ୍ଲା ସମ୍ପାଦକ ବିଷ୍ଣୁପ୍ରସାଦ ପଟ୍ଟନାୟକ ସ୍ଥାନ ପାଇଛନ୍ତି । ଜିଲ୍ଲାରୁ ସେ ଏକମାତ୍ର ବ୍ୟକ୍ତି ଯେ କି ପ୍ରଥମ ଥର ପାଇଁ ଏହି ସମ୍ମାନ ପାଇଛନ୍ତି ।ଭାପୁର ବ୍ଲକ ବାଇଗୁଣିଆ ଗ୍ରାମର ବିଷ୍ଣୁ ପ୍ରସାଦ ଆସନ୍ତା ଚାରି ବର୍ଷ ପାଇଁ କାର୍ଯ୍ୟ ସମ୍ପାଦନ କରିବେ ।ଚଳିତ ମାସ ୬ ତାରିଖରେ ପୁରୀ ଝାଡେଶ୍ୱରୀ କ୍ଲବରେ ଆୟୋଜିତ ରାଜ୍ୟ ବାର୍ଷିକ ଅଧିବେଶନରେ ତାଙ୍କ ନାମ ସର୍ବସମ୍ମତିକ୍ରମେ ଗୃହୀତ ହୋଇ ପରିଚାଳନା କମିଟିରେ ସ୍ଥାନ ପାଇଛି ।ତାଙ୍କ ନାମ ଘୋଷଣା ହେବା ପରେ ଜିଲ୍ଲା ହ୍ୟାଣ୍ଡବଲ ଖେଳପ୍ରେମୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି । ତାଙ୍କ ଉଦ୍ୟମରେ ଜିଲ୍ଲାରେ ଆସନ୍ତା ବର୍ଷମାନଙ୍କରେ କ୍ରିଡାକୁ ତୃଣମୂଳ ସ୍ତରରେ ଅଧିକ ଆଦୃତ ପାଇବା ସହ ଜିଲ୍ଲାରୁ ଅଧିକ ପ୍ରତିଭା ଚିହ୍ନଟ କରାଯାଇ ରାଜ୍ୟ ତଥା ଦେଶ ପାଇଁ ପ୍ରତିନିଧି କରିବେ ବୋଲି ଆଶା କରାଯାଉଛି ।

## ଭାରତକୁ ମିଳିଲା ଡବଲ୍ ମେଡାଲ୍

ନାଗୋୟା, ୨୮।୯(ଏଜେନ୍ସି) : ଏସିଆନ ଗେମ୍ସ ୨୦୨୬ର ଜାଭେଲିନରେ ଭାରତର ଦମଦାର ପ୍ରଦର୍ଶନ। ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ନୀରଜ ଚୋପ୍ରା ଏସିଆନ ଗେମ୍ସରେ ନଥିଲେ ମଧ୍ୟ ଜାଭେଲିନର ପୁରୁଷ ବର୍ଗରେ ଭାରତକୁ ମିଳିଛି ଡବଲ ପଦକ। ଭାରତ ଉଭୟ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିବାକୁ ସକ୍ଷମ ହୋଇଛି।ଭାରତର ଯଶବୀର ସିଂହ ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ ୮୫.୭୨ ମିଟର ସହ ରୌପ୍ୟ ପଦକ ପାଇଛନ୍ତି। ସେହିପରି ରୋହିତ ଯାଦବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ୮୪.୩୫ ମିଟର ଦୂରକୁ ଜାଭେଲିନ ଫିଙ୍ଗିଛନ୍ତି। ଶ୍ରୀଲଙ୍କାର ରମେଶ ପଥିରାଗେ ସମସ୍ତଙ୍କ ଆଶା ଅନୁସାରେ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ୯୦ ମିଟର ମାର୍କ ଅତିକ୍ରମ କରିପାରି ନାହାନ୍ତି। ତଥାପି ୮୮.୫୫ ମିଟର ପ୍ରଦର୍ଶନ ସହ ପ୍ରଥମ ସ୍ଥାନ ଦଖଲ କରିଛନ୍ତି।ପାକିସ୍ତାନର ଅର୍ଶଦ ନଦୀମ ୮୦.୨୯ ଦୂରତା ସହ ୪ର୍ଥ ସ୍ଥାନରେ ରହିଛନ୍ତି। ନଦୀମ ୨୦୨୪ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେ ୯୦ ମିଟର ଦୂରତା ଅତିକ୍ରମ କରିଥିଲେ। ହେଲେ ଏବେ ସେ ଆଶା ଅନୁସାରେ ଆଦୌ ପ୍ରଦର୍ଶନ କରିପାରି ନାହାନ୍ତି। ଏସିଆନ ଗେମ୍ସ ଜାଭେଲିନ ଥ୍ରୋରେ ନୀରଜ ଚୋପ୍ରା ଆରମ୍ଭରୁ ରହିଥିଲେ। କିନ୍ତୁ ଆହତ ସମସ୍ୟା ଯୋଗୁ ତାଙ୍କୁ ଏସିଆନ ଗେମ୍ସରୁ ବାଦ କରାଯାଇଥିଲା। ଏହାପରେ ଜାଭେଲିନରେ ଭାରତର ପଦକ ଜିତିବା ଆଶା ମଉଳି ଯାଇଥିଲା। ହେଲେ ରୋହିତ ଓ ଯଶବୀର ଭାରତର ସମ୍ମାନ ରଖିଛନ୍ତି। ଇଭେଣ୍ଟ ଆରମ୍ଭରୁ ରୋହିତ ୧ ନମ୍ବର ଓ ଯଶବୀର ଦୁଇ ନମ୍ବରରେ ରହିଥିଲେ। ରମେଶ ଓ ନଦୀମ ଯଥେଷ୍ଟ ପଛରେ ପଡ଼ିଥିଲେ। କିନ୍ତୁ ରମେଶ ୪ର୍ଥ ପ୍ରୟାସରେ ନିଜର ଶ୍ରେଷ୍ଠ ଥ୍ରୋ କରିଥିଲେ। ଯଶବୀର ମଧ୍ୟ ଦମଦାର ପ୍ରଦର୍ଶନ କରି ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ କରିଥିଲେ। ସେ ୮୫.୭୨ ମିଟର ଦୂରତାକୁ ଜାଭେଲିନ ଫିଙ୍ଗିବା କ୍ଷଣି ତୃତୀୟ ସ୍ଥାନରୁ ଦ୍ୱିତୀୟକୁ ଉଠିଥିଲେ। ପୂର୍ବରୁ ଦ୍ୱିତୀୟରେ ଥିବା ରୋହିତ ତୃତୀୟକୁ ଖସି ଯାଇଥିଲେ।

## ରାଜ୍ୟସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତାର ସିଦ୍ଧିକ୍ଷାଙ୍କୁ ରୌପ୍ୟ

ବେତନଟୀ ,(ସବ୍ୟୁ): କେଉଁଝରଠାରେ ଆୟୋଜିତ ୭୦ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ ଦକ୍ଷତା ପ୍ରଦର୍ଶନ ପୂର୍ବକ ତାଇକୋଣ୍ଡୋରେ ରୌପ୍ୟପଦକ ବିଜେତା ସିଦ୍ଧିକ୍ଷା ନାୟକ ।ତାଙ୍କୁ ରବିବାର ବେତନଟୀ ଠାରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବେତନଟୀ ବଙ୍ଗଳାଛକସ୍ଥିତ ଜାତୀୟ ରାଜପଥ ଡାକବଙ୍ଗଳା ପରିସରରେ ସମାଜସେବୀ ଡମ୍ବରୁଧର ମହାନ୍ତଙ୍କ ସଭାପତିତ୍ୱମ୍ବର୍ଦ୍ଧନା ପର୍ବ ଆୟୋଜିତ ହୋଇଥିଲା ।ଗତ ୨୧ତାରିଖ ଠାରୁ ୨୪ତାରିଖ ପର୍ଯ୍ୟନ୍ତ କେଉଁଝରସ୍ଥିତ ଏନ.ଏସ ସରକାରୀ ପୋଲିସ ହାଇସ୍କୁଲ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବଛାବଛା ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ



କରିଥିଲେ । ବେତନଟୀର ସିଦ୍ଧିକ୍ଷା ନାୟକ, ଶୁଭ୍ରାଂଶୁ ବେହୁରିଆ ଏବଂ ମହିତୋଷ ମହାନ୍ତ ପ୍ରମୁଖ ପ୍ରତିଯୋଗୀ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ କରି ଦକ୍ଷତା ପ୍ରତିପାଦନ କରିବାରେ ସଫଳ ହୋଇଥିଲେ । ସିଦ୍ଧିକ୍ଷା ନାୟକ ରୌପ୍ୟପଦକ ହାସଲ କରି ସମଗ୍ର ମୟୂରଭଞ୍ଜ ଜିଲ୍ଲା ସମେତ ବେତନଟୀ ପାଇଁ ଗୌରବ ଆଣିଦେଇଛନ୍ତି ।ସିଦ୍ଧିକ୍ଷାଙ୍କ ଏହି ଉଲ୍ଲେଖନୀୟ ସଫଳତା ଉପଲକ୍ଷେ ବେତନଟୀ ଡାକବଙ୍ଗଳାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଇଂ. ସୁଶାନ୍ତ ବଳ, ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ା ଏବଂ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରସନ୍ନ ମହାନ୍ତି, ସତ୍ୟକାମ ପଣ୍ଡା, ଖଡ଼ିଶୋଳ ପଞ୍ଚାୟତର ପୂର୍ବତନ ସରପଞ୍ଚ କୃଷ୍ଣକୁମାର ଟୁଡ୍ଡୁ, ବରିଷ୍ଠ ଜାତୀୟସ୍ତରୀୟ ରେଫରୀ ହିମାଂଶୁଚନ୍ଦ୍ର ମହାନ୍ତ ( ଚିଠି), ବେତନଟୀ କୋଚ ତଥା ଜାତୀୟ ରେଫ୍ରୀ ବ୍ଲାକବେଲଫ ଗୌତମ ମହାନ୍ତ, ପୂର୍ବତନ ଖେଳାଳୀ କିଶୋର ବିନ୍ଧାଣୀ, ରାକେଶ ମହାନ୍ତ, ଗରୁଡ଼ବସା ଆଦର୍ଶ ବିଦ୍ୟାଳୟର କ୍ରୀଡ଼ାଶିକ୍ଷକ ସନ୍ତୋଷ ବେହୁରିଆ ପ୍ରମୁଖ ଉପସ୍ଥିତ ରହି ସିଦ୍ଧିକ୍ଷାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

## ୧୯ ବର୍ଷରୁ କମ ରାଜ୍ୟ କ୍ରିକେଟରେ ନିମାପଡ଼ା ପୁଅ ମୟଙ୍କ

ନିମାପଡ଼ା ,(ସବ୍ୟୁ) : ୧୯ ବର୍ଷରୁ କମ ରାଜ୍ୟ କ୍ରିକେଟ ଦଳରେ ସ୍ଥାନ ପାଇଛନ୍ତି ନିମାପଡ଼ା ମାଟିର ପୁଅ ମୟଙ୍କ ପଟ୍ଟନାୟକ । ଯୁବ ପ୍ରତିଭା ମୟଙ୍କ ଦଳରେ ସ୍ଥାନ ପାଇ ନିମାପଡ଼ା ପାଇଁ ଗର୍ବ ଓ ଗୌରବ ଆଣିବା ସହିତ କ୍ରିକେଟ ପ୍ରେମୀଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି । ଏହା ପୂର୍ବରୁ ମୟଙ୍କ ୧୬ ବର୍ଷରୁ କମ ରାଜ୍ୟ କ୍ରିକେଟ ଦଳରେ ସ୍ଥାନ ପାଇଖେଳିବାର ସୁଯୋଗ ପାଇଥିଲେ । ସେ ବିଭିନ୍ନ ସ୍ଥାନରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତାରେ ଖେଳି ଅନେକ ସଫଳତା ହାସଲ କରିଛନ୍ତି । ତାଙ୍କୁ ଆହୁରି ଆଗକୁ ବଢିବା ପାଇଁ ତାହା ପ୍ରେରଣା ଯୋଗାଇଛି ବୋଲି କ୍ରିକେଟ



ପ୍ରେମୀ କୁହନ୍ତି । କ୍ରିକେଟ ଖେଳ ପ୍ରତି ମୟଙ୍କ ଆନ୍ତରିକତା ଓ ନିଷ୍ଠା ଥିବା ଯୋଗୁଁ ସେ ସଫଳତାର ସିଢ଼ି ଚଢୁଛି ବୋଲି ମା ସସ୍ମିତା ମିଶ୍ର ଓ ବାପା ସମ୍ବିତ ପଟ୍ଟନାୟକ କହିଛନ୍ତି ।ପ୍ରାକ୍ତନ ମନ୍ତ୍ରୀ, ବିଜେପି ପ୍ରବକ୍ତା ତଥା ନିମାପଡ଼ା ଆଥଲେଟିକ ଆସୋସିଏସନର ସଭାପତି ସମୀର ରଞ୍ଜନ ଦାଶ, ସମ୍ପାଦକ ଜୀବନାନନ୍ଦ ମହାପାତ୍ର,ଉପ ସଭାପତି ଧୀରେନ ବରାଳ, କ୍ରିକେଟ ସମ୍ପାଦକ ଅକ୍ଷୟ ବେହେରା, ସୌମ୍ୟ ଶେଖର ମହାନ୍ତି,ଅମ୍ପେୟାର ସତ୍ୟେନ୍ଦ୍ର ମୋହନ ମହାନ୍ତି ପ୍ରମୁଖ ମୟଙ୍କଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ସଫଳତା କାମନା କରିବା ସହିତ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ସୂଚନା
ସମୟ BHIM SCAN & PAY
ASHIRBAD PRAKASHAN PVT.LTD.
[illegible] classifiedsamaya@gmail.com [illegible]

## ମହିଳା ମଲ୍ଲଯୋଦ୍ଧା ଯୌନ ନିର୍ଯାତନା ମାମଲା
# ବ୍ରିଜଭୂଷଣଙ୍କୁ ନୋଟିସ୍



ନୂଆଦିଲ୍ଲୀ, ୨୮।୯(ଏଜେନ୍ସି) : କୁସ୍ତି ମହାସଂଘର ପୂର୍ବତନ ସଭାପତି ତଥା ବିଜେପି ନେତା ବ୍ରିଜଭୂଷଣ ଶରଣ ସିଂହ ଏବଂ ସହ-ଅଭିଯୁକ୍ତ ବିନୋଦ ତୋମରଙ୍କୁ ମହିଳା ମଲ୍ଲଯୋଦ୍ଧା ଯୌନ ନିର୍ଯାତନା ମାମଲାରେ ଏକ ନୋଟିସ୍ ମିଳିଛି। ଯୌନ ନିର୍ଯାତନା ମାମଲାରେ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ନିର୍ଦ୍ଦୋଷରେ ଖଲାସ ରାୟକୁ ଚ୍ୟାଲେଞ୍ଜ କରିବା ପାଇଁ ଚାରି ଜଣ ମହିଳା ମଲ୍ଲଯୋଦ୍ଧା ସେସନ୍ସ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ଆବେଦନର ଶୁଣାଣି କରି ସେସନ୍ସ କୋର୍ଟ ବ୍ରିଜଭୂଷଣ ଶରଣ ସିଂହ ଏବଂ ବିନୋଦ ତୋମର ଉଭୟଙ୍କୁ ନୋଟିସ୍ ଜାରି କରି ଜବାବ୍ ତଲବ କରିଛନ୍ତି। ମାମଲାର ଗମ୍ଭୀରତାକୁ ବିଚାର କରି,ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟର ସେସନ୍ସ କୋର୍ଟ ବ୍ରିଜଭୂଷଣ ଶରଣ ସିଂହ ଏବଂ ବିନୋଦ ତୋମରଙ୍କୁ ଅକ୍ଟୋବର ୯ ସୁଦ୍ଧା ସେମାନଙ୍କର ଜବାବ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବାରୁ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ରାୟକୁ ଚାରି ଜଣ ମହିଳା ମଲ୍ଲଯୋଦ୍ଧା ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଆବେଦନକାରୀମାନେ ଯୁକ୍ତି ବାଢ଼ିଛନ୍ତି ଯେ,ମାଜିଷ୍ଟ୍ରେଟ୍ କୋର୍ଟଙ୍କ ନିର୍ଦ୍ଦୋଷରେ ଖଲାସ ରାୟ ଆଇନ ଦୃଷ୍ଟିରେ ଆଇନଗତ ଭାବେ ସୁସଙ୍ଗତ ନୁହେଁ। ଟ୍ରାଏଲ୍ କୋର୍ଟ ମାମଲାରେ ଉପସ୍ଥାପିତ ପ୍ରମାଣକୁ ଭୁଲ୍, ଅସମ୍ପୂର୍ଣ୍ଣ ଦର୍ଶାଇ କୋର୍ଟ ଚୟନମୂଳକ ମୂଲ୍ୟାଙ୍କନ କରି ରାୟ ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଆବେଦନରେ କୁହାଯାଇଛି ଯେ, ଦୋଷମୁକ୍ତ କରିବା ପାଇଁ ଆଦେଶ ପୀଡିତାଙ୍କ ଆଚରଣ ସମ୍ପର୍କରେ ସମାଜର ପୁରୁଣା ଏବଂ ରକ୍ଷଣଶୀଳ ଚିନ୍ତାଧାରା ଉପରେ ଆଧାରିତ, ଯାହା ନ୍ୟାୟସଙ୍ଗତ ନୁହେଁ।ବ୍ରିଜଭୂଷଣଙ୍କ ବିରୋଧରେ ମହିଳା ମଲ୍ଲଯୋଦ୍ଧାମାନଙ୍କ ଦ୍ୱାରା ଲଗାଯାଇଥିବା ଯୌନ ନିର୍ଯାତନା ଅଭିଯୋଗ ଦେଶବ୍ୟାପୀ ଉତ୍ତେଜନା ସୃଷ୍ଟି କରିଥିଲା। ବର୍ତ୍ତମାନ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ନିଷ୍ପତ୍ତିକୁ ସେସନ୍ସ କୋର୍ଟରେ ଚ୍ୟାଲେଞ୍ଜ କରାଯିବା ପରେ ଏହି ହାଇ-ପ୍ରୋଫାଇଲ୍ ମାମଲାରେ ଆଇନଗତ ଲଢ଼େଇ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି।

## ଇତିହାସ : ଗୋଟିଏ ଦିନରେ ୬ ଶତକ

ତିରୁଅନନ୍ତପୁରମ୍, ୨୮।୯(ଏଜେନ୍ସି) : ଅନ୍ତର୍ଜାତୀୟ କ୍ରିକେଟ୍ ଇତିହାସରେ ଗତ ରବିବାର ଏକ ନୂଆ ଅଧ୍ୟାୟ ଯୋଡ଼ି ହୋଇଛି। ପ୍ରଥମ ଥର ପାଇଁ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ଗୋଟିଏ ଦିନରେ ୬ଟି ଶତକ ହୋଇଛି। ରବିବାର ଖେଳାଯାଇଥିବା ତିନୋଟି ଦିନିକିଆ ମ୍ୟାଚରେ ବ୍ୟାଟରମାନଙ୍କ ଦବଦବା ଦେଖିବାକୁ ମିଳିଥିଲା। ତିରୁଅନନ୍ତପୁରମରେ ଭାରତ ଓ ୱେଷ୍ଟଇଣ୍ଡିଜ୍, ଜୋହାନ୍ସବର୍ଗରେ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ଏବଂ ଲଣ୍ଡନର ଦି ଓଭାଲରେ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ଦିନିକିଆ ମ୍ୟାଚଗୁଡ଼ିକରୁ



ଏହି ୬ଟି ଶତକ ଆସିଛି। ବିରାଟ କୋହଲି, ଶୁବମନ ଗିଲ୍, ଜଷ୍ଟିନ୍ ଗ୍ରିଭ୍ସ, ତେମ୍ବା ବାଭୁମା, ଡେଭିଡ୍ ମିଲର୍ ଏବଂ ଟମ୍ ବାଣ୍ଟନ୍ ଶତକ ହାସଲ କରି ଏହି ଐତିହାସିକ ଦିନରେ ନିଜ ନାମ ଲିପବଦ୍ଧ କରିଛନ୍ତି। ଭାରତ-ୱେଷ୍ଟଇଣ୍ଡିଜ୍ ମ୍ୟାଚରେ ବିରାଟ ୧୩୯ ରନ୍ କରିଥିବାବେଳେ ଶୁବମନ ଗିଲ୍ ୧୧୦ ରନ୍ ଓ ଜଷ୍ଟିନ ଗ୍ରେଭ୍ସ ୧୦୧ ରନ୍ କରିଥିଲେ। ଦକ୍ଷିଣ-ଆଫ୍ରିକା-ଅଷ୍ଟ୍ରେଲିଆ ମ୍ୟାଚରେ ବାଭୁମା ୧୦୩ ଓ ଡେଭିଡ୍ ମିଲର୍ ୧୪୨ ରନ୍ କରିଥିଲେ। ସେହିପରି ଇଂଲଣ୍ଡ-ଶ୍ରୀଲଙ୍କା ମ୍ୟାଚରେ ଟମ୍ ବାଣ୍ଟନ୍ ୧୨୬ ରନ୍ କରିଥିଲେ।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Dr. Gurukalyan Mohapatra,ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି